
# ଉତ୍କଳ ପ୍ରସଙ୍ଗ

## ପର୍ଯ୍ୟଟନ ବିଶେଷାଙ୍କ







ଶିଳା ଶିଳ୍ପର
ସ୍ୱପ୍ନେ ବିଭୋର...







A DREAM IN STON
FILLS THEIR
HEARTS WITH
ECSTACY...

# ଉତ୍କଳ ପ୍ରସଙ୍ଗ

ମାର୍ଗଶୀର ୧୯୦୪ ଶକାବ୍ଦ ୩୯ ବର୍ଷ ୫ମ ସଂଖ୍ୟା ଡିସେମ୍ବର ୧୯୮୨

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ସୁବ୍ରତ ଯୋଷୀ

ସମ୍ପାଦକ: ଭୋଳାନାଥ ସ୍ୱୟଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ସୁରେନ୍ଦ୍ର କୁମାର ପଟ୍ଟନାୟକ

ପ୍ରଚ୍ଛଦ ଶିଳ୍ପୀ

ଅସିତ୍ ମୁଖାର୍ଜୀ

ମୁଖ୍ୟ ସମ୍ପାଦକ

ସତ୍ୟାନନ୍ଦ ଚମ୍ପତିରାୟ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଚାନ୍ଦା ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଗୁଡ଼ିକ ବିଷୟଟିର ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ପ୍ରାଚ୍ୟର ରୂପସୀ ଓଡ଼ିଶା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ପର୍ଯ୍ୟଟନ ବିକାଶରେ ଅର୍ଥ ବିନିଯୋଗ | ଶ୍ରୀ ଗିରିଶ ଚନ୍ଦ୍ର ପାତ୍ର | ୭ |
| ଓଡ଼ିଶାର ହୋଟେଲ ଶିଳ୍ପ | ଶ୍ରୀ ବିବେକାନନ୍ଦ ପଟ୍ଟନାୟକ | ୧୦ |
| ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନ ପୀଠ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୧୩ |
| ଓଡ଼ିଶାର ଆଦିବାସୀ ଓ ପଲ୍ଲୀଜୀବନ : ପର୍ଯ୍ୟଟନ ଦୃଷ୍ଟିଭଙ୍ଗୀରୁ | ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର | ୧୯ |
| କୁମାର ପୂର୍ଣ୍ଣିମା ଓ ରଜପର୍ବ | ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ | ୨୩ |
| କେତେ କମନୀୟ କୋରାପୁଟ | ଡକ୍ଟର ରାମଚନ୍ଦ୍ର ପଟ୍ଟନାୟକ | ୨୯ |
| ଓଡ଼ିଶାର ତାଳପତ୍ର ପୋଥି | ପଣ୍ଡିତ ନୀଳମଣି ମିଶ୍ର | ୩୨ |
| ଓଡ଼ିଶାର ବୌଦ୍ଧ ସଂସ୍କୃତି | ଡକ୍ଟର ନବୀନ କୁମାର ସାହୁ | ୩୬ |
| ପଶ୍ଚିମ ଓଡ଼ିଶାର ଦର୍ଶନୀୟ ସ୍ଥାନ | କୁମାରୀ ଚନ୍ଦ୍ରମା ସାହୁ | ୪୧ |
| ଜଙ୍ଗଲ ଓ ପର୍ଯ୍ୟଟନ | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ | ୪୫ |
| ସ୍ୱର୍ଣ୍ଣ ବେଳାଭୂମି କଣ୍ଟାଫଳ | ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର | ୫୦ |
| ମଗରନାଳୀ ଉଷ୍ଣପ୍ରସ୍ରବଣ | ଶ୍ରୀ ଗୁଣନିଧି ତ୍ରିପାଠୀ | ୫୧ |
| ପର୍ଯ୍ୟଟନ ପରିକ୍ରମା | ଅଧ୍ୟାପକ ରାଜକିଶୋର ରାୟ | ୫୩ |
| ପର୍ଯ୍ୟଟନର ଭୂସ୍ୱର୍ଗ ଓଡ଼ିଶା | ଅଧ୍ୟାପକ ଗୌରୀକୁମାର ବ୍ରହ୍ମା | ୬୧ |
| ଶାକ୍ତପୀଠ ଭଟ୍ଟାରିକା | ଶ୍ରୀ ବନବିହାରୀ ମହାନ୍ତି | ୬୫ |
| ନୀଳାମ୍ବୁ ଚିଲିକା | ଶ୍ରୀ ଦୁର୍ଗା ଚରଣ କୁଅଁର | ୬୮ |
| ନନ୍ଦନ କାନନ | ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ | ୭୧ |
| ପର୍ଯ୍ୟଟନ ବିକାଶରେ ପରିବହନ | ଶ୍ରୀ ବଳରାମ ରାଉତ | ୭୪ |
| କଟକ ଜିଲ୍ଲାର ମୁସ୍‌ଲିମ୍ କୀର୍ତ୍ତିରାଜି | ଅଧ୍ୟାପକ ଅଲ୍‌ତାଫ୍ ହୁସେନ | ୭୮ |
| ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ନୂତନ ଅଧ୍ୟାୟ | ଶ୍ରୀ ଅୱଧ ନାରାୟଣ ତିୱାରୀ | ୮୧ |

# ମୋ ଦୃଷ୍ଟିରେ ....

କେତେ ରୂପରେ ରୂପସୀ ଓଡ଼ିଶା ସ୍ୱୀୟ ଅପରୂପ ସୌନ୍ଦର୍ଯ୍ୟ ପ୍ରକାଶ କରିଚି ତାର ବିଶାଳ ଭୂଖଣ୍ଡରେ ଅଗଣିତ ପାହାଡ଼, ନଦୀ ତଟିନୀ ବନ ଉପବନ ମାଧ୍ୟମରେ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କୀର୍ତ୍ତିଲିପ୍ସୁମାନେ ସେହି ନୈସର୍ଗିକ ରୂପକୁ ଭରି ଦେଇଛନ୍ତି ପ୍ରସ୍ତର ଖୋଦିତ କାରୁକାର୍ଯ୍ୟ ଓ ଅନ୍ୟାନ୍ୟ ଭାସ୍କର ଯଶସ୍ୱୀ କୀର୍ତ୍ତି ସୌଧରେ । ସେହି ଓଡ଼ିଶାକୁ ଆଜିର କଳାପ୍ରେମୀ ସୌନ୍ଦର୍ଯ୍ୟ ପିପାସୁ ମାନବ ଦୃଷ୍ଟିରେ ଉପସ୍ଥାପନା କରିବାକୁ ଉତ୍କଳ ପ୍ରସଙ୍ଗର ଏହି ଚେଷ୍ଟା ସଫଳ ହୋଇଚି କି ନାହିଁ ତାହା ଗୁଣଗ୍ରାହୀ ରସଗ୍ରାହକମାନେ ବିଚାର କରିବେ ।

ଆଧୁନିକ ଯୁଗରେ ପର୍ଯ୍ୟଟନ ବିକାଶ ଭାରତର ଜାତୀୟ ସଂହତି ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ନିମନ୍ତେ ଏକ ଅନବଦ୍ୟ ସହାୟକ । ପର୍ଯ୍ୟଟନ ସଂସ୍କୃତି ଏବଂ ଶିଳ୍ପ ମଧ୍ୟରେ ଏକ ଯୋଗସୂତ୍ର, କଳା ଏବଂ ପ୍ରଯୋଗାତ୍ମକ ବିଜ୍ଞାନ ମଧ୍ୟରେ ଏକ ସଂଯୋଗକାରୀ । ତେଣୁ ଉତ୍କଳ ପ୍ରସଙ୍ଗ ଏହି ପର୍ଯ୍ୟଟନ ବିଶେଷାଙ୍କ ପାଠକଙ୍କୁ ଏହି ବର୍ଷର ବିଦାୟ ପୂର୍ବରୁ ଉପହାର ଦେଉଚି ।

ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାକୁ ପ୍ରାଚ୍ୟର ରୂପସୀ ରୂପେ କାବ୍ୟିକ ବର୍ଣ୍ଣନା କରିଛନ୍ତି, 'ପ୍ରାଚ୍ୟର ରୂପସୀ ଓଡ଼ିଶା' ପ୍ରବନ୍ଧରେ ।

ଲୋକସଭାର ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏହି ସଂଖ୍ୟାରେ ଓଡ଼ିଶାର ଏକାନ୍ତ ନିଜସ୍ୱ ପର୍ବ କୁମାର ପୂର୍ଣ୍ଣିମା ଓ ରଜପର୍ବ ବିଷୟରେ ଏକ ସାରଗର୍ଭକ ପ୍ରବନ୍ଧ ଲେଖିଛନ୍ତି ।

ବିଭିନ୍ନ ଧର୍ମାବଲମ୍ବୀଙ୍କ ରାଜତ୍ୱ ଏବଂ ପ୍ରାଧାନ୍ୟ ସମୟରେ ଓଡ଼ିଶାର ସଂସ୍କୃତି ଓ କଳା ଉଜ୍ଜୀବିତ ହୋଇଛି । ଶାକ୍ତ, ବୌଦ୍ଧ ଓ ମୁସଲମାନ ଯୁଗରେ ଓଡ଼ିଶାର ନବ ନବ କୀର୍ତ୍ତି ନିର୍ମାଣ ହୋଇଥିଲା । ସେ ସମ୍ବନ୍ଧରେ ସୂଚନା ଦେଇଛନ୍ତି ଡକ୍ଟର ନବୀନ କୁମାର ସାହୁ, ଅଧ୍ୟାପକ ଅଲ୍‌ତାଫ୍ ହୁସେନ ପ୍ରମୁଖ ଲେଖକ ।


ଓଡ଼ିଶାର ଭୌଗୋଳିକ ବିଭାଗ ପଶ୍ଚିମ, ଦକ୍ଷିଣ ଓ କେନ୍ଦ୍ର । ସେହି ଅଞ୍ଚଳର ବିଭବ ବିଷୟରେ ଆଲୋକପାତ୍ କରିଛନ୍ତି ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଅଧ୍ୟାପକ ରାଜକିଶୋର ରାୟ, ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଓ ଅନ୍ୟାନ୍ୟ ବରେଣ୍ୟ ସାହିତ୍ୟିକବୃନ୍ଦ ।

ଶୀତକାଳ ଓଡ଼ିଶାରେ ପର୍ଯ୍ୟଟନ ନିମନ୍ତେ ଅନୁକୂଳ ଓ ସୁଖଦ । ତେଣୁ ଉତ୍କଳ ପ୍ରସଙ୍ଗ ଏହି ଶୀତୋପହାର ତାର ସହୃଦୟ ପାଠକ ପାଠିକାଙ୍କ କରକମଳରେ ଅର୍ପଣ କରୁଚି ଏବଂ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରୁଚି ।

ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ନବବର୍ଷ ଓଡ଼ିଶା ନିମନ୍ତେ ଶୁଭଦ ଏବଂ ସୁଖଦ ହେଉ ।


ଛନ୍ଦମୟୀ ଓଡ଼ିଶା





# ପ୍ରାଚ୍ୟର ରୂପସୀ ଓଡ଼ିଶା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ବହୁତ ପଛରେ ପଡ଼ି ରହିଥିଲା । ମାତ୍ର ଦୁଇ ବର୍ଷ ତଳେ ଭୁବନେଶ୍ୱରରେ "କଳିଙ୍ଗ-ଅଶୋକ" ହୋଟେଲର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେଲା । ସେ ଉତ୍ସବ କେବଳ "କଳିଙ୍ଗ-ଅଶୋକ" ପାଇଁ ନୁହେଁ, ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିପୁଳ ସଂଭାବନାର ଦ୍ୱାର ଉନ୍ମୋଚନ କଲା । ପର୍ଯ୍ୟଟନ ଶିଳ୍ପର ବିକାଶ ଯେଉଁ ସବୁ ଉପାଦାନ ଉପରେ ନିର୍ଭର କରେ, ତା' ମଧ୍ୟରେ ହୋଟେଲ ହେଉଛି ପ୍ରଧାନ । କାରଣ ଦେଶ ତଥା ଆନ୍ତର୍ଜାତିକ କ୍ଷେତ୍ରର ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ଯିବା ସମୟରେ ପ୍ରଥମେ ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା ବିଷୟରେ ଜାଣିବାକୁ ଇଚ୍ଛା କରନ୍ତି । ରହିବା ଓ ଖାଇବାର ବ୍ୟବସ୍ଥା ନ ଥିଲେ ପର୍ଯ୍ୟଟକମାନେ ସେଠାକୁ ଆସନ୍ତି ନାହିଁ । ତୁଳନାତ୍ମକ ଭାବରେ ବିଚାର କଲେ ଜଣାଯାଏ, ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶାଠାରୁ ପଛରେ ପଡ଼ିଥିବା ପୃଥିବୀର ଅନେକ ଅଞ୍ଚଳ ବା ରାଜ୍ୟକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଯାଉଛନ୍ତି । କିନ୍ତୁ ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିପୁଳ ସମ୍ଭାବନା ଥିଲେ ମଧ୍ୟ ଯେପରି ଭାବରେ ଏଠିକୁ ପର୍ଯ୍ୟଟକମାନେ ଆସିବାର କଥା, ସେପରି ଆସୁ ନାହାନ୍ତି । ତାହାହିଁ ହେଉଛି ଭାରତ ବର୍ଷର ଅବସ୍ଥା । ପୃଥିବୀରେ ଅନେକ ଛୋଟ ଦେଶ ଅଛି ; ଯେଉଁଠି ସମସ୍ତ ପ୍ରକାର ପର୍ଯ୍ୟଟନ ଶିଳ୍ପର ଆକର୍ଷଣ ନାହିଁ । ତଥାପି କେବଳ ସୁବିଧା ସୁଯୋଗ ଥିବା ଯୋଗୁଁ ସେଠାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଯାଉଛନ୍ତି । ପୁଣି ଏପରି ଅନେକ ଦେଶ ଅଛି, ଯାହାର ପ୍ରଧାନ ଆୟ ହେଉଛି ପର୍ଯ୍ୟଟନ । ଯେପରିକି ସୁଇଜରଲ୍ୟାଣ୍ଡ । ସେହିପରି ଅନେକ ପୂର୍ବ ଏସୀୟ ଦେଶ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି । ଯଥା, ହଂକଂ ହଂକଂ ଏକ ରାଜ୍ୟ ନୁହେଁ ବା ଏକ ଦେଶ ନୁହେଁ ଏହା କେବଳ ଏକ କ୍ଷୁଦ୍ର ସହର । ଏହି କ୍ଷୁଦ୍ର ସହରକୁ ପୃଥିବୀରୁ ପ୍ରତ୍ୟେକ ବର୍ଷ ପ୍ରାୟ ପଞ୍ଚ ତିରିଶ ଲକ୍ଷ ପର୍ଯ୍ୟଟକ ଯାଆନ୍ତି । ସିଙ୍ଗାପୁର, ସିଂହଳ, ଭାରତ ବର୍ଷ ତୁଳନାରେ ଅତି କ୍ଷୁଦ୍ର, କ୍ଷୁଦ୍ରାତି କ୍ଷୁଦ୍ର । ତଥାପି ପ୍ରତି ବର୍ଷ ଭାରତ ବର୍ଷକୁ ଯେତେ ପର୍ଯ୍ୟଟକ ଆସନ୍ତି, ତା' ଠାରୁ ଚାରି ପାଞ୍ଚ ଗୁଣରୁ ଅଧିକ ପର୍ଯ୍ୟଟକ ସେଠାକୁ ଯାଉଥାନ୍ତି । ତା'ର କାରଣ ହେଉଛି, ଆଧୁନିକ ପର୍ଯ୍ୟଟନ ଶିଳ୍ପର ବିକାଶ ।

ଭରତ ପସଙ୍ଗ

## ପର୍ଯ୍ୟଟନ ଏକ ଶିଳ୍ପ

ବିଭିନ୍ନ କ୍ଷେତ୍ରରେ ଅନେକ ଉଦ୍ୟୋଗକୁ ଯେପରି ଶିଳ୍ପ ବୋଲି ଗ୍ରହଣ କରାଯାଉଛି, ସେପରି ପର୍ଯ୍ୟଟନକୁ ଏକ ଶିଳ୍ପ ବୋଲି ଘୋଷଣା କରିବାକୁ ପ୍ରଥମେ ମୁଁ କେନ୍ଦ୍ରରେ ଏଇ ପର୍ଯ୍ୟଟନ ବିଭାଗର ଦାୟିତ୍ୱରେ ଥିବା ସମୟରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କୁ ପ୍ରସ୍ତାବ ଦେଇଥିଲି । କାରଣ ପର୍ଯ୍ୟଟନକୁ ଯଦି ଶିଳ୍ପ ବୋଲି ଗ୍ରହଣ କରା ନ ଯାଏ, ତେବେ ଏହାର ଦ୍ରୁତ ବିକାଶ ହୋଇ ପାରିବ ନାହିଁ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ଏ ବିଷୟ ଆଲୋଚିତ ହେଲା । ପର୍ଯ୍ୟଟନକୁ ଶିଳ୍ପ ବୋଲି ଘୋଷଣା କଲେ ହୋଟେଲକୁ ମଧ୍ୟ ସେହିପରି ଶିଳ୍ପ ବୋଲି ଘୋଷଣା କରିବାକୁ ପଡ଼ିବ । କାରଣ ପର୍ଯ୍ୟଟନର ପ୍ରଥମ ସୋପାନ ହେଉଛି, ହୋଟେଲର ବିକାଶ ।

## ଓଡ଼ିଶାରେ ହୋଟେଲ ଶିଳ୍ପର ଅଗ୍ରଗତି : ତାରକା

ଓଡ଼ିଶା ସରକାର ପ୍ରଥମ କରି ହୋଟେଲକୁ ଏକ ଶିଳ୍ପ ବୋଲି ଘୋଷଣା କଲେ ଏବଂ ଏହା ଫଳରେ ଦେଶରେ ଷ୍ଟାର ବା ତାରକା ହୋଟେଲ ବୋଲି ଯାହା କୁହାଯାଏ, କଳିଙ୍ଗ ଅଶୋକର ଉଦ୍‌ଘାଟନ ସମୟରେ, ଭୁବନେଶ୍ୱରରେ ତାର ଆରମ୍ଭ ହେଲା । ପରେ ପରେ କଟକରେ, ପାରାଦୀପରେ, ପୁରୀରେ , କୋଣାର୍କରେ ତଥା ଅନ୍ୟ ବିଭିନ୍ନ ସ୍ଥାନରେ ହୋଟେଲ ଶିଳ୍ପ ପ୍ରତି ଆଗ୍ରହ ପ୍ରକାଶ ପାଇଲା । ପୂର୍ବରୁ ବାହାରର ବିଶିଷ୍ଟ ହୋଟେଲିୟରସ୍‌-ମାନେ ଭୁବନେଶ୍ୱର କଥା କଳ୍ପନା କରୁ ନ ଥିଲେ । ଆଜି ସେମାନେ ଓଡ଼ିଶାର ଭୁବନେଶ୍ୱର ତଥା ଅନ୍ୟ ସ୍ଥାନ-ମାନଙ୍କରେ ଜାଗା ଖୋଜିବା ପାଇଁ ବ୍ୟସ୍ତ । କେଉଁଠି ଭଲ ଜାଗା ମିଳିବ, ସେଠାରେ ସେମାନେ ତାଙ୍କର ହୋଟେଲ ସ୍ଥାପନ କରିବେ । ଓବରୟ ଇଣ୍ଟର କଣ୍ଟିନେଣ୍ଟାଲ ଗ୍ରୁପ୍ ଏଠାରେ ପଞ୍ଚ ତାରକା ବିଶିଷ୍ଟ ହୋଟେଲ ସ୍ଥାପନ କରିବା ପାଇଁ ସ୍ଥିର କରିଛନ୍ତି । ଓବରୟ ଗ୍ରୁପ ପରି ଅନ୍ୟ ଷ୍ଟାର ଗ୍ରୁପମାନେ ମଧ୍ୟ ଓଡ଼ିଶା ପ୍ରତି ଆକୃଷ୍ଟ ହୋଇଛନ୍ତି । ଆମ ଦେଶରେ ଚାରି ପାଞ୍ଚୋଟି ବିଶିଷ୍ଟ ଅନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୋଟେଲିୟରସ୍ ଅଛନ୍ତି । ସେମାନେ କୌଣସି ଗୋଟିଏ ସ୍ଥାନକୁ ଯଦି ପର୍ଯ୍ୟଟନ ଦୃଷ୍ଟିରୁ, ଶିଳ୍ପ ଦୃଷ୍ଟିରୁ ବା ବିଭିନ୍ନ କାର୍ଯ୍ୟକ୍ରମ ଦୃଷ୍ଟିରୁ ଅଗ୍ରଗତି ଘଟିବାର ଦେଖନ୍ତି, ତେବେ ସେଇଠିକି ସମସ୍ତେ ଯାଆନ୍ତି । ଆଜି ଭୁବନେଶ୍ୱରକୁ ଯଦି ଓବ୍‌ରୟ ଗ୍ରୁପ ଆସିବେ, ତେବେ ତାଜ ପ୍ରଭୃତି ଅନ୍ୟାନ୍ୟ ଷ୍ଟାର ଗ୍ରୁପ ମଧ୍ୟ ଆସିବେ । ପୁଣି ଶେରାଟନ୍ ଗ୍ରୁପ ମଧ୍ୟ ନିଶ୍ଚିତ ଭାବରେ ଆସିବା ପାଇଁ ଚେଷ୍ଟା କରିବେ । ଏମାନେ ଯେଉଁଠିକି ଯାଆନ୍ତି, ସେଠାରେ ଗୋଟିଏ ହୋଟେଲ କରି ସନ୍ତୁଷ୍ଟ ହୋଇ ରହନ୍ତି ନାହିଁ । କାରଣ ସେମାନଙ୍କର ଗୋଟିଏ ଚେନ୍ ଥିବା ଦରକାର, କୋଡ଼ିଏ ହୋଟେଲର ସମାବେଶ ଥିବା ଦରକାର । କାରଣ ଆନ୍ତର୍ଜାତିକ କ୍ଷେତ୍ରରୁ ତାଙ୍କର ଯେଉଁ ପର୍ଯ୍ୟଟକମାନେ ଆସିବେ, ସେମାନେ ତାଙ୍କ ପାଇଁ ସମସ୍ତ ସ୍ଥାନରେ ସୁବ୍ୟବସ୍ଥା କରି ପାରିବେ । ସେହି ଦୃଷ୍ଟିରୁ ଆମ ରାଜ୍ୟକୁ ଷ୍ଟାର ଗ୍ରୁପ ଆସିଲେ ସେମାନେ ଭୁବନେଶ୍ୱର, , ପୁରୀ, କୋଣାର୍କ ଓ ପାରାଦୀପ ପ୍ରଭୃତି ବିଭିନ୍ନ ସ୍ଥାନରେ ହୋଟେଲ ସ୍ଥାପନ କରିବାକୁ ପ୍ରସ୍ତୁତ ହୋଇ ଆସିବେ । ସେପରି ଓବ୍‌ରୟ ଗ୍ରୁପ ମଧ୍ୟ ଗୋଟିଏ ହୋଟେଲ କରି କେବେ ସନ୍ତୁଷ୍ଟ ହେବେ ନାହିଁ । ଅନ୍ୟ କେତେକ ହୋଟେଲିୟରସ୍ ମାନେ ପୁରୀ, ଭୁବନେଶ୍ୱର ଓ କୋଣାର୍କରେ ହୋଟେଲ କରିବା ପାଇଁ ଜାଗା ନେଇ ସାରିଲେଣି । ଏ ସରକାର ଯେବେ କ୍ଷମତାକୁ ଆସିଲେ ସେତେବେଳେ ଓଡ଼ିଶାରେ ତାରକା ହୋଟେଲର ପ୍ରସାର ହୋଇ ନ ଥିଲା । କେବଳ ଯୋଜନା କାଳ ଭିତରେ ପାଞ୍ଚଶହଟି ତାରକା ବିଶିଷ୍ଟ ହୋଟେଲ ରୁମ୍ ତିଆରି କରାଯିବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ଓଡ଼ିଶାରେ ଯେଉଁଭଳି ଭାବରେ "ତାରକା" ହୋଟେଲ ନିର୍ମାଣ କାର୍ଯ୍ୟ ଚାଲିଛି, ସେଥିରେ କାହାରି ସନ୍ଦେହ ରହିବ ନାହିଁ ଯେ ୧୯୮୫ ମସିହା ବେଳକୁ ଓଡ଼ିଶାରେ ଏକ ହଜାର ପ୍ରକୋଷ୍ଠ ଥିବା ତାରକା ହୋଟେଲ କାର୍ଯ୍ୟକାରୀ ହୋଇ ପାରିଥିବ ଏବଂ ଏହି ହୋଟେଲ ଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ଯଥେଷ୍ଟ ବିକାଶ ସାଧିତ ହୋଇପାରିଥିବ ।

କୌଣସି ସ୍ଥାନକୁ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୋଟେଲିୟରସ୍‌ମାନେ ନ ଗଲେ ପର୍ଯ୍ୟଟନ ଦୃଷ୍ଟିରୁ ସେ ସ୍ଥାନର ଖ୍ୟାତି ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିପାଦିତ ହୁଏ ନାହିଁ । ଟୁରିଷ୍ଟମାନେ କୌଣସି ସ୍ଥାନକୁ ଯିବା ପୂର୍ବରୁ ସେଠାରେ କେଉଁ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୋଟେଲିୟରସଙ୍କର ହୋଟେଲ ଅଛି, ତାହା ପ୍ରଥମେ ସେମାନେ ଜାଣିବାକୁ ଚାହାନ୍ତି । ଯେଉଁଠି ଓବ୍‌ରୟ ଗ୍ରୁପ ଅଛି, ଶେରାଟନ ଗ୍ରୁପ ଥାଆନ୍ତି ବା ଅନ୍ୟାନ୍ୟ ଖ୍ୟାତି ସଂପନ୍ନ ଷ୍ଟାର ଗ୍ରୁପ ଥାଆନ୍ତି ସେଠିକି ପର୍ଯ୍ୟଟକ-ମାନେ ଯାଆନ୍ତି । ଏହି ଗ୍ରୁପମାନଙ୍କର ଭାରତ ବର୍ଷ ପାଇଁ ଯେଉଁ ପର୍ଯ୍ୟଟନ ବ୍ୟବସ୍ଥା ଥାଏ, ତଦନୁସାରେ ତାଙ୍କର ପର୍ଯ୍ୟଟକମାନଙ୍କୁ ସେହି ସେହି ସ୍ଥାନକୁ ନେବାର ବ୍ୟବସ୍ଥା କରନ୍ତି । ଏହି ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୋଟେଲିୟରସ୍‌ମାନେ ଓଡ଼ିଶାକୁ ଆସିବା ଅର୍ଥ ଆନ୍ତର୍ଜାତିକ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠା ନିଶ୍ଚିତ ଭାବରେ ବଢ଼ିବ ।

## ଡୋମେଷ୍ଟିକ୍ ଟୁରିଷ୍ଟ

ତାରକା ବିଶିଷ୍ଟ ହୋଟେଲ ଛଡ଼ା ଆମ ରାଜ୍ୟରେ ବହୁ ମଧ୍ୟମ ଧରଣର ହୋଟେଲ ଆବଶ୍ୟକ । ଭାରତ ବର୍ଷରେ ଲକ୍ଷ ଲକ୍ଷ ପର୍ଯ୍ୟଟକ ଚିତ୍ତ ବିନୋଦନ ପାଇଁ ବିଭିନ୍ନ ସ୍ଥାନକୁ ବିଭିନ୍ନ ସମୟରେ ଯାଇଥାନ୍ତି । ବେଶୀ ଖର୍ଚ୍ଚ ସାପେକ୍ଷ ନ ହେଉଥିବା ହୋଟେଲରେ ସେମାନେ ରହନ୍ତି । ଏମାନଙ୍କୁ ଡୋମେଷ୍ଟିକ ଟୁରିଷ୍ଟ କୁହାଯାଏ । ଆମ ରାଜ୍ୟରେ ଏ ରକମର ହୋଟେଲ ବହୁ ସଂଖ୍ୟାରେ ସ୍ଥାପିତ ହେବା ଆବଶ୍ୟକ । ଆନନ୍ଦର କଥା ଓଡ଼ିଶାର ବହୁ ଆଗ୍ରହୀ ଯୁବକ ଏ ଦିଗରେ ଆଗେଇ ଆସିଛନ୍ତି ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏ ଧରଣର ହୋଟେଲମାନ ଗଢ଼ି ଉଠିଲାଣି ।



ପର୍ଯ୍ୟଟନ ଶିଳ୍ପ ପାଇଁ କେବଳ ହୋଟେଲ ନୁହେଁ ହୋଟେଲ ସହିତ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ରାସ୍ତାଘାଟ, ରେଳପଥ ଓ ବିମାନପଥ ସାହାଯ୍ୟରେ ସଂଯୋଗ ବ୍ୟବସ୍ଥା ହେବା ଆବଶ୍ୟକ । ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶାରେ ବହୁ ସ୍ଥାନ ଅଛି, ଯେଉଁ ସ୍ଥାନ ଆନ୍ତର୍ଜାତିକ ଦୃଷ୍ଟି ଆକର୍ଷଣ କରିବାକୁ ଯୋଗ୍ୟ । କିନ୍ତୁ ସମ୍ବଳ ଅଭାବରୁ ସେ ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ଦୃଷ୍ଟିରୁ ବିକାଶ କରିବା ସମ୍ଭବପର ନୁହେଁ । ଓଡ଼ିଶା ଯଦି ଆନ୍ତର୍ଜାତିକ ପୃଥିବୀର ଅନ୍ୟ କୌଣସି ଦେଶ ହୋଇଥାନ୍ତା, ତେବେ ପର୍ଯ୍ୟଟନ ଦୃଷ୍ଟିରୁ ବୋଧହୁଏ ପୃଥିବୀରେ ତାହା ସବୁଠାରୁ ବିଭବଶାଳୀ ଦେଶ ହୋଇ ପାରିଥାନ୍ତା । ଓଡ଼ିଶାର ସେ ସଂପଦ ନାହିଁ, ଯଦ୍ଵାରା ହଠାତ୍ ଆମେ ଏହାକୁ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିପାରିବା । କିନ୍ତୁ ଆମେ ଯଦି ଉଦ୍ୟମ କରିବା, ତା'ହେଲେ ଅଚିରେ ଓଡ଼ିଶା ତା'ର ଯୋଗ୍ୟ ସ୍ଥାନ ଅଧିକାର କରି ପାରିବ ।

## ପର୍ଯ୍ୟଟନର ବିଭାଗ : ବିଚ୍ ଟୁରିଜିମ୍ ବା ବେଳାଭୂମି ପର୍ଯ୍ୟଟନ

ଟୁରିଜିମ୍‌ର ଯେଉଁ କେତେଗୁଡ଼ିଏ ବିଭାଗ ଅଛି ତହିଁରୁ ଗୋଟିଏ ହେଉଛି, ବିଚ୍ ଟୁରିଜିମ ବା ବେଳାଭୂମି ପର୍ଯ୍ୟଟନ । ସମୁଦ୍ରକୂଳର ସ୍ୱର୍ଣ୍ଣିଳ ବାଲୁକା ରାଶି ଅନେକ ସମୟରେ ପର୍ଯ୍ୟଟକମାନଙ୍କର ଚିତ୍ତ ଆକର୍ଷଣ କରିଥାଏ । ସମୁଦ୍ର ସ୍ନାନ ଓ ବେଳାଭୂମିରେ ସୂର୍ଯ୍ୟସ୍ନାନ ଉଭୟ ମନୋ-ମୁଗ୍ଧକର । ଏପରି ବେଳାଭୂମିରେ ଯେଉଁଠି ରହିବା ଓ ଗାଧୋଇବାର ସୁବିଧା ଥାଏ ପର୍ଯ୍ୟଟକମାନେ ସେଠିକୁ ଆଗ୍ରହରେ ଯାଇଥାନ୍ତି । ତେଣୁ ସମଗ୍ର ପୃଥିବୀରେ ବିଚ୍ ଟୁରିଜିମ୍ ପ୍ରଧାନ ସ୍ଥାନ ଗ୍ରହଣ କରିଛି ।

ଓଡ଼ିଶାର ସୁଦୀର୍ଘ ସମୁଦ୍ର ଉପକୂଳର ବେଳାଭୂମି ସ୍ୱର୍ଣ୍ଣିଳ ଓ ଚିତ୍ତାକର୍ଷକ । ଏପରି ବେଳାଭୂମି ପୃଥିବୀର ଖୁବ୍ କମ୍ ଦେଶରେ ରହିଛି । ଗୋପାଳପୁରଠାରୁ ଆରମ୍ଭ କରି ଚାନ୍ଦିପୁର ପର୍ଯ୍ୟନ୍ତ ସମୁଦ୍ରରେ ଗାଧୋଇବାର ଯେପରି ସୁବିଧା ରହିଛି, ଭାରତ ବର୍ଷରେ ଖୁବ୍ କମ୍ ଅଞ୍ଚଳରେ ସେଭଳି ସୁବିଧା ଅଛି । ତେଣୁ ଏସବୁ ଦୃଷ୍ଟିରୁ ବିଚାର କଲେ ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଭାରତବର୍ଷରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ।

## ଐତିହାସିକ ପର୍ଯ୍ୟଟନ

ଦେଶର ଐତିହାସିକ ପର୍ଯ୍ୟଟନ ବା ହିଷ୍ଟୋରିକାଲ ଟୁରିଜିମ୍ ଦୃଷ୍ଟିରୁ ଯଦି ବିଚାର କରାଯାଏ, ତା'ହେଲେ ଓଡ଼ିଶା ମଧ୍ୟ ଏକ ଅଗ୍ରଣୀ ସ୍ଥାନରେ ରହିଛି । କାରଣ କେବଳ ଭୁବନେଶ୍ୱରରେ ଏବେ ମଧ୍ୟ ପ୍ରାୟ ପାଞ୍ଚଶହ ମନ୍ଦିର ଅଛି । ମନ୍ଦିର ଛଡ଼ା ଖଣ୍ଡଗିରି, ଉଦୟଗିରି ଓ ଧଉଳିଗିରି ପ୍ରଭୃତି ବିପୁଳ ଐତିହାସିକ ସଂପଦ ଭୁବନେଶ୍ୱରର ଚାରିପଟେ ରହିଛି । ପୃଥିବୀର ପ୍ରଧାନ ପ୍ରଧାନ "ଐତିହାସିକ ଆଶ୍ଚର୍ଯ୍ୟ" ମଧ୍ୟରେ କୋଣାର୍କ ଅନ୍ୟତମ । ଶ୍ରୀଜଗନ୍ନାଥ ଧାମ ପୁରୀ ପୃଥିବୀ ପ୍ରସିଦ୍ଧ । ଏହି ଐତିହାସିକ ସଂପଦକୁ ଦେଖି ସେ ସଂପର୍କରେ ଅନୁଧ୍ୟାନ କରିବା ପାଇଁ ପୃଥିବୀର ବହୁ ପର୍ଯ୍ୟଟକ ଆଗ୍ରହ ପ୍ରକାଶ କରିବେ । ତେଣୁ ଐତିହାସିକ ପର୍ଯ୍ୟଟନ ଦୃଷ୍ଟିରୁ ମଧ୍ୟ ଓଡ଼ିଶା ଭାରତ ବର୍ଷରେ ଏକ ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି ।

## ୱାଇଲଡଲାଇଫ୍ ଟୁରିଜିମ୍ ବା ବନ୍ୟଜନ୍ତୁ ପର୍ଯ୍ୟଟନ

ୱାଇଲ୍ଡ ଲାଇଫ୍ ଟୁରିଜିମ୍ ବା ବନ୍ୟଜନ୍ତୁ ପର୍ଯ୍ୟଟନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, ଓଡ଼ିଶାରେ କୌଣସି ବନ୍ୟ ଜନ୍ତୁଙ୍କର ଅଭାବ ନାହିଁ । ଆମ ନନ୍ଦନକାନନ ବହୁ ବନ୍ୟ ଜନ୍ତୁଙ୍କର ଏକ ଅପୂର୍ବ ସମାରୋହ । ନନ୍ଦନକାନନର ଉନ୍ନୟନ ଆଜି ଯେଉଁଭଳି ଭାବରେ କରାଯାଉଛି, ତାହା ଦିନେ ଯେ ଏକ ଆନ୍ତର୍ଜାତୀୟ ଆକର୍ଷଣ ଭୂମିରେ ପରିଣତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ । ବହୁ ବିଦେଶୀ ପର୍ଯ୍ୟଟକ ନନ୍ଦନକାନନକୁ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏହା ଗୋଟିଏ 'ଜୁ' ହେଲେ ମଧ୍ୟ ପ୍ରକୃତରେ ଏହାକୁ ଏକ ପ୍ରାକୃତିକ ସ୍ଥାନ ବୋଲି କୁହାଯାଇ ପାରେ । କାରଣ ଏହା ସହିତ ଚନ୍ଦକାର ଏକ ବିରାଟ ଜଙ୍ଗଲ ସଂପୃକ୍ତ ହୋଇ ରହିଛି । ଭାରତ ସରକାରଙ୍କର ପର୍ଯ୍ୟଟନ ବିଭାଗ ଏହାକୁ ଏକ ସୁଯୋଗ ସଫାରୀରେ ପରିଣତ କରିବା ପାଇଁ ବିଚାର ଗ୍ରହଣ

କରିଛନ୍ତି । ଏ କାର୍ଯ୍ୟଟି ଆସନ୍ତା ବର୍ଷ ଭିତରେ ସଂପୂର୍ଣ୍ଣ ହୋଇଗଲେ ଏଠାକୁ ବହୁ ପର୍ଯ୍ୟଟକ ଆସିବେ । ଏହାଛଡ଼ା ଓଡ଼ିଶା ସରକାର ନିଜ ଚେଷ୍ଟାରେ ଗୋଟିଏ 'ଏଲିଫାଣ୍ଟ ସଫାରୀ' କରିବା ପାଇଁ ଉଦ୍ୟମ କରୁଛନ୍ତି । ବିରାଟ ଚନ୍ଦକା ଜଙ୍ଗଲରେ ଏବେ ବହୁ ହାତୀ ରହିଛନ୍ତି । ସେସବୁ ଫସଲ ନଷ୍ଟ କରୁଛନ୍ତି ଓ ତାଙ୍କୁ ମାରିବା ପାଇଁ ବହୁ ଅପଚେଷ୍ଟା ହେଉଛି । ଏ ହାତୀ ସଂପଦକୁ ରକ୍ଷା କରାଯାଇ ପାରିଲେ ଏହା ପୃଥିବୀର ଏକ ଆକର୍ଷଣୀୟ ସ୍ଥାନ ହୋଇ ରହି ପାରିବ । ସେଥିପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଉଅଛି । ଏଥିରେ ପ୍ରାୟ ଦୁଇ କୋଟି ଟଙ୍କା ଖର୍ଚ୍ଚ ହେବ । ଚନ୍ଦକାଠାରୁ ଆରମ୍ଭ କରି ଡମ୍ପଡ଼ା ପର୍ଯ୍ୟନ୍ତ ଏହି ବିସ୍ତୀର୍ଣ୍ଣ ଅଞ୍ଚଳକୁ ଏକ ବିରାଟ ଅଭୟାରଣ୍ୟରେ ପରିଣତ କରାଯିବ । ବିଶେଷ କରି ହାତୀମାନଙ୍କ ପାଇଁ ତାହା ଏକ ଅଭୟାରଣ୍ୟ ଘୋଷିତ ହୋଇ ପାରିବ ।

## ପକ୍ଷୀ-ବିହାର

ନନ୍ଦନକାନନର ପ୍ରାକୃତିକ ହ୍ରଦ ପର୍ଯ୍ୟଟକମାନଙ୍କର ଅନ୍ୟ ଏକ ଆକର୍ଷଣ । ସେ ହ୍ରଦରେ କେତେଗୁଡ଼ିଏ ନୌକା ପକାଇ ଲୋକମାନଙ୍କର ଚିତ୍ତ ବିନୋଦନ କରାଯାଉଥିଲା । କିନ୍ତୁ ଏହାକୁ ଏକ ବାର୍ଡ ସାଙ୍କଚ୍ୟୁଆରୀ ବା "ପକ୍ଷୀ ବିହାର" କରାଗଲେ ଅଧିକ ମନୋଜ୍ଞ ଓ ଆକର୍ଷଣୀୟ ହେବ । ସେଥିପାଇଁ କେତେକ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏ ହ୍ରଦର ପାଣିରେ ବର୍ତ୍ତମାନ କେତେକ କଣ୍ଟାଗଛ ଲଗାଇବାର ଉଦ୍ୟମ ହୋଇଛି ଏବଂ ମଝିରେ କେତେକ ଛୋଟ ଦ୍ୱୀପ ସୃଷ୍ଟି କରାଯିବା ପାଇଁ ସ୍ଥିର ହୋଇଛି । ଫଳରେ ସ୍ୱରିଆଡୁ ପକ୍ଷୀମାନେ ଆସି ଏଠାରେ ରହି ପାରିବେ । ପକ୍ଷୀମାନଙ୍କର ରହିବା ପାଇଁ ଏଭଳି ଜାଗା ସୃଷ୍ଟି ହେବା ଦରକାର, ଯେଉଁଠି ଲୋକ ପହଞ୍ଚି ପାରିବେ ନାହିଁ କି ଅନ୍ୟ ଜନ୍ତୁମାନେ ଯାଇ ତାଙ୍କର ଅଣ୍ଡା ନଷ୍ଟ କରି ପାରିବେ ନାହିଁ । ସେମାନେ ସ୍ୱଚ୍ଛନ୍ଦରେ ବସା କରି ପାରିବେ, ଛୁଆ ଦେଇ ପାରିବେ ଓ ବିହାର କରି ପାରିବେ । ନନ୍ଦନକାନନର ହ୍ରଦ ଏକ ଉନ୍ନତ ଧରଣର ପକ୍ଷୀ ବିହାରରେ ପରିଣତ ହେଲେ ତାହା ବହୁ ପର୍ଯ୍ୟଟକଙ୍କର ଦୃଷ୍ଟି ଆକର୍ଷଣ କରିବ ।

## ଟ୍ରାଇବାଲ୍ ଟୁରିଜିମ୍ :


ହଜାର ହଜାର ବର୍ଷ ତଳେ ଆଦିମ ମନୁଷ୍ୟ କିପରି ବଞ୍ଚୁଥିଲା, କିପରି ବାସ କରୁଥିଲା, ତାହା ଜାଣିବା ପାଇଁ ପୃଥିବୀର ଅନେକ ପର୍ଯ୍ୟଟକ ଆଗ୍ରହୀ । ଏ ବିଷୟ ଜାଣିବା ପାଇଁ ସେମାନେ ବହୁ ଦେଶ ଓ ଅଞ୍ଚଳକୁ ଯାଉଆନ୍ତି । ତେଣୁ ଟ୍ରାଇବାଲ୍ ଟୁରିଜିମ୍ ପୃଥିବୀରେ ଆଜି ଆକର୍ଷଣୀୟ ହୋଇ ପାରିଛି । ଓଡ଼ିଶାରେ ଏପରି ବହୁ ଅଞ୍ଚଳ ରହିଛି । ଯେପରିକି ଜୁଆଙ୍ଗ ଉନ୍ନୟନ ଅଞ୍ଚଳ । ତିନି ହଜାର ବର୍ଷ ତଳେ ମଣିଷ ଯେଭଳି ରହିଥିଲେ, ଆଜି ମଧ୍ୟ ଠିକ୍ ସେହିଭଳି ଅବସ୍ଥାରେ ରହୁଛନ୍ତି । ଏ ଦୃଷ୍ଟିରୁ ଓଡ଼ିଶା ଏକ ସଂପଦଶାଳୀ ରାଜ୍ୟ ।

## ଆନ୍ତର୍ଜାତିକ ବିମାନ ବନ୍ଦର : ଭୁବନେଶ୍ୱର

ଅଦୂର ଭବିଷ୍ୟତରେ ଭୁବନେଶ୍ୱର ଯେ ଏକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିଣତ ହୋଇପାରିବ, ଏ ବିଶ୍ୱାସ ମୋର ଅଛି । ସୁଦୂର ପ୍ରାଚ୍ୟ ବା ପୂର୍ବ ଏସିଆ ସହିତ ବହୁ ବିମାନ ଚଳାଚଳର ସଂଯୋଗ ଭୁବନେଶ୍ୱର ସହିତ ହୋଇପାରିବ । କୋରିଆ, ହଂକଂ, ଥାଇଲ୍ୟାଣ୍ଡ ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆ ଆଦି ସହିତ ଭୁବନେଶ୍ୱରର ସିଧାସଳଖ ବିମାନ ସଂଯୋଗ ହେବାର ସମ୍ଭାବନା ସୁସ୍ପଷ୍ଟ । ଅନେକ ଛୋଟ ଛୋଟ ଦେଶର ପର୍ଯ୍ୟଟକମାନେ ଏକ ବିରାଟ ମହାଦେଶ ଦେଖିବାକୁ ଇଚ୍ଛାକରନ୍ତି । ହଂକଂ ଓ କୋରିଆ ଲୋକଙ୍କ ମନରେ ଏକ ମହାଦେଶ ଦେଖିବାର ବିପୁଳ କ୍ଷୁଧା କଥା ମୁଁ ଭଲ ଭାବରେ ଜାଣେ । ଚୀନ ଦେଶରେ ସ୍ୱଚ୍ଛନ୍ଦ ପର୍ଯ୍ୟଟନ ବ୍ୟବସ୍ଥା ନଥିବା ଯୋଗୁଁ ସେମାନେ ଭାରତବର୍ଷକୁ ଦେଖିବାକୁ ଚାହାଁନ୍ତି । ପୂର୍ବରୁ ପୂର୍ବ ଏସିଆର ପର୍ଯ୍ୟଟକମାନେ ଭାରତକୁ କଲିକତା ବିମାନ ବନ୍ଦର ଦେଇ ଆସୁଥିଲେ । ଏବେ ଆମେ ଭୁବନେଶ୍ୱରର ଏପରି ଉନ୍ନୟନ କରିବା ଦରକାର, ଯେପରିକି, ପୂର୍ବାଞ୍ଚଳର ପର୍ଯ୍ୟଟକମାନେ ସିଧାସଳଖ ଭୁବନେଶ୍ୱରରେ ଆସି ପହଞ୍ଚିବେ । ଭୁବନେଶ୍ୱର ସେମାନଙ୍କପାଇଁ ଅତୀବ କମନୀୟ ଓ ଆକର୍ଷଣୀୟ ହେବା ଆବଶ୍ୟକ । ଏହିସବୁ ଦୃଷ୍ଟିରୁ ଓଡ଼ିଶାରେ ପର୍ଯ୍ୟଟନ ବିକାଶର ଯଥେଷ୍ଟ ସମ୍ଭାବନା ରହିଛି ।

## ସ୍ୱର୍ଣ୍ଣିମ ତ୍ରିଭୁଜ

ଭୁବନେଶ୍ୱର, ପୁରୀ ଓ କୋଣାର୍କକୁ ଏକ ସ୍ୱର୍ଣ୍ଣିମ ତ୍ରିଭୁଜ ବୋଲି ଆମେ ଘୋଷଣା କରିଛୁ । ଆମର ସୀମିତ ସମ୍ବଳ ଭିତରେ ଏ ସ୍ୱର୍ଣ୍ଣିମ ତ୍ରିଭୁଜର ବିକାଶ ପାଇଁ ଆମେ ଗୁରୁତ୍ୱ ଦେଉଛୁ । ଏ ତ୍ରିଭୁଜର ଭିତ୍ତିଭୂମି ବା ବେସ୍ ବୋଲି ଯାହାକୁ କୁହାଯାଏ, ତାହା ଏ ପର୍ଯ୍ୟନ୍ତ ହୋଇ ପାରିନଥିଲା । ପୁରୀ-କୋଣାର୍କ ବେଳାଭୂମି ରାସ୍ତାଟିର ପରିକଳ୍ପନା ଅଠରବର୍ଷ ତଳେ କରାଯାଇଥିଲା । କିନ୍ତୁ, ଏହାର ନିର୍ମାଣ ଗତି କଚ୍ଛପ ଗତିଠାରୁ ହୀନ ଗତିରେ ହେଲା । ଫଳରେ ୧୯୮୦ ମସିହା ବେଳକୁ ଅର୍ଥାତ୍ ଆମେ ଦାୟିତ୍ୱ ଗ୍ରହଣ କରିବା ସମୟକୁ ଏ ବେଳାଭୂମିର ରାସ୍ତା ମାତ୍ର ୩ କିଲୋମିଟର ନିର୍ମିତ ହୋଇ ନାନା ତର୍କ ବିତର୍କ ଭିତରେ ବନ୍ଦ ହୋଇଗଲା । ସେ ବିରାଟ ବିତର୍କ ଭିତରେ କୌଣସି ସିଦ୍ଧାନ୍ତ ନିଆଯାଇ ପାରିଲା ନାହିଁ । ଆମେ ଆସିବା ପରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ନେଲୁ ଏବଂ ଦୁଇବର୍ଷ ଭିତରେ ଏହାକୁ ଶେଷ କରିବା ପାଇଁ ସ୍ଥିର କଲୁ । କୁଶଭଦ୍ରା ନଦୀର ପୋଲ ଆମର ବିରାଟ ପ୍ରତିବନ୍ଧକ ହୋଇ ଛିଡ଼ା ହେଲା । ଏତେ ବଡ଼ ପୋଲ ତିଆରି ହେବାପାଇଁ ତିନିଚାରି ବର୍ଷରୁ କମ୍ ସମୟ ଲାଗିବ ନାହିଁ । ମାତ୍ର ଆମେ ଯେଉଁଭଳି ଗତିରେ ଓଡ଼ିଶାର ଅଗ୍ରଗତି ଚାହୁଁ, ସେ ଦୃଷ୍ଟିରୁ ସମୟ ଆମ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ୍ । ତେଣୁ, ଅନେକ ସମୟରେ ଯାହା ଅସମ୍ଭବ ବୋଲି ମନେ ହୁଏ, ତାକୁ ସମ୍ଭବ କରିବା ଆମର ଧର୍ମ । ଆମେ ସ୍ଥିର କଲୁ, ଯେଉଁ



କାର୍ଯ୍ୟଟି ଗ୍ଧରିବର୍ଷ ସମୟ ଲାଗିବ, ତାକୁ ଦୁଇ ବର୍ଷରେ ଶେଷ କରାଯିବ । ତଦନୁସାରେ ଜଣେ ପୋଲ ବିଶେଷଜ୍ଞଙ୍କୁ ଦାୟିତ୍ୱ ଦିଆଗଲା ଏବଂ ଠିକ୍ ଦୁଇବର୍ଷ ଭିତରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେଲା ।

ମେରାଇନ୍ ଡ୍ରାଇଭ ସଂପର୍କରେ କେତେକଙ୍କ ମନରେ କିଛି ଭୁଲ ଧାରଣା ଥାଇପାରେ । ତାହା ମୁଁ ଏଠାରେ ଦୂର କରିବାକୁ ଚାହେଁ । ମେରାଇନ୍ ଡ୍ରାଇଭ ଅର୍ଥ ସମୁଦ୍ରର କୂଳବର୍ତ୍ତୀ ଏକ ରାସ୍ତା ଯିବା ଦରକାର । ତାହାସବୁ ସ୍ଥାନରେ ସମୁଦ୍ରର ବେଳାଭୂମି ସହିତ ସଂଲଗ୍ନ ହୋଇ ଯିବାର ପ୍ରୟୋଜନ ନାହିଁ । ଟିକିଏ ଅଲଗା ରାସ୍ତା ଥିଲେ ପର୍ଯ୍ୟଟକମାନେ ସେଠିକି ଗାଡ଼ିନେଇ କରି ଯିବେ, ଗାଧୋଇବେ, ସ୍ୱଚ୍ଛନ୍ଦରେ ବିହାର କରି ଆସିବେ । କିନ୍ତୁ ଠିକ୍ ସମୁଦ୍ରର କୂଳେ କୂଳେ ଡିଏ ଭଳିଆ, ଠିକ୍ ସମୁଦ୍ର ଲାଗିଥିବ, ଗ୍ଧହିଁ ଗ୍ଧହିଁ ଯାଉଥିବେ, ଢେଉ ଗଣି ଗଣି- ସେ ମେରାଇନ୍ ଡ୍ରାଇଭ ନୁହେଁ ।

ମେରାଇନ ଡ୍ରାଇଭ କାର୍ଯ୍ୟ ଶେଷ ହୋଇଗଲା ପରେ ତା'ର ଉନ୍ନୟନ ଦାୟିତ୍ୱ ଡକ୍ଟର ତୀର୍ଥ ସ୍ୱାମୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ସେ ଏକ ଉନ୍ନୟନ ରିପୋର୍ଟ ଦେଇଛନ୍ତି । ସେ ଅଞ୍ଚଳରେ ବିପୁଳ ପର୍ଯ୍ୟଟନ ଶିଳ୍ପ ବିକାଶର ସମ୍ଭାବନାର ଚିତ୍ର ଏହି ରିପୋର୍ଟରୁ ମିଳୁଅଛି । ସରକାର ସେ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରୁଛନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠିତ କରାଇବା ପାଇଁ କୋଣାର୍କ ମନ୍ଦିରର ଏକ ରେପ୍ଲିକା (କ୍ଷୁଦ୍ର କୋଣାର୍କ) ସେହି ଶିଳ୍ପୀ ବଂଶଧରମାନଙ୍କ ଦ୍ୱାରା ନିର୍ମାଣ କରାଇବାର ଯୋଜନା କଳ୍ପନାରେ ରହିଛି । ଏ ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଋଷିଙ୍କ ଉକ୍ତି ଭୂତ ଯଥାର୍ଥରେ ସାର୍ଥକ ହୋଇ ପାରିବ । ପୁରୀ- ଭୁବନେଶ୍ୱର ରାସ୍ତାର ପ୍ରସ୍ଥକୁ ଦ୍ୱିଗୁଣିତ କରାଯାଇଛି ଏବଂ ପିଚୁ କରାଯାଇଛି । ଭୁବନେଶ୍ୱର-କୋଣାର୍କ ରାସ୍ତାର ପ୍ରସ୍ଥ ଆଗାମୀ ବର୍ଷ ଭିତରେ ଦ୍ୱିଗୁଣିତ କରାଯିବ ଓ ଏହାକୁ ପିଚୁ କରାଯାଇ ପାରିବ । ଏଇଠି ୧୯୫୬ ମସିହାର ଗୋଟିଏ କଥା ଲେଖିଲେ କିଛି ଅପ୍ରାସଙ୍ଗିକ ହେବନାହିଁ । ଶ୍ରୀଯୁକ୍ତ କେ. ଏମ୍. ମୁନ୍‌ସି ସେଇ ମସିହାରେ ଓଡ଼ିଶା ଆସି ଭୁବନେଶ୍ୱରରୁ ଗୋଟିଏ ଗାଡ଼ିରେ କୋଣାର୍କ ଯାଉଥିଲେ । ପିଲାଦିନେ ଘୋଡ଼ା ଚଢ଼ି ଗଲାବେଳେ ତାଙ୍କର ଯେଉଁ ଅଭିଜ୍ଞତା ହୋଇଥିଲା, ଭୁବନେଶ୍ୱରରୁ କୋଣାର୍କ ଯିବା ବାଟରେ ତାଙ୍କର ସେହି ଅଭିଜ୍ଞତା ହେଲା ବୋଲି ସେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର- କୋଣାର୍କ ଓ ଭୁବନେଶ୍ୱର-ପୁରୀ ମଧ୍ୟରେ ଯିବାବେଳେ ପର୍ଯ୍ୟଟକମାନେ ଯଥେଷ୍ଟ ଆନନ୍ଦ ଉପଭୋଗ କରି ପାରିବେ । ତେଣୁ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଯୋଗାଯୋଗ ସଂପର୍କରେ ଯାହା କରାଯିବାର କଥା, ତାହା କରାଯାଉଛି ।


## ଦିଲ୍ଲୀ-ଭୁବନେଶ୍ୱର ବିମାନ ସଂଯୋଗ

ଦିଲ୍ଲୀ-ଭୁବନେଶ୍ୱର ମଧ୍ୟରେ ବିମାନ ସଂଯୋଗର କାହାଣୀ କାହାରିକୁ ଅଜଣା ନଥିବ । ଯେତେବେଳେ ଏହା ଆରମ୍ଭ କରାଗଲା ସେତେବେଳେ ନାନା କଟୁ ସମାଲୋଚନା ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଲା । କିନ୍ତୁ ଭାରତବର୍ଷର ଅଖଣ୍ଡ ଜାତୀୟତାକୁ ରକ୍ଷା କରିବାକୁ

ହେଲେ ଦିଲ୍ଲୀ ସହିତ ପ୍ରତ୍ୟେକ ରାଜ୍ୟର ରାଜଧାନୀ ସହିତ ବିମାନ ସଂଯୋଗ ପ୍ରତିଷ୍ଠା କରିବାକୁ ହେବବୋଲି ମୁଁ ସ୍ପଷ୍ଟ ମତବ୍ୟକ୍ତ କରିଥିଲି । ସେତେବେଳେ କେବଳ ଭୁବନେଶ୍ୱର ବ୍ୟତୀତ ପ୍ରାୟ ପ୍ରତ୍ୟେକ ରାଜ୍ୟର ରାଜଧାନୀ ଦିଲ୍ଲୀ ସହିତ ବିମାନ ବ୍ୟବସ୍ଥାରେ ସଂଯୁକ୍ତ ହୋଇ ସାରିଥିଲା । ପ୍ରଥମେ ଯେଉଁଠି ଥାର୍ଡ ଏୟାର ଲାଇନର ବିମାନ ଚଳାଚଳ ହେଉଥିଲା, ଆଜି ସେଠାରେ ବୋଇଂ ଭଲ ଭାବରେ ଚାଲିଲାଣି । ଦିଲ୍ଲୀ, ବାରାଣାସୀ ଓ ଭୁବନେଶ୍ୱର ମଧ୍ୟରେ ଅନ୍ୟ କୌଣସି ଷ୍ଟପେଜ ନରଖି ବୋଇଂ ବିମାନଟି ସପ୍ତାହର ପ୍ରତ୍ୟେକ ଦିନ ଚଳାଚଳ ହେବା ଉଚିତ । ଅବଶ୍ୟ ପ୍ରଥମେ ଦିଲ୍ଲୀଠାରୁ ଭୁବନେଶ୍ୱରକୁ ପ୍ରତିଦିନ ବୋଇଂ ଚଳାଚଳରେ ଇଣ୍ଡିଆନ ଏୟାର ଲାଇନ୍‌ସକୁ ସାମାନ୍ୟ କ୍ଷତି ସହିବାକୁ ପଡ଼ିପାରେ। କିନ୍ତୁ ସମଗ୍ର ଭାରତବର୍ଷର ସାଂସ୍କୃତିକ ଐକ୍ୟ ଓ ଅଖଣ୍ଡତା ରକ୍ଷା କରିବା ଦିଗରେ ଏ ସାମାନ୍ୟ କ୍ଷତିକୁ ବିଚାରକୁ ନେବା ଉଚିତ ନୁହେଁ । କିନ୍ତୁ ଛ'ମାସ ଭିତରେ ଏହା ଏକ ଇକନମିକାଲ ଏୟାର ଲାଇନରେ ପରିଣତ ହେବା ସୁନିଶ୍ଚିତ ।

ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କଲେ ଜଣାଯାଏ, ପର୍ଯ୍ୟଟନ କ୍ଷେତ୍ରରେ ଭାରତରେ ଓଡ଼ିଶା ଏକ ଅଗ୍ରଣୀ ଭୂମିକା ନିଶ୍ଚିତ ଭାବରେ ଗ୍ରହଣ କରିବ । ଯେଉଁ ଦଶକ କଥା ଆମେ ଚିନ୍ତା କରୁଛେ, ଅର୍ଥାତ୍ ୧୯୯୦ ମସିହା ଭିତରେ ଓଡ଼ିଶା ଭାରତରେ ତା ର ଶ୍ରେଷ୍ଠ ସ୍ଥାନ ଯେ ଅଧିକାର କରିପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

(ଏକ ଭାଷଣରୁ ଗୃହୀତ)



ଉନ୍ନତିର ସବୁ ପ୍ରାକୃତିକ ଉପାଦାନ ଓଡ଼ିଶାରେ ଭରପୂର ହୋଇ ରହିଛି—ବିରାଟ ଖଣିଜ ଓ ଅରଣ୍ୟ ସଂପଦ, ବିସ୍ତୀର୍ଣ୍ଣ ସମତଳ ଭୂମି, ସୁଦୀର୍ଘ ସମୁଦ୍ର ଉପକୂଳ ଓ ବିପୁଳ ନଦୀ ଓ ହ୍ରଦ ସଂପଦ । ଏହାର ପ୍ରାକୃତିକ ସଂପଦ ମଧ୍ୟ ଐଶ୍ୱର୍ଯ୍ୟମୟ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ପର୍ଯ୍ୟଟନ ବିକାଶରେ ଅର୍ଥ ବିନିଯୋଗ

ଶ୍ରୀ ଗିରୀଶ ଚନ୍ଦ୍ର ପାଢ଼ୀ

ପର୍ଯ୍ୟଟନ ମଣିଷର ସହଜାତ ପ୍ରବୃତ୍ତି । ପ୍ରାକୃତିକ ବୈଷମ୍ୟ, ପରିବେଶୀୟ ଭିନ୍ନତା, ଭାଷାଗତ ଓ ଧର୍ମଗତ ପାର୍ଥକ୍ୟ ଯେଉଁ ଅନୁସନ୍ଧିତ୍ସା ସୃଷ୍ଟି କରେ ତାହା ଭ୍ରମଣ ପାଇଁ ପ୍ରେରଣା ଦିଏ । ସଂସ୍କୃତ ଶବ୍ଦ 'ଅଟନ'କୁ ଅନୁସର୍ଗ କରି ପର୍ଯ୍ୟଟନ ଶବ୍ଦର ସଙ୍ଗଠନ କରାଯାଇଛି । ପର୍ଯ୍ୟଟନ ହେଉଛି ଉତ୍କୃଷ୍ଟ ଭ୍ରମଣ ।

ଜାତୀୟ ଓ ଆନ୍ତର୍ଜାତୀୟ ସଂପର୍କ ସ୍ଥାପନ କ୍ଷେତ୍ରରେ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଜାତୀୟ ଆୟ ବୃଦ୍ଧି କରେ ଓ ଅର୍ଥନୈତିକ ସମୃଦ୍ଧିର ସହାୟକ ହୁଏ । ଜାପାନ, ହଂକଂ, ସ୍ପେନ୍, ଇଟାଲୀ, ମରିସସ୍, ଯୁଗୋସ୍ଲୋଭିଆ ଏବଂ ଫ୍ରାନ୍ସର ଅର୍ଥନୀତି, ପର୍ଯ୍ୟଟନ ଯୋଗୁଁ ନୂତନ ରୂପରେଖ ଗ୍ରହଣ କରିଛି । ପୃଥିବୀର ବହୁ ଦେଶରେ ବୈଦେଶିକ ମୁଦ୍ରା ଅର୍ଜନର ମୁଖ୍ୟ ଅଂଶ ଏହି ପର୍ଯ୍ୟଟନ, ଆୟାରଲାଣ୍ଡ, ଅଷ୍ଟ୍ରିଆ, ମେକ୍ସିକୋ, ଜାମାଇକା ଏବଂ ସ୍ପେନ୍ ପ୍ରଭୃତି ରାଜ୍ୟରେ ପର୍ଯ୍ୟଟନ ଜନିତ ଆୟ ଉଲ୍ଲେଖନୀୟ । ଏକ ହିସାବରୁ ଜଣା-ପଡ଼ିଛି ଯେ ପୃଥିବୀର ଚବିଶଟି ଦେଶର ବୈଦେଶିକ ଆୟ ତାଲିକାରେ ପର୍ଯ୍ୟଟନର ସ୍ଥାନ ତୃତୀୟରେ । ସ୍ପେନରେ କର୍ମଜୀବି ଶ୍ରମିକ ମାନଙ୍କ ମଧ୍ୟରୁ ଶତକଡ଼ା ପାଞ୍ଚଭାଗ ପର୍ଯ୍ୟଟନକୁ ମୁଖ୍ୟ ଜୀବିକା କରି ଚଳନ୍ତି । ସ୍ୱିଜରଲ୍ୟାଣ୍ଡରେ ଗ୍ରୀଷ୍ମ ଅବକାଶରେ ପରିଭ୍ରମଣକାରୀଙ୍କୁ ସୁବିଧା ସୁଯୋଗ ଦେବା ପାଇଁ ଯେଉଁ ଅଧିକ ଲକ୍ଷେ ପଚିଶ ହଜାର ବ୍ୟକ୍ତି ନିଯୁକ୍ତି ପାଆନ୍ତି, ତନ୍ମଧ୍ୟରୁ କେବଳ ସତୁରି ହଜାର ବ୍ୟକ୍ତି ବିଭିନ୍ନ ହୋଟେଲମାନଙ୍କରେ କାର୍ଯ୍ୟ କରନ୍ତି । ପ୍ରଶାନ୍ତ ମହାସାଗରୀୟ ଓ ଦୂର ପ୍ରାଚ୍ୟ ଦେଶମାନଙ୍କରେ କରାଯାଇଥିବା ଏକ ସର୍ବେକ୍ଷଣ୍ରୁ ଜଣା-ଯାଇଛି ଯେ ପର୍ଯ୍ୟଟକମାନେ ଯେଉଁ ଅର୍ଥ ଖର୍ଚ୍ଚ କରନ୍ତି ତନ୍ମଧ୍ୟରୁ ଶତକଡ଼ା ଚଉବନ ଭାଗ କେବଳ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ବ୍ୟକ୍ତିମାନଙ୍କର ଭତ୍ତା ଓ ଦରମା ଦିଗରେ ବ୍ୟୟିତ ହୁଏ । ପର୍ଯ୍ୟଟନ ଯୋଗୁଁ ବହୁ ଆନୁଷଙ୍ଗିକ ଶିଳ୍ପ ଗଢ଼ି ଉଠେ । ପରିମାଣ ସ୍ୱରୂପ ନିଯୁକ୍ତି ବୃଦ୍ଧି ପାଏ ଏବଂ ସାଧାରଣ ଜୀବନଯାପନ ସ୍ୱଚ୍ଛଳ ହୋଇପାରେ । ପର୍ଯ୍ୟଟନର ଆନୁଷଙ୍ଗିକ ଶିଳ୍ପର ଶତକଡ଼ା ତେଷଠୀ ଭାଗ ନିଯୁକ୍ତି, ପର୍ଯ୍ୟଟନ ଉପରେ ନିର୍ଭରଶୀଳ । ଏକ ଅନୁଶୀଳନରୁ ପ୍ରକାଶ ଯେ ପର୍ଯ୍ୟଟନ ଶିଳ୍ପରେ ଆଠଶହ ଷାଠିଏ ଚାକିରୀ ସୃଷ୍ଟି ହେଉଥିବେଳେ ଦେଶରେ ଅନ୍ୟ ଶିଳ୍ପମାନଙ୍କରେ ଆହୁରି ବାରଶହ ପଞ୍ଚାବନଟି ଚାକିରୀ ସୃଷ୍ଟି ହୋଇଥାଏ । ସଂପ୍ରତି ଇଲେକଟ୍ରନିକ୍ସ, ପ୍ଲାଷ୍ଟିକ୍ ଏବଂ କଂପ୍ୟୁଟର ଶିଳ୍ପର ଯେଉଁ ଭଳି ଦ୍ରୁତ ବିକାଶ ହେଉଛି ପର୍ଯ୍ୟଟନ ଭଳି ପ୍ରାଚୀନ ଶିଳ୍ପଟି ମଧ୍ୟ ସମତାଳରେ ବିକଶିତ ହୋଇ ପାରିବ ବୋଲି ଋଷର ଜଣେ ପର୍ଯ୍ୟଟକ ବିଶେଷଜ୍ଞ ଭ୍ଲାଦ୍‌ମିର ଆବୁଦିନୋଭ୍ ମତ ପ୍ରକାଶ କରିଛନ୍ତି । ବସ୍ତୁତଃ ସମଗ୍ର ବିଶ୍ୱରେ ଖାଉଟି ବ୍ୟୟର ଶତକଡ଼ା ପାଞ୍ଚ ଭାଗ ହେଉଛି ପର୍ଯ୍ୟଟନ ଜନିତ ବ୍ୟୟ ।

ନବମ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ସଂକ୍ରାନ୍ତରେ ଏକ ଅନୁଧ୍ୟାନରୁ ଜଣା ପଡ଼ିଲା ଯେ ଭାରତ ବର୍ଷରେ ୧୯୬୮ ମସିହାରେ ୯୦୦୦ କୋଠରୀ ଥିବା ସ୍ଥଳେ ୧୯୮୨ରେ ତାହା ୨୦,୦୦୦ରେ ପହଞ୍ଚିଛି । ତଥାପି ଏହା ସମୁଦ୍ରକୁ ଶଙ୍ଖେ ପାଣି ଭଳିଆ । କାରଣ ଏପର୍ଯ୍ୟନ୍ତ ଭାରତବର୍ଷରେ ହୋଟେଲ ଶିଳ୍ପରେ ବିନିଯୋଗ ହେଉଥିବା ଅର୍ଥ, ଜାତୀୟ ଆୟର ଶତକଡ଼ା ୫ ରୁ ମଧ୍ୟ କମ୍ । ଅଥଚ ପର୍ଯ୍ୟଟନ ଶିଳ୍ପରେ ଅଗ୍ରଣୀ ରୂପେ ପରିଗଣିତ ହେଉଥିବା ଇଟାଲି, ସ୍ପେନ୍, ଯୁଗୋସ୍ଲୋଭିଆ, ଥାଇଲାଣ୍ଡ, ଫ୍ରାନ୍ସ, ସ୍ୱିଜରଲ୍ୟାଣ୍ଡ, ନରୱେ ପ୍ରଭୃତି ରାଜ୍ୟରେ ପର୍ଯ୍ୟଟନ ଶିଳ୍ପରେ ଖର୍ଚ୍ଚ ହେଉଥିବା ଖର୍ଚ୍ଚର ପରିମାଣ ଶତକଡ଼ା ୫ ଭାଗରୁ ଅଧିକ । ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗ ଭାରତ ବର୍ଷରେ ଏକ ସୁପ୍ତ ସିଂହ ଅବସ୍ଥାରେ ରହିଛି । ଏହାକୁ ଜାଗ୍ରତ କରିବାକୁ ହେଲେ, କେନ୍ଦ୍ର ସରକାର, ରାଜ୍ୟ ସରକାର, ଜାତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ, ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଓ ଅନ୍ୟାନ୍ୟ ପୁଞ୍ଜି ଲଗାଣ ସଂସ୍ଥାମାନେ ପର୍ଯ୍ୟଟନ ଶିଳ୍ପରେ ଅନ୍ତତଃ ପକ୍ଷେ ପ୍ରତି ପାଞ୍ଚ ବର୍ଷରେ ଆର୍ଥିକ ପରିମାଣର ସାହାଯ୍ୟକୁ ଦ୍ୱିଗୁଣିତ କରିବା ଦରକାର ।

ଦେଶର ପର୍ଯ୍ୟଟନ ସୁବିଧାର ପ୍ରସାର ନିମନ୍ତେ ରହିଥିବା ଅନ୍ୟାନ୍ୟ କାରଣ ଗୁଡ଼ିକ ମଧ୍ୟରେ ହୋଟେଲ ସୁବିଧା ଅନ୍ୟତମ । ପର୍ଯ୍ୟଟନ ଶିଳ୍ପର ପ୍ରସାର ପାଇଁ ଉନ୍ନତ ରୁଚିପୂର୍ଣ୍ଣ ହୋଟେଲର ଆବଶ୍ୟକତା ପଡ଼େ । ଏକ ଆନ୍ତର୍ଜାତିକ ପର୍ଯ୍ୟଟନ ବର୍ଷରେ ଥାଇଲାଣ୍ଡ (ଶ୍ୟାମ)ର ରାଜଧାନୀ ବ୍ୟାଙ୍କକ୍ ସହରରେ ୧୫,୦୦୦ ରୁଚିପୂର୍ଣ୍ଣ ହୋଟେଲ କୋଠରୀ ରହିଥିବା ସ୍ଥଳେ ସାରା ଭାରତ ବର୍ଷରେ ସେ ବର୍ଷ ମାତ୍ର ୯,୦୦୦ ବିଦେଶୀ ପର୍ଯ୍ୟଟକ ଉପଯୋଗୀ ହୋଟେଲ କୋଠରୀ ରହିଥିଲା । ଧର୍ମ ପ୍ରାଚୀନ ଭାରତର ପ୍ରତ୍ୟକ୍ଷ ପ୍ରାକୃତିକ ବିଭବ,

ମନ୍ଦିର, କଳା, ସ୍ଥାପତ୍ୟ, ନଭଶ୍ଚୁମ୍ବୀ ପର୍ବତମାଳା, ମରାଳମାଳିନୀ ନିଳାମ୍ବୁ ପ୍ରାକୃତିକ ହ୍ରଦ, ବିସ୍ତୀର୍ଣ୍ଣ ସାଗର ସୈକତ ବେଳାଭୂମି, ଆକୁମାରୀ ହିମାଳୟ ପରିବେଷ୍ଟିତ ଐତିହାସିକ ସ୍ମୃତି ସ୍ତମ୍ଭ ଏ ଦେଶକୁ କାଳକ୍ରମେ ସର୍ବୋତ୍କୃଷ୍ଟ ସୌଖୀନ୍ ବୈଦେଶିକ ପର୍ଯ୍ୟଟକର କ୍ରୀଡ଼ାକ୍ଷେତ୍ର ହୋଇ ପାରିବ । ମାତ୍ର ଏଥିପାଇଁ ପ୍ରଚୁର ଅର୍ଥ ବିନିଯୋଗ କରି ଆଭିଜାତ୍ୟପୂର୍ଣ୍ଣ ହୋଟେଲ, ଉନ୍ନତ ରାସ୍ତାଘାଟ, ଶୀତତାପ ନିୟନ୍ତ୍ରିତ ଯାନବାହାନ, ନିର୍ବିଘ୍ନ ଗମନାଗମନ ପାଇଁ ବହୁ ଆନୁଷଙ୍ଗିକ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ପଡ଼ିବ ।

ସୀମିତ ଆର୍ଥିକ ସମ୍ବଳରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଏହିସବୁ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଆବଶ୍ୟକତା ତୁଳନାରେ ପୂର୍ଣ୍ଣ ବିନିମୟ କରିବାକୁ ଅସମର୍ଥ । ଭୂସ୍ୱର୍ଗ କାଶ୍ମୀରର ଗୁଲମାର୍ଗ ଅଞ୍ଚଳ ଓ କେରଳର କୋଭାଲମ୍ ବେଳାଭୂମିକୁ ସୌଖୀନ ବିଦେଶୀ ପର୍ଯ୍ୟଟକ ଉପଯୋଗୀ କରିବା ପାଇଁ ପ୍ରଭୂତ ଅର୍ଥ ବିନିଯୋଗ କରା ହୋଇଛି ଓ ତାହାର ସୁଫଳ ବର୍ତ୍ତମାନ ସୁସ୍ପଷ୍ଟ । ଆଇ:ଟି:ଡି:ସି ବା ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଓ ରାଜ୍ୟ ସରକାରଙ୍କ ମାଧ୍ୟମରେ ଗଢି ଉଠିଥିବା ରାଜ୍ୟସ୍ତରୀୟ ପର୍ଯ୍ୟଟନ ନିଗମମାନ ଏ କ୍ଷେତ୍ରରେ ଅର୍ଥ ବିନିଯୋଗ କରିବା ପାଇଁ ବହୁ ସୁବିଧା ରହିଛି । ଆଇ:ଡି:ବି:ଆଇ, ଆଇ:ଏଫ୍:ସି:ଆଇ, ଆଇ:ସି:ଆଇ:ସି:ଆଇ ଭଳି ସର୍ବ ଭାରତୀୟ ଅର୍ଥ ବିନିଯୋଗ-କାରୀ ଅନୁଷ୍ଠାନ, ରାଜ୍ୟ ସ୍ତରର ଅର୍ଥ ନିଗମମାନ ଓ ଅନ୍ୟାନ୍ୟ ଦୀର୍ଘମିଆଦୀ ପୁଞ୍ଜି ଲଗାଣ ସଂସ୍ଥାମାନେ ଏ କ୍ଷେତ୍ରରେ ବୈପ୍ଳବିକ ପଦକ୍ଷେପ ନେଇ ପାରିବେ । ହୋଟେଲ କଂପାନୀ ଗୁଡ଼ିକ ଅନ୍ୟାନ୍ୟ ଶିଳ୍ପୋଦ୍ୟୋଗୀଙ୍କ ପରି ଅର୍ଥସାହାଯ୍ୟ ପାଇଁ ଅର୍ଥ ଲଗାଣକାରୀ ନିଗମ ଓ ଜାତୀୟକରଣ ବ୍ୟାଙ୍କ ମାନଙ୍କ ଉପରେ ନିର୍ଭର କରିଥାନ୍ତି ।

ଏ ପର୍ଯ୍ୟନ୍ତ ଅର୍ଥ ସାହାଯ୍ୟକାରୀ ସଂସ୍ଥାମାନେ ଖୁବ୍ କମ୍ ଶିଳ୍ପୋଦ୍ୟୋଗୀର ଚାହିଦା ପୂରଣ କରିବାରେ ସମର୍ଥ ହୋଇଛନ୍ତି । ଅବଶ୍ୟ ୧୯୬୪ ସାଲରେ ଗଠିତ ଦେଶର ସର୍ବ ବୃହତ୍ତମ ଶିଳ୍ପ ଅର୍ଥ ଲଗାଣ ସଂସ୍ଥା ଆଇ: ଡି: ବି: ଆଇ: ମଞ୍ଜୁର କରିଥିବା ୮୩୦୩ କୋଟି ଟଙ୍କା ମଧ୍ୟରୁ ହୋଟେଲ ଓ ପର୍ଯ୍ୟଟନ ସହଯୋଗୀ ପରିବହନ ୮୦୦ କୋଟି ଟଙ୍କା ବା ଶତକଡ଼ା ୧୦ ଭାଗ ପାଇ ପାରିଛି । ୧୯୮୧-୮୨ ମସିହାରେ ଏହି ସଂସ୍ଥା କେତେଗୁଡ଼ିଏ ବୃହଦାକାର ହୋଟେଲ ପାଇଁ ଋଣ ମଞ୍ଜୁର କରିଛନ୍ତି । ଏଇ ବର୍ଷ ସର୍ବମୋଟ ୧୭୬୫ କୋଟି ଟଙ୍କା ମଧ୍ୟରୁ ହୋଟେଲ ଶିଳ୍ପ ପ୍ରାୟ ୨୦୦ କୋଟି ଟଙ୍କା ପାଇ ପାରିଛନ୍ତି । ଆଇ: ଏଫ୍: ସି: ଆଇ: ପକ୍ଷରୁ ମୋଟ ମଞ୍ଜୁରୀ ପ୍ରାପ୍ତ ଋଣ ପରିମାଣ ୧,୫୦୦ କୋଟି ଟଙ୍କା ମଧ୍ୟରୁ ହୋଟେଲ ଶିଳ୍ପ ପାଇଁ ମୋଟ ୨୨ କୋଟି ଟଙ୍କା ବା ୧.୫ ପରସେଣ୍ଟ ମାତ୍ର । ଆଇ: ସି: ଆଇ: ସି: ଆଇ: ତରଫରୁ ହୋଟେଲ ଶିଳ୍ପ ପାଇଁ ପ୍ରାୟ ୧୫ କୋଟି ଅର୍ଥ ବିନିଯୋଗ କରା ହୋଇଛି । ଏହା ଏ ସଂସ୍ଥାର ସର୍ବ ମୋଟ ଅର୍ଥ ବିନିଯୋଗର ଶତକଡ଼ା ୧ ଭାଗରୁ କମ୍ । ରାଜ୍ୟ ଅର୍ଥ କର୍ପୋରେସନମାନେ ହୋଟେଲ ବା ଅନ୍ୟାନ୍ୟ ଶିଳ୍ପ ପାଇଁ ଆଇନଗତ ବ୍ୟବସ୍ଥା ଯୋଗୁଁ କୌଣସି ସଂସ୍ଥାକୁ ୩୦ ଲକ୍ଷରୁ ଅଧିକ ଋଣ ଦେବାକୁ ଅକ୍ଷମ । ଏଇ ପରିପ୍ରେକ୍ଷୀରେ ଏହା ପ୍ରଣିଧାନଯୋଗ୍ୟ ଯେ ରାଜ୍ୟ ଅର୍ଥ କର୍ପୋରେସନ ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଟେଲ ଶିଳ୍ପର ବିକାଶ ପାଇଁ ୧୫ କୋଟି ଟଙ୍କା ବିନିଯୋଗକରି କଟକ ଓ ଭୁବନେଶ୍ୱର ସମେତ ଓଡ଼ିଶାର ଅନ୍ୟ କ୍ରମବର୍ଦ୍ଧିଷ୍ଣୁ, ସହର ମାନଙ୍କରେ ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର ହୋଟେଲ ତିଆରି କରିବାରେ ଅଗ୍ରଣୀ ହୋଇଛନ୍ତି । ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର ବିଶିଷ୍ଟ ଓ କର୍ମ ମୁଖର ସହଯୋଗୀ ଇପିକଲ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ୩ । ୪ଟି ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆସରିଛି । ତା ଛଡ଼ା ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ ଓ ଇପିକଲର ମିଳିତ ସହଯୋଗରେ ଆହୁରି ୧୨ଟି ମଧ୍ୟମ ଧରଣ ,ହୋଟେଲ ଏହି ସୁବର୍ଣ୍ଣ ତ୍ରିଭୁଜ ମଧ୍ୟରେ ଦ୍ରୁତ ନିର୍ମାଣ ପଥରେ ରହିଛି ।

ଅତୀବ ସୁଖର ବିଷୟ ଓଡ଼ିଶା ରାଜ୍ୟ ସରକାର ହୋଟେଲକୁ ଏକ ଶିଳ୍ପ ହିସାବରେ ପରିଗଣିତ କରି ସାଧାରଣ ଶିଳ୍ପ ଭଳି ହୋଟେଲ ଶିଳ୍ପକୁ ସବୁ ପ୍ରକାର ସାହାଯ୍ୟ ସୁବିଧା ପ୍ରଦାନ କରୁଛନ୍ତି । ଦିଲ୍ଲୀ ସହିତ ଭୁବନେଶ୍ୱରର ସିଧା ସଳଖ ବିମାନ ସଂଯୋଗ ପରେ ଓଡ଼ିଶା ପର୍ଯ୍ୟଟନ ଶିଳ୍ପରେ ବ୍ୟାପକ ଅଭିବୃଦ୍ଧି ଘଟିଛି । ଏକ ହିସାବରୁ ଜଣା ପଡ଼ିଛି ଯେ ୧୯୭୮ ମସିହାରେ ଓଡ଼ିଶାକୁ ୧୯,୯୭୦ ବିଦେଶୀ ପର୍ଯ୍ୟଟକ ଆସିଥିଲେ ଓ ଦିଲ୍ଲୀ ସହିତ ବିମାନ ସଂଯୋଗ ପରେ ୧୯୮୦ ମସିହାରେ ଏହା ୨୩,୯୪୧କୁ ବୃଦ୍ଧି ପାଇ ୧୯୮୨ରେ ୨୭,୦୦୦ ହୋଇଛି । ସେହିପରି ଓଡ଼ିଶାକୁ ଅନ୍ତର୍ଦ୍ଦେଶୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୧୯୭୫ରେ ୧,୮୫,୦୦୦ଥିବା ସ୍ଥଳେ ୧୯୮୦ରେ ଏହା ୨,୮୫,୦୦୦ କୁ ବୃଦ୍ଧି ପାଇ ୧୯୮୨ ରେ ଏହା ୪ ଲକ୍ଷରୁ ଅଧିକ ହୋଇଛି । କାଳ କ୍ରମେ କଲିକତାରୁ ଭୁବନେଶ୍ୱର ଦେଇ ହାଇଦ୍ରାବାଦକୁ ସିଧା ସଳଖ ବିମାନ ଯୋଗା ଯୋଗ ହେବାରୁ ଓ ଏହା ସହିତ ମାଡ୍ରାସ ଓ ବମ୍ବେକୁ ସଂଯୋଗକାରୀ ବିମାନର ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମଶ ବଢି ଚାଲିଛି । ଅଚିରେ ଏକ ନୂତନ ପ୍ରସ୍ତାବ ଅନୁଯାୟୀ ବ୍ୟାଙ୍କକ, ଆଣ୍ଡାମାନ, ଭୁବନେଶ୍ୱର, ବାରଣାସୀ ଓ କାଠମାଣ୍ଡୁ ମଧ୍ୟରେ ଏକ ଆନ୍ତର୍ଜାତିକ ବିମାନ ଚଳାଚଳର ବ୍ୟବସ୍ଥା କରା-ଯାଉଛି । ଏହା ଫଳରେ ହୁଏତ "ସୁବର୍ଣ୍ଣ ତ୍ରିଭୁଜ" ନାମରେ ନାମିତ ହୋଇଥିବା ଭୁବନେଶ୍ୱର, ପୁରୀ ଓ କୋଣାର୍କ କ୍ରମେ "ହୀରକ ତ୍ରିଭୁଜ" ଆଖ୍ୟା ପାଇପାରେ ।

ସୁଖର ବିଷୟ ହୋଟେଲକୁ ଶିଳ୍ପ ହିସାବରେ ଘୋଷଣା କରାଯିବା ପରେ ଓଡ଼ିଶା ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ପାଇଁ ଅଧିକ ଅର୍ଥର ବ୍ୟବସ୍ଥା କରୁଛନ୍ତି । ତଥାପି ଏହି ନିଗମର


ଅନୁମୋଦିତ ମୂଳଧନ ୨ କୋଟିରୁ ଅନ୍ତତଃ ୧୦ କୋଟି ଟଙ୍କାକୁ ବୃଦ୍ଧି କରିବା ଆବଶ୍ୟକ । ଏହା ଫଳରେ ଏହି ସଂସ୍ଥା ସର୍ବଭାରତୀୟ ଓ ରାଜ୍ୟ ସ୍ତରର ଅର୍ଥଲଗାଣକାରୀ ଅନୁଷ୍ଠାନ ମାନଙ୍କରୁ ଅଧିକ ପରିମାଣର ଋଣ ସଂଗ୍ରହ କରି ପାରିବେ । ନୂତନ ଭାବରେ ଗଠିତ ହୋଇଥିବା ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡ଼େଭଲପ୍‌ମେଣ୍ଟ କର୍ପୋରେସନ ବା ଓଡ଼ିଶା ଶିଳ୍ପ ଭିତ୍ତି ଭୂମି ନିଗମର ବୈଷୟିକ ସାହାଯ୍ୟରେ ରୁଚିପୂର୍ଣ୍ଣ ଓ ଚିତ୍ତାକର୍ଷକ କ୍ଷୁଦ୍ର, ମଧ୍ୟମ ଧରଣର ପାନ୍ଥ କୁଟୀର ବିଭିନ୍ନ ଅଞ୍ଚଳରେ ଅପେକ୍ଷାକୃତ ସ୍ୱଳ୍ପ ଅର୍ଥ ଓ ସମୟରେ ତିଆରି ହୋଇ ପାରିବ । ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ ପାଇଁ ରାଜ୍ୟ ଅର୍ଥନିଗମ, ' ଜାତୀୟ ରାଜପଥର ଧାରେ ଧାରେ ସ୍ୱଳ୍ପ ସମୟ ରହଣି ପାଇଁ 'ହାଇୱେ ଗେଷ୍ଟ ହାଉସ' ଓ ଅନ୍ୟ କେତେକ ସ୍ଥାନରେ 'ମୋଟେଲ' ପାଇଁ ଅର୍ଥ ସାହାଯ୍ୟ କରିଛି । ପର୍ଯ୍ୟଟକମାନଙ୍କର ଯାତାୟତର ସୁବିଧା ପାଇଁ ଆବଶ୍ୟକ ଶୀତ ତାପ 'ନିୟନ୍ତ୍ରିତ ପରିବହନ ବସ ଓ ଟେକ୍‌ସି ପାଇଁ ମଧ୍ୟ ଅର୍ଥ ବିନିଯୋଗ କରାହୋଇଛି ।

ଅଳ୍ପ ଦିନ ପୂର୍ବେ ବିଶିଷ୍ଟ ଫରାସୀ ଐତିହାସିକ ଡମିନିକ୍ ଲପିୟାରଙ୍କ ନେତୃତ୍ୱରେ ଆସିଥିବା ଫରାସୀ ପରିବ୍ରାଜକ ଦଳ ଓଡ଼ିଶା ଭ୍ରମଣରେ ଆସି ଓଡ଼ିଶାର କଳା, ସ୍ଥାପତ୍ୟ, ଅପରୂପ କୋଣାର୍କ ସୂର୍ଯ୍ୟ ମନ୍ଦିର, ଶୋକ ପାଶୋରା ଅପସରା ଉଦନ ମହାନ୍ ମାଳିନୀ ନୀଳାମ୍ବୁ ଚିଲିକା ଓ ସାଗର ସୈକତ ପ୍ରକୃତି ପରିବେଷ୍ଟିତ ପୁରୀ କୋଣାର୍କ ଦେବଭୂମିର ଭୂୟସୀ ପ୍ରଶଂସା କରିଛନ୍ତି । କାଳକ୍ରମେ ପୃଥିବୀର ପର୍ଯ୍ୟଟନ ମାନଚିତ୍ରରେ ଏ ଅଞ୍ଚଳ ଅଦ୍ୱିତୀୟ ସ୍ଥାନ ପାଇ ପାରିବାର ସ୍ୱପ୍ନ ସେମାନେ ଦେଖିଛନ୍ତି । ଉପଯୁକ୍ତ ଅର୍ଥ ବିନିଯୋଗରେ ଏ ସ୍ୱପ୍ନର ସଫଳ ରୂପାୟନ ହୋଇ ପାରିବ ।

ପରିଚାଳନା ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ଅର୍ଥ ନିଗମ
କଟକ ।



ହୋଟେଲ କଳିଙ୍ଗ ଅଶୋକର ସମ୍ପ୍ରସାରଣ ପାଇଁ
ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ତା ୧୬-୮-୮୨ ରିଖରେ
ଭିତ୍ତିପ୍ରସ୍ତର ସ୍ଥାପନ ।




ହୋଟେଲ୍ ଏକ ଜଣାଶୁଣା ଶବ୍ଦ । ଏହା ସଂପଦ ଓ ବିଳାସକୁ ବୁଝାଏ, ସାଧାରଣତଃ ଏହା ସର୍ବାଧୁନିକ ସୁବିଧା ଥିବା ଏକ ପ୍ରଶସ୍ତ ପ୍ରତିଷ୍ଠାନ । ଭାରତରେ ହୋଟେଲ ଶବ୍ଦଟି ପୁରାତନ ହେଲେ ମଧ୍ୟ ଏହା ବର୍ତ୍ତମାନ ବୈଦେଶିକ ମୁଦ୍ରା ଅର୍ଜନ କରିବା ଦିଗରେ ବିଶେଷ ସହାୟକ ହୋଇପାରୁଛି । ହୋଟେଲଗୁଡ଼ିକରେ ଯାତ୍ରୀ ତଥା ଅନ୍ୟମାନଙ୍କ ନିମନ୍ତେ ରହିବା ଓ ଆମୋଦ ପ୍ରମୋଦ ଲାଗି ସୁବ୍ୟବସ୍ଥା ଥାଏ । ପ୍ରାଚୀନ କାଳରେ ଲୋକେ ବିଭିନ୍ନ କାରଣରୁ ଦେଶ ପରିଭ୍ରମଣରେ ଯାଉଥିଲେ । ସେମାନେ ବୋଧହୁଏ ଅଜଣା ବିଷୟରେ ଜାଣିବା ପାଇଁ କିମ୍ବା ଅନ୍ୟାନ୍ୟ ସ୍ଥାନର ଧର୍ମ, ସଂସ୍କୃତି, ସଭ୍ୟତା ଓ ବ୍ୟବସାୟ ବାଣିଜ୍ୟ ବିଷୟରେ ଜ୍ଞାନ ଆହରଣ କରିବା ପାଇଁ ଇଚ୍ଛା କରୁଥିଲେ । ପ୍ରାଚୀନ ଭାରତରେ ଲୋକେ ମୁଖ୍ୟତଃ ଧର୍ମ କିମ୍ବା ବାଣିଜ୍ୟ ଉଦ୍ଦେଶ୍ୟରେ ଭ୍ରମଣ କରୁଥିଲେ । ଏଥିପାଇଁ ପ୍ରାୟ ସମସ୍ତ ଧର୍ମପୀଠଗୁଡ଼ିକରେ ଧର୍ମଶାଳାମାନ ସ୍ଥାପନ କରାଯାଇଥିଲା ବୋଲି ପୁରାତନ ତଥ୍ୟାବଳୀରୁ ଜଣାଯାଏ । ଏହି ଧର୍ମଶାଳାଗୁଡ଼ିକ ଯାତ୍ରୀ ନିବାସ ରୂପେ ବ୍ୟବହୃତ ହେଉଥିଲା ।

# ଓଡ଼ିଶାର ହୋଟେଲ ଶିଳ୍ପ

**ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ**

ରେଳ ଓ ବିମାନ ଚଳାଚଳର ପ୍ରବର୍ତ୍ତନ ଫଳରେ ପରିଭ୍ରମଣ ଆନ୍ଦୋଳନ ବ୍ୟାପକ ହେବା ସଙ୍ଗେ ସଙ୍ଗେ ଯାତ୍ରୀନିବାସର ବିଶେଷ ସୁବିଧା ହୋଇପାରିଛି । ଫଳରେ ବ୍ୟବସାୟର ଅଭିବୃଦ୍ଧି ଘଟିଛି । ଏହି ଧର୍ମଶାଳାଗୁଡ଼ିକୁ ହୋଟେଲ ଶିଳ୍ପ ରୂପେ ଲାଭଜନକ ପ୍ରତିଷ୍ଠାନରେ ରୂପାନ୍ତରିତ କରାଯାଇଛି । ଆଜିକାଲି ହୋଟେଲରେ ଯାତ୍ରୀ ନିବାସ, ଖାଦ୍ୟପେୟର ସୁବିଧା ସହ ମାଲପତ୍ରର ସୁରକ୍ଷା କରାଯାଇ ପାରୁଛି ।

ଭାରତରେ ହୋଟେଲ ଗୋଟିଏ ଶିଳ୍ପ ରୂପେ କେବଳ କଲିକତା, ବମ୍ବେ, ଦିଲ୍ଲୀ, ମାଡ୍ରାସ ଓ ବାଙ୍ଗାଲୋର ଭଳି ବଡ଼ ବଡ଼ ସହର ମଧ୍ୟରେ ସୀମାବଦ୍ଧ ଥିଲା । ବିଗତ ଦଶବର୍ଷ ମଧ୍ୟରେ ହୋଟେଲ ଶିଳ୍ପରେ ଏକ ନାଟକୀୟ ପରିବର୍ତ୍ତନ ଘଟିଛି । ବୈଚିତ୍ର୍ୟମୟ ଭାରତକୁ ବହୁଳ ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ପାଇଛି । ସମୃଦ୍ଧ ତଥା ବିଭିନ୍ନ ପ୍ରାକୃତିକ ପରିବେଶ, ବନ୍ୟପ୍ରାଣୀ, ସବୁଜ ଅରଣ୍ୟ, ସମୁଦ୍ର ତଟ, ଐତିହାସିକ କୀର୍ତ୍ତିରାଜି ଏବଂ ମହାନ୍ ଧର୍ମଭାବ ଓ ସ୍ଥାପତ୍ୟ ବିମଣ୍ଡିତ ହୋଇଥିବା ସତ୍ତ୍ୱେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ହୋଟେଲ ଶିଳ୍ପର ବିକାଶ କ୍ଷେତ୍ରରେ ବହୁପଛରେ ପଡ଼ିରହିଛି ।

ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ହାଇଦ୍ରାବାଦସ୍ଥିତ ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଦ୍ୱାରା କରାଯାଇଥିବା ଏକ ସର୍ଭେ ତାଲିକାରେ ଯେଉଁ ୪୪ଟି କେନ୍ଦ୍ରକୁ ସ୍ଥାନ ଦିଆଯାଇଥିଲା, ସେଥିରେ ଭୁବନେଶ୍ୱର ଓ ପୁରୀକୁ ଯଥାକ୍ରମେ ୩୮ ଓ ୩୧ କ୍ରମରେ ରଖାଯାଇଥିଲା । ଭାରତକୁ ଯେତେ ସଂଖ୍ୟକ ପର୍ଯ୍ୟଟକ ଆସନ୍ତି ସେଥିରେ ଭୁବନେଶ୍ୱର ଓ ପୁରୀର ମାର୍କେଟ ସେଆର ଯଥାକ୍ରମେ ଶତକଡ଼ା ୧.୧୬ ଓ ୦.୭୭ । ଏ ଦୁଇ ସ୍ଥାନକୁ ଏତେ କମ୍ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାର କାରଣ ହେଉଛି ପର୍ଯ୍ୟଟକ ଭିତ୍ତିଭୂମିର ଅଭାବ । ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟକ ଭିତ୍ତିଭୂମି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଭୁବନେଶ୍ୱରଠାରୁ କଲିକତାର ଦୂରତ୍ୱ ମାତ୍ର ୪୩୦ କିଲୋମିଟର ହେଲେ ସୁଦ୍ଧା କଲିକତାର ମାର୍କେଟ ସେଆର ହେଉଛି ଶତକଡ଼ା ୧୬.୯୦ । ଏହା ଅତ୍ୟନ୍ତ ଉତ୍ସାହପ୍ରଦ ଏବଂ ଏ କଥା ନିଃସନ୍ଦେହରେ କୁହାଯାଇପାରେ ଯେ ଉପଯୁକ୍ତ ଭିତ୍ତିଭୂମିର ବିକାଶ ହେଲେ ଓଡ଼ିଶାର ଟୁରିଷ୍ଟ ମାର୍କେଟ ସେଆର ଅନ୍ତତଃ ପକ୍ଷେ ୧୦ ଗୁଣ ବୃଦ୍ଧି ପାଇବ ।


ରାଜ୍ୟ ସରକାର ଏ ସମସ୍ତ ଅସୁବିଧା ସଂପର୍କରେ ଅବଗତ ହେବା ସଙ୍ଗେ ସଙ୍ଗେ ପର୍ଯ୍ୟଟନ ସଂପଦର ସଂପୂର୍ଣ୍ଣ



ଉପଯୋଗ ନିମନ୍ତେ ଭିତ୍ତିଭୂମିକ ସୁବିଧା ସୁଯୋଗର ବ୍ୟାପକ ଉନ୍ନତି ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ତଥା ପ୍ରେରଣା ଯୋଗେ ଓବେରୋଇ, ତାଜ୍, ଆପିଜେ ଓ ଆଇ. ଟି. ସି. (ୱେଲ୍‌କମ୍ ଗ୍ରୁପ) ଭଳି ବିଳାସପୂର୍ଣ୍ଣ ହୋଟେଲ କଂପାନୀଗୁଡ଼ିକ ଓଡ଼ିଶାରେ ତାରକା ହୋଟେଲ ନିର୍ମାଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଶିଳ୍ପ ସେବା ରୂପେ ପର୍ଯ୍ୟଟନରୁ ବେଶ୍ ବୈଦେଶିକ ମୁଦ୍ରା ଅର୍ଜନ ହେବା ସଙ୍ଗେ ସଙ୍ଗେ ଶ୍ରମ ଭିତ୍ତିକ କାର୍ଯ୍ୟ ହୋଇଥାଏ । ଆମ ରାଜ୍ୟର ଅର୍ଥନୀତି ସକାଶେ ଏହା ଅତ୍ୟନ୍ତ ଉପଯୋଗୀ । ପର୍ଯ୍ୟଟନ ଭିତ୍ତିଭୂମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉନ୍ନତ ଧରଣର ତାରକା ହୋଟେଲମାନ ନିର୍ମାଣ ଦିଗରେ ଇପିକଲ୍ ସଂସ୍ଥା ପ୍ରଧାନ ଭୂମିକା ଗ୍ରହଣ କରିଛନ୍ତି । ୧୯୮୦ ମସିହା ପୂର୍ବରୁ ରାଜ୍ୟରେ ଖୁବ୍ କମ୍ ସଂଖ୍ୟକ ହୋଟେଲ ଥିଲା । ଧର୍ମପୀଠ, ଶିଳ୍ପ ଓ ବାଣିଜ୍ୟ କେନ୍ଦ୍ରମାନଙ୍କରେ ପର୍ଯ୍ୟଟକମାନଙ୍କ ସମାଗମକୁ ସମୀକ୍ଷା କରି ପୁରୀ, କୋଣାର୍କ, ଭୁବନେଶ୍ୱର, କଟକ, ପାରାଦୀପ ଓ ରାଉରକେଲାଠାରେ ଉନ୍ନତ ଧରଣର ହୋଟେଲମାନ ପ୍ରତିଷ୍ଠା କରାଯାଇଛି । ଇପିକଲ୍ ସଂସ୍ଥା ମୋଟ ୧୦.୫୫ କୋଟି ଟଙ୍କା ବ୍ୟୟରେ ୧୭ଟି ହୋଟେଲ ପ୍ରୋଜେକ୍ଟ ମଞ୍ଜୁର କରିଛନ୍ତି । ତନ୍ମଧ୍ୟରୁ କଟକ ଓ ଭୁବନେଶ୍ୱରଠାରେ ଦୁଇଟି ହୋଟେଲରେ ବ୍ୟବସାୟ ଆରମ୍ଭ ହେଲାଣି ଏବଂ ୩ଟି ହୋଟେଲର ସଂପ୍ରସାରଣ କରାଯାଇଛି । ଅନ୍ୟ ୧୨ଟି ହୋଟେଲର କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଚାଲିଛି । ୧୯୮୩ ଶେଷସୁଦ୍ଧା ସବୁ ହୋଟେଲଗୁଡ଼ିକ ସ୍ୱୟଂ ସଂପୂର୍ଣ୍ଣ ଭାବେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବେ ବୋଲି ଆଶା କରାଯାଏ ।

ଓଡ଼ିଶାରେ ଇପିକଲ୍ ସଂସ୍ଥା ଯେଉଁ ହୋଟେଲ ପ୍ରୋଜେକଟଗୁଡ଼ିକ ମଂଜୁର କରିଛନ୍ତି, ତହିଁର ଏକ ସଂକ୍ଷିପ୍ତ ସୂଚନା ନିମ୍ନରେ ଦିଆଗଲା ।

| ସ୍ଥାନର ନାମ | ହୋଟେଲ ସଂଖ୍ୟା | ଖୋଲାଯାଇଥିବା ସୁଟ୍ ସଂଖ୍ୟା | ମୋଟ ସୁଟ୍ ସଂଖ୍ୟା | ମୋଟ ଶୀତତାପ ନିୟନ୍ତ୍ରିତ ସୁଟ୍ |
|---|---|---|---|---|
| କଟକ .. | ୨ | ୪୮ | ୯୬ | ୧୦ |
| ପୁରୀ .. | ୬ | .. | ୨୧୦ ଓ ୪୦ଟି କୁଟୀର | ୮୪ |
| ଭୁବନେଶ୍ୱର .. | ୭ | ୪୮ | ୩୧୬ | ୧୬୧ |
| ପାରାଦୀପ .. | ୨ | .. | ୭୫ | ୨୬ |



ଓବେରାଇ ଗ୍ରୁପ୍‌ର ପ୍ରସ୍ତାବିତ ହୋଟେଲ ପ୍ରୋଜେକ୍ଟ ଭୁବନେଶ୍ୱରଠାରେ ୩.୦୭ କୋଟି ଟଙ୍କା ବିନିଯୋଗରେ ଆରମ୍ଭ ହେବାକୁ ଯାଉଛି । ଏହା ଏକ ପଞ୍ଚତାରକା ହୋଟେଲ ହେବ ଏବଂ ଏଥିରେ ୭୨ଟି ସୁଟ୍ ରହିବ ।

ଭୁବନେଶ୍ୱରଠାରେ ଗୋଟିଏ ପଞ୍ଚ ତାରକା ହୋଟେଲ ନିର୍ମାଣ କରିବା ପାଇଁ ତାଜଗ୍ରୁପ୍ ପ୍ରସ୍ତାବ କରିଛନ୍ତି । ଇପିକଲ୍ ଓ ତାଜଗ୍ରୁପ୍ ଏ ଦିଗରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି ।

ଆପିଜେ ଓ ଆଇ. ଟି. ସି (ୱେଲକମ୍ ଗ୍ରୁପ୍) କୋଣାର୍କ ସୂର୍ଯ୍ୟ ମନ୍ଦିରଠାରେ ତାରକା ହୋଟେଲ ନିର୍ମାଣ କରିବାକୁ ପ୍ରସ୍ତାବ କରିଛନ୍ତି । ଏ ଦିଗରେ ଇପିକଲ୍ ସଂପୂର୍ଣ୍ଣ ସହଯୋଗ କରୁଛନ୍ତି ।

ସିଙ୍କ୍ଲେୟାର୍ ଗ୍ରୁପ୍ ଓ ଅନ୍ୟ ଦୁଇଟି ଗ୍ରୁପ୍ ଶ୍ରୀଜଗନ୍ନାଥ ଧାମ ତଥା ହିନ୍ଦୁ ସଂସ୍କୃତିର ପୀଠସ୍ଥଳୀ ପୁରୀଠାରେ ବିଳାସ-ପୂର୍ଣ୍ଣ ହୋଟେଲ ନିର୍ମାଣ କରୁଛନ୍ତି ।

ଓଡ଼ିଶାର ଇସ୍ପାତ ନଗରୀ ରାଉରକେଲାଠାରେ ତିନିଜଣ ଶିଳ୍ପୋଦ୍ୟୋଗୀ ତାରକା ହୋଟେଲମାନ ନିର୍ମାଣ କରିବାକୁ ପ୍ରସ୍ତାବ କରିଛନ୍ତି ।

ରାଜ୍ୟ ସରକାରଙ୍କ ସୁସ୍ପଷ୍ଟ ତଥା ଫଳପ୍ରଦ ଶିଳ୍ପନୀତି ଦୃଷ୍ଟିରୁ ମୁଖ୍ୟତଃ ବିଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାରେ ହୋଟେଲ ଶିଳ୍ପର ବିକାଶ ତ୍ୱରାନ୍ୱିତ ହୋଇପାରିଛି ।

ଆମର ଏହି ଉଦ୍ୟମ ପ୍ରତୀକ୍ଷମାଣ ଗୌରବୋଜ୍ଜ୍ୱଳ ଭବିଷ୍ୟତର ଅୟମାରମ୍ଭ ମାତ୍ର ।

ମ୍ୟାନେଜିଂ ଡ଼ାଇରେକ୍ଟର,
ଇପିକଲ ।

ଉନ୍ନତିର ଉଚ୍ଚକୋଟୀରେ ପହଞ୍ଚିବା ପାଇଁ ଯେଉଁ ବୁଦ୍ଧି, ମନୀଷା, ପରିଶ୍ରମ କରିବାର ଶକ୍ତି, ଜାତୀୟ ସଂପଦର ଉପାଦାନ ଆବଶ୍ୟକ, ତାହା ଓଡ଼ିଆ ଜାତି ଓ ଓଡ଼ିଶା ରାଜ୍ୟରେ ପୂରା ମାତ୍ରାରେ ଅଛି ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଦକ୍ଷିଣ ଓଡ଼ିଶାର ପର୍ଯ୍ୟଟନ ପୀଠ


ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଶାର ଦକ୍ଷିଣାଞ୍ଚଳ, ଅର୍ଥାତ୍ ଗଞ୍ଜାମ ଓ କୋରାପୁଟ ଦୁଇଟି ଜିଲ୍ଲାର ପ୍ରାକୃତିକ ପରିବେଶ ଅନ୍ୟାନ୍ୟ ଜିଲ୍ଲାମାନଙ୍କଠାରୁ ସ୍ୱତନ୍ତ୍ର । କାରଣ ଏଠିର ଏକ ଆଡ଼େ ପୂର୍ବଘାଟ ପର୍ବତମାଳା ତଥା ପ୍ରସାରିତ ଉଚ୍ଚ ମାଳଭୂମି ଏବଂ ଅନ୍ୟ ଆଡ଼େ ଚିଲିକା ସମେତ ନୀଳ ତରଙ୍ଗ-ସମାକୁଳ ବଙ୍ଗୋପସାଗର ଓ ସେଥିର ବେଳାଭୂମି ଅବସ୍ଥିତ । ଭୌଗୋଳିକ ପରିସ୍ଥିତି ଏ ଉଭୟ ଜିଲ୍ଲାକୁ ପ୍ରକୃତିର ଏକ ଶୋଭା ଭଣ୍ଡାରରେ ପରିଣତ କରିଛି । କଳିଙ୍ଗର ଏହା ଗୋଟିଏ କେନ୍ଦ୍ର ଥିଲା । ତେଣୁ ହଜାର ହଜାର ବର୍ଷର ଐତିହାସିକ ଘଟଣାବଳୀ ଏହି ଅଞ୍ଚଳ ବହନ କରିଛି । ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ କଳିଙ୍ଗ ରାଜଧାନୀ 'ସମାପା' ପବିତ୍ର ଋଷିକୁଲ୍ୟା ତଟରେ ସ୍ଥାପିତ ହୋଇଥିଲା । ଜଉଗଡ଼ର ଏକ ବିଶାଳ ଶିଳା ପୃଷ୍ଠରେ ଖୋଦିତ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଶିଳାଲେଖରୁ ଏହା ପ୍ରତିପାଦିତ ହୁଏ । ମହାରାଜ ଖାରବେଳଙ୍କ ରାଜଧାନୀଠାରୁ ଅନତି ଦୂରରେ ଅବସ୍ଥିତ ଚିଲିକା ହ୍ରଦରୁ ଶତ ଶତ ନୌକା ଯୋଗେ କଳିଙ୍ଗର ପଣ୍ୟଦ୍ରବ୍ୟ ବହନ କରି ଦୂର ଦେଶମାନଙ୍କରେ ବାଣିଜ୍ୟ ପ୍ରସାର କରୁଥିଲେ ଏ ଦେଶର ବଣିକ ସଂପ୍ରଦାୟ । ଅଦ୍ୟାପି ଚିଲିକା କୂଳରେ ବହୁ ନାବିକ ପଲ୍ଲୀ ରହିଥିବା ଦେଖାଯାଏ । ପୂର୍ବର ସେହି ବିଦେଶ ଯାତ୍ରା ତଥା ନୌ-ବାଣିଜ୍ୟ ଲୁପ୍ତ ହେବାରୁ କୈବର୍ତ୍ତମାନେ ଅଧୁନା ମତ୍ସ୍ୟ ବ୍ୟବସାୟ କରି ଜୀବିକା ନିର୍ବାହ କରନ୍ତି ।

ଗଞ୍ଜାମ ଜିଲ୍ଲାର ଯେଉଁ ଅଂଶରେ ଚିଲିକାକୂଳସ୍ଥ ପାଲୁର ଓ ଗଞ୍ଜାମ ବନ୍ଦର ଅବସ୍ଥିତ, ତାହା ଅଦ୍ୟାପି ଦର୍ଶନୀୟ ସ୍ଥାନ ରୂପେ ରହିଛି । ଚିଲିକାର ଶୋଭା ଭାରତରେ ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ ! କବିବର ରାଧାନାଥ ତାଙ୍କ କାବ୍ୟରେ ସେଥିର ପ୍ରାକୃତିକ ବିଭବ ବର୍ଣ୍ଣନା କରି ପାଠକମାନଙ୍କୁ ମୁଗ୍ଧ କରିଅଛନ୍ତି । 'ଚିଲିକା କାବ୍ୟ' ଯଦି ଇଂରାଜି ଓ ହିନ୍ଦି ଭାଷାରେ ଅନୁବାଦିତ ହୁଅନ୍ତା, ତେବେ ଓଡ଼ିଶା ବାହାରର ଲୋକେ ନିଶ୍ଚିତ ଭାବେ ଏଥିପ୍ରତି ଆକୃଷ୍ଟ ହୁଅନ୍ତେ । ରମ୍ଭାଠାରୁ ଚିଲିକାରେ ଭ୍ରମଣ କରିବା ଅତ୍ୟନ୍ତ ପ୍ରୀତିକର । ରମ୍ଭାରେ ବୈଦେଶିକ ପର୍ଯ୍ୟଟକଙ୍କ ବିଶ୍ରାମ ନେବା ସକାଶେ ଗୋଟିଏ ଉତ୍କୃଷ୍ଟ ପାନ୍ଥଶାଳା ଅଛି । ସେଠାରେ ମଧ୍ୟ ଡଙ୍ଗା ଓ ନାବିକମାନଙ୍କ ସମାବେଶ ହେତୁ ଯେ କୌଣସି ସମୟରେ ଚିଲିକା ମଧ୍ୟରେ ଅବସ୍ଥିତ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ସୁବିଧାଜନକ ହୁଏ ।

ବହୁ ପ୍ରକାର ପକ୍ଷୀ ଚିଲିକାର ଏହି ଅଂଶରେ ରହିଛନ୍ତି । ଆଉ ମଧ୍ୟ ବହୁ ସଂଖ୍ୟାରେ ପକ୍ଷୀମାନେ ଦୂର ଦେଶରୁ ନିର୍ଦ୍ଦିଷ୍ଟ ଋତୁରେ ଏଠାକୁ ଆସିଥାଆନ୍ତି । ତେଣୁ ପକ୍ଷୀମାନଙ୍କର ଏହା ଏକ ସ୍ୱାଭାବିକ ଚିଡ଼ିଆଖାନା କହିଲେ ଚଳେ । କେବଳ ପକ୍ଷୀ ନୁହନ୍ତି, ବହୁ ପ୍ରକାର ଜଳଜନ୍ତୁ ମଧ୍ୟ ଏଠାରେ ରହନ୍ତି । ବିଭିନ୍ନ ଜାତିର ମତ୍ସ୍ୟ ଚିଲିକାରେ ରହି ଥିବାରୁ ସ୍ଥାନୀୟ କୈବର୍ତ୍ତ-ମାନଙ୍କ ବ୍ୟବସାୟ ପନ୍ଥା ସୁଗମ ହୋଇ ପାରିଛି ।

ଗଞ୍ଜାମର ଦ୍ୱିତୀୟ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ର ହେଉଛି ଓଡ଼ିଶାର ଉଚ୍ଚତମ ମହେନ୍ଦ୍ରଗିରି । ଗଞ୍ଜାମ ଜିଲ୍ଲାର ଏକ ଆଡ଼େ ଚିଲିକା ଯେପରି ପ୍ରାକୃତିକ ବିଭବ ମଣ୍ଡିତ ଅନ୍ୟ ଦିଗରେ ସେପରି ମହେନ୍ଦ୍ରଗିରି ଶୋଭା ବିଭାସିତ ଗିରିଶୃଙ୍ଗ । ପ୍ରାଚୀନ ଯୁଗରେ କଳିଙ୍ଗର ଗଙ୍ଗବଂଶୀୟ ରାଜାମାନେ ତାଙ୍କ ଇଷ୍ଟ ଦେବତା ଗୋକର୍ଣ୍ଣେଶ୍ୱରଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ । ପୌରାଣିକ ଆଖ୍ୟାନମାନଙ୍କରୁ ଜଣାଯାଏ ଯେ, ପାଣ୍ଡବମାନେ ଏହି ଗିରି ଶୃଙ୍ଗରେ ତାଙ୍କ ବନବାସ ସମୟରେ କିଛିକାଳ ଅବସ୍ଥାନ କରି ଥିଲେ । ତାଙ୍କ ପୂର୍ବରୁ ସ୍ୱୟଂ ପର୍ଶୁରାମ ଏଠାରେ ଏକ ଆଶ୍ରମ ନିର୍ମାଣ କରି ତପସ୍ୟା କରୁଥିଲେ । ତେଣୁ ଏହା 'ପର୍ଶୁରାମ କ୍ଷେତ୍ର' ନାମରେ ମଧ୍ୟ ପରିଚିତ । ପର୍ଶୁରାମଙ୍କ ପବିତ୍ର କୁଣ୍ଡ ଏଠାରେ ଅଦ୍ୟାପି ବିଦ୍ୟମାନ । ରାମାୟଣ ଯୁଗରେ ମହାବୀର ହନୁମାନ ଏହି ପର୍ବତର ଶିଖର ଦେଶରୁ ଲମ୍ଫ ଦେଇ ଲଙ୍କାକୁ ଯାତ୍ରା କରିଥିଲେ । ବାଲ୍ମିକୀ-ରାମାୟଣର କିଷ୍କିନ୍ଧାକାଣ୍ଡ ଶେଷ ଅଧ୍ୟାୟରେ ଏହା ବର୍ଣ୍ଣିତ ହୋଇଅଛି । ଐତିହାସିକ ଯୁଗରେ ମହେନ୍ଦ୍ର ପର୍ବତରେ ଆଦିବାସୀ 'ପୁଳିନ୍ଦ' ବା 'ଶବର'ମାନେ ବାସ କରୁଥିଲେ । ଏକଦା ଜଣେ ଆଦିବାସୀ ନେତାଙ୍କ ନାମ ଥିଲା 'ପୁଳିନ୍ଦସେନ' । ସେ ବୃଦ୍ଧ ବୟସରେ ସ୍ୱୟମ୍ଭୂଙ୍କୁ ପ୍ରାର୍ଥନା କରିବା ଫଳରେ ପର୍ବତର ଶିଖର ଦେଶରେ ଗୋଟିଏ ବିରାଟ ପ୍ରସ୍ତର ଦ୍ୱିଖଣ୍ଡ ହୋଇ ଫାଟିବାରୁ ସେଥିରୁ ଏକ ସୁନ୍ଦର ଯୁବା ପୁରୁଷ ଉଦ୍ଭବ ହେଲେ । ତାଙ୍କ ନାମ ହେଲା 'ଶୈଳୋଦ୍ଭବ' । ସେ ହେଉଛନ୍ତି କୋଙ୍ଗଦ ରାଜ୍ୟର ଶୈଳୋଦ୍ଭବ ରାଜବଂଶର ଆଦି ପୁରୁଷ । ସେହି ରାଜବଂଶ ହିଁ



ଚିଲିକା ହ୍ରଦର ପାରିପାର୍ଶ୍ୱିକ ଅଞ୍ଚଳରେ ରାଜତ୍ୱ କରୁଥିଲେ । ମଧ୍ୟ ଯୁଗରେ ମହାରାଜ ହର୍ଷବର୍ଦ୍ଧନଙ୍କ ଆଗମନ ହେତୁ ଏଠାରେ ବୌଦ୍ଧମାନଙ୍କର ଏକ ମହା ସମ୍ମେଳନର ଆୟୋଜନ ହୋଇଥିଲା ।

ମହେନ୍ଦ୍ରାଞ୍ଚଳର ଶିଖର ଦେଶରେ କେତେଗୋଟି କ୍ଷୁଦ୍ର ମନ୍ଦିର ଅବସ୍ଥିତ । ତାହା କୁନ୍ତି, ଯୁଧିଷ୍ଠିର-ଭୀମଙ୍କ ନାମରେ ନାମିତ । ଏହା ସେଠାରୁ ପାଣ୍ଡବମାନଙ୍କର ଆଗମନ ସ୍ମରଣ କରାଇ ଦେଉଛି । ପ୍ରାୟ ୪,୯୦୦ ଫୁଟ ଉଚ୍ଚତା ବିଶିଷ୍ଟ ଗିରିଚୂଳରେ ଦଣ୍ଡାୟମାନ ହେଲେ ସେଠାରୁ ୧୫ କିଲୋମିଟର ଦୂରରେ ଥିବା ବାରୁଣୀ (ବାରୁଆଁ) ବନ୍ଦର ଦେଖାଯାଏ । ନୀଳ ସାଗର ଗର୍ଭରୁ ପ୍ରଭାତରେ ସୂର୍ଯ୍ୟୋଦୟର ଚମତ୍କାର ଶୋଭା ଏହି ଶିଖର ଦେଶରେ ଏକ ଅଭିନବ ଦୃଶ୍ୟ ସୃଷ୍ଟି କରେ । ଅନ୍ୟ ଦିଗରେ ପ୍ରାକୃତିକ ସୋପାନ ମାଳାର ପ୍ରାଚୁର୍ଯ୍ୟ ସଦୃଶ ପର୍ବତମାଳା ପଶ୍ଚିମ ଦିଗକୁ ଲମ୍ବିଯାଇ ପୃଥିବୀର ଚକ୍ରବାଳ ଭିତରେ ଆତ୍ମଗୋପନ କରିଛି । ବର୍ଷର ଅଧିକାଂଶ ସମୟ ମହେନ୍ଦ୍ର ଶିଖର ମେଘାଚ୍ଛନ୍ନ ହୋଇଥାଏ ।

ପ୍ରାୟ ଶହେବର୍ଷ ପୂର୍ବେ ଏଠାରେ ବ୍ରିଟିଶ ଶାସକଙ୍କ ପ୍ରସ୍ତାବକ୍ରମେ ଗୋଟିଏ ଶୈଳନିବାସ ସ୍ଥାପିତ ହେବା ସ୍ଥିର ହୋଇଥିଲା । କାରଣ ପ୍ରତ୍ୟହ ଛ'ଟି ଋତୁ ଏହି ସୁରମ୍ୟ ଅଞ୍ଚଳରେ କ୍ରୀଡ଼ା କରନ୍ତି । ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ହେମନ୍ତ ପର୍ଯ୍ୟାୟକ୍ରମେ ମହେନ୍ଦ୍ରର କପୋଳ ଚୁମ୍ବନ କରି ପ୍ରତ୍ୟହ ଚାଲିଯାନ୍ତି । ବହୁ ଫଳ ପୁଷ୍ପରେ ଉତ୍‌ଫୁଲ୍ଲିତ ପର୍ବତ ଗାତ୍ରରେ କେତେ ଯେ ଅଜ୍ଞାତ ଔଷଧି ଗୁଳ୍ମଲତା ପୂରି ରହିଛି ତାହା କଳ୍ପନା କରାଯାଇ ନାହିଁ । ଆୟୁର୍ବେଦ ଗବେଷଣା ପାଇଁ ତାହା ଯେପରି ପ୍ରଶସ୍ତ କ୍ଷେତ୍ର ବିସ୍ତାର କରି ଅପେକ୍ଷା କରୁଛି । କିନ୍ତୁ ଓଡ଼ିଶାର ଏକ ଅଜ୍ଞାତ ଉପାନ୍ତ ଅଞ୍ଚଳରେ ଏହି ମହା ସଂପଦପୂର୍ଣ୍ଣ ଭଣ୍ଡାରଟି ଅଦ୍ୟାପି ଅନାବିଷ୍କୃତ ହୋଇ ରହିଛି । ପବିତ୍ର ଶିବ ରାତ୍ରି ଦିନ ଏଠାରେ ଗୋଟିଏ ବଡ଼ ଯାତ୍ରା ହୁଏ ସହସ୍ର ସହସ୍ର ଯାତ୍ରୀ ନିକଟବର୍ତ୍ତୀ ଅଞ୍ଚଳରୁ ଆସି ଗୋକର୍ଣ୍ଣେଶ୍ୱର ଶିବଙ୍କୁ ଦର୍ଶନ କରି ପର୍ଶୁରାମ କୁଣ୍ଡ ଜଳ ସେବା କରି ଓ ଶୈଳୋଦଭବ ବିଶୀର୍ଣ୍ଣ ପ୍ରସ୍ତର ମଧ୍ୟରେ ପାର ହୋଇ ଆତ୍ମାର କଳୁଷରାଶି ପ୍ରକ୍ଷାଳିତ ହେଲା ବୋଲି ମନେ କରନ୍ତି । ବହୁ ବର୍ଷର ଚେଷ୍ଟା ଫଳରେ 'ବୁରଖାତ' ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଓଡ଼ିଶା ସରକାର ନିର୍ମାଣ କରିଅଛନ୍ତି । ଆନ୍ଧ୍ର ସରକାର ଅଦ୍ୟାବଧି ତାଙ୍କ ଅଞ୍ଚଳରେ ମଞ୍ଜୁଷାଠାରୁ ମହେନ୍ଦ୍ର ଆରୋହଣ ପାଇଁ ରାସ୍ତାର ସୁବିଧା କରି ପାରି ନାହାନ୍ତି । ତଥାପି ସେ ଆଡୁ ମଧ୍ୟ ପାଦରେ ଚାଲି ଚାଲି ବହୁ ଯାତ୍ରୀ ପର୍ବତ ଆରୋହଣ କରନ୍ତି ।

ମହେନ୍ଦ୍ରକୁ ଲାଗି ତୁମ୍ବା, ଜିରାଙ୍ଗ, ଅଜୟଗଡ଼, ରାମଗିରି ପ୍ରଭୃତି ଯେଉଁ ପର୍ବତମାଳା ପଶ୍ଚିମ ଦିଗକୁ ବିସ୍ତାରିତ ହୋଇଛି ସେଥିରେ କମଳା ଓ ଲେମ୍ବୁ ଜାତୀୟ ଫଳ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ । କଫି-ବଗିଚା ପାଇଁ ଏହା ଏକ ଉତ୍କୃଷ୍ଟ ଅଞ୍ଚଳ । କାରଣ, ଗିରି ଝରଣା ଓ ଛାୟାଶୀତଳ ସ୍ଥାନରେ ହିଁ ଏହି ବୃକ୍ଷଗୁଡ଼ିକ ପୁଷ୍ଟ ହୋଇ ବଢ଼ି ପାରନ୍ତି । ବୁରୁଖାତଠାରୁ ଅଳ୍ପବାଟ ପର୍ବତ ଆରୋହଣ କଲେ ପ୍ରଥମେ ଯୁଧିଷ୍ଠିର ଦେଉଳ ଦେଖାଯାଏ । ସେଠାରେ ଚୋଳ ବଂଶୀୟ ମହାରାଜ ରାଜେନ୍ଦ୍ର ଚୋଳଙ୍କର ଗୋଟିଏ ଶିଳାଲେଖ ଏବଂ ଓଡ଼ିଶାର ଗଙ୍ଗବଂଶୀୟ ମହାରାଜା ଚୋଡ଼ଗଙ୍ଗ ଦେବଙ୍କର ଅନ୍ୟ ଏକ ଶିଳାଲେଖ ବିଦ୍ୟମାନ । 'ମହେନ୍ଦ୍ରଗଡ଼' ନାମରେ ଗୋଟିଏ ପ୍ରାଚୀନ ଦୁର୍ଗ ଓଡ଼ିଶାର ମହାରାଜା କପିଳେନ୍ଦ୍ରଦେବ ଏଠାରେ ବ୍ୟବହାର କରିଥିବା ପ୍ରସଙ୍ଗ 'ମାଦଳା ପାଞ୍ଜି'ରେ ଉଲ୍ଲେଖ ହୋଇଅଛି । ପାରଳାଖେମୁଣ୍ଡିରୁ ବସରେ ମଞ୍ଜୁଷା ଗଲାବେଳେ ପଥ ମଧ୍ୟରେ ମହେନ୍ଦ୍ରଗଡ଼ ନାମକ ଗ୍ରାମ ଦେଖାଯାଏ । ସେହି ଗ୍ରାମର ଅଳ୍ପ ଦୂରରେ କପିଳେନ୍ଦ୍ରଙ୍କ ବ୍ୟବହୃତ ଗିରିଦୁର୍ଗଟି ଅବସ୍ଥିତ ।


ମହେନ୍ଦ୍ରଗିରିର ଶିଖର ଆରୋହଣ ସକାଶେ ଅଳ୍ପ ଦୂର ଯଦି ରାସ୍ତା ନିର୍ମାଣ କରାଯାଆନ୍ତା ଏବଂ ସେଠାରେ

ଗୋଟିଏ ପାନ୍ଥଶାଳା ନିର୍ମିତ ହୁଅନ୍ତା, ତେବେ ଏହା ଯେ ଓଡ଼ିଶାର ଏକ ଲୋଭନୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇ ପାରନ୍ତା, ଏଥିରେ ଆଦୌ ସନ୍ଦେହ ନାହିଁ ।

ଗଞ୍ଜାମର ଅନ୍ୟ ତିନୋଟି କ୍ଷୁଦ୍ର ପର୍ଯ୍ୟଟନ କେନ୍ଦ୍ର ହେଉଛି (୧) ତାରାତାରିଣୀ, (୨) ଗୋପାଳପୁର ବନ୍ଦର ଓ (୩) ତପ୍ତପାଣି । ତାରାତାରିଣୀ ଗୋଟିଏ ପାହାଡ଼ । ଏଥିରେ ତିନିଆଡ଼େ ଋଷିକୂଲ୍ୟା ନଦୀ ବକ୍ରଗତିରେ ପ୍ରବାହିତ । ପାହାଡ଼ର ଶିଖର ଦେଶରେ ତାରା ଓ ତାରିଣୀ ନାମକ ଦୁଇ ଦେବୀଙ୍କ ଆସ୍ଥାନ । କେବଳ ଦୁଇଟି ପ୍ରସ୍ତର ଖଣ୍ଡରେ ହିଁ ଦେବୀଙ୍କୁ କଳ୍ପନା କରାଯାଉଛି । ଅତି ପୂର୍ବକାଳରେ ଏହା ଆଦିବାସୀ କନ୍ଧ ଓ ଶବରମାନଙ୍କ ବାସସ୍ଥଳୀ ଥିଲା । କାଳକ୍ରମେ ଶିକ୍ଷିତ ଆର୍ଯ୍ୟ ସଂପ୍ରଦାୟ ସେଠାକୁ ଆସି ବସତି ସ୍ଥାପନ କଲେ । ତାପରେ ଆଦିବାସୀମାନେ ଅନ୍ୟତ୍ର ବଣଜଙ୍ଗଲକୁ ପଳାୟନ କଲେ । କିନ୍ତୁ ସେମାନଙ୍କ ପୂଜିତ ଦେବଦେବୀ ସ୍ଥାନାନ୍ତରିତ ନ ହୋଇ ମୂଳ ସ୍ଥାନରେ ରହିବାରୁ ତାଙ୍କୁ ବିଭିନ୍ନ ନାମରେ ନାମିତ କରି ଶିକ୍ଷିତ ସଂପ୍ରଦାୟ ଆରାଧନା କରିବାକୁ ଲାଗିଲେ । ତେଣୁ ରୂପହୀନ ପ୍ରସ୍ତର ଖଣ୍ଡରେ 'ତାରାତାରିଣୀ' ନାମରେ ଦେବୀ ପୂଜିତ ହେଉଛନ୍ତି । ବୌଦ୍ଧମାନେ ମଧ୍ୟ ତାରା ରୂପେ ତାଙ୍କୁ ପୂଜା କରୁଥିଲେ । ତାନ୍ତ୍ରିକ ଯୁଗରେ ପ୍ରଚୁର ପରିମାଣରେ ମେଷବଳୀ ଦେଇ ଆଶ୍ୱିନ ମାସରେ ଦେବୀଙ୍କ ପୂଜା ସଂପନ୍ନ ହୁଏ । କେଉଁ ଆଦିମ କାଳରୁ ଏଠାରେ ମହାଆଡ଼ମ୍ବରରେ ଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଥିଲା । ମହାରାଜା ଅଶୋକ କଳିଙ୍ଗର ଲକ୍ଷ ଲକ୍ଷ ଲୋକଙ୍କୁ ନିହତ କରି ଯେତେବେଳେ 'ଧର୍ମାଶୋକ' ନାମ ବହନ କଲେ ଏବଂ ଅହିଂସ ବୌଦ୍ଧ ଧର୍ମରେ ଦୀକ୍ଷିତ ହେଲେ, ସେତେବେଳେ ମଧ୍ୟ ଏଠାରେ ଛାଗ ଓ କୁକ୍କୁଟ ବଳୀ ଦେଇ ଦେବୀଙ୍କ ଆରାଧନା କରାଯାଉଥିଲା । ତେଣୁ ଅଶୋକ ତାଙ୍କ ଜଉଗଡ଼ ଅନୁଶାସନରେ କଳିଙ୍ଗର ରାଜକର୍ମଚାରୀମାନଙ୍କୁ ଲକ୍ଷ୍ୟ କରି ଆଦେଶ ଦେଇଥିଲେ— "ଖପିଙ୍ଗଳ ପର୍ବତରେ ଯେଉଁ ଉତ୍ସବ ଅନୁଷ୍ଠିତ ହେଉଛି— ସେଥିରେ ବହୁ ସଂଖ୍ୟକ ଜୀବଙ୍କୁ ହତ୍ୟା କରାଯାଉଛି । ଲୋକମାନଙ୍କୁ ବୁଝାଇ ସେହି ହିଂସାତ୍ମକ ଆଚରଣ ବନ୍ଦ କରିବା ଆବଶ୍ୟକ ।" ତାରାତାରିଣୀ ପାହାଡ଼ଠାରୁ ଅଳ୍ପ ଦୂରରେ ଜଉଗଡ଼ଠାରେ ଅଶୋକଙ୍କର ପ୍ରସ୍ତରିତ ଧର୍ମଲିପି ବିଦ୍ୟମାନ । ଏଣୁ ଏହା ପର୍ଯ୍ୟଟକମାନଙ୍କ ପକ୍ଷରେ ଏକ ଦର୍ଶନୀୟ ସ୍ଥାନ । ପୁରୁଷୋତ୍ତମପୁର ନିକଟରେ ତାରାତାରିଣୀ ପାହାଡ଼ ଅଛି । ସେଠାରୁ ପ୍ରାୟ ୭ ମାଇଲ ଦୂରରେ ପାଣ୍ଡିଆ ଗ୍ରାମ ନିକଟସ୍ଥ ଏକ କ୍ଷୁଦ୍ର ପାହାଡ଼ରେ ଅଶୋକଙ୍କର ସୁପ୍ରସିଦ୍ଧ କଳିଙ୍ଗ ଲିପି 'ଜଉଗଡ଼ ଅନୁଶାସନ' ଦେଖିବାକୁ ମିଳେ । ଏହା ୨୪ ବା ୨୫ ପଂକ୍ତି ବିଶିଷ୍ଟ ଏବଂ ପ୍ରାୟ ୧୦୦ ଫୁଟ ଲମ୍ବର ଏକ ବିରାଟ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଅଛି । ସେଥିର ଉପରି ଅଂଶରେ ହସ୍ତୀର ମସ୍ତକ ସଦୃଶ ଗୋଟିଏ ବିଶାଳ ପ୍ରସ୍ତରକୁ ସ୍ଥାନୀୟ ଲୋକେ 'କନକ ଦୁର୍ଗା' ଆଖ୍ୟା ଦେଇ ଆରାଧନା କରନ୍ତି । କୁମାର ପୂର୍ଣ୍ଣିମା ଦିନ ଏଠାରେ 'ଗମା—ଉତ୍ସବ' ସଙ୍ଗେ 'ଯୋଗୀ ଆମମ୍ମା' ଉତ୍ସବ ମଧ୍ୟ ଅନୁଷ୍ଠିତ ହୁଏ । ଏଠାରୁ ଅଳ୍ପ ଦୂରରେ ଉତ୍ତରକୁ କାଳେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ । ଜଉଗଡ଼ର ଚତୁର୍ଦ୍ଦିଗରେ ନୂଆଗାଁ, ଡୋଳପଲ୍ଲୀ, ବାଣନଇ, ଖଣ୍ଡିଡ଼ା, ରାଜପୁର, ପାଣ୍ଡିଆ ପ୍ରଭୃତି ଗ୍ରାମଗୁଡ଼ିକ ଅବସ୍ଥିତ । ଏହା ଏକ ପଲ୍ଲୀ ବହୁଳ—ଜନାକୀର୍ଣ୍ଣ ସ୍ଥାନ ହୋଇଥିଲେ ସୁଦ୍ଧା ଉତ୍ତମ ରାସ୍ତାର ଅଭାବ ଅନୁଭୂତ ହୁଏ । ବ୍ରହ୍ମପୁର ଠାରୁ ଖଲିକୋଟ ପର୍ଯ୍ୟନ୍ତ ଯେ କୌଣସି ରେଳଷ୍ଟେସନରୁ ତାରାତାରିଣୀ ତଥା ଜଉଗଡ଼ ଯାତ୍ରା କରିବାକୁ ରାସ୍ତା ପଡ଼ିଛି । କିନ୍ତୁ ମରାମତି ଅଭାବରୁ କେତେକ ରାସ୍ତାରେ ବସ ଓ ମଟର ଯିବା ସମ୍ଭବ ହେଉନାହିଁ ।

ଗୋପାଳପୁର ଗୋଟିଏ କ୍ଷୁଦ୍ର ବନ୍ଦର । ଏହା ବ୍ରହ୍ମପୁରଠାରୁ ପ୍ରାୟ ୧୦ ମାଇଲ ଦୂରରେ ଅବସ୍ଥିତ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ 'ଭଞ୍ଜବିହାର'ଠାରୁ ମାତ୍ର ୫ କିଲୋମିଟର ଦୂରରେ ଗୋପାଳପୁର ଅବସ୍ଥିତ । ଏହା ଗଞ୍ଜାମର ଏକ ଉତ୍କୃଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର । ତେଣୁ କଲିକତା ଓ ମାଡ୍ରାଜରୁ ମଧ୍ୟ ବହୁ ପର୍ଯ୍ୟଟକ ଆସି ଗ୍ରୀଷ୍ମ ଋତୁରେ ଏଠା ସାମୁଦ୍ରିକ ହୋଟେଲରେ ପୂର୍ବେ ରହୁଥିଲେ । ବର୍ତ୍ତମାନ ଏଠାରେ ଦୁର୍ଲ୍ଲଭ—ମୃତ୍ତିକା ( Rare earth ) ଖୋଦନ ଓ ସେଥିରେ ରପ୍ତାନୀ ପାଇଁ ଗୋଟିଏ ନୂତନ ପ୍ରକଳ୍ପ ଭାରତ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଛି ।





ତପ୍ତପାଣିର ଉଷ୍ଣ ପ୍ରସ୍ରବଣ ଗଞ୍ଜାମର ବଡ଼ଖିମୁଣ୍ଡି ତାଲୁକାରେ ଅବସ୍ଥିତ । ଏଠାରେ ସ୍ନାନ କଲେ ବହୁ ଚର୍ମରୋଗଗ୍ରସ୍ତ ଲୋକେ ମୁକ୍ତ ହୁଅନ୍ତି । ଏହି ବିଶ୍ୱାସରେ ପ୍ରତ୍ୟହ ସେଠାରେ ଯଥେଷ୍ଟ ଜନ ସମାଗମ ହୁଏ । ଏହା ବ୍ରହ୍ମପୁର–ପାରଳାଖେମୁଣ୍ଡି ରାସ୍ତା ମଧ୍ୟରେ ଅବସ୍ଥିତ । ଏହି ଉଷ୍ଣକୁଣ୍ଡ ନିକଟରେ ଏକ ଡାକ ବଙ୍ଗଳା ଅବସ୍ଥିତ । ଚତୁର୍ଦ୍ଦିଗର ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ବନଭୂମିର ନିବିଡ଼ ଛାୟା ତଥା ଏ ସ୍ଥାନର ପ୍ରାକୃତିକ ଶୋଭା ଜନମାନସକୁ ଆକୃଷ୍ଟ କରେ ।


## କୋରାପୁଟ ଜିଲ୍ଲା

କୋରାପୁଟ ଜିଲ୍ଲାରେ ପର୍ଯ୍ୟଟକଙ୍କ ପାଇଁ ଗୋଟିଏ ମୁଖ୍ୟ କେନ୍ଦ୍ର ହେଉଛି ଗୁପ୍ତେଶ୍ୱର । ଜୟପୁରଠାରୁ ସେଠାକୁ ଯିବା ପାଇଁ ସୁନ୍ଦର ରାସ୍ତା ପଡ଼ିଛି । ଏହା ନିକଟରେ ରାମଗିରି ନାମକ ଏକ ପର୍ବତ ବିଦ୍ୟମାନ । ପଣ୍ଡିତମାନଙ୍କ ମତରେ ଗୁପ୍ତଯୁଗରେ ସେଠାରେ ଗୋଟିଏ ଆଶ୍ରମ ଥିଲା ଓ ତାହା ମୁନିତପସ୍ୱୀମାନଙ୍କ ବାସସ୍ଥାନ ହେବାରୁ ମହାକବି କାଳିଦାସ ତାଙ୍କ 'ମେଘଦୂତ" ଖଣ୍ଡ କାବ୍ୟରେ 'ରାମଗିରି–ଆଶ୍ରମ' ବିଷୟ ଉଲ୍ଲେଖ କରିଅଛନ୍ତି । ରାମାୟଣ–ଯୁଗରେ ଶ୍ରୀରାମଚନ୍ଦ୍ର ତାଙ୍କ ଭ୍ରାତା ଲକ୍ଷ୍ମଣ ଓ ସତୀଶିରୋମଣି ସୀତାଙ୍କ ସଙ୍ଗେ ଦଣ୍ଡକାରଣ୍ୟରେ ଭ୍ରମଣ କରୁଥିବାବେଳେ ତାଙ୍କ ପାଦସ୍ପର୍ଶରେ 'ରାମଗିରି–ଆଶ୍ରମ' ପବିତ୍ରିତ ହୋଇଥିବା ପ୍ରସଙ୍ଗ କାଳିଦାସ ଖ୍ରୀଷ୍ଟାବ୍ଦ ପ୍ରାୟ ୪ର୍ଥ ବା ୫ମ ଶତାବ୍ଦୀରେ ଉଲ୍ଲେଖକରି ଅଛନ୍ତି । ଏଠାରୁ ଅଳ୍ପ ଦୂରରେ ପୁଣ୍ୟତୋୟା ଗୋଦାବରୀ ପ୍ରବାହିତ ହୁଏ । ତାହା ମଧ୍ୟ ଦଣ୍ଡକାରଣ୍ୟ ମଧ୍ୟରେ ଅବସ୍ଥିତ । ଗୋଦାବରୀ କୂଳରେ ପଞ୍ଚବଟୀ ନାମକ ସ୍ଥାନରେ ରାମଚନ୍ଦ୍ର ଗୋଟିଏ କୁଟୀର ନିର୍ମାଣ କରି ବର୍ଷାକାଳରେ ଅବସ୍ଥାନ କରିଥିବା ବିଷୟ 'ଆରଣ୍ୟକ କାଣ୍ଡ'ରେ ବର୍ଣ୍ଣିତ ହୋଇଅଛି ।

ଗୁପ୍ତେଶ୍ୱର ଏକ ପ୍ରସିଦ୍ଧ ଶୈବକ୍ଷେତ୍ର । ଗୋଟିଏ ବିରାଟ ଗହ୍ୱର ମଧ୍ୟରେ ଶିବଲିଙ୍ଗକୁ ପୂର୍ବେ କେଉଁ ତପସ୍ୱୀମାନେ ଆରାଧନା କରୁଥିବା ଏଥିରୁ ପ୍ରମାଣିତ ହୁଏ । ଶିବରାତ୍ରି ଦିନ ଏଠାକୁ ବିଭିନ୍ନ ଅଞ୍ଚଳରୁ ସହସ୍ର ସହସ୍ର ଯାତ୍ରୀଙ୍କ ସମାଗମ ହୁଏ । ଏଠାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ରମଣୀୟ ।

ଗୁପ୍ତେଶ୍ୱର ପରି ଗୁଣୁପୁରଠାରୁ ପ୍ରାୟ ୧୫ ମାଇଲ ଦୂରରେ ଅବସ୍ଥିତ ଜଗମଣ୍ଡା ପାହାଡ଼ ଅନ୍ୟ ଏକ ଦର୍ଶନୀୟ ସ୍ଥାନ । ଏ ପାହାଡ଼ ନିକଟରେ ପଦ୍ମପୁର ଗ୍ରାମ ଅବସ୍ଥିତ । ଅଳ୍ପ ଦୂରରେ ବଂଶଧାରା ନଦୀ ପ୍ରବାହିତ ହୁଏ । ଜଗମଣ୍ଡା ପାହାଡ଼ଟି ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗ ଗୋଟିଏ ବିରାଟ କ୍ରମବର୍ଦ୍ଧିତ ପ୍ରସ୍ତର ଖଣ୍ଡରେ ପୂର୍ଣ୍ଣ ଓ ବୃକ୍ଷଲତା ବିହୀନ । ସେଥିର ଶୀର୍ଷ ଦେଶରେ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ୭ଟି ମାତ୍ର ବିରାଟ ପ୍ରସ୍ତର ଦ୍ୱାରା ନିର୍ମିତ ହୋଇ ଦର୍ଶକଙ୍କୁ ଚମତ୍କୃତ କରୁଛି । ଏତେ ବଡ଼ ବଡ଼ ମସୃଣ ପ୍ରସ୍ତର ବିନା କ୍ରେନ୍ ସାହାଯ୍ୟରେ କିପରି ଉତ୍ତୋଳିତ ହେଲା–ସେ କଥା ଚିନ୍ତା କଲେ ବିସ୍ମୟ ଜାତ ହୁଏ । ପୂର୍ବେ ଆମ ଦେଶର ଶିଳ୍ପୀ ଓ ଶ୍ରମିକମାନଙ୍କ ଚାତୁର୍ଯ୍ୟ ଓ ପରାକ୍ରମ ଯେ ଅତି ଉନ୍ନତ ଅବସ୍ଥାରେ ଥିଲା ଏଥିରେ ଆଦୌ ସନ୍ଦେହ ନାହିଁ । ମନ୍ଦିରଟି ଆକୃତିରେ କ୍ଷୁଦ୍ର–ଏକକାଳୀନ ୨ ବା ୩ ଜଣରୁ ବେଶି ଲୋକ ତା' ଭିତରେ ରହି ପାରିବେ ନାହିଁ । ଶକ୍ତି ବିହୀନ କ୍ଷୁଦ୍ର ଶିବ ଲିଙ୍ଗ ଏଠାରେ ଦେଖାଯାଏ । ଏପରି ଶକ୍ତି ନ ଥିବା ଲିଙ୍ଗ ଅନ୍ୟତ୍ର କେଉଁ ମନ୍ଦିରରେ ଆମ୍ଭେ ଦେଖି ନାହୁଁ । ସୁତରାଂ ମନରେ ସନ୍ଦେହ ହୁଏ, ପୂର୍ବେ ହୁଏତ ଅନ୍ୟ କିଛି କ୍ଷୁଦ୍ରାକୃତି ବିଗ୍ରହ ଏଠାରେ ପ୍ରତିଷ୍ଠାପିତ କରିଥିଲେ ।

ଏହି କ୍ଷୁଦ୍ର ମନ୍ଦିରର ବାହାର ପାର୍ଶ୍ୱସ୍ଥ ଗୋଟିଏ ପ୍ରସ୍ତର ଗାତ୍ରରେ ଦୁଇ ପଂକ୍ତି ବିଶିଷ୍ଟ ଶିଳାଲେଖ ଖୋଦିତ ହୋଇଅଛି । ସେଥିରେ ତିନୋଟି ନାମମାତ୍ର ଆମ୍ଭେ



ପାଠ କରିହୁଏ । ଯଥା:—(୧) ଶ୍ରୀଚନ୍ଦ୍ରଲେଖ (୨) ଉଦଖନ୍ ଓ (୩) ଧର୍ମକୀର୍ତ୍ତି । ସମ୍ଭବତଃ ସେମାନେ ଗୁରୁ ପରଂପରା ହୋଇ ଥିବାରୁ କେହି ପରବର୍ତ୍ତୀ ଯୁଗର ଶିଷ୍ୟ ସେମାନଙ୍କ ନାମ ସ୍ମରଣାର୍ଥେ ମନ୍ଦିରର ଭିତ୍ତିଗାତ୍ରରେ ଏହା ଖୋଦିତ କରିଥିବେ । ଧର୍ମକୀର୍ତ୍ତି ନାମକ ଜଣେ ସୁପ୍ରସିଦ୍ଧ ନୈୟାୟିକ ବୌଦ୍ଧ ପଣ୍ଡିତ କଳିଙ୍ଗରେ ଖ୍ରୀ:୭ମ ଶତାବ୍ଦୀରେ ଥିବା ଜଣାଯାଏ । ତାଙ୍କ ରଚିତ ବହୁଗ୍ରନ୍ଥ ମଧ୍ୟରୁ 'ନ୍ୟାୟବିନ୍ଦୁ' ଭାରତୀୟ ଦର୍ଶନର ଏକ ପ୍ରସିଦ୍ଧ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ । ବୌଦ୍ଧତ୍ରିପୀଟକର ଉତ୍କୃଷ୍ଟ ଭାଷ୍ୟ ମଧ୍ୟ ସେ ପ୍ରଣୟନ କରିଥିବା କଥିତ ହୁଏ । ନାଳନ୍ଦା ବିଶ୍ୱବିଦ୍ୟାଳୟର ମୁଖ୍ୟ ଅଧ୍ୟାପକ ରୂପେ ସେ କିଛିକାଳ ଅବସ୍ଥାନ କରିଥିବା ମଧ୍ୟ କଥିତ ହୁଏ । ସମ୍ଭବତଃ ସେହି ଭାରତର ବିଖ୍ୟାତ ବୌଦ୍ଧ ପଣ୍ଡିତ ଏଠାରେ ରହି ବିଦ୍ୟାଭ୍ୟାସ କରି ଥିବାରୁ ପରବର୍ତ୍ତୀ ଯୁଗର କେହି ଶିଷ୍ୟଙ୍କ ଦ୍ୱାରା ଏ ଲିପି ଖୋଦିତ ହୋଇଥିବ । କାରଣ ଲିପିତତ୍ତ୍ୱ ଅନୁସାରେ ଏଥିରେ ସମୟ ଖ୍ରୀ ୮ମ ବା ୯ମ ଶତାବ୍ଦୀ ବୋଲି ଧାର୍ଯ୍ୟ ହୋଇପାରେ ।


ସେ ଯାହାହେଉ, ଭାରତର ଜଣେ ଶ୍ରେଷ୍ଠ ପଣ୍ଡିତ ଯଦି ଏଠାରେ ରହିଥିବା ପ୍ରମାଣିତ ହୁଏ, ତା'ହେଲେ ଜଗମଣ୍ଡା ପାହାଡ଼ ଯେ ଏକ ବିଶିଷ୍ଟ ଦର୍ଶନୀୟ ସ୍ଥାନ ରୂପେ ପରିଚିତ ହେବ ଏବଂ ବୌଦ୍ଧ ଭକ୍ତମାନଙ୍କ ଏକ ବିଶିଷ୍ଟ ତୀର୍ଥ କ୍ଷେତ୍ରରେ ପରିଣତ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ ।

ଜଗମଣ୍ଡା ପାହାଡ଼ର ଦ୍ୱିତୀୟ ଭାଗରେ ଚନ୍ଦ୍ରଶେଖରଙ୍କ ମନ୍ଦିର ଅବସ୍ଥିତ । ଏହା ଏକ ରେଖ ଦେଉଳ ଓ କାରୁକାର୍ଯ୍ୟ ବିମଣ୍ଡିତ । ଖ୍ରୀ:୭ମ ଶତାବ୍ଦୀରେ ନିର୍ମିତ ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର ପ୍ରତୀକ ଏହିର କାରୁକାର୍ଯ୍ୟ ଓଡ଼ିଶାରେ ମନ୍ଦିର ଶିଳ୍ପର ଆଦିମ ଅବସ୍ଥା ସୂଚିତ କରେ । ସମୁଦାୟ ପାହାଡ଼ର ପରିବେଶ ପ୍ରାଚୀନ ଯୁଗର କଥା ଓ ଐତିହାସିକ ତଥ୍ୟନେଇ ପୂର୍ଣ୍ଣତା ଲାଭ କରିଛି ।

ଚିତ୍ରକର ଷ୍ଟ୍ରିଟ୍,
ପାରଳା ଖେମୁଣ୍ଡି ।

—

# ଅନୁଗ୍ରହ କରି ଉପହାର ଆଣିବେ ନାହିଁ...



**ଷ୍ଟେଟ ବ୍ୟାଙ୍କ ଗିଫ୍ଟ ଚେକ ଛଡ଼ା—**
ଯେ କୌଣସି ଉତ୍ସବ ଅବସରରେ ଏହା ଆଦର୍ଶ । ଟ.୧୧, ଟ.୨୫, ଟ.୫୧ ଓ ଟ.୧୦୧ ମୂଲ୍ୟରେ ଏହା ପାଇବେ । ବିନା ଶୁଳ୍କରେ ଆପଣ ଗିଫ୍ଟ ଚେକ୍ ଖରିଦ କରି ପାରିବେ ଓ ଭଙ୍ଗେଇ ପାରିବେ । ଆପଣଙ୍କ ଆକାଉଣ୍ଟରେ ମଧ୍ୟ ଜମା ଦେଇ ପାରିବେ ।

**ଷ୍ଟେଟ ବ୍ୟାଙ୍କ**

# ଓଡ଼ିଶାର ଆଦିବାସୀ ଓ ପଲ୍ଲୀଜୀବନ

## ପର୍ଯ୍ୟଟନ ଦୃଷ୍ଟିଭଙ୍ଗୀ

ଡକ୍ଟର ଲକ୍ଷ୍ମଣ କୁମାର ମହାପାତ୍ର



ପ୍ରାଗ୍ ଐତିହାସିକ କାଳରୁ ଓଡ଼ିଶା ଅଞ୍ଚଳରେ ମାନବର କଳା, କାରିଗରୀ ଓ ସଂସ୍କୃତିର ଐଶ୍ୱର୍ଯ୍ୟ ଦେଖିବାକୁ ମିଳେ । ଓଡ଼ିଶା ଯେ କେବଳ ଜୈନ, ବୌଦ୍ଧ ଏବଂ ହିନ୍ଦୁ ସଭ୍ୟତାର କଳା ଭାସ୍କର୍ଯ୍ୟ ଓ ଶିଳ୍ପ ନୈପୁଣ୍ୟ ପାଇଁ ବିଖ୍ୟାତ, ତାହା ନୁହେଁ । ଏହି ଓଡ଼ିଶାରେ ବୈଚିତ୍ର୍ୟମୟ ଆଦିବାସୀ ସଂପ୍ରଦାୟ ବିଭିନ୍ନ ଅଞ୍ଚଳରେ ନିଜର ବିଶିଷ୍ଟ ସାଂସ୍କୃତିକ ପରଂପରା ବଜାୟ ରଖି ଆସିଛନ୍ତି ଏବଂ ଦୂର ଦୂରାନ୍ତର ଗ୍ରାମାଞ୍ଚଳରେ ଓଡ଼ିଆ ସଂସ୍କୃତିର ଭିନ୍ନ ଭିନ୍ନ ପରିବେଶ ଓ ରୂପ ସମ୍ଭାରକୁ ନେଇ ଗ୍ରାମବାସୀମାନେ ଜୀବନ ରସ ଆସ୍ୱାଦନ କରିଥାଆନ୍ତି । ଏହି ସବୁ ଜୀବନ୍ତ ସଂସ୍କୃତି ଏବଂ ବିଦ୍ୟମାନ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ବହୁଗୁଣରେ ଆକର୍ଷଣୀୟ ।

ସାଂସ୍କୃତିକ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟକୁ ବିଚାର କଲେ, ଓଡ଼ିଶାରେ ଲୋକ ସଂସ୍କୃତିକୁ ଆଧାର କରି ରାଜ୍ୟର ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ ଓ ଉତ୍ତର–ପୂର୍ବାଞ୍ଚଳର ବିଶେଷତ୍ୱ ଉପଲବ୍ଧି କରାଯାଏ । ସେହିପରି ଆଦିବାସୀ ସଂସ୍କୃତିକୁ ଆଧାର କରି ଉତ୍ତରାଞ୍ଚଳର ମୁଣ୍ଡାରି ଜନଜାତି ଓ ଓଡ଼ିଆ ଭାଷୀ ଜନଜାତି ଏବଂ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର



ଦ୍ରାବିଡ଼ୀ (କନ୍ଧ, କୋୟା, ଗଣ୍ଡ) ଭାଷାଭାଷୀ ଜନଜାତି ଓ ଓଡ଼ିଆ ଭାଷାଭାଷୀ ଜନଜାତି ବଶେଷଭାବେ ପରିଲକ୍ଷିତ ହୁଅନ୍ତି । ଏହା ବ୍ୟତୀତ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ମଧ୍ୟଭାଗରେ ଅଧିକାଂଶ ଜନଜାତି ଓଡ଼ିଆ ଭାଷାଭାଷୀ ପୂର୍ବାଞ୍ଚଳରେ ଆଦିବାସୀ ଜନଜାତି ଖୁବ୍ କମ୍ ସଂଖ୍ୟାରେ ଦେଖାଯାନ୍ତି ଏବଂ କେତେକ କ୍ଷେତ୍ରରେ ସେମାନେ ହେଲେ ନବାଗତ ଆଗନ୍ତୁକ ଜନଜାତି, ଯେଉଁମାନେକି ତାଙ୍କ ନିଜ ନିଜ ଭାଷା ଏବେ ସୁଦ୍ଧା ବ୍ୟବହାର କରିଥାନ୍ତି ।

ପ୍ରଥମରେ ସ୍ପଷ୍ଟ କରିଦେବା ଉଚିତ୍ ଯେ, ଅନ୍ତତଃ ଓଡ଼ିଶା କ୍ଷେତ୍ରରେ ଆଦିବାସୀ ସଂସ୍କୃତି ଓ ସାଧାରଣ ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ଗୋଟିଏ ବିରାଟ ପ୍ରଭେଦ ଅଛି ବୋଲି ମନେ କରିବା ଠିକ୍ ହେବ ନାହିଁ, ଅନ୍ୟ କଥାରେ, ଓଡ଼ିଶାର ଆଦିବାସୀ ସଂସ୍କୃତି ଏବଂ ସାଧାରଣ ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ନିରବଚ୍ଛିନ୍ନତା (continuum) ଅଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ଅର୍ଥ ନୁହେଁ ଯେ, ଅଞ୍ଚଳ ଅଞ୍ଚଳ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ଏହାର ଅର୍ଥ ଏହା ମଧ୍ୟ ନୁହେଁ ଯେ ଗୋଟିଏ ଅଞ୍ଚଳରେ ଥିଲେ ହେଁ ଆଦିବାସୀଙ୍କ ସଂସ୍କୃତି ଏବଂ ସାଧାରଣ ଗ୍ରାମ୍ୟ ସଂସ୍କୃତି ମଧ୍ୟରେ ଗୁଣାତ୍ମକ ବା ମାତ୍ରାନୁକ୍ରମିକ ପ୍ରଭେଦ ପରିଲକ୍ଷିତ ହୁଏ ନାହିଁ । କାରଣ ବସ୍ତୁତଃ ଓଡ଼ିଶାର ତଥାକଥିତ ଅଣ–ଆଦିବାସୀ ସାଧାରଣ ଓଡ଼ିଆ ଜାତିଗୁଡ଼ିକ ଆଦିମ କାଳରୁ ଓଡ଼ିଶାରେ ହିଁ ବସବାସ କରି ଆସୁଛନ୍ତି । ସାଂସ୍କୃତିକ ଓ ସାମାଜିକ ଅଭିବିକାଶ ଦୃଷ୍ଟିକୋଣରୁ ବିଚାର କଲେ ସେମାନଙ୍କ ରୀତିନୀତି,




ପର୍ବ ପର୍ବାଣୀ, ଦେବା ଦେବୀ, ଲୋକାଗ୍ର ଓ ନୀତିନିୟମ ଆଦିବାସୀ ଜନଜାତିଙ୍କ ସଂସ୍କୃତି ପରଂପରା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ଏହାସବୁ ବିଗ୍ଭର କଲେ ଜଣେ ବିଦେଶୀ ପର୍ଯ୍ୟଟକ, ଆମେରିକାରୁ ହେଉ ବା ଜାପାନରୁ ହେଉ, ମୋଟେ କଳନା କରି ପାରିବ ନାହିଁ କେଉଁଠି ଆଦିବାସୀତ୍ୱ ଛିଡ଼ିଲା ଏବଂ ଅଣ–ଆଦିବାସୀ ଜୀବନଧାରା ଆରମ୍ଭ ହେଲା । କାରଣ ଅଧିକାଂଶ ଗାଁ ରେ ଆଦିବାସୀ ଓ ଅଣ–ଆଦିବାସୀ ମିଳିମିଶି ରହନ୍ତି । ସମାନ ଦେବା ଦେବୀଙ୍କୁ ଏକ ଭାବରେ ପୂଜା ଦିଅନ୍ତି, ଏକ ଭାବରେ ଡ଼ାହାଣୀ ଗୁଣିଆରେ ବିଶ୍ୱାସ କରନ୍ତି । ହୁଏତ ଏକ ଗୀତ ଗାଇ ମିଳିମିଶି ନାଚନ୍ତି । ପ୍ରକୃତରେ ବେଶୀ ତଫାତ୍ ଦେଖାଯାଏ ଉଚ୍ଚ ଜାତିର ଲୋକ ଏବଂ ଆଦିବାସୀମାନଙ୍କ ଭିତରେ । କିନ୍ତୁ ଭାରତରେ ଯେ କୌଣସି ଅଞ୍ଚଳରେ ଆଦିବାସୀଙ୍କ ଗ୍ଭଲିଚଳନ ସହିତ ଅନୁଚ୍ଚଜାତିଙ୍କ ରୀତିନୀତିରେ ବହୁତ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ ତଥା ବିଧବା ବିବାହ, କନ୍ୟା ମୂଲ୍ୟ ଦେଇ ବିବାହ, ପୁରୁଷ ସ୍ତ୍ରୀର ଅବାଧ ମିଳାମିଶା, କୃଷି ବା ବାଣିଜ୍ୟରେ ସ୍ତ୍ରୀମାନଙ୍କର ଯୋଗଦାନ ଇତ୍ୟାଦି । ଓଡ଼ିଶାରେ ଆଦିବାସୀମାନଙ୍କ ଭିତରେ ଏବଂ ଅନୁଚ୍ଚ ଜାତିମାନଙ୍କ ଭିତରେ ସ୍ୱକୀୟତ୍ୱ ଅନେକାଂଶରେ ବଞ୍ଚିରହିଅଛି ।

ଓଡ଼ିଶାର ଆଦିବାସୀ ଜନଜାତିଙ୍କ ମଧ୍ୟରେ କନ୍ଧ ହେଲେ ସର୍ବାଧିକ ଏବଂ ଏମାନେ ଫୁଲବାଣୀ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ବହୁଳ ଭାବରେ ବସବାସ କରିଛନ୍ତି । କନ୍ଧମାନଙ୍କର ପ୍ରତିପତ୍ତି ଦେଢ଼ାଖୋଲ, ବାମଣ୍ଡା ବଣାଇ, ଏବଂ କେନ୍ଦୁଝର ଦେଶୀୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନୁଭୂତ ହେଉଥିଲା କାରଣ ଏହି ଦେଶୀୟ ରାଜ୍ୟଗୁଡ଼ିକରେ ଏକୀଭୂତ ଶାସନ ପ୍ରତିଷ୍ଠିତ ହେବା ପୂର୍ବରୁ କନ୍ଧମାନେ ଖଣ୍ଡିଏ ଖଣ୍ଡିଏ ଅଞ୍ଚଳର "ରାଜା" ହୋଇଥିଲେ । ଏହି କନ୍ଧମାନଙ୍କର ବିଭିନ୍ନ ବଂଶ ଭିନ୍ନ ଭିନ୍ନ ମୁଠା ବା ଗ୍ରାମପୁଞ୍ଜରେ ବିଭକ୍ତ ଥିଲା । ଏବେ ମଧ୍ୟ ଏହି ଭୂମି କୋଠ ସଂପତ୍ତିର ପରଂପରା ପ୍ରଚଳିତ ଅଛି । ଅନେକ ମୁଠାରେ କନ୍ଧ ଗାଁ ରେ ଧାଙ୍ଗଡ଼ା (ଅବିବାହିତ ଯୁବକ) ଧାଙ୍ଗଡ଼ୀ (ଅବିବାହିତା ଯୁବତୀ) ମାନଙ୍କର ଶୁଆ ବସା ଘର ଅଛି । ଫସଲ ଅମଳ ପରେ ଯୁବକମାନେ ମହା ଆନନ୍ଦରେ ବିଭିନ୍ନ ଗାଁ କୁ କୁଣିଆ ହୋଇ ଯାଆନ୍ତି ଏବଂ ସେ ଗାଁ ର ଝିଅମାନେ, ଯାହାଙ୍କ ବଂଶ ଆଗନ୍ତୁକ ପୁଅମାନଙ୍କଠାରୁ ଫରକ୍, ସେମାନଙ୍କ ସହିତ ମିଶି ମନପୂରିରେ ନାଚନ୍ତି, ଗାଆନ୍ତି ଏବଂ ପ୍ରେମାଳାପ କରନ୍ତି ମଧ୍ୟ । ଏହି ନାଚଗୀତ ଓ ପ୍ରେମାଳାପରୁ ଆରମ୍ଭ ହୁଏ ପରସ୍ପର ପ୍ରତି ଆକର୍ଷଣ । ଯାହା ହୁଏତ ଅନେକ କ୍ଷେତ୍ରରେ ବିବାହରେ ପରିପୂର୍ଣ୍ଣ ହୁଏ । ଏହି କନ୍ଧ ଜାତିର ଗୋଟିଏ ବିଭାଗ ଡ଼ଙ୍ଗରିଆ କନ୍ଧ ପ୍ରାୟ ତିନି ହଜାରରୁ ଗ୍ଭରି ହଜାର ଫୁଟ ଉପରେ ନିୟାମଗିରି ପର୍ବତମାଳା ମଧ୍ୟରେ ଥିବା ଉପତ୍ୟକାଗୁଡ଼ିକରେ ବସବାସ କରୁଛନ୍ତି ବିଷମ କଟକ ରେଳ ଷ୍ଟେସନର ଅନତିଦୂରରେ । ସେମାନଙ୍କର ଲୋଭନୀୟ କମଳା ବଗିଚା, ବିସ୍ତୃତ ସପୁରୀ ପଣସ ଗଛ, ବଣିଲା କଦଳୀର ବନ ଓ ଆମ୍ବ ପଣସର ସମ୍ଭାର ଦେଖିଲେ ମନେ ହେବ ସତେକି ଏହା ଗୋଟିଏ ନନ୍ଦନ କାନନ । ମଶା ନାହିଁ, ମାଛି ନାହିଁ, ଅଳିଆ ନର୍ଦ୍ଦମା ନାହିଁ, ମିଛ ନାହିଁ, ମାୟା ନାହିଁ । ଏଭଳି ନନ୍ଦନ କାନନରେ ଗ୍ରୀଷ୍ମ ଦିନରେ ଯେ କୌଣସି ପର୍ଯ୍ୟଟକ ଦୁଇ–ଗ୍ଭରି ଦିନ କଟାଇ ପାରିଲେ ସ୍ୱର୍ଗ ସୁଖ ଲାଭ କରି ପାରନ୍ତା । ପ୍ରକୃତରେ କୋରାପୁଟ, ଗଞ୍ଜାମ, କଳାହାଣ୍ଡି, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ଅତିଉଚ୍ଚ ପାହାଡ଼ରେ ଥିବା ଆଦିବାସୀ ବସ୍ତିର ଅନତୀଦୂରରେ ଯଦି ବିଶ୍ରାମାଗାର ନିର୍ମାଣ କରି ହୁଅନ୍ତା, ତାହା ହେଲେ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସି ଆଦିବାସୀ ସଂସ୍କୃତିର ଆଲୋଚନା ଏବଂ ଆଦିବାସୀଙ୍କର ମୂଲ୍ୟବୋଧର ଉପଯୁକ୍ତ ସମ୍ମାନ ଦେବାକୁ ସୁଯୋଗ ଓ ଅବସର ପାଆନ୍ତେ । କିନ୍ତୁ ଏହି ମାଧ୍ୟମରେ ଏପରି ଏକ ବିଷମୟ ପରିସ୍ଥିତିର ଉନ୍ମେଷ ହେବା ଅସମ୍ଭବ ନୁହେଁ, ଯାହା ଦ୍ୱାରା ସେ ଆଦିବାସୀ ସମାଜ ଓ ସଂସ୍କୃତି ଟଣା ଓଟରାରେ ପଡ଼ି ନିଜର ଉଚ୍ଚ ଓ ଉଦାର ମୂଲ୍ୟବୋଧଗୁଡ଼ିକ ହରାଇ, ହୁଏତ କେତେକ ସାମାଜିକ ବ୍ୟାଧିର କ୍ରୀଡ଼ାସ୍ଥଳୀ ହୋଇ ପଡ଼ିବ ।

ମୟୂରଭଞ୍ଜର ସାନ୍ତାଳ, କେନ୍ଦୁଝରର ଜୁଆଙ୍ଗ, ଜୟପୁରର ଗଦବା ଓ ପରଜା ଏବଂ ମାଲକାନଗିରିର କୋୟାମାନଙ୍କ ନୃତ୍ୟ ଓ ସଙ୍ଗୀତ ବିଶେଷ ଉଲ୍ଲେଖଯୋଗ୍ୟ । ଏହିସବୁ






ଆଦିବାସୀ ଜାତିମାନେ ନୃତ୍ୟବିଦ୍ୟାରେ ପାରଙ୍ଗମତା ହାସଲ କରିଛନ୍ତି । ଏମାନଙ୍କର ନୃତ୍ୟ ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ଜାତୀୟ ଉତ୍ସବରେ ଏବଂ ଆଞ୍ଚଳିକ ସାଂସ୍କୃତିକ ମେଳା ମଉଚ୍ଛବରେ ପରିବେଷିତ ହୋଇଥାଏ । ଯଦି ସେମାନଙ୍କୁ ଦିଲ୍ଲୀ ବା ଭୁବନେଶ୍ୱର ନ ଆଣି ତାଙ୍କ ନିଜ ଅଞ୍ଚଳରେ ନିଜ ଗାଁ ରେ ନିଜର ଜୀବନ ଧାରା ମାଧ୍ୟମରେ ଋତୁ ଓ ପର୍ବ ବିଶେଷରେ ପ୍ରାକୃତିକ ଏବଂ ସ୍ୱାଭାବିକ ପରିବେଶରେ ତାଙ୍କର ନୃତ୍ୟ ଗୀତ ପରିବେଷଣ କରା-ଯାଇପାରନ୍ତା, ତାହାହେଲେ ତାହା ଚିତ୍ତାକର୍ଷକ ହେବା-ସଙ୍ଗେ ସଙ୍ଗେ ପର୍ଯ୍ୟଟକମାନଙ୍କଠାରୁ ପାରିତୋଷିକ ଅର୍ଥ ଦ୍ୱାରା ତାଙ୍କ ଜୀବନଧାରଣର ମାନବୃଦ୍ଧି କରାଯାଇପାରନ୍ତା । ଏହା ଖାମ ଖିଆଲଭାବରେ ନୁହେଁ, ସୁଚିନ୍ତିତ ଯୋଜନା, ହୁଏତ ସ୍ଥାନୀୟ ସମବାୟ ସମିତି ଜରିଆରେ କରାଯିବା ଉଚିତ୍ । ତାହାହେଲେ ଆମର ପର୍ଯ୍ୟଟନ ଶିଳ୍ପ ଯେ ସୁଦୂର ପ୍ରସାରୀ ହେବ ଖାଲି ତାହା ନୁହେଁ, ସ୍ଥାନୀୟ ଆଦିବାସୀମାନେ ସେହି ପର୍ଯ୍ୟଟନ ଶିଳ୍ପରୁ ଯଥେଷ୍ଟ ସୁଯୋଗ ଓ ଅର୍ଥଲାଭ କରିପାରିବେ ।

ସେହିଭଳି ଆମର ଆଦିବାସୀମାନେ ଯେଉଁ ଝାଡ ରଡ ହେଉ ପୋଡୁଚାଷ ବା ଅସ୍ଥାଣୁ କୃଷି ( Shifting Cultivation ) କରନ୍ତି—ତାହା ବର୍ଷରେ ପ୍ରାୟ ଦଶମାସ ଧରି ବିଭିନ୍ନ ଋତୁରେ ବା ବିଭିନ୍ନ ଫସଲ ପାଇଁ ଭିନ୍ନ ଭିନ୍ନ ପ୍ରଣାଳୀରେ ଚାଷ ଓ ଅମଳ କରାଯାଇଥାଏ । ତାକୁ ପୃଥିବୀର ପ୍ରାୟ ଦଶହଜାର ବର୍ଷର ପୁରାତନ କୃଷି ପଦ୍ଧତି ହିସାବରେ ପ୍ରତ୍ୟକ୍ଷ ଦର୍ଶନ ପାଇଁ ବ୍ୟବସ୍ଥା କରା ଯାଇପାରେ । ତାହା ଉନ୍ନତ ଶିଳ୍ପ-ଉଦ୍ୟୋଗ ଓ ଆଧୁନିକ କୃଷିପ୍ରଧାନ ଦେଶର ପର୍ଯ୍ୟଟକମାନଙ୍କର କେବଳ ଯେ କୌତୂହଳ ଜାଗ୍ରତ କରାଇବ ତାହା ନୁହେଁ, ଏହା ଅତ୍ୟନ୍ତ ମନୋମୁଗ୍ଧକର ଅଲୌକିକ ଦୃଶ୍ୟ ମାଧ୍ୟମରେ ସେମାନଙ୍କୁ ଯେ ଅଭିଭୂତ କରିବ, ଏଥିରେ ସନ୍ଦେହ ନାହିଁ । ଯଦି ଇଣ୍ଡୋନେସିଆର ବାଲିଦ୍ୱୀପରେ ଥିବା ପାହାଡ଼ର ସୋପାନ ଚାଷ ( Terrace Cultivation) ପର୍ଯ୍ୟଟକଙ୍କୁ ନୈସର୍ଗିକ ଆନନ୍ଦ ଦେଇପାରେ, ଆଦିବାସୀ ସୌରାମାନଙ୍କର ସୁବିଖ୍ୟାତ ଏବଂ ସୁରକ୍ଷିତ ଉଚ୍ଚ ପଥର ବନ୍ଧରେ ନିର୍ମିତ ହୋଇଥିବା ଅନନ୍ୟ ସୋପାନଶ୍ରେଣୀ ଉନ୍ନତ ଦେଶର ସେହିଭଳି ବିସ୍ମୟ କାରିଗରୀ—କୁଶଳୀ ପର୍ଯ୍ୟଟକଙ୍କୁ ବିଭୋର କରି ପାରିବ ।

ପୂର୍ବାଞ୍ଚଳ ଜିଲ୍ଲାଗୁଡ଼ିକରେ ଅନୁନ୍ନତ ଜାତିମାନଙ୍କ ମଧ୍ୟରେ ଯେଉଁ ଚଢେୟା ଚଢେୟାଣୀ, ଘୋଡ଼ାନାଚ, ଦଣ୍ଡନାଚ ଝାମୁଯାତ୍ରା ଏବଂ ପଶ୍ଚିମାଞ୍ଚଳର ପୁରପଲ୍ଲୀରେ ଯେଉଁ ମନମତାଣିଆ ନାଚ ଗୀତ ଯଥା ରସରକେଳି, ଡାଲଖାଇ, କର୍ମା ଇତ୍ୟାଦି ପ୍ରଚଳିତ ଅଛି ତାହାସବୁ ସାଧାରଣତଃ ରାଜଧାନୀ ବା ଅନ୍ୟ ବଡ଼ ସହରର ପ୍ରେକ୍ଷାଳୟରେ କେପସୁଲ ( Capsule ) ଆକାରରେ ପରିବେଷଣ କରାଯାଇଥାଏ । ତାହା ନକରି ଯଦି ସେଗୁଡ଼ି-କର ମନୋଜ୍ଞ ସ୍ୱଧର୍ମୀ ପ୍ରାକୃତିକ ଗ୍ରାମ ପରିବେଶରେ ଦର୍ଶନ କରିବାର ସୁଯୋଗ ଦିଆଯାଇପାରନ୍ତା ଏବଂ ବିଭିନ୍ନ ଆଞ୍ଚଳିକ ପର୍ବପର୍ବାଣୀ, ମେଳା ମଉଚ୍ଛବ ଓ ତାହା ସହିତ ଖଞ୍ଜା ହୋଇଥିବା ବିଭିନ୍ନ ଧରଣର ପିଠାପଣା, ଭୋଗରାଗ, ଫଳମୂଳ, ମିଠା ପାଚଣା ଇତ୍ୟାଦି ଉପଭୋଗ କରିବାର ବ୍ୟବସ୍ଥା କରି ଦିଆଯାଆନ୍ତା, ତାହାହେଲେ ଦେଶ ଭିତରର ତଥା ବିଦେଶର ପର୍ଯ୍ୟଟକମାନେ ଓଡ଼ିଶାର ବୈଚିତ୍ର୍ୟ ବିଭବକୁ ସମସ୍ତ ଇନ୍ଦ୍ରିୟ ମାଧ୍ୟମରେ ଉପଲବ୍ଧି କରିପାରନ୍ତେ । ଏହା ନିଶ୍ଚୟ ପର୍ଯ୍ୟଟନ ଶିଳ୍ପକୁ ବିଶେଷ ଅର୍ଥକରୀ, ରୋମାଞ୍ଚକାରୀ ( Romantic ) ଏବଂ ସ୍ମରଣୀୟ ଅନୁଭୂତିରେ ସମୃଦ୍ଧ କରିପାରନ୍ତା ।

ଆମର ଆଦିବାସୀ ଓ ଗ୍ରାମ୍ୟ ସଂସ୍କୃତି ନିଃସ୍ୱତ୍ୱ ଦାରିଦ୍ର୍ୟ ମଧ୍ୟରେ କିପରି ବର୍ତ୍ତମାନସର୍ବସ୍ୱ, କିପରି ଆମୋଦପୂର୍ଣ୍ଣ ଓ ପ୍ରାଣପ୍ରାଚୁର୍ଯ୍ୟରେ ଭରା ହୋଇପାରିଛି, ଏହା ଅନେକ ନିଭାଇଲେ ସେଇ ଭବିଷ୍ୟତସର୍ବସ୍ୱ, ବସ୍ତୁ ତାନ୍ତ୍ରିକ, ସମୟ ଯନ୍ତ୍ରକଳିତ ପର୍ଯ୍ୟଟକମାନେ ସରଳ ଓ ସରସ ଜୀବନର ଅଭିନବ ମୂଲ୍ୟବୋଧର ସନ୍ଧାନ ପାଇ ହୁଏତ ନିଜକୁ କୃତାର୍ଥ ମଣନ୍ତେ । କିଏ କହେ ଯେ ଏହି ଜୀବନଧର୍ମୀ ପର୍ଯ୍ୟଟନ ମାଧ୍ୟମରେ ସେମାନଙ୍କ ପ୍ରାଣରେ ଗୋଟିଏ ନୂଆ 'ଦିଶାର' ସଞ୍ଚାର ନ ହେବ !

ମୁଖ୍ୟ ଅଧ୍ୟାପକ, ନୃତତ୍ତ୍ୱ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।


କୁକିଙ୍ଗ ଗ୍ୟାସ
ଏକ ସୁବିଧା
ନା
ଏକ ବିପଦ ?
…ଏହା ଆପଣଙ୍କ ଉପରେ
ସମ୍ପୂର୍ଣ୍ଣ ନିର୍ଭର କରୁଛି !
କୁକିଙ୍ଗ ଗ୍ୟାସ—ମଇଳାରହିତ, ମିତବ୍ୟୟୀ, ସୁରକ୍ଷିତ । ସତରେ, ବ୍ୟସ୍ତ ଗୃହିଣୀଙ୍କ ପାଇଁ ଏକ ବରଦାନ, ଏକ ସୁବିଧା । କିନ୍ତୁ ଯଦି ସୁରକ୍ଷାର କେତୋଟି ସାଧାରଣ ନିୟମଗୁଡ଼ିକୁ ପାଳନ ନ କରାଯାଏ, ତେବେ ଏହା ଏକ ବିପଦ— ବିସ୍ଫୋରଣ ହୋଇପାରେ ! ଯଦି ଠିକ୍ ଭାବରେ ଉପଯୋଗ କରାଯାଏ, ତେବେ ଆପଣଙ୍କ ଗ୍ୟାସ ସିଲିଣ୍ଡର ବିଲକୁଲ ସୁରକ୍ଷିତ । ଏଥିରେ ଅତ୍ୟନ୍ତ ଜ୍ୱଳନଶୀଳ ଲିକ୍ୱିଫାଇଡ୍ ଗ୍ୟାସ ଚାପଦେଇ ଭରାଯାଏ । ଆଉ ଏଥିରେ ଏକ ସ୍ୱତନ୍ତ୍ର ଗନ୍ଧ ମିଶାଯାଏ, ଯଦ୍ୱାରା ଗ୍ୟାସ ଲିକ୍ ହେଲେ ଆପଣ ସାଙ୍ଗେ ସାଙ୍ଗେ ଜାଣିପାରନ୍ତି ।
ଗ୍ୟାସ ଗନ୍ଧ ? ସାବଧାନ —
ଏହାକୁ ଦୁର୍ଲକ୍ଷ୍ୟ କରନ୍ତୁ ନାହିଁ
* ତୁରନ୍ତ ସମସ୍ତ ଅଗ୍ନି ଓ ଜଳନ୍ତା ଶିଖା ଲିଭାଇ ଦିଅନ୍ତୁ — ଚୁଲି, ହିଟ୍, ଷ୍ଟୋଭ୍, ଏପରିକି ଦୀପ ଓ ଧୂପକାଠି ମଧ୍ୟ । ଜଳନ୍ତା ଧୂପକାଠି ଦ୍ୱାରା ବି ନିଆଁ ଲାଗିପାରେ ଏବଂ ବିସ୍ଫୋରଣ ହୋଇପାରେ ।
* ସବୁ ଦୁଆର, ଝରକା ଖୋଲି ଦିଅନ୍ତୁ, ପବନ ଚଳାଚଳରେ ଗ୍ୟାସ ଘର ବାହାରକୁ ବାହାରିଯିବ ।
* କୌଣସି ବିଜୁଳି ସ୍ୱିଚ୍ ଛୁଅନ୍ତୁ ନାହିଁ, କାରଣ ସ୍ୱିଚ ଭିତରେ ଛୋଟିଆ ସ୍ପାର୍କ ମଧ୍ୟ ନିଆଁ ଲଗିବାରେ ସହାୟକ ହୋଇପାରେ । ପବନ ଚଳାଚଳ ପାଇଁ ପଙ୍ଖା ମଧ୍ୟ ଚଳାନ୍ତୁ ନାହିଁ । ଆଉ ଯଦି ପଙ୍ଖା ଆଗରୁ ଚାଲୁଥିବ, ତେବେ ତାକୁ ବନ୍ଦ କରନ୍ତୁ ନାହିଁ ।
* ଯଦି ଗ୍ୟାସ ଗନ୍ଧ ପୂର୍ବବତ୍ ଆସୁଥିବ, ତେବେ ଅବିଳମ୍ବେ ଆପଣ ନିଜ ଇଣ୍ଡେନ ବିତରକଙ୍କୁ ସମ୍ପର୍କ କରନ୍ତୁ ।
ମନେ ରଖନ୍ତୁ, କୁକିଙ୍ଗ ଗ୍ୟାସ ରୋଷେଇ ପାଇଁ ସବୁଠାରୁ ସୁରକ୍ଷିତ ସାଧନ ଅଟେ । କିନ୍ତୁ ଆପଣଙ୍କ ସାମାନ୍ୟ ଅସାବଧାନତା ନିଜର ଓ ଅନ୍ୟମାନଙ୍କ ଜୀବନ ବିପନ୍ନ କରିପାରେ । ଏଥିପାଇଁ ଟିକିଏ ଯତ୍ନ ନିଅନ୍ତୁ । ଏହାର ଦୁରୁପଯୋଗ କରନ୍ତୁ ନାହିଁ ।
କୌଣସି ଅସୁବିଧା ହେଲେ, ଆପଣଙ୍କ ଇଣ୍ଡେନ ବିତରକ କିମ୍ବା ନିକଟତମ ଇଣ୍ଡିଆନ ଅଏଲ କଷ୍ଟମର ସର୍ଭିସ୍ ସେଲ୍ ସହିତ ସମ୍ପର୍କ କରନ୍ତୁ ।
Indane
ଇଣ୍ଡେନ କୁକିଙ୍ଗ ଗ୍ୟାସ
ସୁରକ୍ଷା ଦ୍ୱାରା ସୁବିଧା ପାଆନ୍ତୁ
ଲୋକହିତ ପାଇଁ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଦ୍ୱାରା ପ୍ରକାଶିତ ।

ଓଡ଼ିଶାକୁ ଭାରତର ପ୍ରତିରୂପକ ଭାବେ ବର୍ଣ୍ଣନା କରାଯାଇଛି। ଏହିଠାରେ ହିଁ ପ୍ରଥମେ ଉପ-ମହାଦେଶର ଆର୍ଯ୍ୟ, ଦ୍ରାବିଡ ଓ ଆଦିମ ପ୍ରଭୃତି ତିନୋଟି ମହାନ୍ ସଂସ୍କୃତିର ଅଭ୍ୟୁଦୟ ହୋଇଥିଲା। ଏହା ଦ୍ୱାରା ରାଜ୍ୟରେ ଯେଉଁ ଅଦ୍ୱିତୀୟ ପରମ୍ପରାର ଉଦ୍ରେକ ହେଲା, ତାହା ବର୍ଷସାରା ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀରେ ପ୍ରତିଫଳିତ ହୋଇଆସୁଛି । ଏହି ପର୍ବାଣୀଗୁଡ଼ିକ ଯୋଗୁଁ କେବଳ ଯେ ପୁରୁଷ ମହିଳା ଓ ପିଲାମାନଙ୍କର ସମ୍ମେଳନ ଘଟିଥାଏ ତା'ନୁହେଁ, ପରନ୍ତୁ ଆମ ଅଞ୍ଚଳର ବିଭିନ୍ନ ଲୋକମାନଙ୍କ ମଧ୍ୟରେ ଐକ୍ୟର ଏକ ଦୃଢ଼ ବନ୍ଧନ ସୃଷ୍ଟି କରିବା ଦିଗରେ ସହାୟକ ହୋଇଥାଏ ।



ଆଲୋକପାତ କରି ଦାଣ୍ଡିକୋତ୍ସବ ପାଳନ ପାଇଁ ଏହି ଯୁବ ସଂକେତ ବ୍ୟବହାର କରିଥିଲେ ।

ଦେଶର ଅନ୍ୟାନ୍ୟ ରାଜ୍ୟର ଲୋକମାନଙ୍କ ଭଳି ଓଡ଼ିଶାର ଅଧିବାସୀମାନେ ବିଶେଷ ଧର୍ମପରାୟଣ ଓ ପର୍ବ ପର୍ବାଣୀ ପାଳନ ଦିଗରେ ଅଧିକ ଧ୍ୟାନ ଦେଇଥାନ୍ତି ।

ତାରକାସୁରକୁ ବଧକରି ପୃଥିବୀକୁ ଅତ୍ୟାଚାରରୁ ମୁକ୍ତ କରିଥିଲେ ବୋଲି କାର୍ତ୍ତିକେୟଙ୍କୁ ସମ୍ମାନ ପ୍ରଦର୍ଶନ

# କୁମାର ପୂର୍ଣ୍ଣିମା ଓ ରଜପର୍ବ

ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ

ଏହି ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ କୁମାର ପୂର୍ଣ୍ଣିମା ଓ ରଜପର୍ବ ବିଶେଷ ଉଲ୍ଲେଖନୀୟ । ଏହି ପର୍ବପର୍ବାଣୀମାନ ପାଳନ ସମୟରେ ବିଭିନ୍ନ ପ୍ରକାରର ପୂଜାବିଧି ଅନୁସୃତ ହୁଏ ଓ ସୁସ୍ୱାଦୁ ତଥା ରୁଚିକର ଖାଦ୍ୟ ପଦାର୍ଥର ବ୍ୟବସ୍ଥା ହୁଏ ।

କୁମାର ପୂର୍ଣ୍ଣିମା ଉତ୍ସବ ଅକ୍ଟୋବର ନଭେମ୍ବର ମାସ ଅର୍ଥାତ୍ ଆଶ୍ୱିନ ମାସ ପୂର୍ଣ୍ଣିମା ରାତିରେ ପାଳନ କରାଯାଏ । ଏଥିରେ କାର୍ତ୍ତିକେୟ ମହାପ୍ରଭୁ ଓ ଚନ୍ଦ୍ର ଦେବତାଙ୍କୁ ପୂଜା କରାଯାଏ । ଶରତକାଳୀନ ଚନ୍ଦ୍ର ଖୁବ୍ ସୁନ୍ଦର ଦେଖାଯିବା ସଙ୍ଗେସଙ୍ଗେ ଅତି ପ୍ରେରଣାଦାୟକ ହୋଇଥାନ୍ତି । ଏହି ଉତ୍ସବରେ ପୂର୍ଣ୍ଣଚନ୍ଦ୍ରଙ୍କୁ ବିଶେଷତଃ ଅବିବାହିତ ପୁଅଝିଅମାନେ ନୂଆ ଲୁଗାପଟା ପିନ୍ଧି ପୂଜା କରିଥାନ୍ତି । ଖ୍ୟାତନାମା ଓଡ଼ିଆ ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ କୁମାର ପୂର୍ଣ୍ଣିମା ହେଉଛି "ପ୍ରାଚୀନ ଓଡ଼ିଶାର ଯୁବସଂସ୍କୃତିର ଅଂଶ ବିଶେଷ" । ସେ ଭଗବାନ ଶିବଙ୍କ ପୁତ୍ର କାର୍ତ୍ତିକେୟ ହେଉଛନ୍ତି କୁମାର । ସେ ହେଉଛନ୍ତି ସୌନ୍ଦର୍ଯ୍ୟ, ଯୌବନ, ସାହସ ଓ ସାମରିକ ନେତୃତ୍ୱର ପ୍ରତୀକ । ବିଶ୍ୱାସ କରାଯାଏ ଯେ ପ୍ରାଚୀନ ଓଡ଼ିଆମାନେ ଗୋଟିଏ ଦେଶର ଜାଗରଣରେ ଯୁବଶକ୍ତି ଉପରେ

କରାଯାଇଥାଏ । ଅବିବାହିତା ଝିଅମାନେ କୁମାର କାର୍ତ୍ତିକେୟଙ୍କୁ ପୌରୁଷ ଓ ବୀରତ୍ୱର ପ୍ରତୀକ ରୂପେ ପୂଜା କରିଥାନ୍ତି । ସେମାନେ ସପ୍ତାହବ୍ୟାପି ଉତ୍ସବ ପାଳନ କରିବା ସଙ୍ଗେ ସଙ୍ଗେ ତୁଳସୀ ଚଉରା ଗୁରିପଟେ ରଙ୍ଗ-ବେରଙ୍ଗୀ ଫୁଲରେ ସଜାଇ ଥାଆନ୍ତି । କେତେକ ଝିଅ କୁମାର ପୂର୍ଣ୍ଣିମାର ପୂର୍ବ ଚନ୍ଦ୍ରପୂର୍ଣ୍ଣିମାଠାରୁ ମାସେ ପର୍ଯ୍ୟନ୍ତ କାର୍ତ୍ତିକେଶ୍ୱର ପାଳନ କରନ୍ତି । ତୁଳସୀ ଚଉରା ପ୍ରାୟ ପ୍ରତ୍ୟେକ ଓଡ଼ିଆର ଘର ଦୁଆର ମୁହଁରେ ଥାଏ । ସବୁ ପର୍ବପର୍ବାଣୀର ମୁଖ୍ୟକେନ୍ଦ୍ର ହେଉଛି ତୁଳସୀ ଚଉରା ଏବଂ ଏହି ସମୟ ମଧ୍ୟରେ ତୁଳସୀ ଚଉରାର ମହତ୍ତ୍ୱ ଅତି ବ୍ୟାପକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥାଏ ।

ଏହି ପୂଜା ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟ ରହିଛି । ଦିନକ ଭିତରେ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଗଭୀର ଭକ୍ତିର ସହ ଦୁଇଥର ପୂଜା କରାଯାଏ । ପ୍ରଥମ ପୂଜା ଅତି ପ୍ରତ୍ୟୁଷରୁ କରାଯାଏ, ଯେତେବେଳେ କି ଚନ୍ଦ୍ର ଅସ୍ତ ହୋଇ ଯାଇ ଥାଆନ୍ତି ଏବଂ ସୂର୍ଯ୍ୟ ଉଦୟ ହୋଇ ଆସୁଥାଆନ୍ତି । ଏହି ସମୟରେ ଝିଅମାନେ ସୂର୍ଯ୍ୟଙ୍କୁ ଖଇ, ନଡ଼ିଆ, ଗୁଡ଼, କଦଳୀ, ଛେନା ଓ ଗୁଡ଼ ପ୍ରଭୃତି ଭୋଗ କରନ୍ତି । ତା'ପରେ



ଦ୍ୱିତୀୟ ଥର ଗୋଧୂଳି ବେଳାରେ ଚନ୍ଦ୍ରଙ୍କୁ ପୂଜା କରାଯାଏ । ଯେତେବେଳେ କି ଗୋପ୍ରାଣୀମାନେ ଘରକୁ ବାହୁଡ଼ି ଆସୁଥିବେ, ସୂର୍ଯ୍ୟଙ୍କର ଅସ୍ତକାଳୀନ ଶେଷରଶ୍ମି ଧରାବକ୍ଷକୁ ଛିଡ଼ିନଥିବ ଏବଂ ପୂର୍ଣ୍ଣମୀ ଜହ୍ନ ଠିକ୍ ଉଇଁଆସୁଥିବେ । ଝିଅମାନେ ଖଇ, ଗୁଡ଼, ଓ ନଡ଼ିଆ ପ୍ରଭୃତି ଚକଟା ଚକଟି କରି ବାଳଚନ୍ଦ୍ର ଓ ସାତଟି ତାରା ଆକୃତିର ସୁନ୍ଦର ଭୋଗ ତିଆରି କରିଥାନ୍ତି । ଏହାକୁ ସେମାନେ ଚନ୍ଦ୍ରଙ୍କୁ ଭୋଗ କରି, ଚନ୍ଦ୍ର ବୁଢ଼ା ହେବା ପୂର୍ବରୁ ପ୍ରସାଦ ବାଣ୍ଟିଦିଅନ୍ତି । ଉଦ୍ଧିତ ଚନ୍ଦ୍ର ହେଉଛି ବୁଢ଼ା ଜହ୍ନ ଅର୍ଥାତ୍ ଜଣେ ବୟସ୍କ ବରର ପ୍ରତୀକ । ସେମାନଙ୍କର ଭୟ ଯେ ପ୍ରସାଦ ଖାଇବା ବିଳମ୍ବ ହୋଇଗଲେ, ସେମାନେ ହୁଏତ ବୁଢ଼ାବର ପାଇ ପାରନ୍ତି । ପୂର୍ବ ଦିଗ୍‌ବଳୟରେ ବାଳଚନ୍ଦ୍ର ଠିକ୍ ଉଦୟ ହେବା ସମୟରେ ସେମାନେ ପ୍ରସାଦ ଖୁବ୍‌ଶୀଘ୍ର ଖାଇ ଦିଅନ୍ତି ।

ପ୍ରତ୍ୟେକ ଝିଅ ପାଇଁ ପ୍ରସାଦର ପରିମାଣ ପରମ୍ପରା କ୍ରମେ ନିର୍ଦ୍ଦିଷ୍ଟ ହୋଇଛି । ଏହା ହେଉଛି ଅଢେଇ ବାଟୁଳା । ଏପରି ଏକ ଅଧାଳିଆ ସଂଖ୍ୟାକୁ ସମୃଦ୍ଧିର ପ୍ରଗତି ବୋଲି ଧରାଯାଇଥାଏ । ଅଧିକାଂଶ ପବିତ୍ର ଅବସରରେ ଏମିତି ଅଧାଳିଆ ସଂଖ୍ୟାର ବ୍ୟବହାର ହିଁ ହୋଇଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଝିଅଟିଏ ବାପଘର ଛାଡ଼ି ଶାଶୁଘରକୁ ଯାଏ, ସେତେବେଳେ ତାକୁ କିଛି ଟଙ୍କା ଦିଆଯାଏ । ତାହା ୨୧, ୩୧, ୫୧, ୧୦୧ ଭଳି ଅଛିଣ୍ଡା ପରିମାଣର ଟଙ୍କା । ଏହି ପରମ୍ପରା ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପ୍ରଚଳିତ । ଏହାପରେ ଝିଅମାନେ କିଛି ପ୍ରସାଦ ନେଇ ପୋଖରୀରେ ପକାଇ ଦିଅନ୍ତି । ତା'ପରେ ସେମାନେ ପାଣିରେ ଦୁଇହାତ ବୁଡେଇ ଅଁଠା ଦାନ୍ତକାଠି, ଗେଣ୍ଡା ଶାମୁକା କିମ୍ବା ବାଲିଗିରିଡା ଅଣ୍ଡାଳି ଖୋଜନ୍ତି । ଏହା ସେମାନଙ୍କୁ ପୁରସ୍କାର ପାଇଲା ଭଳି ଲାଗେ । ଏହିସବୁ କର୍ମବିଧିରେ ନିଶ୍ଚିତ ଭାବେ ଲୋକ ସଂଗୀତ ବୋଲା ଯାଇଥାଏ ।

ମୋ ଭାଇ ହେବ ସୁନାକାଠି
ମୁଁ ପାଇଲି ନାଲିଆ ଗୋଡ଼ି

ମୋ ଭାଇନା ମୁଣ୍ଡେ ଜରି ପଗଡ଼ି
ମୋ ହାତରେ ସୁନା ଚୁଡ଼ି ।

ଏହି ଅବସରରେ ସବୁଆଡେ କାର୍ତ୍ତିକେୟ ମହାପ୍ରଭୁଙ୍କୁ ପୂଜା ଆରାଧନା କରାଯାଇଥାଏ । ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ପୂଜା କରିବା ମଧ୍ୟରେ ବଳଶାଳୀ ତଥା ଦକ୍ଷତା ଲାଭ ପାଇଁ ମନୁଷ୍ୟର ଆକାଂକ୍ଷା ଅନ୍ତର୍ନିହିତ ।


ଗଜଲକ୍ଷ୍ମୀ ପୂଜା ହେଉଛି ଅନ୍ୟ ଗୋଟିଏ ବଡ଼ପର୍ବ । ଏହି ପର୍ବରେ ପୂର୍ଣ୍ଣମୀ ରାତିରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଅତ୍ୟନ୍ତ ଭକ୍ତିର ସହ ପୂଜା କରାଯାଏ । ଲକ୍ଷ୍ମୀ ହେଉଛନ୍ତି ସୌଭାଗ୍ୟ ଓ ସଂପଦର ଅଧିଷ୍ଠାତ୍ରୀ ଦେବୀ । ଶରତ କାଳର ସବୁଜ ମରକତ ଶସ୍ୟ ଶୋଭାରେ ପୁରପଲ୍ଲୀ ସତେଜ ହୋଇଥିବା ବେଳେ ଲକ୍ଷ୍ମୀଙ୍କୁ ପୂଜା କରାଯାଉଥିବା ଅତ୍ୟନ୍ତ ସମୟୋପଯୋଗୀ । ଏହି ଋତୁରେ ଦିଗନ୍ତ ବିସ୍ତାରୀ ନୀଳ ନିର୍ମଳ ଆକାଶ ସ୍ୱଚ୍ଛସ୍ଫଟିକ ନଦୀପୋଖରୀ ଜଳରେ ପ୍ରତିବିମ୍ବିତ ହେବା ଦ୍ୱାରା ଗାଁ ଗଣ୍ଡାର ଦୃଶ୍ୟ ଅତ୍ୟନ୍ତ ରମଣୀୟ ଓ ମନମୁଗ୍ଧକର ହୋଇଉଠେ । ଲକ୍ଷ୍ମୀ ଠାକୁରାଣୀ ଓଡ଼ିଆମାନଙ୍କ ଘରକୁ ବିଜେ କରିବା ପାଇଁ ଏହା ଅତ୍ୟନ୍ତ ପ୍ରକୃଷ୍ଟ ସମୟ ବୋଲି ଧରାଯାଇଛି ।

ସମସ୍ତଙ୍କର ବିଶ୍ୱାସ ଯେ ଲକ୍ଷ୍ମୀ ଠାକୁରାଣୀ ରାତିରେ ଗୋଟିଏ ହାତୀ ଉପରେ ବସି ବିଜେ କରିଥାଆନ୍ତି । ଯେଉଁମାନେ ରାତିରେ ସେହି ସମୟରେ ଉଜାଗର ରହିଥାନ୍ତି, ଲକ୍ଷ୍ମୀ ଠାକୁରାଣୀ ସେମାନଙ୍କୁ ଆଶୀର୍ବାଦ କରନ୍ତି । ଏଥିପାଇଁ ସଂସ୍କୃତରେ ଗୋଟିଏ ଶ୍ଳୋକ ଅତି ଜଣାଶୁଣା ।

ନିଶୀଥେ ବରଦା ଲକ୍ଷ୍ମୀ
କୋ ଜାଗର୍ତ୍ତିତି ଭାଷିନି ।

ତସ୍ମୈ ବିତ୍ତମ୍ ପ୍ରୟଚ୍ଛାମି
ଅକ୍ଷୈ କ୍ରୀଡାଂ କରୋତି ଯଃ ॥

(ଯେଉଁମାନେ ସାରା ରାତି ଉଜାଗର ରହି ପଶା ଖେଳନ୍ତି, ଲକ୍ଷ୍ମୀ ଠାକୁରାଣୀ ସେମାନଙ୍କୁ ବର ପ୍ରଦାନ କରିଥାଆନ୍ତି ।)






ମହାଭାରତରେ ବର୍ଣ୍ଣିତ ପଶାଖେଳ ଲାଗି ପାଣ୍ଡବମାନେ ବହୁ ଦୁଃଖ କଷ୍ଟ ଭୋଗିଥିବା ସଙ୍ଗେ ସଙ୍ଗେ ସେମାନଙ୍କର ଭାଗ୍ୟର ବିପର୍ଯ୍ୟୟ ଘଟିଥିଲା । ଏଥିପ୍ରତି କୌଣସି ଚିନ୍ତା ନକରି ଲୋକେ ଦ୍ୟୁତକ୍ରୀଡା ପ୍ରତି ଅଧିକ ମନ ବଳାଇ ଥାଆନ୍ତି । କିନ୍ତୁ ଦ୍ୟୁତକ୍ରୀଡାରୁ ଅନ୍ୟ ଦିଗରୁ ଲୋକେ ପ୍ରେରଣା ଲାଭ କରିଥାଆନ୍ତି । ଦ୍ୟୁତକ୍ରୀଡା ମାନବ ଜୀବନର ପ୍ରତୀକ ଧର୍ମୀ । କାରଣ ଜୀବନ ଅନିଶ୍ଚିତ, ଜୀବନ ଦ୍ୟୁତକ୍ରୀଡା ସମ ।

ଓଡ଼ିଶାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଚୂଡ଼ା, ଉଖୁଡ଼ା ଓ ନଡ଼ିଆ ଭୋଗ କରାଯାଏ । ଏସବୁ ଆମ ରାଜ୍ୟରେ ପ୍ରଚୁର ପରିମାଣରେ ମିଳେ । ଧାନରୁ ଉତ୍ପାଦିତ ଚୂଡ଼ା ଲକ୍ଷ୍ମୀ ଠାକୁରାଣୀଙ୍କର ପ୍ରତୀକ । ଧାନମେଣ୍ଟା ମଧ୍ୟ ପୂଜା କରାଯାଏ ।

ଜୀବନର ଗତି ଚଳଚଞ୍ଚଳ ଓ ଏହା କ୍ରମାନ୍ୱୟରେ ଭାଗ୍ୟର ଉତ୍‌ଥାନ ଓ ପତନ ଅତି ସାଧାରଣ କଥା । ଚିରଦିନ ଲାଗି ନହେଲେ ମଧ୍ୟ ଯେତେଦିନ ସମ୍ଭବ ମନୁଷ୍ୟ ତାର ସୌଭାଗ୍ୟ ରକ୍ଷା ନିମନ୍ତେ ଚେଷ୍ଟା କରିଥାଏ । ଚୂଡ଼ା ଓ ନଡ଼ିଆ ଅନ୍ୟାନ୍ୟ ପଚନଶୀଳ ଖାଦ୍ୟ ଅପେକ୍ଷା ବେଶୀ ସ୍ଥାୟୀ । ଏଣୁ, ଚୂଡ଼ା ଓ ନଡ଼ିଆ ହେଉଛି ସୌଭାଗ୍ୟର ପ୍ରତୀକ ।

ରଜ ଗୋଟିଏ କୃଷି ପର୍ବ । ଏଥିରେ ଅବିବାହିତ ପୁଅଝିଅମାନେ ପ୍ରଧାନ ଭୂମିକା ଗ୍ରହଣ କରିଥାନ୍ତି । ଓଡ଼ିଶାରେ ଏହିପର୍ବ ଜ୍ୟେଷ୍ଠମାସ ଶେଷଦିନଠାରୁ ଆଷାଢ଼ ମାସ ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଜୁନମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ପାଳନ କରାଯାଏ । ରାଜ୍ୟର ଏହା ଏକ ବଡ ପର୍ବ । ଏହି ସମୟରେ ସମସ୍ତ କୃଷିକାର୍ଯ୍ୟ ସଂପୂର୍ଣ୍ଣ ରୂପେ ବନ୍ଦ କରାଯାଏ । ଆମ ରଜ ପର୍ବକୁ କେରଳର ଓନାମ ଓ ଉତ୍ତର ପ୍ରଦେଶର ଫଗୁ ପର୍ବ ସହ ତୁଳନା କରାଯାଉଛି ।





ରଜର ମନମତାଣିଆ ଦୋଳିଗୀତ ଏହି ପର୍ବର ଏକ ଅପରିହାର୍ଯ୍ୟ ଅଙ୍ଗ ଏବଂ ଏଥିରେ ଓଡ଼ିଆ ଜାତିର ସଂସ୍କୃତି ସ୍ପଷ୍ଟ ପ୍ରତିଫଳିତ । ଗୀତ ଗୁଡ଼ିକରେ ବେନାମୀ କବିମାନେ ଏହି ମାଟିର ଲୋକମାନଙ୍କର ଦୈନନ୍ଦିନ ଜୀବନର ଗୌରବ ଗାନ କରିଥାନ୍ତି ।

ଜଣେ କବି ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଥିବା ଦିନଗୁଡ଼ିକ ବର୍ଣ୍ଣନା କରିଛନ୍ତି । ଏଥିରେ ଓଡ଼ିଶାର ସୈନ୍ୟମାନେ ଯୁଦ୍ଧରେ ବିଜୟ ଲାଭ କରି, ରାଜ୍ୟକୁ ସୁବର୍ଣ୍ଣ ସଂପଦ ବୋହି ଆଣିଛନ୍ତି । ଗୀତଟି ହେଲା :

ଉପରକୁ ଯାଏ ମୋ' ଦୋଳି
ଉପରେ ଉଇଁରୀ ଖେଳି ଖେଳି ।
ଅନାଇ ରହିଛି ମୁଁ ଅତି ସରାଗେ
ମୋ'ଭାଇ ସମସ୍ତ ଆସିବେ ଫେରି ।

ହେ ମୋ' ସାଙ୍ଗମାନେ............................
ସେ ଜିଣିବେ କଳିଙ୍ଗ ଅଂଶ
ବଡ଼ ରୋଷଣୀରେ ଫେରିବେ ଭାଇ
ଘୋଡ଼ା ହାତୀ ଥିବ ସଂଗ ।

ନବ ବିବାହିତା ଝିଅମାନଙ୍କର ଶାଶୁଘର କାନ୍ଦଣା ଏହି ଦୋଳି ଗୀତରେ ପ୍ରତିଫଳିତ ହୋଇଥାଏ ।

ବିଥଳ ପୋଖରୀରେ ଫୁଟିଛି କଇଁ
ପାଳିଥିଲୁ ମୋତେ କଇଁଟି ପରି ମୋ' ବୋଉଲୋ
ପରଘରକୁ ଦେବା ପାଇଁ !


ଏହି ଲୋକଗୀତଗୁଡ଼ିକରେ ଥଟ୍ଟା ମଜା କଥା ମଧ୍ୟ ପ୍ରଧାନ ।

ଗୋଟିଏ ଗୁଡ଼ିଆର ଲମ୍ବା ଚଟୁ–
ବାହାଦେଲୁ ତୁ ମତେ ବଡ଼ଲୋକ ଘରେ
ହେଲେ ପିଠାଗଣା ହୁଏ ପୁଣି ତାଂରି ଘରେ
(ମୁଁ ପିଠାରୁ କିଛି ଖାଇଦେବି ବୋଲି ସେମାନଙ୍କର ସନ୍ଦେହ)


ରଜପର୍ବ ସମୟରେ ଦୋଳି ପାଇଁ ସୁନ୍ଦର ଟାଣୁଆ ନୂଆ ଦଉଡ଼ି ତିଆରି କରାଯାଏ । ଏହି ଅବିରାମ ମଉଜ ମଜଲିସରୁ ମନେହୁଏ ଯେ ଲୋକମାନଙ୍କ ମନରେ ଆନନ୍ଦ ଓ ଆତ୍ମବିଶ୍ୱାସ ଜନ୍ମାଇବା ପାଇଁ ଏଇ ମାଟି ପୁଣି ଅତି ସମୃଦ୍ଧ ହୋଇଉଠିଛି ।

ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତି ରଜ ସଂକ୍ରାନ୍ତି ରୂପେ ପରିଚିତ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମିଦାହ କୁହାଯାଏ । ଭୂମିଦାହ ଦିନ ଭୂଇଁରେ ତାର କାଟିବା ମଧ୍ୟ ନିଷେଧ । ଚତୁର୍ଥ ଦିନ ସକାଳୁ ଭୂଇଁରେ ପାଣି ଛିଞ୍ଚି ବସୁମତୀ ସ୍ନାନ କରାଯାଏ ଏବଂ କାନ୍ଥ ଓ ଅଗଣାରେ ସୁନ୍ଦର ଚିତା ପକାଯାଇଥାଏ । ମୌସୁମୀ ବହି ଆସିବା ସଙ୍ଗେ ସଙ୍ଗେ ଆଦ୍ୟ ଆଷାଢ଼ରେ ବର୍ଷାର ପ୍ରଥମ ବାରିଧାରାରେ ଧରିତ୍ରୀ ଶସ୍ୟ ଉତ୍ପାଦନ କରିବା ପାଇଁ ଶକ୍ତିଲାଭ କରିଥାଏ । ଏହି ସମୟରେ ବସୁମାତାଙ୍କୁ ଜଣେ ଯୁବତୀ ସ୍ତ୍ରୀ ସହ ତୁଳନା କରାଯାଇଥାଏ, ଯେ କି ସତେ ଯେପରି ଯୌବନାବସ୍ଥା ପ୍ରାପ୍ତ ହୋଇ ଗର୍ଭ ଧାରଣ କରିବା ପାଇଁ ପ୍ରସ୍ତୁତ ହେଉଛି । ଜଣେ ପ୍ରାପ୍ତ ବୟସ୍କା ସ୍ତ୍ରୀଲୋକର କର୍ତ୍ତବ୍ୟ ପାଳନ କରିବା ପାଇଁ ଅବିବାହିତା ଯୁବତୀ ଝିଅମାନଙ୍କୁ ଶିକ୍ଷା ଦିଆଯାଏ । ସେମାନେ ଖାଲି ପାଦରେ ଭୂଇଁରେ ଚାଲନ୍ତି ନାହିଁ । କଦଳୀ ପାଟୁକାରେ ତିଆରି ଏକ ପ୍ରକାର ଚଟି ପିନ୍ଧନ୍ତି । ତିନିଦିନ ପର୍ଯ୍ୟନ୍ତ ଅଗାଧୁଆ ରହନ୍ତି ଏବଂ ଲୁଣ କିମ୍ବା ଯବାଦି ଶସ୍ୟ ଖାଆନ୍ତି ନାହିଁ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର ପୋଡ଼ପିଠା ତିଆରି କରାଯାଇଥାଏ । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ନିମନ୍ତେ ଏହା ଏକ ବର୍ଦ୍ଧ ଧରଣର ଭୋଗ । ଏହି ପୋଡ଼ପିଠା ତିଆରି କରିବାର ଏକ ସ୍ୱତନ୍ତ୍ର ଶୈଳୀ ରହିଛି । ପୋଡ଼ପିଠା ତିଆରି କରିବା ଦିନ, ସମୟ ଏବଂ ପିଠାର ସାମଗ୍ରୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ ଏହା ପୂର୍ବରୁ ନିର୍ଦ୍ଦିଷ୍ଟ କରାଯାଇଥାଏ । ଚାଉଳ, ଅଟା, ଗୁଡ଼, ଘିଅ, ଅଦା, ନଡ଼ିଆ ଓ କୁଆଣି ପ୍ରଭୃତି ଏକାଠି ରନ୍ଧାଯାଏ । ଖୁବ୍ ସାବଧାନତାରସହ ପ୍ରସ୍ତୁତି ନିୟମ ମାନିବା ସଙ୍ଗେ ସଙ୍ଗେ ଉକ୍ତ ତିନିଦିନ ପର୍ବର ପୂର୍ବଦିନ ରାତିରେ ପିଠା ପୋଡ଼ାଯାଏ । ଫଳରେ ପ୍ରଥମ ଦିନ ସକାଳୁ ପିଠା ଗରମ ଥାଏ ।

ଥାଇଲଣ୍ଡରେ ଏଭଳି ପର୍ବ ପାଳନ କରାଯାଏ । ପୂର୍ବେ ଥାଇଲଣ୍ଡକୁ ଶ୍ୟାମ ଦେଶ କୁହାଯାଉଥିଲା । ଅତୀତରେ ଓଡ଼ିଶା ଓ ଥାଇଲଣ୍ଡର ସଂସ୍କୃତି ମଧ୍ୟରେ ଅତି ଘନିଷ୍ଠ ସଂପର୍କ ଥିବାରୁ ଓଡ଼ିଶାର ରଜପର୍ବରୁ ଥାଇ-ପର୍ବର ସୃଷ୍ଟି ବୋଲି ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି ।











ଦିଗନ୍ତ ବିସ୍ତାରୀ ଚିରହରିତ ଅରଣ୍ୟ, ବିସ୍ତୀର୍ଣ୍ଣ ଉପତ୍ୟକା, ଅନୁଚ୍ଚ ଗିରିଶୃଙ୍ଗ ତଥା ଅସଂଖ୍ୟ ଚିରସ୍ରୋତା ଝରଣା ଭରା ଏହି ବିଶାଳ କୋରାପୁଟ ଜିଲାର ଅଙ୍ଗେ ଅଙ୍ଗେ ଭରିରହିଛି ଅକଳନୀୟ ପ୍ରାକୃତିକ ବିଭବ । ଓଡ଼ିଶାର ଦକ୍ଷିଣ ଉପାନ୍ତରେ ୧୦,୪୯୮.୯୫ ବର୍ଗ ମାଇଲ ବ୍ୟାପୀ ଏହି ପ୍ରକାଣ୍ଡ ଜିଲଟି ଇତିହାସର ବହୁ ବିବର୍ତ୍ତନ ମଧ୍ୟରେ ସ୍ୱକୀୟ ପରଂପରା ଓ ସଂସ୍କୃତିକୁ ଅପରିବର୍ତ୍ତିତ ରଖି ଆସିଛି ଯୁଗ ଯୁଗ ଧରି ।

ଚଳିତ ଶତାବ୍ଦୀର ପ୍ରାରମ୍ଭଯାଏ ଯେଉଁ କୋରାପୁଟ, ଓଡ଼ିଶାର ଏକ ଅଲଂଘ୍ୟ, ଅଭେଦ୍ୟ ତଥା ଅସ୍ୱାସ୍ଥ୍ୟକର ଅଞ୍ଚଳ ରୂପେ ପରିଗଣିତ ହେଉଥିଲା, ଆଜି ଅବଶ୍ୟ ସେପରି ନାହିଁ । ସ୍ୱାଧୀନୋତ୍ତର ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଏ ଜିଲ୍ଲାରେ କିଛିଟା ଯାତାୟାତର ବିକାଶ ହୋଇଥିବାରୁ ଆଜି ଏହାର ମନୋରମ ପ୍ରାକୃତିକ ପରିବେଶ ଆଗନ୍ତୁକମାନଙ୍କପାଇଁ ଆକର୍ଷଣୀୟ ହୋଇଛି । ଅଲକ୍ଷ୍ୟ ଭାବରେ ଜଣେ କେହି ଏହି ଜିଲାର ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯିବାବେଳେ ପଥପାର୍ଶ୍ୱରେ ଏକ ଗିରିନଦୀ ବା ପାର୍ବତ୍ୟ ଉପତ୍ୟକାକୁ ନିରେଖିବାର ନିଶ୍ଚିତ ସୁଯୋଗ ପାଇବ ।

# କେତେ କମନୀୟ କୋରାପୁଟ

ଡକ୍ଟର ରାମଚନ୍ଦ୍ର ପଟ୍ଟନାୟକ

ସେହି ପଥଯାତ୍ରୀଙ୍କର ଯଦି କିଛିଟା ଭାବୁକତା ଥାଏ, ତେବେ ସେ ନିଶ୍ଚୟ ତନ୍ମୟ ହେବେ ପ୍ରାକୃତିକ ଶୋଭା ସମ୍ଭାରର ଅବଲୋକନରେ ।

ବର୍ଷାକାଳର କୋରାପୁଟ ଆକାଶ କେତେବେଳେ ଝିପେଦ ତ କେତେବେଳେ ଗାଢ଼ କଳା ମେଘର ଶାନ୍ତ ତଥା ଭୀମକାନ୍ତ ରୂପଶ୍ରୀ ସୃଷ୍ଟି କରି ସକାଳ ସନ୍ଧ୍ୟା ତଥା ମଧ୍ୟାହ୍ନର ଭିନ୍ନତାକୁ କିଛି ସମୟ ପାଇଁ ଏଡ଼ାଇ ଦିଏ । ଶୀତ ଦିନର କୁହୁଡ଼ିଭରା ସକାଳ, ବସନ୍ତର ଅପୂରନ୍ତ ମଧ୍ୟାହ୍ନ ତଥା ଅସହ୍ୟ ଗ୍ରୀଷ୍ମର ଅମ୍ଳାନ ସନ୍ଧ୍ୟା କୋରାପୁଟ ମାଟିରେ ସୃଷ୍ଟି କରେ ମୁହୂର୍ତ୍ତରେ ମାୟା, ମନରେ ଆଣେ ଅଭିନବ ଭାବାବେଶ, ହୃଦୟର ନିବିଡ଼ତା ତଥା ପ୍ରାଣରେ ଭରି ଉଠେ ଅପୂର୍ବ ପୁଲକ ।

ଏ ଜିଲ୍ଲାର ରମ୍ୟ ପ୍ରକୃତିକୁ ବିମଣ୍ଡିତ କରୁଛନ୍ତି ଅସଂଖ୍ୟ ନଦୀ, ଉପନଦୀ, ବନ ଝରଣା, ଜଳପ୍ରପାତ ତଥା ଛୋଟବଡ଼ ଅନେକ ଜଳଭଣ୍ଡାର ।

ବଂଶଧାରା, ନାଗାବଳୀ, ଇନ୍ଦ୍ରାବତୀ, ଝଞ୍ଜାବତୀ ତଥା ଚମ୍ପାବତୀ ଇତ୍ୟାଦି ନଦୀମାନଙ୍କର ନାଁ ଗୁଡ଼ିକ ଯେପରି ଆକର୍ଷଣୀୟ ସେମାନଙ୍କର ସର୍ପିଳ ଗତିର ଶୋଭା ତାଠାରୁ ଆହୁରି ଚିତ୍ତାକର୍ଷକ । ମାଛକୁଣ୍ଡ, କୋଲାବ, ପଟେରୁ ଇତ୍ୟାଦି ଆକର୍ଷଣୀୟ ନଦୀ ସେମାନଙ୍କ ଭୌଗୋଳିକ ଅବସ୍ଥିତି ଯୋଗୁଁ ଅନେକ ଜନ କଲ୍ୟାଣକର ଯୋଜନାକୁ ସାର୍ଥକ କରିଛନ୍ତି । ମାଛକୁଣ୍ଡ ଅବବାହିକାର ଜଳାପୁଟ ନିକଟରେ ଏକ ବନ୍ଧ ନିର୍ମାଣ କରାଯାଇ ବର୍ତ୍ତମାନ ସେଠାରେ ଜଳ ବିଦ୍ୟୁତ ଉତ୍ପନ୍ନ କରାଯାଉଛି । ଶ୍ରୀ ଚୈତନ୍ୟଙ୍କ ଆଗମନ ସମୟରୁ ଏହି ନଦୀକୁ ଲୋକେ ମହାତୀର୍ଥ ରୂପେ ଗ୍ରହଣ କରି ବିଶ୍ୱାସର ସହ ଏଠାକୁ ବୁଡ଼ ପକାଇବା ପାଇଁ ଆସି ଥାଆନ୍ତି । ସେହିପରି ଆଉଏକ ବନ୍ଧ ବାଲିମେଳା ନିକଟସ୍ଥ ଚିତ୍ରକୋଣ୍ଡାରେ ପ୍ରତିଷ୍ଠା କରାଯାଇ ଦୁଇ ଲକ୍ଷ ସ୍ତରିଶ ହଜାର କିଲୋୱାଟ୍ ଶକ୍ତି ଉତ୍ପନ୍ନ କରାଯାଉଛି । କୋରାପୁଟ ସମେତ୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରାଯାଉଛି । କୋରାପୁଟ ଜିଲ୍ଲାରେ ବିଦ୍ୟୁତ୍ ଶକ୍ତି, ଅନେକ ଜଙ୍ଗଲ ଜାତ ଦ୍ରବ୍ୟ ତଥା ଅପର୍ଯ୍ୟାପ୍ତ ଖଣିଜସଂପଦ ଥିବାରୁ ରାୟଗଡ଼ା, ଜେକପୁର, ଥେରୁବାଲି, ସୁନାବେଡ଼ା, ଜୟପୁର ନିକଟରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢିଉଠିଛି ତଥା ଡିମିରିଗୁଡ଼ା ନିକଟସ୍ଥ ବାମନ ଯୋଡ଼ିରେ ଏକ ବିରାଟ ଶିବ ସୌଧ ନିର୍ମାଣ ହେବାକୁ ଯାଉଛି ।

ସୁଟିକଣା, ବାଗ୍ରା ତଥା ଗୁପ୍ତେଶ୍ୱର ନିକଟରେ ଥିବା ରମ୍ୟ ଝରଣା ତଥା ଅଭିନବ ଜଳପ୍ରପାତ ଦର୍ଶକ ମନକୁ ଭାବ ବିହ୍ୱଳିତ କରି ସତେ ଯେପରି ଗାଇଉଠିଛନ୍ତି କୋମଳ

ଭାଷାରେ ସ୍ରଷ୍ଟାଙ୍କର କୋରାପୁଟ ଜିଲ୍ଲାପ୍ରତି ଆଶୀଷର ଜୟଗାନ । ଏହା ବ୍ୟତୀତ କୋଟପାଡ଼ ନିକଟରେ ଥିବା ଦମୟନ୍ତୀ ସାଗର, ନନ୍ଦପୁରର ଜଗନ୍ନାଥ ସାଗର ତଥା ମୁଦୁଲି ପଡ଼ାର ସୀତାକୁଣ୍ଡ ଇତ୍ୟାଦି ଜଳଭଣ୍ଡାରର ବିସ୍ତୃତ ଜଳରାଶିକୁ ଚାହିଁଲେ ମନରେ ପରିତୃପ୍ତି କ୍ଷଣକେ ଭରିଯାଏ ।

ପାଞ୍ଚଶହ ଫୁଟରୁ ପାଞ୍ଚ ହଜାର ଫୁଟ ଉଚ୍ଚତା ବିଶିଷ୍ଟ-ଅସଂଖ୍ୟ ଗିରିଶୃଙ୍ଗ, ଅରଣ୍ୟ ତଥା ପାର୍ବତ୍ୟ ଉପତ୍ୟକା (ଡଙ୍ଗର) ସମଗ୍ର ଜିଲ୍ଲାର ପ୍ରାୟ ତିନି ଚତୁର୍ଥାଂଶ ଅଂଶକୁ ଆଚ୍ଛନ୍ନ କରି ରଖିଛି । ଏମାନଙ୍କ ମଧ୍ୟରେ ସର୍ବୋଚ୍ଚ ପର୍ବତ ଦେଓମାଳୀ (୫,୪୮୦ ଫୁଟ ଉଚ୍ଚ) ତାର ଅସଂଖ୍ୟ ଜୀବନ ଯନ୍ତ୍ର ତଥା ଅନେକ ମୂଲ୍ୟବାନ ବୃକ୍ଷ ବୈଭବ ନେଇ ପଟାଙ୍ଗୀ ଅଞ୍ଚଳରେ ଛତ୍ରଭଳି ବିଦ୍ୟମାନ ହୋଇ ରହିଛି । କଲ୍ୟାଣ-ସିଙ୍ଗପୁର ନିକଟରେ ଥିବା ନିମଗିରି ପର୍ବତମାଳାର ଡ଼ଙ୍ଗରରେ ବହିଯାଉଛି ଏକ ମନୋହାରିଣୀ ଝରଣା । ଚନ୍ଦ୍ରପୁର ନିକଟରେ ଥିବା କାକଟ (୩,୭୨୮ ଫୁଟ ଉଚ୍ଚ) ହାତୀମାରୀ ଖଣ୍ଡାନାଳ (୨,୩୯୨ ଫୁଟ ଉଚ୍ଚ) ଇତ୍ୟାଦି ପାହାଡ଼ରେ ତଥା ତାର ସନ୍ନିକଟରେ ଆନନ୍ଦରେ ବିଚରଣ କରୁଛନ୍ତି ହାତୀ, ବାଘ, ସମ୍ବର ପ୍ରଭୃତି ବନ୍ୟଜନ୍ତୁ ।

ଅସଂଖ୍ୟ ପାର୍ବତ୍ୟ ଡ଼ଙ୍ଗରରେ ଭରପୁର ହୋଇ ହାତୀ-ମାଳୀ ପର୍ବତମାଳା (୪,୫୬୩ ଫୁଟ ଉଚ୍ଚ) କୋଲାବର ଅପର ପାର୍ଶ୍ୱରେ ଦଣ୍ଡାୟମାନ ହୋଇ ରହିଛି । କୋରାପୁଟରୁ ଦୀର୍ଘ ଷୋଳ ମାଇଲ ପୂର୍ବରେ ଥାଇ ମଧ୍ୟ ଏହି ପର୍ବତମାଳା ଗୋଟିଏ ସୁନ୍ଦର ଚିତ୍ରପଟ ଭଳି ପରିଦୃଷ୍ଟ ହୁଏ । ଐତିହାସିକ ନନ୍ଦପୁରର ପୂର୍ବରେ ଦେଓମାଳୀ (୪,୨୬୪ ଫୁଟ ଉଚ୍ଚ) କଣ୍ଢିଆମାଳୀ (୪,୪୩୩ ଫୁଟ) ପ୍ରଭୃତି ପର୍ବତମାଳାର ଦୃଶ୍ୟ ଅତି ମନୋହର ।

ପାଡୁଆର ଦଶ ମାଇଲ ପୂର୍ବରେ ରହିଛି ଅସଂଖ୍ୟ ପର୍ବତ-ମାଳା । ସେମାନଙ୍କ ମଧ୍ୟରୁ ଶିଙ୍କରାମ (୫,୩୧୬ ଫୁଟ ଉଚ୍ଚ) ଓଡ଼ିଶା ଓ ଆନ୍ଧ୍ରର ସୀମା ଚିହ୍ନଟ କରି ଲମ୍ବିଯାଇଛି ଅନେକ ଦୂରକୁ ।

ଅନ୍ୟମାନଙ୍କ ମଧ୍ୟରେ ମାଳୀ (ଡ଼ାଲିଆମ୍ବ ନିକଟରେ ୪,୭୪୫ ଫୁଟ), କୋଟିମାଳୀ (ଲକ୍ଷ୍ମୀପୁର ନିକଟରେ ୩,୭୮୫ ଫୁଟ), ଶରମାଳୀ (କାକିର ଗୁମା ନିକଟରେ ୪,୩୮୦ ଫୁଟ), ପିଣ୍ଡମାଳୀ (କୁମାର ପୁଟ ନିକଟରେ ୪,୭୩୫ ଫୁଟ ଉଚ୍ଚ), ଘାସାମାଳୀ ଗିର୍ଲିଗୁମା ନିକଟରେ ପର୍ବତାବଳୀ ତାର ନୈସର୍ଗିକ ଶୋଭା ବିଭବ ସହ ପ୍ରକୃତି-ରାଣୀର ଶୋଭାମଣ୍ଡନ କଲାଭଳି ମନେହୁଏ । ଏହି ଜିଲ୍ଲାର ଆଉ ଅନ୍ୟାନ୍ୟ ପର୍ବତାବଳୀ ମଧ୍ୟରୁ ମାଛକୁଣ୍ଡ ନଦୀର ଅବବାହିକାରେ ଥିବା ଗିରିଶୃଙ୍ଗମାନେ ଯେପରି ଦୂର ଦୂରାନ୍ତକୁ ବ୍ୟାପି ଯାଇଛନ୍ତି କୈଳାସପୁର ତଥା ସାଲୁରୁର ପର୍ବତଗୁଡ଼ିକ ସେହିପରି ଉଚ୍ଚରୁ ଉଚ୍ଚକୁ ଉଠିଛନ୍ତି ।

ଓଡ଼ିଶାର ଅନ୍ୟାନ୍ୟ ଉପକୂଳ ଜିଲ୍ଲା ଭଳି ଏହି ଜିଲ୍ଲାର ପ୍ରାଚୀନ ଐତିହ୍ୟର ସ୍ମାରକୀ ସ୍ୱରୂପ ଏଠିରେ ଭରିରହିଛି ଅସଂଖ୍ୟ ଦେବଦେବୀ ମନ୍ଦିର । ଏଥି ମଧ୍ୟରୁ ଘଞ୍ଚ ଜଙ୍ଗଲ-ମାନଙ୍କର ଗିରିଗୁମ୍ଫା ମାନଙ୍କରେ ବିଶେଷ ଆକର୍ଷଣୀୟ ହୋଇ ପ୍ରତିଷ୍ଠିତ ହୋଇଛି ଅନେକ ଶିବ ମନ୍ଦିର । ଜୟପୁରର ଦକ୍ଷିଣ-ପଶ୍ଚିମ କୋଣରେ ଛ'ମାଇଲ ଗଲେ ପଡ଼େ ଏକ ଅଦ୍ଭୁତ ଶୈବ ପୀଠ, ଗୁପ୍ତେଶ୍ୱର । ଉତ୍ତୁଙ୍ଗ ଶାଳ ତଥା ଚିର ସୁବାସିତ ଚମ୍ପକ ବୃକ୍ଷମଣ୍ଡଳର ଘେରରେ ଥିବା ଏକ ସୁଉଚ୍ଚ ପାର୍ବତ୍ୟ କନ୍ଦରରେ ଯୁଗଯୁଗ ଧରି ଏଠାକାର ମଣିଷ ମନରେ ଧୈର୍ଯ୍ୟ ଓ ସାହସର ପ୍ରୋତ୍ସାହନ କରୁଥିବା ଏକ ବିରାଟ ଶିବଲିଙ୍ଗ ବିଦ୍ୟମାନ । ଏହି ଶିବ ମନ୍ଦିର ତଥା ବିଗ୍ରହକୁ ନେଇ ଅନେକ କିମ୍ବଦନ୍ତୀ ପ୍ରଚଳିତ । ଏହି ମନ୍ଦିର ନିକଟରେ ଏକ କ୍ଷୀଣ ସଲିଳ ପରିହିତା ରମ୍ୟ ଝରଣା ଏ ସ୍ଥାନର ପବିତ୍ରତା ତଥା ମନୋହାରିତାକୁ ଅନେକାଂଶରେ ବଢ଼ାଇ ଦେଇଥାଏ ।

ସେହିପରି ଗୁଡ଼ାରୀର ଉତ୍ତର ପଟରେ ଥିବା ମିନାଝୋଲା, କଲ୍ୟାଣସିଙ୍ଗପୁର ନିକଟରେ ଥିବା ଦେବଗିରି, ଗୁଣୁପୁର ନିକଟରେ ଥିବା ଗଦଗଦା, ନବରଙ୍ଗପୁର ନିକଟରେ ଥିବା ପାପଡ଼ାହାଣ୍ଡି, ବିଷମ କଟକ ଷ୍ଟେସନ ନିକଟରେ ଥିବା ସ୍ୱତିକଣା ତଥା ଥେରୁବାଲି ନିକଟରେ ଥିବା ପାଇକପଡ଼ା ଇତ୍ୟାଦି ସ୍ଥାନମାନଙ୍କରେ ଥିବା ଶିବ ମନ୍ଦିର ତଥା ତାର



ସନ୍ନିକଟରେ ଥିବା ଝରଣା ତଥା ଜଳାଶ୍ରୟର ଦୃଶ୍ୟ ଯେପରି ଭାବରେ ତାଠାରୁ ଆହୁରି ଅଧିକ ପବିତ୍ର ତଥା ହୃଦୟସ୍ପର୍ଶୀ । ଏହାବ୍ୟତୀତ ବୈପାରିଗୁଡ଼ାର ବୀର ଶାସନମୂର୍ତ୍ତି, ରାୟଗଡ଼ାର ମଝିଘରିଆଣୀ, ମୁଦୁଲିପଡ଼ାର ସୀତାକୁଣ୍ଡ, ନନ୍ଦପୁରର ବତ୍ରିଶ ସିଂହାସନ ତଥା ରାୟଗଡ଼ା, କୋରାପୁଟ, ଜୟପୁର, ନାରାୟଣ ପାଟଣା ଇତ୍ୟାଦି ସ୍ଥାନମାନଙ୍କରେଥିବା ଜଗନ୍ନାଥ ମନ୍ଦିରମାନ ଯୁଗ ଯୁଗ ଧରି ସ୍ଥାନୀୟ ଜନମାନବକୁ ପ୍ରଭାବିତ ତଥା ଭାବୋନ୍ମତ କରି ଆସିଛନ୍ତି ।

ଏହି ଜିଲ୍ଲାର ଅନ୍ୟ ଏକ ବୈଶିଷ୍ଟ୍ୟ, ଏହାର ଅଧିବାସୀ । ପ୍ରକୃତିର ନିର୍ମମ ଉପହାସକୁ ଭ୍ରୂକ୍ଷେପ ନକରି ଏକ ଅଦମ୍ୟ ଗତିରେ ଆଗେଇ ଚାଲିଛନ୍ତି ଯୁଗ ଯୁଗ ଧରି ଏଇ ନିଘଞ୍ଚ ଅରଣ୍ୟ ତଥା ପାର୍ବତ୍ୟ ଉପତ୍ୟକାରେ । ପ୍ରାୟ ସତରଟି ଭାଷାରେ କଥା କହୁଥିବା ସତର ଲକ୍ଷ ଗିରିଜନଙ୍କ ମଧ୍ୟରୁ ଅନେକ ବିଭିନ୍ନ ଜାଗାରେ ସ୍ଥାୟୀ ହୋଇ ରହିଛନ୍ତି । ଆଉ କେତେକ ଏବେ ମଧ୍ୟ ଯାଯାବର ହୋଇ ଘୂରିବୁଲୁଛନ୍ତି ଗୋଟିଏ ଡଙ୍ଗରରୁ ଅନ୍ୟ ଡଙ୍ଗରକୁ । ସେମାନଙ୍କର ପୋଷାକ ପତ୍ର, ରୀତିନୀତି, ଚାଲିଚଳଣ ତଥା ସାମାଜିକତାର ଅନେକ ଭିନ୍ନତା ଥିଲେବି ଚଇତି ମାସର ମହୁଆ ମହକରେ ପ୍ରାୟ ସବୁ ପୀଢ଼ିରୁ ନୃତ୍ୟ ଓ ସଙ୍ଗୀତର ସୁଅ ଛୁଟେ । ପରଂପରାଗତ ଶୃଂଖଳାରେ ଆବଦ୍ଧ ରହି ସୁଦୂର ଅତୀତରୁ ମାଲକାନ ଗିରିର ଜଙ୍ଗିରା ପର୍ବତ ମାଳାରେ ବଣ୍ଡା ନାମକ ଏକ ଜାତିର ଲୋକେ ବାସ କରନ୍ତି । ସେହିପରି ଆଉ ଏକ ଆଦିମତାର ଉଦାମ ତଥା ଆକର୍ଷଣୀୟ ଜାତି ହେଉଛନ୍ତି ନିୟମଗିରି ପାର୍ବତ୍ୟ ଉପତ୍ୟକାରେ ରହୁଥିବା ଡଙ୍ଗରିଆ କନ୍ଧ । ଏମାନଙ୍କ ସାଂସ୍କୃତିକ ତଥା ଅର୍ଥନୈତିକ ବିକାଶ ପାଇଁ ସ୍ୱାଧୀନତା ପରେ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ ହେଲାଣି ।

ଏକ ମହାନ ଐତିହ୍ୟ ତଥା ଆଦିମ ସଂସ୍କୃତିର ପ୍ରତିନିଧିତ୍ୱ କରୁଥିବା ଏହି କୋରାପୁଟ ଆଜି ଆଧୁନିକତାର ସ୍ପନ୍ଦନରେ ଜାଗରିତ ହୋଇ ଉଠିଲାଣି । ଏହାର ଦୁର୍ଗମ ଗିରିବନ କାନ୍ତାରରେ ଭରିରହିଥିବା ଅସୁମାରି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘରକୁ ଲୋକନେତ୍ରକୁ ଅଣିବା ପାଇଁ ଉତ୍ତମ ଯୋଗାଯୋଗ ପ୍ରତିଷ୍ଠା ହୋଇ ପାରିଲେ ତାହା ଦେଶ ବିଦେଶର ସୌନ୍ଦର୍ଯ୍ୟ ପିପାସୁ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରନ୍ତା । କୋରାପୁଟ ପରିଣତ ହୁଅନ୍ତା ଓଡ଼ିଶାର ଭୂ-ସ୍ୱର୍ଗରେ ।

ପ୍ରାଧ୍ୟାପକ, ରାୟଗଡ଼ା ମହାବିଦ୍ୟାଳୟ
ରାୟଗଡ଼ା, କୋରାପୁଟ



କଣ୍ଟିଲୋ ନୀଳମାଧବ, ପୁରୀ

# ଓଡ଼ିଶାର ତାଳପତ୍ର ପୋଥି



ନୀଳମଣି ମିଶ୍ର

ଓଡ଼ିଶାର ବିଭିନ୍ନ ଅଞ୍ଚଳ ବ୍ୟତୀତ ବିଭିନ୍ନାଞ୍ଚଳମାନଙ୍କରେ ଓଡ଼ିଆରେ ଲିଖିତ ବହୁ ତାଳପତ୍ର ପୋଥି ରହିଛି । ସେଗୁଡ଼ିକର ସଂଗ୍ରହ ତଥା ସଂରକ୍ଷଣ ନିମନ୍ତେ ବିହିତ ଦୃଷ୍ଟି ଦିଆଯିବା ଉଚିତ । ଏହା ଫଳରେ ଆମ ପୂର୍ବ-ପୁରୁଷଙ୍କ ଦ୍ୱାରା ଲିଖିତ ଗ୍ରନ୍ଥଗୁଡ଼ିକ ଧ୍ୱଂସ ମୁଖରେ ପଡ଼ିବା ପୂର୍ବରୁ ସଂରକ୍ଷିତ ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

ସର୍ବଭାରତୀୟ ସ୍ତରରେ 'ପୋଥି' କହିଲେ ସାଧାରଣତଃ ତାଳପତ୍ର ପୋଥିକୁ ବୁଝାଉଥାଏ । ବହୁ ପ୍ରାଚୀନ କାଳରୁ ଲେଖାର ଉପାଦାନରୂପେ ଭୂର୍ଜତ୍ୱକ୍, କାଠପଟା, ତମ୍ବାପଟା, ଶିଳାପଟ୍ଟ ଆଦି ବ୍ୟବହୃତ ହେଉଥିବାର ପ୍ରମାଣ ରହିଛି । ତଦ୍ ବ୍ୟତୀତ ପ୍ରାଚୀନ କାଳରେ ପ୍ରସ୍ତର ଭିତ୍ତି, ପଥର ଚଟାଣ ତଥା ପ୍ରସ୍ତର ସ୍ତମ୍ଭ ଉପରେ ଖୋଦନ କରି ଦାନପତ୍ରର ପ୍ରଶସ୍ତି ଏପରି କି ଛୋଟ ଛୋଟ ଗ୍ରନ୍ଥ ମଧ୍ୟ ଲେଖା ଯାଉଥିଲା । ଜଣାଯାଏ–ଭୋଜରାଜଙ୍କ ଦରବାରରେ 'ସରସ୍ୱତୀ କଣ୍ଠା ଭରଣ' ଶୀର୍ଷକ ଖଣ୍ଡିଏ ଉପଶାସ୍ତ୍ର ଗୋଟିଏ କାନ୍ଥରେ ଖୋଦିତ ହୋଇଛି ।

ତମ୍ବାପଟା ଉପରେ ପ୍ରଶସ୍ତି ଖୋଦନର ଶୈଳୀ ଖ୍ରୀଷ୍ଟୀୟ ତୃତୀୟ ଚତୁର୍ଥ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । କାଷ୍ଠ-ଫଳକ ଉପରେ ଲେଖିବାର ପଦ୍ଧତି ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଥିବାର ପ୍ରମାଣ ମିଳୁଛି । 'ଭୂର୍ଜପତ୍ର' ଉପରେ ଲେଖିବା ପ୍ରଣାଳୀ ଉତ୍ତର ତଥା ପଶ୍ଚିମ ଭାରତରେ ପ୍ରଚଳନ ଥିଲା । କାରଣ ସେହି ଅଞ୍ଚଳରେ ଭୂର୍ଜ ଗଛ ବହୁ ପରିମାଣରେ ମିଳୁଥିବାରୁ ସେହି ଗଛର ଛାଲିକୁ ପତ୍ର ଆକାରରେ ପ୍ରସ୍ତୁତ କରି, ଗ୍ରନ୍ଥମାନ ଲେଖାଯାଉଥିଲା । ଏହି ଭୂର୍ଜବଲ୍‌କଳଗୁଡ଼ିକ ନିତାନ୍ତ ମସୃଣ ତଥା ସୂକ୍ଷ୍ମ ଥିବାରୁ ଏଥିରେ ଧାତବ ପଦାର୍ଥରୁ ପ୍ରସ୍ତୁତ କାଳିରେ ଅକ୍ଷର ଲେଖା ଯାଉଥିଲା ।

କିନ୍ତୁ ପୂର୍ବ ଭାରତରେ, ବିଶେଷତଃ ଓଡ଼ିଶାରେ ବଣଜଙ୍ଗଲ ମଧ୍ୟରେ ଭୂର୍ଜ ବୃକ୍ଷ ପ୍ରାୟ ଦେଖାଯାଏ ନାହିଁ । ତେଣୁ ଏ ଅଞ୍ଚଳରେ ଭୂର୍ଜ ବଲ୍‌କଳ ଉପରେ ଲେଖା ଯାଉଥିବାର ପ୍ରମାଣ ମିଳେ ନାହିଁ ।

ପ୍ରକୃତିର ବରଦାନ ସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳରେ ତାଳଗଛର ପ୍ରାଚୁର୍ଯ୍ୟ ହେତୁ ଓଡ଼ିଶା ସମେତ ସମଗ୍ର ଦକ୍ଷିଣ ଭାରତରେ ତାଳପତ୍ର ଉପରେ ଅକ୍ଷର ଖୋଦନ କରା-ଯାଉଥିଲା । ଆଧୁନିକ ପଶ୍ଚିମବଙ୍ଗର ମେଦିନୀପୁରଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ତାଳ ବୃକ୍ଷ ବହୁଳ ସଂଖ୍ୟାରେ ହେଉଥିବାର ଦେଖାଯାଏ । ଏହି ଅଞ୍ଚଳରେ ତାଳପତ୍ରଗୁଡ଼ିକ ଅପେକ୍ଷାକୃତ ତନ୍ତୁବହୁଳ ତଥା ଲମ୍ବ ଲମ୍ବ । ତାଳପତ୍ରକୁ କାଟି ଆବଶ୍ୟକୀୟ ଆକାରରେ 'ପୋଥି' ପ୍ରସ୍ତୁତ କରାଯାଉ, ତା' ଉପରେ ଲୁହାରେ ତିଆରି ଲେଖନୀ ସାହାଯ୍ୟରେ ଅକ୍ଷର ଖୋଦନ କରାଯାଉଥିଲା । ଏ ଅଞ୍ଚଳର ତାଳପତ୍ରଗୁଡ଼ିକ ସାଧାରଣତଃ ତିନୋଟି ସ୍ତର ଯୁକ୍ତ । ତେଣୁ ତା'ର ଦୁଇ ପଟରେ ଅକ୍ଷର ଖୋଦନ କରାଗଲେ ମଧ୍ୟ ଲେଖନ ବା ପଠନରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ।

ଅବଶ୍ୟ ନେପାଳ ଓ ତିବ୍ବତ ଅଞ୍ଚଳରେ ଗୋଟିଏ ପ୍ରକାର ତାଳ ଗଛ ଦେଖାଯାଏ । ସେହି ତାଳପତ୍ରଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳରେ ମିଳୁଥିବା ତାଳପତ୍ର ଅପେକ୍ଷା କୋମଳ ତଥା ମସୃଣ ହୋଇଥିବାରୁ, ତା' ଉପରେ ଲେଖନୀରେ ଅକ୍ଷର ଖୋଦନ କରାଯାଇ ପାରେ ନାହିଁ । ସେହି ତାଳପତ୍ରଗୁଡ଼ିକୁ 'ପାମୀର ପତ୍ର' ବୋଲି କୁହାଯାଏ ଏବଂ ତା' ଉପରେ କାଳିରେ ଲେଖା ଯାଇଥାଏ । ନେପାଳୀ ତଥା ତିବ୍ବତୀ ଲିପିରେ ଯେଉଁ ପୋଥିଗୁଡ଼ିକ ମିଳୁଛି, ତନ୍ମଧ୍ୟରେ ଅଧିକାଂଶ ପାମୀର ପତ୍ର ଉପରେ ଧାତବ କାଳିରେ ଲିଖିତ ପୋଥି ।

ତାଳପତ୍ରକୁ ଆଣି ତା'ର ମଝିରେ ଥିବା ଶିରାଟିକୁ ବାହାରକରି ପତ୍ରଗୁଡ଼ିକୁ ସମାନଆକାରରେ କାଟି ଦିଆଯାଏ । ପତ୍ରଗୁଡ଼ିକୁ ଖରା ଓ କାକରରେ କିଛିଦିନ ଶୁଖାଇବା ପରେ, କିଛିଦିନ ପଙ୍କରେ ପୋତି ଦିଆଯାଏ । ତାପରେ ପୁଣି ପତ୍ରଗୁଡ଼ିକୁ ଖରା ଓ କାକରରେ ଶୁଖାଇ କେତେଦିନ ପର୍ଯ୍ୟନ୍ତ ଧାନ ମରେଇରେ ପୋତି ଦିଆଯାଏ । ଏହିପରି ଭାବରେ ପତ୍ରଗୁଡ଼ିକୁ ବିଭିନ୍ନ ଭାବରେ ପ୍ରସ୍ତୁତ କରିବା ପରେ ଠିକ୍ ମଧ୍ୟ ଅଂଶରେ ଗୋଟିଏ ଗୋଲାକାର ରନ୍ଧ୍ର କରାଯାଏ । ପତ୍ରଗୁଡ଼ିକର ଦୁଇପଟେ ଦୁଇ ଖଣ୍ଡି କାଠ ବା ବାଉଁଶ ପଟା ଦେଇ ଖଣ୍ଡିଏ ଟାଣ ସୂତା ଦ୍ୱାରା ବେଶ୍ ଦୃଢ଼ କରି ବାନ୍ଧି କିଛିଦିନ ଝୁଲାଇ ରଖି ଦିଆଯାଉଥାଏ । ଏହି ପ୍ରସ୍ତୁତିକରଣ ପରେ ତାଳପତ୍ର ଖେଦାଟିକୁ 'ସଞ୍ଚା' ବୋଲି କୁହାଯାଏ । ଅର୍ଥାତ୍ ଏହା ଲେଖନ ପାଇଁ ଉତ୍ତମ ଖେଦା ବୋଲି ଗୃହୀତ ହୁଏ ।

ପୋଥି ଲେଖନକାରମାନେ ଏ' ପ୍ରକାର 'ସଞ୍ଚା' ପ୍ରସ୍ତୁତ ରଖନ୍ତି ଏବଂ ନିଜ ଯୋଜନା ଅନୁସାରେ ଗୋଟିଏ ଗୋଟିଏ ସଞ୍ଚାରେ ନିର୍ଦ୍ଦିଷ୍ଟ ଗ୍ରନ୍ଥ ଲେଖନ କରନ୍ତି । କେତେକ ଲେଖନକାର ସଞ୍ଚାଗୁଡ଼ିକୁ ଶେଷ କରି ପାରନ୍ତି ନାହିଁ ତେଣୁ ଅନେକ ପୋଥି ଗାଦିରୁ ଏକାଧିକ 'ସଞ୍ଚା' ମିଳିଥାଏ । ଆଉ କେତେକ ଲେଖନକାର ସଞ୍ଚା ପ୍ରସ୍ତୁତ କରି ଅନ୍ୟ ଲେଖନକାରଙ୍କୁ ବିକ୍ରୟ କରନ୍ତି ।

ତାଳପତ୍ର ଉପରେ ଲେଖିବାର ଶୈଳୀ ମଧ୍ୟ ଭିନ୍ନ ଧରଣର । କାଗଜ ଉପରେ ଗୋଟିଏ ହାତରେ କଲମ ଧରି ଲେଖିଲା ପରି, ତାଳପତ୍ର ଉପରେ ଲେଖାଯାଇ ପାରେ ନାହିଁ । ବାମ ହାତମୁଠାରେ ପୋଥି ଖେଦା ଧରି, ଖେଦାଟିକୁ ଆଣ୍ଠୁ ଉପରେ ରଖି, ଡାହାଣ ହସ୍ତରେ ଲେଖନୀ ଚାଳନ କରାଯାଏ । ଏହି ଲେଖନ କାର୍ଯ୍ୟରେ ବାମ ହସ୍ତ ବୃଦ୍ଧାଙ୍ଗୁଳିଟି ସାହାଯ୍ୟ କରେ । ଧଳା ପତ୍ର ଉପରେ ଯେଉଁ ଅକ୍ଷର ଖୋଦନ କରାଯାଏ, ତାହା ଧଳା ଦେଖାଯାଏ । ତେଣୁ ଅକ୍ଷରଗୁଡ଼ିକୁ କଳା କରାଇବା ଲାଗି କେଶଦରା ପତ୍ର ରସ ବା ଶିମ ପତ୍ର ରସରେ ଖଡ଼ିର ପୋଡ଼ା କଳା ଓ ରାଶିତେଲରେ ପ୍ରସ୍ତୁତ ଗୋଟିଏ ପ୍ରକାର ମଲମ ପରି କିନିଷ ବୋଳା ଯାଇଥାଏ । ପରମ୍ପରା କ୍ରମେ ଏହି ପଦ୍ଧତିରେ ପୋଥି ଅକ୍ଷରଗୁଡ଼ିକୁ କଳା କରାଯାଇ ସୁପାଠ୍ୟ କରାଯାଏ ।

ଓଡ଼ିଶାରେ ଲକ୍ଷ ଲକ୍ଷ ସଂଖ୍ୟାରେ ତାଳପତ୍ର ଲେଖାଯାଇଛି । ସେଗୁଡ଼ିକ ସାଧାରଣତଃ ମଠ, ମନ୍ଦିର, ଭାଗବତଘର, ରାଜା ଓ ଜମିଦାରଙ୍କ ଘର ତଥା ସାଧାରଣତଃ ଶିକ୍ଷିତ ଲୋକଙ୍କ ଘରେ ସାଇତା ଯାଇଥାଏ । କବି, ପଣ୍ଡିତ, ଗୁଣୀ ଓ ବିଦ୍ୱାନ୍‌ମାନେ ନୂତନ ଗ୍ରନ୍ଥମାନ ରାଜ ଦରବାରର ପଣ୍ଡିତ ସଭାରେ ଉପସ୍ଥାପିତ କରନ୍ତି । ସେଠାରେ ସ୍ୱଦେଶୀ ତଥା ବିଦେଶୀ ପଣ୍ଡିତମାନଙ୍କ ଦ୍ୱାରା ଗ୍ରନ୍ଥଟି ଆଲୋଚିତ ହୁଏ । ପଣ୍ଡିତମାନଙ୍କ ଦ୍ୱାରା ଗ୍ରନ୍ଥଟି ଆଦୃତ ହେବାପରେ, ଅନ୍ୟାନ୍ୟ ବିଦ୍ୱାନମାନେ ତା'ର ନକଲ କରି ନିଅନ୍ତି । ଧୀରେ ଧୀରେ ଗ୍ରନ୍ଥର ନକଲ ସ୍ଥାନରୁ ସ୍ଥାନାନ୍ତରକୁ ବୁଲିଯାଏ । ଗ୍ରନ୍ଥଟି ଯଦି ଉପାଦେୟ ହୋଇଥାଏ ; ତେବେ ତାହା ଅତି ଅଳ୍ପ ସମୟ ମଧ୍ୟରେ ସମଗ୍ର ଭାରତରେ ବ୍ୟାପିଯାଏ । ଏହି ପରିପ୍ରେକ୍ଷୀରେ ଭାଗବତ ଓ ଗୀତଗୋବିନ୍ଦ ପୋଥି ଦୁଇଟିର ଲୋକପ୍ରିୟତା ସମ୍ପର୍କରେ ବିଶ୍ଳେଷଣ କରାଯାଇପାରେ ।

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଲିଖିତ 'ଭାଗବତ' ଗ୍ରନ୍ଥଟି ଓଡ଼ିଶାର ଏତେ ଲୋକପ୍ରିୟ ଗ୍ରନ୍ଥ ଯେ ପୋଥି କହିଲେ ହିଁ ଲୋକେ ଭାଗବତ ବୋଲି ବୁଝନ୍ତି ଏବଂ ଗତ ଦୁଇ ତିନି ଦଶନ୍ଧି ପୂର୍ବରୁ ପ୍ରତ୍ୟେକ ସାକ୍ଷର ବ୍ୟକ୍ତି ଭାଗବତଛଡ଼ା, ଦଶମ ସ୍କନ୍ଧ ଓ ଏକାଦଶ ସ୍କନ୍ଧ ପାଠ କରିଛନ୍ତି । ଓଡ଼ିଶାରେ ଏପରି କୌଣସି ଗୃହ ନାହିଁ, ଯେଉଁ ଘରେ ଖଣ୍ଡିଏ ଦୁଇଖଣ୍ଡି ଭାଗବତ ପୋଥି ନାହିଁ ।

ସେହିପରି ଆଉ ଖଣ୍ଡିଏ ଲୋକପ୍ରିୟ ଗ୍ରନ୍ଥ ହେଉଛି ଗୀତଗୋବିନ୍ଦ । ଜୟଦେବ କେଉଁ ଶୁଭଲଗ୍ନରେ ସେ ଗ୍ରନ୍ଥଟିକୁ ଲେଖିଥିଲେ କେଜାଣି, ତାହା ଆଜି ଜାତୀୟ ସ୍ତରରୁ ଉନ୍ନୀତ ହୋଇ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିବାରେ ସମର୍ଥ ହୋଇଛି । ଓଡ଼ିଶାର ପ୍ରତ୍ୟେକ ବିଦ୍ୱାନ୍ ଗୀତଗୋବିନ୍ଦରୁ ଦୁଇ ଚାରିଟି ଧାଡ଼ି ନିଶ୍ଚିତ ଭାବରେ କଣ୍ଠସ୍ଥ କରିଛନ୍ତି ଏବଂ ପ୍ରତ୍ୟେକ ଗ୍ରାମରୁ ପାଞ୍ଚ ସାତଖଣ୍ଡ ଗୀତଗୋବିନ୍ଦ ପୁସ୍ତକ ସଂଗୃହୀତ ହୋଇ ପାରୁଛି ।

ଖ୍ରୀଷ୍ଟୀୟ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ଜନସାଧାରଣ ପୋଥିକୁ ଅନ୍ୟାନ୍ୟ ଧନରତ୍ନ ସହିତ ସମାନ ଦୃଷ୍ଟିରେ ଦେଖୁଥିଲେ ଏବଂ ମହାର୍ଘ ରତ୍ନ ସାଇତିବା ପରି ପୋଥିକୁ ଅତି ଯତ୍ନରେ ସାଇତି ରଖୁଥିଲେ । ଏପରିକି, ସେମାନେ ପୋଥିଗୁଡ଼ିକୁ ନବ ବିବାହିତା ଝିଅମାନଙ୍କୁ ଯୌତୁକ ସ୍ୱରୂପ ଅର୍ପଣ କରୁଥିଲେ ଏବଂ ପୋଥି ବନ୍ଧକ ରଖି ଟଙ୍କା ଧାନ ଇତ୍ୟାଦି କରଜ କରୁଥିଲେ ।

ଲେଖନର ଆଧାର ସ୍ୱରୂପ ତାଳପତ୍ର ପୋଥି ଏକମାତ୍ର ବସ୍ତୁ ଥିବାରୁ ଓଡ଼ିଶାର ବିଦ୍ୱାନ୍‌ମାନେ ତାଳପତ୍ର ପୋଥିରେ ବେଦ, ତନ୍ତ୍ର, ଧର୍ମଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, ଗଣିତ, ଶିଳ୍ପ, ସଙ୍ଗୀତ, ଅଭିଧାନ, କାବ୍ୟ ଓ ପୁରାଣାଦି ଗ୍ରନ୍ଥ ଲେଖୁଥିଲେ । ପ୍ରାଚୀନ ଭାରତର ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଦିନେ ଶୀର୍ଷସ୍ଥାନ ଅଧିକାର କରିଥିବାରୁ, ଓଡ଼ିଶାର ବିଦ୍ୱାନ୍‌ମାନେ "ସକଳାଗମତତ୍ତ୍ୱବେତ୍ତା" "ଅଷ୍ଟାଦଶ ଭାଷା ବାର ବିଳାସିନୀ ଭୁଜଙ୍ଗ" ଇତ୍ୟାଦି ପଦ-ପଦବୀରେ ସୁଖ୍ୟାତ ହୋଇଥିଲେ ।

ଧର୍ମଶାସ୍ତ୍ର ପ୍ରଣେତା ମନୁଙ୍କ ସମୟରୁ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଖୁବ୍ ଆଦରଣୀୟ ସ୍ତରରେ ନ ଥିଲା । ଏହା ଦ୍ରାବିଡ଼ମାନଙ୍କ ସଂସର୍ଗରେ ଆସିଥିବା ଶବର ଓ ଅଭୀରମାନଙ୍କ ଦ୍ୱାରା ଅଧ୍ୟୁଷିତ ଦେଶରୂପେ ମ୍ଲେଚ୍ଛଦେଶ ନାମରେ ପରିଗଣିତ ହେଉଥିଲା । କିନ୍ତୁ ଅଶୋକଙ୍କ କଳିଙ୍ଗ ବିଜୟ ପରେ ଏ ଦେଶର ସୁଖ୍ୟାତି ଦେଶ ବିଦେଶରେ ପ୍ରଶଂସିତ ହେଲା । ବିଶେଷତଃ ଅଇରକୁଳତିଳକ ମହାମେଘ ବାହନ ଖାରବେଳ ସମଗ୍ର ଭାରତବର୍ଷ ଜୟ କରିବା ପରେ ଭାରତୀୟ କ୍ଷେତ୍ରରେ କଳିଙ୍ଗର ସୁଖ୍ୟାତି ବୃଦ୍ଧି ପାଇଲା । ଖାରବେଳଙ୍କ ପରେ ପ୍ରାୟ ଛଅ ସାତ ଶହ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ପୁଣି ଥରେ ନିଜର ଅସ୍ତିତ୍ୱ ହରାଇ ବହୁ ରାଜବଂଶ ଦ୍ୱାରା ପଦାନତ ହୋଇଥିଲା । କିନ୍ତୁ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ ବେଳକୁ ମାଠର ବଂଶୀୟ ରାଜାମାନେ ପୁଣି ଦେଶର ହୃତ ଗୌରବ ସଦର୍ପରେ ଫେରାଇ ଆଣିଲେ । ଏହି ବଂଶର ଗୌରବଶାଳୀ ରାଜାମାନେ କେବଳ କଳିଙ୍ଗର ଶାସନଗତ ସୀମାର ସେ କେବଳ ଅଭିବୃଦ୍ଧି ଘଟାଇଥିଲେ ତା' ନୁହେଁ, ବହୁ କବି କୋବିଦଙ୍କର ପୃଷ୍ଠପୋଷକତା କରି ଜାତୀୟ ଶିକ୍ଷା କ୍ଷେତ୍ରରେ କଳିଙ୍ଗର ମାନବୃଦ୍ଧି କରିବାରେ ସକ୍ଷମ ହୋଇଥିଲେ ।

ବିଶ୍ୱ ଦରବାରରେ 'ପଞ୍ଚତନ୍ତ୍ର' ଶୀର୍ଷକ କଥା ସାହିତ୍ୟର ସ୍ଥାନ ଅତି ଉନ୍ନତ । ପଞ୍ଚତନ୍ତ୍ରର ପ୍ରଣେତା ଆଚାର୍ଯ୍ୟ ବିଷ୍ଣୁଶର୍ମା ମାଠର ବଂଶୀୟ ରାଜା ଶକ୍ତିବର୍ମା

[illegible] ପ୍ରସଙ୍ଗ [illegible]

ଓ ଅନନ୍ତବର୍ମାଙ୍କ ସମୟରେ ତାଙ୍କରି ଦରବାରରେ ରହି ଗ୍ରନ୍ଥ ରଚନା କରିଥିଲେ । ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ର ପୁସ୍ତକଟି ଆଜି ବିଶ୍ୱର ବହୁଭାଷାରେ ଅନୂଦିତ ହୋଇଛି । ଏହି ଗ୍ରନ୍ଥଟି ସଂସ୍କୃତ କଥା ସାହିତ୍ୟରେ ଏକ ଅନବଦ୍ୟ ଗ୍ରନ୍ଥ ।

ସେହିପରି ମୁରାରି ମିଶ୍ରଙ୍କ 'ଅନର୍ଘ ରାଘବ ନାଟକ' ଖଣ୍ଡିଏ ବିଶ୍ୱବିଖ୍ୟାତ ନାଟକ । ସଂପୂର୍ଣ୍ଣ ରାମାୟଣକୁ ସାତଟି ଅଙ୍କରେ ବିଭକ୍ତ କରାଯାଇ, ବାଲ୍ମୀକୀୟ ଧାରାକୁ ସଂପୂର୍ଣ୍ଣ ପରିବର୍ତ୍ତନ କରି ଏକ ନୂତନ ପଦ୍ଧତି ଅନୁସରଣ କରିଛନ୍ତି । ନାଟ୍ୟକାର ମୁରାରି ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ରଚନା କରି ସର୍ବ ପ୍ରଥମେ ପୁରୁଷୋତ୍ତମ



ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା (ଖୁବ୍ ସମ୍ଭବତଃ ରଥଯାତ୍ରା)ରେ ଅଭିନୀତ କରାଇ ଥିଲେ । ଏହି ନାଟକଟି ବର୍ତ୍ତମାନ ପୃଥିବୀର ବହୁ ବିଶ୍ୱବିଦ୍ୟାଳୟରେ ଗବେଷକମାନଙ୍କ ଦ୍ୱାରା ଆଲୋଚିତ ହେଉଛି ।

ଉତ୍କଳୀୟ ଧର୍ମଶାସ୍ତ୍ର ତଥା ଗଣିତ ବିଭାଗରେ ଶତାନନ୍ଦ ଆଚାର୍ଯ୍ୟ ଥିଲେ ଜଣେ ପ୍ରଖ୍ୟାତ ପଣ୍ଡିତ । ତାଙ୍କ ଦ୍ୱାରା ଲିଖିତ 'ଭାସ୍ୱତି' ଓ 'ଶତାନନ୍ଦ ସଂଗ୍ରହ' ତଥା 'ଶତାନନ୍ଦ ରତ୍ନମାଳା' ଶୀର୍ଷକ ଗ୍ରନ୍ଥ ତିନୋଟି ସର୍ବ ଭାରତୀୟ ସ୍ତରରେ ଖଣ୍ଡିଏ ଖଣ୍ଡିଏ ଉଚ୍ଚତ ଗ୍ରନ୍ଥ ରୂପେ ପରିଗଣିତ ହୁଏ । ଶତାନନ୍ଦ ପୁରୀରେ ଜନ୍ମ ଗ୍ରହଣ କରିଥିଲେ ଏବଂ ତାଙ୍କ ମାତା ପିତାଙ୍କ ନାମ ଥିଲା ଯଥାକ୍ରମେ ସରସ୍ୱତୀ ଓ ଶଙ୍କର । ଶତାନନ୍ଦ ଖ୍ରୀ: ଅ: ୧୦୯୯ରେ ଭାସ୍ୱତି ରଚନା କରିଥିଲେ ।

"ଖଖାଶ୍ୱି ଭେଦ ପ୍ରମିତେ ଯୁଗାବ୍ଦେ,
ଦ୍ୱିବ୍ୟୋକ୍ଷିତଃ ଶ୍ରୀ ପୁରୁଷୋତ୍ତମ ସ୍ତଂ ।
ମନସ୍ୱିନୀ ଶଙ୍କରଜୋ ବନୁଜଃ,
ଶ୍ରୀମାନ୍ ଶତାନନ୍ଦ ଇତି ପ୍ରସିଦ୍ଧଃ" ।

ଉତ୍କଳୀୟ ଧର୍ମଶାସ୍ତ୍ରବିତ୍‌ମାନଙ୍କ ମଧ୍ୟରେ ଶମ୍ଭୁକର ମିଶ୍ର ବାଜପେୟୀ ଥିଲେ ଜଣେ ପ୍ରଖ୍ୟାତ ବିଦ୍ୱାନ । ସେ କେବଳ ଉତ୍କଳୀୟ ପଣ୍ଡିତ ମଣ୍ଡଳୀରେ ନୁହନ୍ତି, ତିରିଶ ବର୍ଷ କାଳ କାଶୀର ପଣ୍ଡିତ ମଣ୍ଡଳୀରେ ଅବସ୍ଥାନ ପୂର୍ବକ ଜଣେ ପ୍ରସିଦ୍ଧ ସ୍ମୃତିକାର ରୂପେ ପ୍ରଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ପୁତ୍ର ବିଦ୍ୟାକର ମିଶ୍ର ଓ ପୌତ୍ର ଶ୍ରୀ ଜଗନ୍ନାଥ ମିଶ୍ର ତଥା ଶିଷ୍ୟ ରାମଚନ୍ଦ୍ର ମିଶ୍ର ବାଜପେୟୀ ସର୍ବଭାରତୀୟ ସ୍ମୃତିକାରମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ ।

ଗଙ୍ଗବଂଶୀୟ ରାଜ ଦରବାରରେ ଗୋବର୍ଦ୍ଧନ ଆଚାର୍ଯ୍ୟ, ଗୀତଗୋବିନ୍ଦ ପ୍ରଣେତା ଜୟଦେବ ପ୍ରଭୃତି କେତେ ଜଣ ପ୍ରଖ୍ୟାତ ପଣ୍ଡିତଙ୍କ ବ୍ୟତୀତ କପିଞ୍ଜଳ ଗୋତ୍ରୀୟ ସାନ୍ଧି ବିଗ୍ରହିକ ମହୋମହୋପାଧ୍ୟାୟ ଚଣ୍ଡୀଦାସ ଭୁବନାନନ୍ଦ ସାନ୍ଧି ବିଗ୍ରହିକ, ନୃସିଂହାନନ୍ଦ ସାନ୍ଧିବିଗ୍ରହିକ, ଚନ୍ଦ୍ରଶେଖର ସାନ୍ଧିବିଗ୍ରହିକ ମହାପାତ୍ର ଏବଂ ତାଙ୍କ ପୁତ୍ର ବିଶ୍ୱନାଥ ମହାପାତ୍ର ପ୍ରଭୃତି କବି ଆଳଙ୍କାରିକ ରୂପେ ପ୍ରଖ୍ୟାତି ଅର୍ଜ୍ଜନ କରିଥିଲେ । କବିରାଜ ବିଶ୍ୱନାଥ ମହାପାତ୍ରଙ୍କ ପ୍ରଣୀତ ଗ୍ରନ୍ଥଗୁଡ଼ିକ ମଧ୍ୟରେ "ସାହିତ୍ୟ ଦର୍ପଣ" ବିଶ୍ୱର ସଂସ୍କୃତ କବିମଣ୍ଡଳୀ ମଧ୍ୟରେ ସ୍ୱତନ୍ତ୍ର

ସ୍ଥାନ ଅଧିକାର କରିଥିଲା । ମମ୍ମଟଙ୍କ କାବ୍ୟ ପ୍ରକାଶ, ଆନନ୍ଦ ବର୍ଦ୍ଧନାଚାର୍ଯ୍ୟଙ୍କ ଧ୍ୱନ୍ୟାଲୋକ ପ୍ରଭୃତି ପ୍ରସିଦ୍ଧ ଆଳଙ୍କାରିକଙ୍କ ସିଦ୍ଧାନ୍ତକୁ ଖଣ୍ଡନ କରି ବିଶ୍ୱନାଥ କବିରାଜ ଅଳଙ୍କାର ଶାସ୍ତ୍ରରେ ଏକ ନୂତନ ମତ ଉପସ୍ଥାପିତ କରିଥିଲେ । ବ୍ୟଞ୍ଜନାବୃତ୍ତିର ଉପସ୍ଥାପନାରେ ସେ ଅଭିନବ ମତ ପ୍ରଖ୍ୟାପନ ଦ୍ୱାରା ବିଶ୍ୱର ଆଳଙ୍କାରିକମାନଙ୍କୁ ଚମତ୍କୃତ କରାଇଥିଲେ । ସେ ନିଜକୁ 'ଅଷ୍ଟାଦଶ ଭାଷା ବାରବିଳାସିନୀ ଭୁଜଙ୍ଗ' ରୂପେ ପ୍ରଖ୍ୟାପିତ କରିଥିଲେ ।

ଉତ୍କଳୀୟ ବିଦ୍ୱାନ ତଥା ବିଶ୍ୱର ପ୍ରଥମ ଗୀତି-କବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ଅବଲମ୍ବନରେ ଓଡିଶାରେ ଆହୁରି କେତେଖଣ୍ଡି ଗୀତିକାବ୍ୟ ରଚିତ ହୋଇଥିଲା । ତନ୍ମଧ୍ୟରେ କବିଚନ୍ଦ୍ରରାୟ ଦିବାକର ମିଶ୍ରଙ୍କ 'ଅଭିନବ ଗୀତଗୋବିନ୍ଦ', ନାରାୟଣ ଭଞ୍ଜଙ୍କ ରୁକ୍ମିଣୀ ପରିଣୟ ମହାକାବ୍ୟ, ରାୟ ରାମାନନ୍ଦ ପଟ୍ଟନାୟକଙ୍କ 'ଶ୍ରୀ ଜଗନ୍ନାଥ ବଲ୍ଲଭ ନାଟକ', ରଘୁରାମ ତୀର୍ଥଙ୍କ 'ମୁକୁନ୍ଦବିଳାସ', ଅଗ୍ନିଚିତ୍ ନିତ୍ୟାନନ୍ଦଙ୍କ ରଚିତ 'ଶିବଲୀଳାମୃତ' ଓ 'ଶ୍ରୀକୃଷ୍ଣଲୀଳାମୃତ', ପଣ୍ଡିତ ଶିତିକଣ୍ଠଙ୍କ ଗୀତ ସୀତାବଲ୍ଲଭ ପ୍ରଭୃତି ଗ୍ରନ୍ଥ ତାଳ-ପତ୍ରରେ ଲିଖିତ ହୋଇ ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗରେ ସଂରକ୍ଷିତ ହୋଇଛି ।

ଓଡିଶା ରାଜ୍ୟ ସଂଗ୍ରହାଳୟରେ ପ୍ରାୟ ଚାଳିଶି ହଜାର ତାଳପତ୍ର ପୋଥି ସଂଗୃହୀତ ହୋଇ ରହିଛି । ତନ୍ମଧ୍ୟରେ ବେଦ, ତନ୍ତ୍ର, ସ୍ମୃତି, ଜ୍ୟୋତିଷ, ଗଣିତ, ଶିଳ୍ପ, ସଙ୍ଗୀତ, ଅଭିଧାନ, ବ୍ୟାକରଣ କାବ୍ୟ, ଅଳଙ୍କାର ପ୍ରଭୃତି ବିଭାଗରେ ବହୁ ଅପ୍ରକାଶିତ ଗ୍ରନ୍ଥ ରହିଛି । ତାଳପତ୍ର ବ୍ୟତୀତ ହାତୀଦାନ୍ତରେ ନିର୍ମିତ ପୋଥି, ଭୂର୍ଜପତ୍ର, କୁମ୍ଭୀ ପଟୁକା, ହାତ ତିଆରି କାଗଜରେ ନିର୍ମିତ ପୋଥି ତଥା ବାଉଁଶ ପତ୍ରରେ ଲିଖିତ ପୋଥି-ଗୁଡିକର ସଂଖ୍ୟା କମ୍ ନୁହେଁ ।

ତାଳପତ୍ର ଉପରେ ବିଭିନ୍ନ ଧାତୁଜ ରଙ୍ଗ ବ୍ୟବହାର କରାଯାଇ ଚିତ୍ର ଖୋଦନ କରାଯାଉଥିଲା । ଏଭଳି ଚିତ୍ରଗୁଡିକ ଓଡିଶୀ ଶିଳ୍ପ ଚାତୁରୀର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବୋଲି ଅନ୍ତରାଷ୍ଟ୍ରୀୟ ସ୍ତରରେ ଗୃହୀତ ହୁଏ । ଗୀତଗୋବିନ୍ଦ, ଉଷାହରଣ, ଗୋପୀ ଚନ୍ଦନ, ମଥୁରା ମଙ୍ଗଳ, ରସିକହାରାବଳୀ ଆଦି ବହୁ କାବ୍ୟର ଚିତ୍ରମୟ ବର୍ଣ୍ଣନା ତାଳପତ୍ର ଉପରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ଠାରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀ ସୁଦ୍ଧା କରା ଯାଇଛି । ସେଗୁଡ଼ିକର ଶୈଳୀ, ଢଙ୍ଗ, ଅବୟବଗଠନ ଆଦି ଅଦ୍ୟାପି ନିଖୁଣ ଭାବରେ ରହିଛି । ତାଳପତ୍ର ଉପରେ ଲୁହାର ଲେଖନୀ ଚଳାଇ ଚିତ୍ରକାରମାନେ ଯେଉଁ ଚିତ୍ରମୟ କାବ୍ୟଗୁଡିକ ଅଙ୍କନ କରି ଯାଇଛନ୍ତି, ତାହା ଏ କାଳର ଚିତ୍ରଶିଳ୍ପୀମାନଙ୍କୁ ବିସ୍ମିତ କରାଉଛି ।

ଓଡିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇ ବହୁ ତାଳପତ୍ର ପୋଥି ଭାରତର ବିଭିନ୍ନ ରାଜ୍ୟରେ ଶହ ଶହ ସଂଖ୍ୟାରେ ରହିଛି । ଏତଦ୍‌ବ୍ୟତୀତ ଜର୍ମାନ୍, ଇଂଲଣ୍ଡ, ଆମେରିକା ପ୍ରଭୃତି ଦେଶରେ ବହୁ ଦୁର୍ଲଭ ତାଳପତ୍ର ପୋଥି ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ରାଜ୍ୟ ସଂଗ୍ରହାଳୟର ସୀମିତ ସମ୍ବଳ ମଧ୍ୟରେ ଓଡିଶାର ସବୁ ଅଞ୍ଚଳରୁ ପୋଥି ସଂଗ୍ରହ କରିବା ସମ୍ଭବ ହେଉ ନାହିଁ ଏବଂ ଯେଉଁ ପୋଥିଗୁଡିକ ସଂଗୃହୀତ ହୋଇଛି, ସେଗୁଡିକର ରକ୍ଷଣା ବେକ୍ଷଣ ଲାଗି ସମୁଚିତ ଦୃଷ୍ଟି ଦିଆ ଯାଇ ପାରୁନାହିଁ ।

ଆହୁରି ମଧ୍ୟ ଜଣାଯାଏ ଯେ, ଓଡିଶାର ବିଭିନ୍ନ ଅଞ୍ଚଳ ବ୍ୟତୀତ ବିଭିନ୍ନ ବ୍ରାହ୍ମଣମାନଙ୍କରେ ଓଡିଆରେ ଲିଖିତ ବହୁ ତାଳପତ୍ର ପୋଥି ରହିଛି । ସେଗୁଡିକର ସଂଗ୍ରହ ତଥା ସଂରକ୍ଷଣ ଲାଗି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ । ଏହା ଫଳରେ ଆମ ପୂର୍ବ ପୁରୁଷଙ୍କ ଦ୍ୱାରା ଲିଖିତ ଗ୍ରନ୍ଥଗୁଡିକ ଧ୍ୱଂସ ମୁଖରେ ପଡିବା ପୂର୍ବରୁ ସଂରକ୍ଷିତ ହୋଇ ପାରିବ, ସନ୍ଦେହ ନାହିଁ ।

ଓଡ଼ିଆ ଜାତିକୁ ତା'ର ନିଜତ୍ୱ ଓ ନିଜସ୍ୱରେ ପ୍ରତିଷ୍ଠିତ ହେବ। ସଙ୍ଗେ ସଙ୍ଗେ ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ହେବ । ଏହି ସ୍ଥାନ ଲାଭ ପାଇଁ ପ୍ରକୃତି ଓଡ଼ିଶାକୁ ସମସ୍ତ ଐଶ୍ୱର୍ଯ୍ୟରେ ମଣ୍ଡିତ କରିଛି । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ ପୃଥିବୀର ଖୁବ୍ କମ୍ ଅଞ୍ଚଳରେ ଅଛି । କେବଳ ସୋଭିଏତ ୟୁନିୟନର ୟୁକ୍ରେନ ଓ ଜର୍ମାନୀର ରାଇନ୍‌ଲଣ୍ଡ ଏହା ସହିତ ତୁଳନୀୟ ହୋଇ ପାରେ। ଏହି ପ୍ରାକୃତିକ ଐଶ୍ୱର୍ଯ୍ୟର ବିକାଶ ଉପରେ ଓଡ଼ିଶାର ଭବିଷ୍ୟତ ନିର୍ଭର କରୁଛି ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଶାର ବୌଦ୍ଧ ସଂସ୍କୃତି

ଡକ୍ଟର ନବୀନ କୁମାର ସାହୁ

ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ ବୌଦ୍ଧ ରୂପେ ଖ୍ୟାତି ଲାଭ କରି ଅଛନ୍ତି ଉତ୍କଳର ଦୁଇଜଣ ସାର୍ଥବାହ ତପସୁ ଏବଂ ଭଲ୍ଲିକ । ସେ ଦୁହେଁ ପାଞ୍ଚଶହ ଶକଟରେ ପଣ୍ୟ ଦ୍ରବ୍ୟ ନେଇ ମଧ୍ୟଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିବା ବାଟରେ ଉରୁବେଲା ଜଙ୍ଗଲରେ ଗୌତମ ବୁଦ୍ଧଙ୍କୁ ଭେଟିଥିଲେ । ଯେତେବେଳେ ଗୌତମ ବୋଧିଲାଭ କରି ଆଠ ସପ୍ତାହଯାଏ ଖାଦ୍ୟ ନଖାଇ ରାଜାୟତନ ନାମକ ଏକ ବୃକ୍ଷ ମୂଳରେ ପଡ଼ି ରହିଥିଲେ । ସେହି ବଣିକ ଦ୍ୱୟ ତାଙ୍କୁ ମଧୁ ଓ ପିଷ୍ଟକ ଖାଇବାକୁ ଦେଇ ତାଙ୍କର ଜୀବନ ରକ୍ଷା କରିଥିଲେ ଏବଂ ତାଙ୍କଠାରୁ ପ୍ରଥମ ହୋଇ ଧର୍ମନୀତି ଗ୍ରହଣ କରିଥିଲେ । ସେମାନେ ବୁଦ୍ଧଙ୍କର ବୃଦ୍ଧିଲାଭ କରିଥିବା ନଖ ଓ କେଶ କର୍ତ୍ତନ କରି ଉତ୍କଳକୁ ଆଣିଥିଲେ ଏବଂ ସେଠାରେ ନଖ ସ୍ତୂପ ଓ କେଶ ସ୍ତୂପ ନିର୍ମାଣ କରିଥିଲେ ।

ବୁଦ୍ଧଙ୍କର ପରିନିର୍ବାଣ ପରେ କୁସୀନାରାଠାରେ ତାଙ୍କର ମର ଶରୀର ଦଗ୍ଧ କରା ଯାଇଥିଲା । ସେହି ଚିତା ମଧ୍ୟରୁ ବୁଦ୍ଧଙ୍କର ଏକ ବାମ କଲଦାନ୍ତ ଖେମ ନାମକ ଜଣେ ଭିକ୍ଷୁ ଉଦ୍ଧାର କରି କଳିଙ୍ଗ ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ । ବ୍ରହ୍ମଦତ୍ତ ନିଜ ରାଜଧାନୀଠାରେ ଉକ୍ତ ଦନ୍ତ ଧାତୁର ସଂରକ୍ଷଣ ଓ ପୂଜନ ନିମନ୍ତେ ଏକ ସୁନ୍ଦର ଚୈତ୍ୟ ନିର୍ମାଣ କରିଥିଲେ । କଳିଙ୍ଗର ରାଜଧାନୀ ଦନ୍ତପୁର ନାମରେ ପ୍ରଖ୍ୟାତ ହୋଇଥିଲା । ସେହି ପବିତ୍ର ଦନ୍ତଧାତୁ ବହୁକାଳ ଯାଏ ଦନ୍ତପୁରଠାରେ ପୂଜିତ ହୋଇଥିବା ଜଣାପଡ଼େ । ଖ୍ରୀଷ୍ଟୀୟ ତୃତୀୟ ଶତକରେ ତତକାଳୀନ କଳିଙ୍ଗ ରାଜ ଗୁହଶିବ ଶତ୍ରୁ ହସ୍ତରୁ ଦନ୍ତ ଧାତୁ ରକ୍ଷା କରିବା ନିମନ୍ତେ ତାହା ନିଜ ବନ୍ଧୁ ସିଂହଳ ରାଜା ମହାସେନଙ୍କ ନିକଟକୁ ଦୁହିତା ହେମମାଳା ଓ ଯାମାତା ଦନ୍ତକୁମାରଙ୍କ ହସ୍ତରେ ପ୍ରେରଣ କରିଥିଲେ । ଅନେକଙ୍କ ମତରେ ବୁଦ୍ଧଙ୍କର ସେହି ପବିତ୍ର ଦନ୍ତ ଏପର୍ଯ୍ୟନ୍ତ ଶ୍ରୀଲଙ୍କାଠାରେ ପୂଜିତ ହେଉଅଛି ।

ଉପରୋକ୍ତ ଉପାଖ୍ୟାନ ଦୁଇଟିରୁ ସ୍ପଷ୍ଟ ମିଳେ ଯେ ବୁଦ୍ଧଙ୍କ କାଳରୁ ପ୍ରାଚୀନ ଉତ୍କଳ ଓ କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରାଧାନ୍ୟ ପ୍ରକାଶ ପାଇଥିଲା ଏବଂ ବହୁ ଶତାବ୍ଦୀ ଯାଏ ସେହି ଧର୍ମ ଜନ ଜୀବନକୁ ପ୍ରଭାବିତ କରିଥିଲା ।

ଅଶୋକଙ୍କ କଳିଙ୍ଗ ଯୁଦ୍ଧ (ଖ୍ରୀ: ପୂ: ୨୬୧) ପରେ ବୌଦ୍ଧ ଧର୍ମରେ ଅଭୂତ ପୂର୍ବ ପରିବର୍ତ୍ତନ ଦେଖା ଦେଲା । ସେହି ଯୁଦ୍ଧର ପରିଣତିରେ ଘୋର ଅନୁତପ୍ତ ଓ ଧର୍ମ କାମ ହୋଇ ଅଶୋକ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । କଳିଙ୍ଗ ଯୁଦ୍ଧ ପରି ଏକ ବିରାଟ ଯୁଦ୍ଧ ଫଳରେ ଅଶୋକଙ୍କ ପରି ଜଣେ ମହାନ୍ ନରପତି ବୌଦ୍ଧଧର୍ମ ଗ୍ରହଣ କରିବା ଘଟଣା ଉକ୍ତ ଧର୍ମ ପକ୍ଷରେ ବଳିଷ୍ଠ ପରିପ୍ରସ୍ଥର ରୂପେ କାର୍ଯ୍ୟ କଲା ଏବଂ ଅଳ୍ପ କାଳ ମଧ୍ୟରେ ତାହା ହିମାଳୟଠାରୁ କୁମାରିକା ଯାଏ ବ୍ୟାପୀ ଯାଇଥିଲା । କେବଳ ସେତିକି ନୁହେଁ, ଭାରତ ବର୍ଷର ଭୌଗୋଳିକ ସୀମା ଡେଇଁ ସେହି ଧର୍ମ ପୂର୍ବରେ ବ୍ରହ୍ମଦେଶଠାରୁ ପଶ୍ଚିମରେ ଗ୍ରୀକ୍‌ଦେଶ ଏବଂ ଦକ୍ଷିଣରେ ସିଂହଳ ଯାଏ ଅଳ୍ପ କେତୋଟି ବର୍ଷ ମଧ୍ୟରେ ପରିବ୍ୟାପ୍ତ ହୋଇଥିଲା । ବୌଦ୍ଧଧର୍ମକୁ ବିଶ୍ୱବ୍ୟାପୀ କରିବାରେ କଳିଙ୍ଗର ଗୌରବମୟ ଅବଦାନ ଇତିହାସ ସ୍ୱୀକାର କରେ ।

ସମ୍ରାଟ୍ ଅଶୋକ କଳିଙ୍ଗର ଧଉଳୀ (ତତ୍‌କାଳୀନ ତୋଷାଳୀ) ଏବଂ ଜଉଗଡ଼ (ତତ୍‌କାଳୀନ ଖପିଙ୍ଗଲ ପର୍ବତ) ଠାରେ ଯେଉଁ ଅନୁଶାସନ ଲିପିବଦ୍ଧ କରିଥିଲେ ତାହା ଅଦ୍ୟାବଧି ରହିଅଛି । ସେହି ଉଭୟ ସ୍ଥାନରେ ସେ ଦୁଇଟି ସ୍ୱତନ୍ତ୍ର ଅନୁଶାସନ ଉତ୍କୀର୍ଣ୍ଣ କରି ତହିଁରେ ନୂତନ ବିଜିତ କଳିଙ୍ଗରେ ପ୍ରଶାସନ ନୀତି ଏବଂ ତହିଁ ସଙ୍ଗେ ଧର୍ମ ବିଜୟ ନୀତିର ଯେଉଁ ବିବରଣ ଦେଇଛନ୍ତି ତାହା ବିଦ୍ୱାନ ମଣ୍ଡଳୀଙ୍କର ଦୃଷ୍ଟି ଆକର୍ଷଣ କରି ଆସିଅଛି ।

ଧଉଳୀ ପାହାଡ଼ସ୍ଥ ଅଶୋକଙ୍କ ହସ୍ତୀପ୍ରତିମା କଳିଙ୍ଗର ପ୍ରାଚୀନତମ ଖୋଦନ ଶିଳ୍ପର ପ୍ରତୀକ ଏବଂ ତାହା ସେହି ଅଞ୍ଚଳରେ ବୌଦ୍ଧକଳାର ପ୍ରଥମ ନିଦର୍ଶନ । ହସ୍ତୀ ବିଗ୍ରହଟି ସୁରିଫୁଟ ଉଚ୍ଚ ଏବଂ ତାହା ଏକ ଗିରି ଗୁମ୍ଫା ମଧ୍ୟରୁ ଦର୍ଶକ ଆଡ଼କୁ ଚାଲି ଆସୁଥିବା ଅବସ୍ଥାରେ ଖୋଦିତ । ଅଶୋକଙ୍କର ଶିଳ୍ପୀମାନେ ସିଂହ, ହସ୍ତୀ, ଘୋଟକ, ବୃଷଭ ଆଦି ପ୍ରାଣୀଙ୍କ ବିଗ୍ରହ ପ୍ରସ୍ତରରେ ଖୋଦନକରି ଯେଉଁ ଅପୂର୍ବକଳା ପରଂପରା ପ୍ରକାଶକରି ଅଛନ୍ତି, ଧଉଳୀ ପାହାଡ଼ର ହସ୍ତୀ ପ୍ରତିମାରେ ତାହାର ଉନ୍ନତ ଶୈଳୀ ପରି ପରିସ୍ଫୁଟ ହୋଇଅଛି । ଡେରାଡୁନ୍ ଜିଲ୍ଲାର କାଲସୀଠାରେ ଉତ୍କୀର୍ଣ୍ଣ ଅଶୋକଙ୍କ ହସ୍ତୀ ଉଦ୍ଧତ ବିଜୟୋନ୍ମତ୍ତ ଭାବରେ ମାଡ଼ି ଚାଲିଥିବା ଦେଖାଯାଏ । ମାତ୍ର ଧଉଳୀ ହସ୍ତୀରେ ଅନିର୍ବଚନୀୟ ପ୍ରଶାନ୍ତଭାବ ଏବଂ ଗାମ୍ଭୀର୍ଯ୍ୟ ଲକ୍ଷ୍ୟ କରାଯାଏ । କଳିଙ୍ଗଯୁଦ୍ଧପରେ ଚଣ୍ଡାଶୋକ




ଅନୁଶୋଚନାର ପ୍ରାବଲ୍ୟରେ ଧର୍ମାଶୋକ ରୂପେ ପରିବର୍ତ୍ତିତ ହୋଇଥିବା ସାଙ୍କେତିକ ନିଦର୍ଶନ ସତେ-ଯେପରି ପ୍ରକାଶ ପାଉଛି ସେହି ହସ୍ତୀ ବିଗ୍ରହ ଦୁଇଟିର ଭାବ ବିନ୍ୟାସରେ ।

ବେଗ୍‌ଲର ହାରେବ ଏବଂ ରାଜେନ୍ଦ୍ରଲାଲମିତ୍ର ଧଉଳୀଠାରେ ବୌଦ୍ଧ ସ୍ତୂପର ଅବଶେଷ ଥିବା ଉଲ୍ଲେଖ କରିଅଛନ୍ତି । ମାତ୍ର ବର୍ତ୍ତମାନ ସେହି ପ୍ରାଚୀନ ସ୍ତୂପର ସଂକେତ ଦେଖିବାକୁ ମିଳୁନାହିଁ । ସେହି ସ୍ଥାନରେ ପରମ ବୌଦ୍ଧ ଫୁଜି ନିର୍ମାଣ କରାଇଥିବା ଶାନ୍ତିସ୍ତୂପ ସ୍ମୃତି ଉଦ୍ରେକ କରୁଅଛି । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ଧଉଳୀ (ସୁରଭ ଗିରି) ଠାରେ ଥିବା ଆର୍ଯ୍ୟ ସର୍ବଗାମୀଙ୍କ ବିହାର ସମଗ୍ର ଭାରତରେ ଖ୍ୟାତି ଅର୍ଜନ କରିଥିଲା । ସେହି ବିହାରରେ ଯୋଗାଚାର ଦର୍ଶନ ଶିକ୍ଷାଲାଭ କରିଥିବା ଉପାସିକା ଅଚଳାଶ୍ରୀ ରା ଏବଂ ସୁଧନ କୁମାରଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ପ୍ରାରମ୍ଭରେ ପ୍ରଜ୍ଞାପାରମିତା ଗ୍ରନ୍ଥ ପ୍ରକାଶିତ ହୋଇ ମହାଯାନ ବୌଦ୍ଧଧର୍ମକୁ ପୂର୍ଣ୍ଣ ରୂପରେଖ ପ୍ରଦାନ କରିଥିଲା । ଅଷ୍ଟ ସାହସ୍ରିକା ହେଉଛି ପ୍ରଜ୍ଞାପାରମିତା ସଂପର୍କୀୟ ପ୍ରଥମ ଗ୍ରନ୍ଥ । ତାହାର ପ୍ରକାଶନ ପୂର୍ବେ ବୌଦ୍ଧମାନଙ୍କର ବିଶ୍ୱାସ ଥିଲା ଯେ ସାଧାରଣ ମନୁଷ୍ୟ କେବେହେଁ ବୁଦ୍ଧହୋଇ ପାରିବ ନାହିଁ । ସେ ବହୁ ସାଧନାପରେ ଅର୍ହତରୂପେ ଶଂସିତ ହୋଇ ଜନ୍ମଚକ୍ରରୁ ମୁକ୍ତ ହୋଇ ପାରିବ । ମାତ୍ର ଅଷ୍ଟସାହସ୍ରିକା ପ୍ରଜ୍ଞାପାରମିତା ପ୍ରଥମ ହୋଇ ଘୋଷଣା କଲା ଯେ ସାଧାରଣ ମନୁଷ୍ୟ କେତେକ ଚର୍ଯ୍ୟା ଓ ସାଧନା ଦ୍ୱାରା ଦିନେ ବୁଦ୍ଧତ୍ୱର ଅଧିକାରୀହୋଇ ପାରିବ । ଅଧିକନ୍ତୁ ମଧ୍ୟ ଅଷ୍ଟସାହସ୍ରିକାରେ ପୁଦ୍‌ଗଳ ଶୂନ୍ୟତା ସ୍ଥାନରେ ଧର୍ମ ଶୂନ୍ୟତା ଦର୍ଶନରେ ଗୁରୁତ୍ୱ ପ୍ରତିପାଦନ କରାଯାଇଥିଲା ଏବଂ ସେହିସବୁ ବୈପ୍ଳବିକ ଚିନ୍ତା ବୌଦ୍ଧ ଜଗତରେ ନୂତନ ଆଲୋଡ଼ନ ସୃଷ୍ଟି କରିଥିଲା । ଅଷ୍ଟସାହସ୍ରିକା ପ୍ରଜ୍ଞାପାରମିତା ହିଁ ମହାଯାନ ବୌଦ୍ଧଧର୍ମର ସୂତ୍ରପାତ କଲା । ପ୍ରାଚୀନ ବୌଦ୍ଧଗ୍ରନ୍ଥ ତତ୍ତ୍ୱ ସଂଗ୍ରହରେ ତଥା ଲାମା ତାରାନାଥଙ୍କ ଲେଖାରେ ସ୍ପଷ୍ଟ ଉଲ୍ଲେଖ ମିଳେ ଯେ ସ୍ୱୟଂ ମଞ୍ଜୁଶ୍ରୀ ଭିକ୍ଷୁରୂପରେ ଆସି ଓଡ଼ିଶାରେ ଅଷ୍ଟସାହସ୍ରିକା ପ୍ରଜ୍ଞାପାରମିତା ରଚନା କରିଥିଲେ ଏବଂ ତାହାଦ୍ୱାରା ମହାଯାନ ବୌଦ୍ଧଧର୍ମ ପ୍ରଖ୍ୟାପନ କରିଥିଲେ । ଏଥିରୁ ନିଶ୍ଚିତରୂପେ ବୁଝାଯାଇପାରେ ଯେ ସୁପ୍ରସିଦ୍ଧ ପ୍ରଜ୍ଞା-ପାରମିତା ସାହିତ୍ୟର ଆଦିଭୂମି ଏବଂ ମହାଯାନ ବୌଦ୍ଧଧର୍ମର ଲୀଳାଭୂମି ହେଉଛି ଓଡ଼ିଶା ।

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ପରିମଳଗିରି ବିହାରରେ ବୋଧିସତ୍ତ୍ୱ ନାଗାର୍ଜୁନ ଅଷ୍ଟସାହସ୍ରିକା ପ୍ରଜ୍ଞାପାରମିତାର ଟୀକା ରଚନା କରିଥିଲେ । ସେହି ଗ୍ରନ୍ଥର ନାମ ହେଉଛି ପ୍ରଜ୍ଞାପାରମିତା ଶାସ୍ତ୍ର ଏବଂ ତହିଁରେ ସେ ମହାଯାନ ବୌଦ୍ଧ ଦର୍ଶନ ମାଧ୍ୟମିକ ଶୂନ୍ୟବାଦ ପ୍ରତିପାଦନ କରିଥିଲେ । ପରିମଳଗିରି ବିହାର ଆଧୁନିକ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ସୀମା ନର୍ଦ୍ଦେଶ କରୁଥିବା ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ଗିରିର ନୃସିଂହନାଥ ଓ ହରିଶଙ୍କର ଶୃଙ୍ଗ ଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଥିଲା । ଅତିସୁନ୍ଦର ତାହା ଲୋକ ବିଶ୍ୱାସରେ ଏକ ପବିତ୍ର ତୀର୍ଥକ୍ଷେତ୍ର ଏବଂ ନିର୍ଝରିଣୀ ଓ ବନୌଷଧି ସମାକୀର୍ଣ୍ଣ ଏକ ରମଣୀୟ ସ୍ଥାନ । ପ୍ରସିଦ୍ଧ ଦାର୍ଶନିକ ଆର୍ଯ୍ୟଦେବ ତରୁଣ ବୟସରେ କଳିଙ୍ଗର ରାଜଧାନୀ ସିଂହପୁରଠାରୁ ୨୫୪ ମାଇଲ (୧୮୦ଲି) ଅରଣ୍ୟ ସଂକୁଳ ପଥ ଅତିକ୍ରମକରି ପରିମଳଗିରି ବିହାରରେ ପହଞ୍ଚିଥିଲେ ଏବଂ ନାଗାର୍ଜୁନଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେ ଉକ୍ତ ବିହାରରେ ନାଗାର୍ଜୁନଙ୍କର ଉତ୍ତରାଧିକାରୀରୂପେ ପ୍ରତିଷ୍ଠିତହୋଇ ମାଧ୍ୟମିକ ଦର୍ଶନର ବିଶେଷ ଅଭିବୃଦ୍ଧି ସାଧନ କରିଥିଲେ । ପରବର୍ତ୍ତୀକାଳରେ ଶଙ୍କରାଚାର୍ଯ୍ୟ ସେହି ମାଧ୍ୟମିକ ଦର୍ଶନକୁ ଗିଳିକରି ସୁପ୍ରସିଦ୍ଧ ଅଦ୍ୱୈତ ବେଦାନ୍ତ ଦର୍ଶନ ପ୍ରବର୍ତ୍ତନ କରିଥିଲେ ।

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ତତ୍‌କାଳୀନ କୋଶଳର ରାଜଧାନୀଠାରୁ ୪୩ ମାଇଲ (୩୦୦ଲି) ଦୂରବର୍ତ୍ତୀ ପରିମଳଗିରି ବିହାରକୁ ନିଜେ ଆସିଥିଲେ ଏବଂ ବିହାରର ଉଚ୍ଚ ପରଂପରା ଓ ବିଭବରେ ଅତି ମୁଗ୍ଧ ହୋଇଥିଲେ । ସେହି ବିହାରର ଅତୁଳନୀୟ ବିଭବ ହିଁ ତାହାର ପତନ ତଥା ଧ୍ୱଂସର ମୂଳ କାରଣ ହୋଇଥିଲା ।



ରତ୍ନଗିରି

୧୯୭୮ ସାଲରେ ସମ୍ବଲପୁର ଜିଲ୍ଲାର ବୋଡ଼ାସମ୍ବର ଅଞ୍ଚଳରେ ଅଙ୍ଗ ଉପତ୍ୟକାରେଥିବା ଗଣିଆପାଲିଠାରେ ଭୂଖୋଦନକରି ଏହି ଲେଖକ ମୁଚଲିନ୍ଦ ବୁଦ୍ଧ ବିହାରର ଅବଶେଷ ଆବିଷ୍କାର କରିଥିଲେ । ତାହା ପରିମଳଗିରି ବିହାର ସଦୃଶ ବହୁ ତାଲ ବିଶିଷ୍ଟ ବିଶାଳ ବିହାରଥିବା ଜଣାପଡ଼େ ଏବଂ ତାହାର କାଳ ଖ୍ରୀଷ୍ଟୀୟ ପଞ୍ଚମ ଶତକରେ ନିର୍ଣ୍ଣିତ ହୋଇଅଛି । ମୁଚଲିନ୍ଦ ସର୍ପର ଫଣାଛତ୍ରତଳେ ଧ୍ୟାନରତ ଦୁଇଟି ବୁଦ୍ଧମୂର୍ତ୍ତି ସେଠାରେ ପୂଜିତ ହେଉଛନ୍ତି । ମୁଗୁନି ପଥରରେ ଗଢ଼ା ମଣିଷ ମାପର ସେହି ବିଗ୍ରହ ଦୁଇଟିରେ ପଞ୍ଚମ ଶତାବ୍ଦୀର କଳା ପ୍ରକାଶ ପାଏ ଏବଂ ଓଡ଼ିଶାରେ ସେ ଦୁଇଟି ହେଉଛି ପ୍ରଥମ ବୁଦ୍ଧ ପ୍ରତିମା ।

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ପୁରୀ ଜିଲ୍ଲାର ଡେଲାଂଗ ଅଞ୍ଚଳରେ ଭୋରଶୈଳ ବୌଦ୍ଧ ବିହାର ପ୍ରତିଷ୍ଠା ଅର୍ଜ୍ଜନ କରିଥିଲା । ତାହା ଥିଲା ଆଚାର୍ଯ୍ୟ ଦିଙ୍ନାଗଙ୍କର ସାଧନା ପୀଠ । ସେଠାରେ ଦିଙ୍ନାଗ ସୁବିଖ୍ୟାତ ନ୍ୟାୟ ଗ୍ରନ୍ଥ ପ୍ରମାଣ ସମୁଚ୍ଚୟ ରଚନା କରିଥିଲେ ଏବଂ ବିଖ୍ୟାତ ନୈୟାୟିକ ଈଶ୍ୱର-କୃଷ୍ଣଙ୍କୁ ତର୍କରେ ପରାସ୍ତ କରିଥିଲେ । ଦିଙ୍ନାଗଙ୍କୁ ଭାରତୀୟ ନ୍ୟାୟବାଦର ପିତା ବୋଲି ସମ୍ମାନ ପ୍ରଦର୍ଶନ କରାଯାଏ । ଭୋର ଶୈଳକୁ ଆଧୁନିକ ଡେଲାଂଗ ରେଲୱେ ଷ୍ଟେସନ ନିକଟବର୍ତ୍ତୀ ବିଶ୍ୱନାଥ ମୁଣ୍ଡିଆ ପାହାଡ଼ ସହିତ ଅନେକେ ଚିହ୍ନିତ କରନ୍ତି । ଦିଙ୍ନାଗ ଶବ୍ଦରୁ ଡେଲାଂଗ ଅପଭ୍ରଂଶ ଶବ୍ଦ ହୋଇଥିବା ଯୁକ୍ତି ପ୍ରଦର୍ଶନ କରାଯାଇଥାଏ ।

କୋରାପୁଟ ଜିଲ୍ଲାର ଜଗମଣ୍ଡା ପାହାଡ଼ରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରର ଏକ ଶିଳାଗାତ୍ରରେ ଯେଉଁ ପ୍ରାଚୀନ ଅଭିଲେଖ ମିଳେ ତହିଁରୁ ଜଣା ପଡ଼େ ଯେ ସେହି ସ୍ଥାନ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଆଚାର୍ଯ୍ୟ ଧର୍ମକୀର୍ତ୍ତି ମହାଯାନ ବୌଦ୍ଧ ଦର୍ଶନ ବିଜ୍ଞାନ ବାଦର ଏକ ଉଜ୍ଜ୍ୱଳ ଦୀପଶିଖା ରୂପେ କୀର୍ତ୍ତିତ । ତାଙ୍କ ରଚିତ 'ନ୍ୟାୟ ବିନ୍ଦୁ' ସମଗ୍ର ଏସିଆର ବୌଦ୍ଧ ଚିନ୍ତାଧାରାକୁ ପ୍ରଭାବିତ କରିଅଛି । ସେ ସୁବିଖ୍ୟାତ ସାଂଖ୍ୟ ଦାର୍ଶନିକ କୁମାରିଲ ଭଟ୍ଟଙ୍କୁ ଶାସ୍ତ୍ରରେ ପରାଜିତକରି ବୌଦ୍ଧ ଦର୍ଶନର ମହତ୍ତ୍ୱ ପ୍ରତିପାଦନ କରିଥିଲେ । ଜଗମୁଣ୍ଡା ପାହାଡ଼ ଗୁଣୁପୁର ସବ୍‌ଡ଼ିଭିଜନ ଅନ୍ତର୍ଗତ ପଦ୍ମପୁର ନିକଟରେ ବଂଶଧାରା ନଦୀ ଅବବାହିକାରେ ଅବସ୍ଥିତ । ତାହାର ପ୍ରାକୃତିକ ପରିବେଶ ଅତି ରମଣୀୟ ଓ ଚିତ୍ତାକର୍ଷକ ।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ମହାଯାନ ବୌଦ୍ଧ ଧର୍ମର ଅସ୍ତରାଗ ତଥା ବଜ୍ରଯାନର ଅଭ୍ୟୁଦୟ ପ୍ରକାଶିତ ହୁଏ ରତ୍ନଗିରି ମହା ବିହାରରେ । ସେହି ବିହାର ଷଷ୍ଠ ଶତାବ୍ଦୀଠାରୁ ଧର୍ମ ଓ କଳା ପରଂପରାର ଏକ ପ୍ରସିଦ୍ଧ କେନ୍ଦ୍ର ଭାବରେ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅତି ସମୃଦ୍ଧିଶାଳୀ ବିହାରରୂପେ ପ୍ରାଧାନ୍ୟ ବିସ୍ତାର କରିଥିଲା ଓ ରତ୍ନଗିରି ବିହାରରେ ଯେଉଁ ଉନ୍ନତ ଖୋଦନ କଳା ବିକାଶଲାଭ କରିଥିଲା, ତାହା ସିଂହଳର ଅନୁରାଧାପୁର, ପୋଲୋନରୁଓ୍ୱାଠାରୁ ଶୈଳେନ୍ଦ୍ର ସାମ୍ରାଜ୍ୟର ଚଣ୍ଡୀ କଲସାନ୍, ଅଙ୍କୋରବାଟେ ଏବଂ ବୋରୋବୁଦୁର ପର୍ଯ୍ୟନ୍ତ ସମଗ୍ର ଦକ୍ଷିଣ ପୂର୍ବ ଏସିଆକୁ ପ୍ରଭାବିତ କରିଥିଲା । ସେହି କଳା ପରଂପରା ଓଡ଼ିଶାର ମନ୍ଦିର ଗାତ୍ରରେ ପ୍ରତିଫଳିତ ହୋଇଥିବା ସ୍ପଷ୍ଟ ଦେଖିବାକୁ ମିଳେ ।

ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗରେ ସମ୍ବଳ (ଆଧୁନିକ ସମ୍ବଲପୁର) ର ରାଜା ସିଦ୍ଧ ଇନ୍ଦ୍ରଭୂତି ଆଦି ବୁଦ୍ଧ ଜଗନ୍ନାଥ ଏବଂ ଆଦି ପ୍ରଜ୍ଞାଙ୍କ ସହିତ ପଞ୍ଚଧ୍ୟାନୀ ବୁଦ୍ଧ ଓ ବୋଧି ଶକ୍ତିଙ୍କ ଉପାସନା ପ୍ରଚଳନ କରି ବଜ୍ରଯାନ ବୌଦ୍ଧ ଧର୍ମ ପ୍ରବର୍ତ୍ତନ କରିଥିଲେ । ତାଙ୍କର ଭଉଣୀ ସିଦ୍ଧା ଲକ୍ଷ୍ମୀଙ୍କରା ସହଜାତ ପ୍ରବୃତ୍ତିର ବିକାଶ ଉପରେ ଗୁରୁତ୍ୱ ଆରୋପ କରି ସହଜ ଯାନ ବୌଦ୍ଧ ଧର୍ମ ପ୍ରଚାର କଲେ । ଇନ୍ଦ୍ରଭୂତିଙ୍କର ପୁତ୍ର ପଦ୍ମ ସମ୍ଭବ ତିବ୍ବତଠାରେ ବଜ୍ରଯାନ ଏବଂ ସ୍ଥାନୀୟ ବନ୍‌ପା ଧର୍ମର ସମନ୍ୱୟରେ ଲାମାଧର୍ମ ପ୍ରତିଷ୍ଠା କରିଥିଲେ । ସେଠାରେ ସେ

ଦ୍ୱିତୀୟ ବୁଦ୍ଧ ରୂପେ ସମ୍ମାନିତ ହୋଇ ଆସି ଅଛନ୍ତି । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ଓ ନବମ ଶତାବ୍ଦୀ ବଜ୍ରଯାନ ଧର୍ମର ଏକ ଗୌରବମୟ ଯୁଗ । ସେହିକାଳରେ ରତ୍ନଗିରିଠାରେ ପ୍ରତିଷ୍ଠିତ ମହାବିହାର ଏକ ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ରୂପେ ବିକାଶ ଲାଭ କରି ବଜ୍ରଯାନ ଧର୍ମ, ଦର୍ଶନ ଓ କଳା ପରଂପରା ଭାରତ ତଥା ଏସିଆର ଅନ୍ୟାନ୍ୟ ଦେଶକୁ ବିକୀରଣ କରିଥିଲା । ରତ୍ନଗିରି ମହାବିହାରର ଆଚାର୍ଯ୍ୟ ପିତୋପାଦ ଚକ୍ରସମ୍ବର ତନ୍ତ୍ର ରଚନା କରି କାଳଚକ୍ରଯାନ ପ୍ରବର୍ତ୍ତନ କରିଥିଲେ । ସୋନପୁର ନିବାସୀ ଜୟଦ୍ରଥ ରତ୍ନଗିରିଠାରେ ପିତୋପାଦଙ୍କଠାରୁ ସମ୍ବର ତନ୍ତ୍ର ଶିକ୍ଷା କରିଥିଲେ ଏବଂ ଚୀନ୍ ଦେଶକୁ ଯାଇ ସେଠାରେ ପିତୋପାଦଙ୍କର ଗ୍ରନ୍ଥ ଚୀନା ଭାଷାରେ ଅନୁବାଦ କରିଥିଲେ । ରତ୍ନଗିରି ମହାବିହାରରେ ଅନ୍ୟ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ ପ୍ରାଜ୍ଞ । ସେ ଭାରତର ଉତ୍ତର ପଶ୍ଚିମାଞ୍ଚଳରେ କପିସାଠାରେ ଜନ୍ମହୋଇ ଉତ୍ତର ଭାରତର ଶିକ୍ଷାୟତନରେ (ନାଳନ୍ଦା ମହାବିହାର ସହିତ) ଶିକ୍ଷା ଲାଭ କରି ପରିଶେଷରେ ରତ୍ନଗିରି ମହା ବିହାରକୁ ଆସି ଯୋଗଦର୍ଶନ (ଯୋଗାଚାର ବିଜ୍ଞାନବାଦ) ଶିକ୍ଷା କରିଥିଲେ । ଭୌମ ରାଜା ଶୁଭାକର ଦେବ ୭୮୦–୮୦୦ ଖ୍ରୀ: ) ତାଙ୍କୁ ଉତ୍କଳର ସାଂସ୍କୃତିକ ଦୂତରୂପେ ଚୀନ୍ ସମ୍ରାଟ ଟି-ସଂଙ୍କ ଦରବାରକୁ ପ୍ରେରଣ କରିଥିଲେ ଏବଂ ସେଠାରେ ସେ ୭୮୮ ଖ୍ରୀଷ୍ଟାବ୍ଦରେ "ମହାଯାନ ବୋଧିସତ୍ ପାରମିତା ସୂତ୍ର" ଚୀନ୍ ଭାଷାରେ ଅନୁବାଦ କରିଥିଲେ । ପ୍ରାଜ୍ଞଙ୍କ ଛଡ଼ା ଅବଧୂତି ବୋଧିଶ୍ରୀ ଏବଂ ନାରୋପା ଆଦି ବିଖ୍ୟାତ ବିଦ୍ୟାର୍ଥୀ ରତ୍ନଗିରି ମହା ବିହାରରେ ଶିକ୍ଷାଲାଭ କରିଥିବା ଜଣାପଡ଼େ । ନାରୋପା ସୁଦୂର କାଶ୍ମୀରଠାରୁ ଆସିଥିଲେ ଯୋଗ ଶିକ୍ଷା ଉଦ୍ଦେଶ୍ୟରେ ଏବଂ ରତ୍ନଗିରିଠାରେ ଶିକ୍ଷା ସମାପ୍ତକରି ବିକ୍ରମ ଶିଳା ବିହାରରେ ଅଧ୍ୟାପନା କାର୍ଯ୍ୟ କରିଥିଲେ ସେଠାରେ ଦୀପଙ୍କର ଶ୍ରୀଜ୍ଞାନ ଥିଲେ ତାଙ୍କର ପ୍ରିୟ ଛାତ୍ର ।


ନବମ ଓ ଦଶମ ଶତାବ୍ଦୀ ବେଳକୁ ଓଡ଼ିଶାର ବହୁ ସ୍ଥାନରେ ବଜ୍ରଯାନ ଓ ସହଜଯାନର ଧର୍ମ କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ । ତନ୍ମଧ୍ୟରୁ ବୌଦ୍ଧଠାରେ ବୁଦ୍ଧ ବିହାର, ତାଳଚେର ନିକଟରେ କର୍ଣ୍ଣାଶ୍ରମ ବିହାର, ତାମ୍ରଲିପ୍ତିଠାରେ ଭାରଦ୍ଧ ବିହାର ଏବଂ ଉତ୍ତର ବାଲେଶ୍ୱର ଅଞ୍ଚଳରେ ସୁବର୍ଣ୍ଣରେଖା କୂଳରେ ଜଗଦ୍ଦଳ ବିହାରର ନାମ ଉଲ୍ଲେଖ ଯୋଗ୍ୟ । ଲୁଇପ୍‌ପା, ଶବରୀପ୍‌ପା, କାହ୍ନୁପ୍‌ପା, ବିରୂପ୍‌ପା ଆଦି ଓଡ଼ିଶାର ବହୁ ସିଦ୍ଧାଚାର୍ଯ୍ୟ ସେ କାଳରେ ନାନା ଗାନ ଓ ଦୋହା ରଚନା କରି ସହଜ ଯାନ ଧର୍ମନୀତି ଓ ଚିନ୍ତାଧାରା ଲୋକ ପ୍ରିୟ କରିବା ସଂଗେ ଓଡ଼ିଆ ଭାଷା ଓ ସାହିତ୍ୟର ମୂଳଦୂଆ ଗଠନ କରିଥିଲେ । ଲକ୍ଷ୍ମୀଙ୍କରାଙ୍କ ପନ୍ଥାଙ୍କ ଅନୁସରଣ କରି ବହୁ ବିଦୂଷୀ ନାରୀ– ଜ୍ଞାନ ଦେଇ ମାଳୁଣୀ, ନିତାଇ ଧୋବଣୀ, ଶୁଆ ତେଲୁଣୀ, ପତ୍ର ପିନ୍ଧି ସହରୁଣୀ, ଶୁକୁଟି ଚମାରୁଣୀ ଆଦି ଛଦ୍ମନାମ ଧାରଣ କରି ସହଜିଆ ଧର୍ମ ଜନ ସାଧାରଣଙ୍କ ଚେତନା ସ୍ତରରେ ପହଞ୍ଚାଇ ପାରିଥିଲେ । ପଶ୍ଚିମ ଓଡ଼ିଶାର ପାଟଣାଗଡ଼, ସୋନପୁର ଆଦି ସ୍ଥାନ ସେହି ସହଜିଆ ସିଦ୍ଧା ନାରୀମାନଙ୍କର ପ୍ରିୟ ସ୍ଥାନ ଥିଲା ।

ସୋନପୁର ନିକଟସ୍ଥ କୋଟସମଲଇ ପାହାଡ଼ଠାରେ ସିଦ୍ଧି ଇନ୍ଦ୍ରଭୂତି ଆରାଧ୍ୟ ଠାକୁର ଆଦିବୁଦ୍ଧ ଜଗନ୍ନାଥଙ୍କ ନିମନ୍ତେ ଯେଉଁ ବିହାର ପ୍ରତିଷ୍ଠା କରିଥିଲେ ତାହା ବହୁକାଳଯାଏ ବଜ୍ରଯାନ ବୌଦ୍ଧଧର୍ମର ପୀଠ ରୂପେ ଖ୍ୟାତିଲାଭ କରିଥିଲା । ପରବର୍ତ୍ତୀକାଳରେ ସିଦ୍ଧ ଚନ୍ଦ୍ରମଣି ଦାସ ସେହିଠାରେ ନିଜର ମଠ ସ୍ଥାପନ କରିଥିଲେ ଏବଂ ସେହି ମଠ ଅଦ୍ୟାବଧି ଏକ ଲୋକପ୍ରିୟ ଧର୍ମାନୁଷ୍ଠାନ ରୂପେ ପ୍ରସିଦ୍ଧ । ସୋନପୁରର ଚନ୍ଦ୍ରମଣି ଦାସ ଏବଂ ଖଡ଼ିଆଳର ଚୈତନ୍ୟ ଦାସ ଆଦି ସିଦ୍ଧ ପୁରୁଷ ମହିମା ଧର୍ମର ପୂର୍ବାଭାସ ସୃଷ୍ଟି କରି ସେହି ଆଗନ୍ତୁକ ଧର୍ମର ପଥ ପ୍ରଦର୍ଶନ କରିଥିଲେ ।

ପ୍ରତ୍ନତତ୍ତ୍ୱ ପରାମର୍ଶଦାତା,
ଓଡ଼ିଶା ସରକାର ।

—ଯୁଗ ଯୁଗ ଧରି ଏ ଦେଶର ଚରିତ୍ରର ଅନ୍ୟ ଏକ ବିଶେଷତ୍ୱ ହେଉଛି, ସମଗ୍ର ମାନବ ଜାତିକୁ ପ୍ରେମ କରିବା । ଉପନିଷଦର ପ୍ରସିଦ୍ଧ ଶାନ୍ତି ମନ୍ତ୍ର (ଜଳ, ସ୍ଥଳ, ଆକାଶ, ବାୟୁ, ବନସ୍ପତି ଆଦି ସର୍ବତ୍ର ଶାନ୍ତିର ପ୍ରାର୍ଥନା)ଠାରୁ ଆରମ୍ଭକରି, ମହାଭାରତର ବିଦୁରଙ୍କ ବାକ୍ୟ (ପରିବାର ପାଇଁ ନିଜକୁ, ଗ୍ରାମପାଇଁ ପରିବାରକୁ, ଦେଶପାଇଁ ଗ୍ରାମକୁ ଓ ପୃଥିବୀପାଇଁ ଦେଶକୁ ପରିତ୍ୟାଗ କରିବ) ଓ ବିଭିନ୍ନ ଧର୍ମଗୁରୁମାନଙ୍କର କଲ୍ୟାଣର ପ୍ରାର୍ଥନା ପର୍ଯ୍ୟନ୍ତ ଏହାହିଁ ହେଉଛି ଭାରତୀୟ ଉଦାର ଚରିତ୍ରର ବୈଶିଷ୍ଟ୍ୟ ।

ଜାନକୀ ବଲ୍ଲଭ ପଟ୍ଟନାୟକ



# ପଶ୍ଚିମ ଓଡ଼ିଶାର ଦର୍ଶନୀୟ ସ୍ଥାନ

କୁମାରୀ ଚନ୍ଦ୍ରମା ସାହୁ


ସମଲେଇ ମନ୍ଦିର

ଓଡ଼ିଶାର ପଶ୍ଚିମାଞ୍ଚଳରେ ବହୁ ପ୍ରାକୃତିକ ବୈଭବପୂର୍ଣ୍ଣ ଏବଂ କଳା ଓ ସ୍ଥାପତ୍ୟର ଗୌରବ ପ୍ରଦର୍ଶନ କରିଥିବା ବିଚିତ୍ର ସ୍ଥାନମାନ ରହିଅଛି । ସେହିସବୁ ସ୍ଥାନ ଦର୍ଶକର ହୃଦୟକୁ ହର୍ଷ ଓ ବିସ୍ମୟରେ ଅଭିଭୂତ କରେ । ସେହି ଅଞ୍ଚଳର କେତେକ ଦର୍ଶନୀୟ ସ୍ଥାନର ପରିଚୟ ପ୍ରଦାନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ପଶ୍ଚିମ ଓଡ଼ିଶାର ସର୍ବ ପ୍ରଧାନ ସହର ହେଉଛି ସମ୍ବଲପୁର । ଏହି ସହର ମହାନଦୀର ଉତ୍ତର ପୂର୍ବ କୂଳରେ ଏକ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ । ଏଠାରେ ଉନ୍ନତ ଶୈଳୀରେ ନିର୍ମିତ ବହୁ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳେ । ତନ୍ମଧ୍ୟରୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ମନ୍ଦିରର ସ୍ଥାପତ୍ୟ ଓ ନିର୍ମାଣ ପରିପାଟୀ ଦର୍ଶକଙ୍କୁ ଆକର୍ଷଣ କରିଥାଏ । ସମଲେଶ୍ୱରୀ ମନ୍ଦିର ସମ୍ବଲପୁରର ପ୍ରଥମ ଚୌହାନ ରାଜା ବଳରାମ ଦେବଙ୍କ ଦ୍ୱାରା ନିର୍ମିତ । ତାହା ପରବର୍ତ୍ତୀ କାଳରେ ଅଷ୍ଟାଦଶ ଶତାବ୍ଦୀରେ ରାଜା ଛତ୍ରସାଏଙ୍କ ଦ୍ୱାରା ଏକ ନୂତନ ଶୈଳୀରେ ଗଢ଼ା ଯାଇଥିଲୁ । ସମ୍ବଲପୁରର ଅନନ୍ତ ଶଯ୍ୟା ମନ୍ଦିରରେ ଯେଉଁ ନିର୍ମାଣ କୌଶଳ ପ୍ରଦର୍ଶନ କରାଯାଇଅଛି, ତାହା ଏକ ଉନ୍ନତ ରୁଚିର ପରିଚାୟକ । ଏହି ସହରର ମଠମାନଙ୍କ ମଧ୍ୟରେ ଗୋପାଳଜୀ ମଠ ଚୌହାନ ରାଜାମାନଙ୍କ ଏକ ଉଲ୍ଲେଖନୀୟ କୀର୍ତ୍ତି । ଚତୁର୍ଥ ଚୌହାନ ରାଜା ମଧୁକର ସାଏଙ୍କ ପୁତ୍ର ବଂଶୀଗୋପାଳ ହେଉଛନ୍ତି, ଏହି ମଠର ନିର୍ମାତା । ମଠ ମଧ୍ୟରେ ଥିବା ବିଷ୍ଣୁଙ୍କ ମନ୍ଦିର ଗାତ୍ରରେ ବଂଶୀଗୋପାଳଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ । ମଠ ମଧ୍ୟରେ ରାଧାକୃଷ୍ଣ ମନ୍ଦିରର ପରିବେଶ ଏବଂ କାରୁକାର୍ଯ୍ୟ ଅତି ମନ ମୁଗ୍ଧକର । ସମ୍ବଲପୁରରେ ମହାନଦୀର ଦୃଶ୍ୟ ଦର୍ଶକର ଚିତ୍ତ ଆକର୍ଷଣ କରିଥାଏ । ଏଠାରେ ମହାନଦୀ ପ୍ରାୟ ଏକ ମାଇଲ ଚଉଡ଼ା ଏବଂ ବର୍ଷା କାଳରେ ଏହା ଦୁଇକୂଳକୁ ମାଡ଼ି ଅତି ଭୟଙ୍କର ଓ ସୁନ୍ଦର ଦେଖାଯାଏ । ନଦୀ ତଟବର୍ତ୍ତୀ ଅଞ୍ଚଳ ବହୁ ଆମ୍ବତୋଟା ଓ ଜଙ୍ଗଲ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ନଦୀର ବନ୍ୟା ଜଳର ବଢ଼ିବା ବହୁ ପରିମାଣରେ ଆୟତ୍ତ କରାଯାଇ ପାରିଛି ।

ହୀରାକୁଦ ବନ୍ଧ ଏକ ବହୁମୁଖୀ ଯୋଜନା ଭାବେ ଭାରତୀୟ ଇଞ୍ଜିନିୟରମାନଙ୍କ ଦ୍ୱାରା ନର୍ମିତ । ଏହି ବନ୍ଧ ନିର୍ମାଣ ଦ୍ୱାରା ଯେଉଁ ଜଳଭଣ୍ଡାର ସୃଷ୍ଟି ହେଲ, ତାହା ଏସିଆ ମହାଦେଶର ବୃହତ୍ତମ କୃତ୍ରିମ ହ୍ରଦରୂପେ ଖ୍ୟାତି ଲାଭ କରିଅଛି । ଏହାର ଦୈର୍ଘ୍ୟ ୨୮ ବର୍ଗ ମାଇଲ ଏବଂ ପରିଧି ୪୦୦ ମାଇଲରୁ ଉର୍ଦ୍ଧ୍ୱ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୪୮ ସାଲ ଅପ୍ରେଲ ମାସରେ ଏହି ବନ୍ଧର ଶିଳାନ୍ୟାସ କରିଥିଲେ ଏବଂ ତାହାଙ୍କ ଦ୍ୱାରା ୧୯୫୭ ସାଲ ଜାନୁଆରୀ ୧୩ ତାରିଖରେ ଏହା ଉଦ୍‌ଘାଟିତ ହୋଇଥିଲୁ । ହୀରାକୁଦ ଜଳଭଣ୍ଡାରର ଦୃଶ୍ୟ ଅତି ଚିତ୍ତାକର୍ଷକ ଏବଂ ଏହା ମତ୍ସ୍ୟ ବ୍ୟବସାୟ ଓ ନୌକା ବିହାରର ଏକ ପ୍ରଶସ୍ତ କ୍ଷେତ୍ର । ଏହି ବନ୍ଧ ନିର୍ମାଣ ଫଳରେ ବହୁ ଶିଳ୍ପ ପ୍ରତିଷ୍ଠାନ ଗଢ଼ି ଉଠିଛି ଏବଂ ବିସ୍ତୃତ ଅଞ୍ଚଳ ଜଳସେଚିତ ହୋଇ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଜୀବନରେ ବହୁ ଉନ୍ନତି ସାଧିତ ହୋଇଅଛି । ହୀରାକୁଦ ବନ୍ଧ ଏବଂ ଜଳ ଭଣ୍ଡାର ଦର୍ଶନାର୍ଥେ ବହୁ ବୈଦେଶିକ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରି ଆସିଛି ।

ସମ୍ବଲପୁର ଜିଲ୍ଲାର ନୃସିଂହନାଥ ପାହାଡ଼ ପର୍ଯ୍ୟଟକମାନଙ୍କ ଏକ ଆକର୍ଷଣୀୟ ସ୍ଥାନ । ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାର ସୀମା ନିର୍ଦ୍ଦେଶ କରୁଥିବା ଗନ୍ଧମାର୍ଦ୍ଦନ ପର୍ବତର ଯେଉଁ ଦୁଇଟି ପ୍ରାନ୍ତ ଦୃଷ୍ଟି ଆକର୍ଷଣ କରେ, ତନ୍ମଧ୍ୟରୁ ନୃସିଂହନାଥ ପ୍ରତ୍ୟାଚ୍ୟ ଶୃଙ୍ଗ



ବକ୍ର ମନ୍ଦିର, ହୁମା

ସମ୍ବଲପୁର ଜିଲ୍ଲାରେ ଏବଂ ହରିଶଙ୍କର ବଲାଙ୍ଗିର ଜିଲ୍ଲାରେ ଅବସ୍ଥିତ । ଏହି ଉଭୟ ଗିରିଶୃଙ୍ଗ ବହୁ ବନୌଷଧି ଏବଂ ଗିରିଝର ସମାବୃତ ହୋଇ ଅତି ଚିତ୍ତାକର୍ଷକ ହୋଇଅଛି । ଏହି ଦୁଇଶୃଙ୍ଗ ମଧ୍ୟରେ ଯେଉଁ ସୁବିସ୍ତୃତ ସମତଳ ଭୂମି ରହିଛି, ତହିଁରେ ଉନ୍ନତ ବକ୍ସାଇଟ୍ ଖଣିର ସନ୍ଧାନ ମିଳିଛି । ସେହିଠାରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ପ୍ରସିଦ୍ଧ ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନଙ୍କର ପରିମଳଗିରି ବିହାର ଅବସ୍ଥିତ ଥିଲା । ସେହିଠାରେ ନାଗାର୍ଜ୍ଜୁନ ଏବଂ ତାଙ୍କ ଶିଷ୍ୟ ଆର୍ଯ୍ୟଦେବ ମାଧ୍ୟମିକ ଶୂନ୍ୟବାଦ ଦର୍ଶନ ପ୍ରବର୍ତ୍ତନ କରି ଚିନ୍ତା ରାଜ୍ୟରେ ବିପ୍ଳବ ସୃଷ୍ଟି କରିଥିଲେ । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଏହି ସ୍ଥାନ ପରିଦର୍ଶନ କରି ପରିମଳଗିରି ବିହାରର ସମୃଦ୍ଧ ଓ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇଥିଲେ । ଏହିଠାରେ ଚୌହାନ ରାଜା ବୈଜଲ ଦେବ ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ବିଡାଳ ନୃସିଂହଙ୍କ ପୂଜା ପାଇଁ ଯେଉଁ ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ ତାହାର କଳାନୈପୁଣ୍ୟ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଅଛି । ବିଡାଳ ନୃସିଂହଙ୍କ ଉପାସନା ଏ ଅଞ୍ଚଳର ଧର୍ମ ଜୀବନରେ ବିଶେଷ ପ୍ରଭାବ ବିସ୍ତାର କରିଅଛି । ଏହି ମନ୍ଦିରର ଅନତି ଦୂରରେ 'ଦୁର୍ଗେଇଖୋଲ' ନାମକ ଏକ ଗୁମ୍ଫାରେ ଦୁର୍ଗାଙ୍କର ମୂର୍ତ୍ତି ପ୍ରତିଷ୍ଠିତ ଏବଂ ସେ ବିନ୍ଧ୍ୟବାସିନୀ ରୂପେ ବିଂଝାଲ ଓ କନ୍ଧ ଜାତିର ଲୋକଙ୍କ ଦ୍ୱାରା ବହୁକାଳରୁ ପୂଜିତ । ସେହିଗୁମ୍ଫା ନିକଟରେ ଥିବା 'ଦୁର୍ଗେଇ ଝରନ୍' ନାମକ ପ୍ରପାତର ଦୃଶ୍ୟ ଦର୍ଶକ ଭୁଲିପାରିବେ ନାହିଁ । ନୃସିଂହନାଥ ମନ୍ଦିର ନିକଟରେ ଯେଉଁ ଗିରିଝର ପ୍ରବାହିତ ହେଉଅଛି, ତାହା ପାହାଡ଼ର ଭିନ୍ନ ଭିନ୍ନ ନାମରେ ପରିଚିତ । ଯଥା: ସତ୍ୟ ଆସ, ଭୀମ ମଡୁଆ, କପିଳଧାର, ପଞ୍ଚପାଣ୍ଡବ, ଗୁପ୍ତଧାର, ସୀତାକୁଣ୍ଡ, ଭୀମଧାର, ଚାଲଧାର ଏବଂ ଗୋକୁଣ୍ଡ । ପାହାଡ଼ର ପାଦଦେଶରେ ଏହା ଗୋକୁଣ୍ଡ ରୂପେ ପ୍ରଖ୍ୟାତ । ଗୋହତ୍ୟା ଦୋଷରେ ଅଭିଯୁକ୍ତ ଲୋକେ ଏହି କୁଣ୍ଡରେ ସ୍ନାନ କରି ମୁକ୍ତି ଲାଭ କରୁଥିବା ବିଶ୍ୱାସ ରହିଅଛି ।

ନୃସିଂହନାଥ ହେଉଛି ବିଷ୍ଣୁ କ୍ଷେତ୍ର ଏବଂ ତାହାର ଅପର ପାର୍ଶ୍ୱରେ ଥିବା ହରିଶଙ୍କର ଶୈବକ୍ଷେତ୍ରରୂପେପରିଚିତ । ସେଠାରେ ହରି ଓ ହରଙ୍କ ସମାବେଶ ଧର୍ମ କ୍ଷେତ୍ରରେ ଏକ ନୂତନ ଦୃଷ୍ଟକୋଣ ସୃଷ୍ଟି କରିଅଛି । ସେଠାରେ ବହୁ ଆଡ଼ମ୍ବରରେ ପ୍ରତିବର୍ଷ 'ହରିହର ତଭଟ' ଯାତ୍ରା ପାଳିତ ହୋଇଥାଏ । ହରିଶଙ୍କର ନିକଟରେ ଥିବା ମୃଗବିହାର ଅତି ସୁନ୍ଦର ଓ ଉପଭୋଗ୍ୟ ସ୍ଥାନ ।

ସମ୍ବଲପୁର ସହରର ୧୪ ମାଇଲ ଦକ୍ଷିଣରେ ମହାନଦୀ-କୂଳସ୍ଥ ହୁମା ଗ୍ରାମରେ ବିମଳେଶ୍ୱର ଶିବଙ୍କ ବକ୍ର ମନ୍ଦିର ଏକ ଅଦ୍ଭୁତ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଏହା ୪୫ ଡିଗ୍ରୀ ତୀର୍ଯ୍ୟକ୍ ରେଖାରେ ଉତ୍ତର ଦିଗକୁ ଢଳି ପ୍ରାୟ ଚାରି ଶତାବ୍ଦୀ ଧରି ସୁଦୃଢ଼ ଭାବରେ ରହିଅଛି । ସମଗ୍ର ଭାରତରେ ଏହା ହେଉଛି ଏକ ମାତ୍ର ବକ୍ର ମନ୍ଦିର ଏବଂ ଏହା ହୀରାଖଣ୍ଡ ଛତ୍ରପତି ବଳିଆର ସିଂହଙ୍କର ଅମର କୀର୍ତ୍ତି । ଇଟାଲୀର ପିସା ନଗରୀରେ ଥିବା ପୃଥିବୀ ବିଖ୍ୟାତ ବକ୍ର ସ୍ତମ୍ଭ ସହିତ ଏହି ମନ୍ଦିରର ସ୍ଥପତି ତୁଳନୀୟ । ମନ୍ଦିରର କେବଳ ବିମାନ ନୁହେଁ ଜଗମୋହନ ମଧ୍ୟ ବକ୍ରାକାରରେ ନିର୍ମିତ ହୋଇଥିବା ଏବଂ ଆଜି ପର୍ଯ୍ୟନ୍ତ ସେହି ଅବସ୍ଥାରେ ଦୃଢ଼ ହୋଇ ରହିଥିବା ସ୍ଥପତି କ୍ଷେତ୍ରରେ ଏକ ବିସ୍ମୟକର ସୃଷ୍ଟି । ମନ୍ଦିର ଉପକଣ୍ଠରେ ମହାନଦୀ ମଧ୍ୟରେ ବିଶାଳକାୟ କୁଡ଼ୋମାଛ ଦଳ ବଦ୍ଧ ହୋଇ ଜଳରାଶିରେ ସନ୍ତରଣ କରୁଥିବା ଦୃଶ୍ୟ ଅବିସ୍ମରଣୀୟ । ଆଶ୍ଚର୍ଯ୍ୟର ବିଷୟ ଯେ ଏହି ମାଛମାନେ ମନୁଷ୍ୟ ଉପରେ ବିଶ୍ୱାସ ସ୍ଥାପନ କରି ଆବାଳ ବୃଦ୍ଧବନିତା ସମସ୍ତଙ୍କ ହାତରୁ ଖାଦ୍ୟ ପଦାର୍ଥ ଗ୍ରହଣ କରିଥାନ୍ତି । ମନୁଷ୍ୟ ଓ ମାଛ ଉଭୟଙ୍କର ସଖ୍ୟ ସ୍ଥାପନ ପ୍ରକୃତି ରାଜ୍ୟରେ ଏହିଠାରେ ହିଁ ସମ୍ଭବ ହୋଇପାରିଛି ।

ବଲାଙ୍ଗିର ଜିଲ୍ଲା ରାଣୀପୁର ଝରିଆଲର ପ୍ରତ୍ନତାତ୍ତ୍ୱିକ ବିଭବ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ଏଠାରେ ଯେଉଁ ବିଶାଳ ଶିଳା ଖଣ୍ଡ ପାହାଡ଼ ଭଳି ମୁଣ୍ଡ ଟେକିଛି, ତାହା ସମଗ୍ର ଏସିଆ ମହାଦେଶର ବୃହତ୍ତମ ଶିଳାଖଣ୍ଡ ରୂପେ ସୁବିଦିତ । ତାହା ଉପରେ ଅତୀତରେ ଶତାଧିକ ମନ୍ଦିର ନିର୍ମିତ ହୋଇଥିଲା । ଏକାଦଶ ଶତାବ୍ଦୀରେ ଏହିଠାରେ

ଶୈବାଚାର୍ଯ୍ୟ ଗଗନ ଶିବ ସୋମେଶ୍ୱର ଶିବଙ୍କ ମନ୍ଦିର ନିର୍ମାଣ କରିଥିଲେ ଏବଂ ଏହି ସ୍ଥାନ 'ସୋମତୀର୍ଥ' ରୂପେ ପ୍ରଖ୍ୟାତି ଲାଭ କରିଥିଲା । ସୋମେଶ୍ୱର ମନ୍ଦିର ନିକଟରେ ଥିବା 'ଇନ୍ଦ୍ରାଳୀ' ମନ୍ଦିର ଗୁମ୍ଫାକୃତିରେ ନିର୍ମିତ ଏବଂ ଏହା ଏ ଅଞ୍ଚଳର ଅତି ପ୍ରାଚୀନ ଦେଉଳ ହୋଇଥିବା ଜଣାପଡ଼େ । ଶିଳାସ୍ତମ୍ଭର ଶୀର୍ଷ ଅଞ୍ଚଳରେ ଚଉଷଠୀ ଯୋଗିନୀ ମନ୍ଦିର ବୃତ୍ତାକାରରେ ନିର୍ମିତ । ଏହା ଅଷ୍ଟମ-ନବମ ଶତାବ୍ଦୀର କୀର୍ତ୍ତି ହୋଇଥିବା ଜଣାପଡ଼େ । ମନ୍ଦିରର ଅଭ୍ୟନ୍ତରରେ ଚଉଷଠୀ ଯୋଗିନୀଙ୍କ ବିଗ୍ରହ ପ୍ରତିଷ୍ଠିତ ଏବଂ ମଧ୍ୟ ଭାଗରେ ତ୍ରିମୁଖ ବିଶିଷ୍ଟ ନଟରାଜ ଶିବଙ୍କର ମୂର୍ତ୍ତି ଅତିସୁନ୍ଦର କଳାଯୁକ୍ତ । ଚଉଷଠୀ ଯୋଗିନୀ ଉପାସନା ଶୈବତନ୍ତ୍ରର ଏକ ଲୋକପ୍ରିୟ ଅଙ୍ଗ ହୋଇଥିବା ଜଣାପଡ଼େ । ରାଣୀପୁର ଝରିଆଲ ଯୋଗିନୀ ଉପାସନା ପୀଠ ରୂପେ ବହୁକାଳ ଧରି ଖ୍ୟାତି ଲାଭ କରିଥିଲା ।

କେବଳ ଶୈବ ଓ ଯୋଗିନୀ ପୀଠ ରୂପେ ନୁହେଁ, ବୈଷ୍ଣବ କ୍ଷେତ୍ର ରୂପେ ମଧ୍ୟ ଏହି ସ୍ଥାନ ପ୍ରସିଦ୍ଧି ଲାଭ କରିଥିବା ଜଣାପଡ଼େ । ଏହିଠାରେ ଏକାଦଶ ଶତାବ୍ଦୀର ପ୍ରାରମ୍ଭରେ ସୋମବଂଶୀ ରାଜା ଇନ୍ଦ୍ରରଥ ଗୋପାଳଙ୍କ ପୂଜା ନିମନ୍ତେ ଏକ ବିଶାଳ ଇଷ୍ଟକ ମନ୍ଦିର ନିର୍ମାଣ କରିଥିଲେ । ତାହା ସମଗ୍ର ଦେଶରେ ସୁନ୍ଦରତମ ଓ ଉଚ୍ଚତମ ଇଷ୍ଟକ ମନ୍ଦିର ରୂପେ ଆଜିଯାଏ ପ୍ରଶଂସିତ । ରାଣୀପୁର ଝରିଆଲ ବହୁ ଧର୍ମଧାରାର ମିଳନ ସ୍ଥଳୀ ଏବଂ ଏଠାରେ କଳା ଓ ଭାସ୍କର୍ଯ୍ୟର ଉନ୍ନତ ବିକାଶ ଘଟିଥିବା ଜଣାପଡ଼େ । କଳାପ୍ରେମୀ ତଥା ଧର୍ମପ୍ରେମୀ ପର୍ଯ୍ୟଟକମାନଙ୍କ ପକ୍ଷରେ ଏହା ଅତ୍ୟନ୍ତ ଆକର୍ଷଣୀୟ ଓ ଆନନ୍ଦ ଦାୟକ ।

ବଲାଙ୍ଗିର ଜିଲ୍ଲାର ସୋନପୁର ମଧ୍ୟ ଏକ ମନ୍ଦିର ମାଳିନୀ ନଗରୀ ରୂପେ ବହୁ ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ । ଏହି ନଗରୀ ମହାନଦୀ ଓ ତେଲ ନଦୀର ମିଳନ ସ୍ଥଳରେ ଅବସ୍ଥିତ । ଏହି ସଙ୍ଗମ ସ୍ଥଳର ଶୁଭ୍ର ସୁନ୍ଦର ଦୃଶ୍ୟ ଅତି ଚିତ୍ତାକର୍ଷକ । ସେହିଠାରେ ରାମେଶ୍ୱର ଶିବ ମନ୍ଦିର ଅତି ସୁନ୍ଦର ପରିବେଶରେ ସୋନପୁରର ପ୍ରଥମ ଚୌହାନ ରାଜା ମଦନ ଗୋପାଳଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସୋନପୁରର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ସୁବର୍ଣ୍ଣମେରୁ ଏବଂ ସୁରେଶ୍ୱରୀ ବା ସୁବର୍ଣ୍ଣପୁରେଶ୍ୱରୀ । ସୁବର୍ଣ୍ଣମେରୁ କନକଲିଙ୍ଗ ବା ସ୍ୱର୍ଣ୍ଣଲିଙ୍ଗରୂପେ ପୌରାଣିକ ସାହିତ୍ୟରେ ପ୍ରଖ୍ୟାତ । ସୋନପୁରର ପ୍ରସିଦ୍ଧ ବିଷ୍ଣୁ ମନ୍ଦିର ହେଉଛି 'ନୃସିଂହ ମନ୍ଦିର' ଯାହା ଊନବିଂଶ ଶତାବ୍ଦୀରେ ରାଣୀ ଗୁଣ୍ଡିଚାଦେବୀଙ୍କ ଦ୍ୱାରା ନିର୍ମିତ । ତାହା ପଶ୍ଚିମ ଓଡ଼ିଶାର ଉଚ୍ଚତମ ମନ୍ଦିର ରୂପେ ଖ୍ୟାତି ଅର୍ଜନ କରିଅଛି । ସୋନପୁର ପ୍ରାଚୀନ କାଳରେ ଏକ ତନ୍ତ୍ରପୀଠ ରୂପେ ଖ୍ୟାତି ଲାଭ କରିଥିଲା । ପ୍ରାଚୀନ ଶକ୍ତି ଆରାଧାନାର ସଙ୍କେତ ରୂପେ ମହାନଦୀ ଗର୍ଭରେ ଏକ ପାହାଡ଼ରେ ଲଙ୍କେଶ୍ୱରୀଙ୍କ ପୂଜା ବହୁକାଳରୁ ପ୍ରଚଳିତ ହୋଇ ଆସୁଅଛି । ଲଙ୍କେଶ୍ୱରୀ ପାହାଡ଼ ନିକଟରେ ଯେଉଁ ଭୀଷଣ ଜଳାବର୍ତ୍ତ ଓ ଗର୍ତ୍ତ ରହିଅଛି, ତାହା ଦର୍ଶକ ମନରେ ଯୁଗପତ୍ ଭୟ ଓ ଆନନ୍ଦ ସଞ୍ଚାର କରେ । ସୋନପୁର ବୟନ କଳାରେ ବହୁଖ୍ୟାତି




ଖଣ୍ଡାଧାର ଜଳପ୍ରପାତ, ସୁନ୍ଦରଗଡ଼

ଲାଭ କରିଛି । ତାହା ଛଡ଼ା ଏଠାରେ ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ କଳା ଯୁଗ ଯୁଗ ଧରି ପ୍ରଶଂସିତ ।

ସୋନପୁରର ସାତ ମାଇଲ ପଶ୍ଚିମରେ ତେଲନଦୀ କୂଳରେ ଥିବା ବୈଦ୍ୟନାଥ ଗ୍ରାମର କୋଶଳେଶ୍ୱର ମନ୍ଦିର ଅତି ଉନ୍ନତ କାରୁକାର୍ଯ୍ୟ ଓ ସ୍ଥାପତ୍ୟକଳାରେ ପରିଶୋଭିତ । ଏହି ମନ୍ଦିର ଏକାଦଶ ଶତାବ୍ଦୀରେ ତେଲଗୁ ଚୋଡ଼ବଂଶୀ ରାଜା ସୋମେଶ୍ୱର ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମନ୍ଦିରର ବିମାନ ଧ୍ୱଂସପ୍ରାପ୍ତ ହୋଇଥିଲେ ହେଁ ତାହାର ଜଗମୋହନ ବହୁ ବିଚିତ୍ର କଳା ସୃଷ୍ଟି ସେନି ଅକ୍ଷୁର୍ଣ୍ଣ ରହିଅଛି । ଅଳ୍ପ କେତେ ବର୍ଷ ପୂର୍ବେ ତେଲନଦୀର ଠିକ୍ କୂଳରେ ଥିବା ମହାକାଳେଶ୍ୱର ତାନ୍ତ୍ରିକ ମନ୍ଦିର ବନ୍ୟା ପ୍ଲାବନରେ ଭାସି ଯାଇଛି । ସେହି ମନ୍ଦିର ଆପାଦମସ୍ତକ ତାନ୍ତ୍ରିକ ରେଖାଚିତ୍ର ଓ ମଣ୍ଡଳ ଆଦିଦ୍ୱାରା ଅଳଙ୍କୃତ ହୋଇଥିଲା । କୋଶଳେଶ୍ୱର ମନ୍ଦିରର ଜଗମୋହନରେ ସିଦ୍ଧ ବାରାଣପାଦଙ୍କର ଅଭିଲେଖ ଏପର୍ଯ୍ୟନ୍ତ ରହିଅଛି । ବାରାଣପାଦ ଥିଲେ ସୋନପୁରର ଜଣେ ରାଜା ଏବଂ ସେ ସିଂହାସନ ତ୍ୟାଗ କରି ସାଧନାଦ୍ୱାରା ସିଦ୍ଧି ଲାଭ କରିଥିଲେ । ତାଙ୍କ ରଚିତ କେତେକ ଗାନ ଓ ଦୋହା ନେପାଳରୁ ମିଳିଅଛି ।

ବିନିକା ନିକଟରେ ମହାନଦୀ କୂଳସ୍ଥ ଚରଦା ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ଶିବ ମନ୍ଦିର ମଧ୍ୟ ତେଲଗୁ ଚୋଡ଼



ଯୋଗୀମଠ, କଳାହାଣ୍ଡି

ରାଜାମାନଙ୍କର ଏକ କୀର୍ତ୍ତି ହୋଇଥିବା ମନେହୁଏ । ଏହି ମନ୍ଦିରର ବିମାନ ଦେଖି ଭାଙ୍ଗି ଯାଇଥିବା କୋଶଳେଶ୍ୱର ମନ୍ଦିର ବିମାନର ସ୍ୱରୂପ ଅନୁମାନ କରାଯାଇପାରେ । ବୈଦ୍ୟନାଥ ଗ୍ରାମର କୋଶଳେଶ୍ୱର ମନ୍ଦିର ପରିଚରଦା ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ବହୁ କାରୁକାର୍ଯ୍ୟରେ ଅଳଙ୍କୃତ । ମନ୍ଦିର ନିକଟରେ ଥିବା 'ଚରଦେଇ' ଠାକୁରାଣୀ ଅତି ପ୍ରାଚୀନ ଦେବୀ ମୂର୍ତ୍ତି ରୂପେ ପ୍ରଖ୍ୟାତ । ଐତିହାସିକମାନେ ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ମୂର୍ତ୍ତି ବୋଲି ମତ ପ୍ରକାଶ କରନ୍ତି । ଚରଦା ନିକଟରେ ମହାନଦୀଠାରେ ସୁପ୍ରସିଦ୍ଧ ପାପକ୍ଷୟ ଘାଟ ଅବସ୍ଥିତ । କଳଚୁରୀମାନଙ୍କୁ ଯୁଦ୍ଧରେ ପରାସ୍ତ କରି ତୃତୀୟ ଅନଙ୍ଗଭୀମ ଦେବ ଏହି ଘାଟରେ ସ୍ନାନ କରି ଯୁଦ୍ଧରେ ଶତ୍ରୁପକ୍ଷର ବହୁ ସୈନ୍ୟଙ୍କୁ ହତ୍ୟା କରିଥିବା ପାପରୁ ମୁକ୍ତ ହୋଇଥିଲେ ବୋଲି ଜନଶ୍ରୁତି ରହିଅଛି ।

ମହାନଦୀ କୂଳସ୍ଥ ବୌଦ ନଗରୀ ଏକ ଦର୍ଶନୀୟ ସ୍ଥାନ ରୂପେ ସୁପରିଚିତ । ଏହାର ପ୍ରାଚୀନ ନାମ ଧୃତିପୁର ଏବଂ ଏହା ଭଞ୍ଜ ରାଜ୍ୟ ଖିଞ୍ଜଳି ମଣ୍ଡଳର ରାଜଧାନୀ ରୂପେ ଖ୍ୟାତି ଲାଭ କରିଥିଲା । ନବମ ଶତାବ୍ଦୀରେ ନିର୍ମିତ ଶିବ ମନ୍ଦିରମାନ ଏହି ନଗରୀର ପ୍ରାଚୀନତା ପ୍ରମାଣିତ କରେ । ମହାନଦୀ କୂଳରେ ଏକ ବିରାଟ ବୌଦ୍ଧ ବିହାର ଗଢି ଉଠିଥିଲା । ସେହି ବିହାରର ଉପାସ୍ୟ ଠାକୁର ବୁଦ୍ଧଙ୍କର ବିଶାଳକାୟ ପ୍ରସ୍ତର ମୂର୍ତ୍ତି ଏବେ ସୁଦ୍ଧା ନଗରୀର ଗୌରବ ବର୍ଦ୍ଧନ କରୁଅଛି । ଏହା ଏକାଦଶ ଶତାବ୍ଦୀର ମୂର୍ତ୍ତି ହୋଇଥିବା ଐତିହାସିକମାନଙ୍କର ମତ । ପରବର୍ତ୍ତୀ କାଳରେ ବୌଦ୍ଧ ରାଜାଙ୍କର ପ୍ରାସାଦ ଏହି ବୌଦ୍ଧ ବିହାର ଉପରେ ନିର୍ମିତ ହୋଇଥିଲା । ଏହି ସୁନ୍ଦର ରାଜ ପ୍ରାସାଦଟି ମଧ୍ୟ ବର୍ତ୍ତମାନ ଜୀର୍ଣ୍ଣ ଅବସ୍ଥାରେ ରହିଅଛି । ବୌଦର ପଶ୍ଚିମକୁ ସାତ ମାଇଲ ଦୂରରେ ଗନ୍ଧରାଡି ଯୁଗ୍ମ ମନ୍ଦିର ପର୍ଯ୍ୟଟକଙ୍କ ପକ୍ଷରେ ଅତି ଆକର୍ଷଣୀୟ । ସିଦ୍ଧେଶ୍ୱର ଶିବ ଏବଂ ନୀଳମାଧବ ବିଷ୍ଣୁଙ୍କର ମନ୍ଦିର ଯୁଗ୍ମ ଭାବରେ ଉନ୍ନତ ଶୈଳୀରେ ନିର୍ମିତ । ହରି ଓ ହରଙ୍କର ଏହି ବିଚିତ୍ର ସମୀକରଣ ଏହି ଅଞ୍ଚଳର ଏକ ବୈଶିଷ୍ଟ୍ୟ ଏବଂ ଏହି ଉଦାର ଭାବଧାରା ବହନ କରି ଗନ୍ଧରାଡି ସମଗ୍ର ଭାରତରେ ଅତୁଳନୀୟ ଖ୍ୟାତି ଅର୍ଜନ କରିଅଛି ।

ପଶ୍ଚିମ ଓଡ଼ିଶାର ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ରାଉରକେଲା ନିକଟସ୍ଥ ବେଦବ୍ୟାସ ଅନ୍ୟତମ । ଶଂଖ, ଏବଂ କୋଏଲ ନଦୀ ଛୋଟ ନାଗପୁର ପାର୍ବତ୍ୟ ଅଞ୍ଚଳରୁ ବହିଆସି ଏହିଠାରେ ସମ୍ମିଳିତ ହୋଇ ଏକ ନୂତନ ନଦୀ ରୂପେ ବ୍ରାହ୍ମଣୀନାମ ଧାରଣ କରିଅଛି ।


କଳାହାଣ୍ଡି ଜିଲ୍ଲାର ତେଲ ଓ ରାହୁଲ ନଦୀର ସଙ୍ଗମ ସ୍ଥାନରେ ଅବସ୍ଥିତ ବେଲଖଣ୍ଡି ଏକ ରମଣୀୟ ତୀର୍ଥ ସ୍ଥାନ । ଶିବରାତ୍ରୀ ଦିନ ପ୍ରତିବର୍ଷ ଏହିଠାରେ ବହୁଦିନ ବ୍ୟାପୀ ଏକ ମେଳା ଅନୁଷ୍ଠିତ ହୋଇଥାଏ । ଏହିଠାରେ ପ୍ରାଚୀନ କାଳର ମନ୍ଦିର ଓ ବହୁ ଦେବଦେବୀଙ୍କର ବିଗ୍ରହ ଦେଖିବାକୁ ମିଳେ । ଦୁଃଖର ବିଷୟ ଅଧିକାଂଶ ବିଗ୍ରହ ଭାଙ୍ଗିଯାଇ ବିକୃତ ଅବସ୍ଥାରେ ପଡ଼ି ରହିଛି । କଳାହାଣ୍ଡି ରାଜାଙ୍କର ପ୍ରାଚୀନ ରାଜଧାନୀ ଜୁନାଗଡ଼ ଅତୀତରେ ଏକ ସମୃଦ୍ଧିଶାଳୀ ନଗରୀ ରୂପେ ଖ୍ୟାତି ଲାଭ କରିଥିଲା । ଏହି ନଗରୀରେ ଦଧିବାମନ ମନ୍ଦିର, କନକ ଦୁର୍ଗାଙ୍କ ମନ୍ଦିର ଏବଂ ଲଙ୍କେଶ୍ୱରୀଙ୍କ ମନ୍ଦିର ଦର୍ଶନୀୟ । ଦଧିବାମନ ମନ୍ଦିରରେ ରାଜା ଯୁଗ ସାଏ ଦେବଙ୍କର ଓଡ଼ିଆ ଭାଷା ଓ ଲିପିର ଉତ୍କୀର୍ଣ୍ଣ ଏକ ଅଭିଲେଖ ଦର୍ଶକଙ୍କୁ ଆକର୍ଷଣ କରିଥାଏ । ଏହି ଅଭିଲେଖ କଳିଯୁଗାବ୍ଦ ୪୮୧୯ରେ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୧୮ରେ ଉତ୍କୀର୍ଣ୍ଣ ହୋଇଥିଲା । କଳାହାଣ୍ଡି ରାଜ୍ୟର ନାମ ସର୍ବ ପ୍ରଥମେ ଏହି ଅଭିଲେଖରୁ ମିଳେ । ଜୁନାଗଡ଼ର ଲଙ୍କେଶ୍ୱରୀ ମନ୍ଦିର ଗାତ୍ରରେ ବହୁ ନୃତ୍ୟ-ସଙ୍ଗୀତ-ବାଦିତ୍ରର ଚିତ୍ର ଅଙ୍କିତ ହୋଇଅଛି । କଳାହାଣ୍ଡିର ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ସଂସ୍କୃତି ବହୁ ପରିମାଣରେ ମନ୍ଦିର ଗାତ୍ରରେ ପ୍ରତିଫଳିତ । ମନ୍ଦିରରେ ଥିବା ଲଙ୍କେଶ୍ୱରୀ ଠାକୁରାଣୀଙ୍କର ମୁଗୁନି ପଥରରେ ଖୋଦିତ ବିଶାଳ ମୂର୍ତ୍ତି ଏକ ଉନ୍ନତ କଳା ପ୍ରକାଶ କରେ । ଏହି ବିଗ୍ରହ ପ୍ରାୟ ଦଶମ ଶତାବ୍ଦୀର ହୋଇଥିବା ମୂର୍ତ୍ତି କଳାରୁ ଜଣାପଡ଼େ । କଳାହାଣ୍ଡି ଅଞ୍ଚଳ ପ୍ରାଚୀନ ଦଣ୍ଡକାରଣ୍ୟର ଅନ୍ତର୍ଗତ ଥିଲା ଏବଂ ଏଠାରେ ଲଙ୍କେଶ୍ୱରୀଙ୍କ ଆରାଧନା ତାତ୍ପର୍ଯ୍ୟ ପୂର୍ଣ୍ଣ ।

ଅକ୍ଷର ଓ ଅଙ୍ଗସଜ୍ଜା • ବ୍ରଜଦେବ ମହାରଥୀ ।
ଆଲୋକଚିତ୍ର • ଶକ୍ତିପ୍ରସାଦ ମିଶ୍ର ।



# ମଧୁବାତା ଋତାୟତେ...






କାଳ ଗାତ୍ରରେ ରମ୍ୟ ମଧୁର ଚିତ୍ର ଏ କି ?
କାଳର କପୋଳେ କେଉଁ ଭାସ୍କର ଦେଇଛନ୍ତି ଲେଖା!



ଉପରେ ଆକାଶ ମେଘ ଗୁମ୍ଫିତ ଢେଉରେ ଢେଉରେ ଜ୍ୟୋସ୍ନା ଖେଳେ
ଚହଁକ କରୁ ଗଡିରୁ ଚନ୍ଦ ଅନ୍ଧାର ହୁଲୁ ଦିଗନ୍ତରେ ।



ଯେବେ ଆକାଶର ଊର୍ଦ୍ଧ୍ୱେ
ଉଠଇ ଚନ୍ଦ୍ରମା
ସୃଷ୍ଟି କରେ ସ୍ୱପ୍ନର କୁହୁକ
ତା'ର ଶୁଭ୍ର ସୁଧାଧାରା
ଚାନ୍ଦିନୀରେ ଧୌତ ଧରା
ପବନରେ ଫୁଲର ମହକ ।



ଉତ୍କଳ ନଥିଲି ଜାଣି
ଅଛି ଲୋ ତୋ ପୁରେ
ଏମନ୍ତ ରୂପର ଲୀଳା
ନ ବାହୁ ତରଣୀ -



ଚଳିବାକୁ ହେବ ଉଦୟ ଶିଖରେ
ପାରିହୋଇ ବନଭୂଇଁ
ଡେଇଁବାକୁ ହେବ ଦୁର୍ଗମ ଗିରି
ଶପଥ ନେଇଛି ମୁହିଁ।



ନୀଳ ନଭେ ତୋର ନର୍ତ୍ତନ ଦେଖେ ମୁଗ୍ଧ କବି,
ତୁ ଦେଖୁ ଧରଣୀ ବକ୍ଷେ ତୋହର କାନ୍ତି ଛବି।





ଆକାଶର ହେମଶସ୍ୟ
ପୃଥିବୀର ହାସ୍ୟ
ସାଗରର ଆବେଗ ଉଚ୍ଛ୍ୱାସ
ପୂର୍ଣ୍ଣିମା ର ଚନ୍ଦ୍ର
ଦେଖାଡିଏ ଉଳ ଦିଗବଳୟେ,



ଓଡ଼ିଶାର ସବୁଜ ବନାନୀ, ବନ୍ୟଜନ୍ତୁ, ଘନ ଜଙ୍ଗଲରେ ଆଚ୍ଛାଦିତ ପର୍ବତମାଳା ଓ ଜଳପ୍ରପାତ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ଶୋଭା ଧାରଣ କରି ଦର୍ଶକମାନଙ୍କୁ ଅସୀମ ଆନନ୍ଦ ପରିବେଷଣ କରି ଆସିଛି । ଓଡ଼ିଶାର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ବହୁ ଦୂର ଦୂରାନ୍ତରୁ ଆକର୍ଷଣ କରିଥାଏ । ଜଙ୍ଗଲର ସବୁଜିମା, ଝୁଲୁଝୁଲୁ ଝରଣା, ପକ୍ଷୀମାନଙ୍କ କାକଳି, ବନ୍ୟ ପଶୁମାନଙ୍କର ମୁକ୍ତ ବିହରଣ କବି, ଲେଖକ ଓ ଦାର୍ଶନିକମାନଙ୍କୁ ଅଭିଭୂତ କରେ ।

୧୯୮୦-୮୧ ମସିହା ବାର୍ଷିକ ସମୀକ୍ଷାରୁ ଜଣାଯାଇଛି ଯେ ଏ ପ୍ରଦେଶରେ ସମୁଦାୟ ଭୂଭାଗର ୩୮.୪୮ ଭାଗ ଜଙ୍ଗଲ ଅଛି । ୧୯୭୯ ବନ୍ୟଜନ୍ତୁ ଗଣନାନୁଯାୟୀ ଓଡ଼ିଶା ଜଙ୍ଗଲରେ ୧୭୩ଟି ବ୍ୟାଘ୍ର ଓ ୨,୦୪୪ଟି ହସ୍ତୀ ଅଛନ୍ତି ।

ବନ୍ୟଜନ୍ତୁ ଓ ବହୁ ଗଛପତ୍ର ଓ ବିଭିନ୍ନ ପୁଷ୍ପଦ୍ୱାରା ସୁଶୋଭିତ ଜାତୀୟ ଉଦ୍ୟାନ (ନେସ୍‌ନାଲ ପାର୍କ) ଓ ଅଭୟାରଣ୍ୟ ସହରର ଅଧିବାସୀଙ୍କ ଚିତ୍ତବିନୋଦନ କରେ ।

# ଜଙ୍ଗଲ ଓ ପର୍ଯ୍ୟଟନ

**ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ**

ସିମିଳିପାଳର ୨,୫୦୦ ବର୍ଗ କିଲୋମିଟର ଜଙ୍ଗଲ ଅଞ୍ଚଳକୁ ଗତ ୧୯୭୩ ମସିହାରୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ (ଟାଇଗର ରିଜର୍ଭ) ବୋଲି ଘୋଷଣା କରାଯାଇଛି । ଏହି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳର ଅନ୍ତଃସ୍ଥଳ ୩୦୩ ବର୍ଗ କିଲୋମିଟର ଅଞ୍ଚଳକୁ ଉକ୍ତ ସିମିଳିପାଳ ଜାତୀୟ ଉଦ୍ୟାନ ବୋଲି ଘୋଷଣା କରାଯିବାର ପ୍ରସ୍ତାବ ଅଛି ।

୧୯୭୨ ମସିହା ବନ୍ୟଜନ୍ତୁ (ସଂରକ୍ଷଣ) ଆଇନ୍ ଅନୁଯାୟୀ ଅଦ୍ୟାବଧି ୯ଟି ଅଭୟାରଣ୍ୟ ଘୋଷଣା କରାଯାଇଛି, ଯଥା—(୧) ଭିତର କନିକା (କଟକ ଜିଲ୍ଲା), (୨) ସାତକୋଶିଆ ଗଣ୍ଡ (ଢେଙ୍କାନାଳ, ପୁରୀ, କଟକ ଓ ଫୁଲବାଣୀ ଜିଲ୍ଲା), (୩) ସିମିଳିପାଳ (ମୟୂରଭଞ୍ଜ ଜିଲ୍ଲା) (୪) ନନ୍ଦନ କାନନ (ପୁରୀ ଜିଲ୍ଲା), (୫) ହଦଗଡ (କେଉଁଝର ଓ ମୟୂରଭଞ୍ଜ ଜିଲ୍ଲା), (୬) ବୈଶିପାଲି (ପୁରୀ ଜିଲ୍ଲା), (୭) କୋଟଗଡ (ଫୁଲବାଣୀ ଜିଲ୍ଲା), (୮) ଖଲାଶୁଣୀ (ସମ୍ବଲପୁର ଜିଲ୍ଲା) ଓ (୯) ଚନ୍ଦକା (ପୁରୀ ଜିଲ୍ଲା) ।

ଏତଦ୍‌ବ୍ୟତୀତ ଆଉ ୧୨ଟି ଅଭୟାରଣ୍ୟ ଘୋଷଣା କରାଯିବାର ପ୍ରସ୍ତାବ ଅଛି, ଯଥା—ଚିଲିକା, ବାଲୁଖଣ୍ଡ, ସୁନାବେଡା, ଉଷାକୋଠୀ, କପିଳାସ, ସପ୍ତଶଯ୍ୟା, ଦେବ୍ରିଗଡ, ଲଖରିଭାଟି, କରଲାପାଟ, ଝୁଲଡିହା, କଣ୍ଡାକାମେରୁ ଓ ବାଲିମେଳା ।

ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଓ ତନ୍ମଧ୍ୟରେ ଥିବା ପ୍ରାକୃତିକ ମନୋରମସ୍ଥଳୀ ଟିକରପଡା ଦର୍ଶକମାନଙ୍କୁ ପର୍ଯ୍ୟଟନ ନିମନ୍ତେ ସ୍ୱାଗତ ଜଣାଇଥାଏ । ବନ୍ୟ ଜନ୍ତୁରେ ପରିପୂର୍ଣ୍ଣ ସବୁଜ ବନାନୀ ଓ ମହାନଦୀର ପ୍ରସିଦ୍ଧ ୧୪ ମାଇଲ ବ୍ୟାପୀ ସାତକୋଶିଆ ଗଣ୍ଡର ଅପୂର୍ବ ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଅପାର ଆନନ୍ଦ ଦେଇଥାଏ । ଉଭୟ ପାର୍ଶ୍ୱରେ ଥିବା ଘନଜଙ୍ଗଲରେ ଆଚ୍ଛାଦିତ ୨,୦୦୦ ଫୁଟ ଉଚ୍ଚ ପର୍ବତମାଳା ମଧ୍ୟରେ ମହାନଦୀର ବକ୍ଷ ସଙ୍କୁଚିତ ହୋଇଯାଇଛି । ଏହି ଗଣ୍ଡର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶକମାନଙ୍କ ହୃଦୟରେ ରୋମାଞ୍ଚ ସୃଷ୍ଟିକରେ । କବି, ଲେଖକ ଓ ଦାର୍ଶନିକମାନଙ୍କୁ ଏ ଦୃଶ୍ୟ ପ୍ରଲୁବ୍ଧ କରେ । ଏଠାରେ ନୌକା ବିହାର ପର୍ଯ୍ୟଟକମାନଙ୍କୁ ବିଶେଷ ଆନନ୍ଦ ଦେଇଥାଏ । ଗତ ୧୯୭୫ ମସିହାରୁ ଟିକରପଡାଠାରେ ଘଡିଆଳ କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଥିବାରୁ ଏ ସ୍ଥାନ ଦର୍ଶକମାନଙ୍କୁ



ଆହୁରି ଅଧିକ ଆକର୍ଷଣ କରିପାରିଛି । ଏହି ଅପୂର୍ବ ଶୋଭାସ୍ଥଳୀକୁ ଏପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା କରାଯାଇ ପାରିନାହିଁ । ଏଠାକୁ ଅଧିକ ଯାନବାହନ ଚଳାଚଳ ଓ ପର୍ଯ୍ୟଟକମାନଙ୍କ ରକ୍ଷଣାବେକ୍ଷଣର ସମସ୍ତ ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଇବ ।

ଫେନୀଳ ବିଚିମାଳାରେ ସୁଶୋଭିତ ଭିତର କନିକା ମାନଗ୍ରୋଭ୍ ଜଙ୍ଗଲ ପ୍ରଚୁର ସଂଖ୍ୟାରେ ଲୁଣି ପାଣି କୁମ୍ଭୀର ( Crocodylus porosus ) କୁ ଆଶ୍ରୟ ଦେଇଥାଏ । ଏହି କୁମ୍ଭୀରମାନଙ୍କ ସୁରକ୍ଷା ନିମନ୍ତେ ଭିତରକନିକାକୁ ଅଭୟାରଣ୍ୟ ଘୋଷଣା କରାଯାଇଛି । ଉକ୍ତ ଅଭୟାରଣ୍ୟ ମଧ୍ୟରେ ବଙ୍ଗୋପସାଗରର ଗହୀରାମାଥା ଉପକୂଳ ସମୁଦ୍ର କଇଁଛମାନଙ୍କୁ ଆଶ୍ରୟ ଦେଇଥାଏ । ପ୍ରତିବର୍ଷ ଏଠାକୁ ପ୍ରାୟ ୨ଲକ୍ଷ ମାଈ କଇଁଛ ଅଣ୍ଡାଦବାକୁ ଆସିଥାନ୍ତି । ତା'ଛଡା ଡାଙ୍ଗମାଳଠାରେ ଲୁଣିପାଣି କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି । ସମୁଦ୍ରକୂଳର ଅପୂର୍ବ ସୌନ୍ଦର୍ଯ୍ୟପୂର୍ଣ୍ଣ ବନାନୀ, କୁମ୍ଭୀର ଓ କଚ୍ଛପମାନଙ୍କ ଆଶ୍ରୟ ସ୍ଥଳ, କୁମ୍ଭୀର ସଂରକ୍ଷଣ ଓ ଗବେଷଣା କେନ୍ଦ୍ର ପର୍ଯ୍ୟଟକମାନଙ୍କ ପାଇଁ ବେଶ୍ ଉପଭୋଗ୍ୟ ଓ ଶିକ୍ଷଣୀୟ । ଏଠାରେ ଯନ୍ତ୍ରଚାଳିତ ନୌକାର ବ୍ୟବସ୍ଥା ଓ ପର୍ଯ୍ୟଟକମାନଙ୍କ ପାଇଁ ବିଶ୍ରାମ ଭବନର ସୁବିଧା କରାଗଲେ ବହୁ ସ୍ୱଦେଶୀ ଓ ବିଦେଶୀ ପର୍ଯ୍ୟଟକ ପର୍ଯ୍ୟଟନ ପାଇଁ ଆକୃଷ୍ଟ ହେବେ ।

ଚିରହରିତ ଶାଳଜଙ୍ଗଲରେ ଭରା ସିମିଳିପାଳ ଜଙ୍ଗଲ, ମେଘାଶନି ପର୍ବତର ନଭସ୍ପର୍ଶୀ ଶୀର୍ଷଦେଶ, ବାହୁରୀଚରାର ପର୍ଯ୍ୟାପ୍ତ ଚରାଭୂମି, ବରେହୀପାଣି ଓ ଜୋରଣ୍ଡାର ଜଳପ୍ରପାତ ପର୍ଯ୍ୟଟକମାନଙ୍କୁ ଆତ୍ମବିହ୍ୱଳ କରିଥାଏ । ବରେହୀପାଣି ଜଳପ୍ରପାତ, ଚହଲ ଓ ନଓ୍ୱାନା ଜଙ୍ଗଲ ବିଶ୍ରାମାଗାର ମଧ୍ୟରେ ଅବସ୍ଥିତ । ପ୍ରଭାତର ଉଦୟକାଳୀନ ସୂର୍ଯ୍ୟର ସୁନେଲୀ କିରଣ ପ୍ରତିଫଳିତ ହୋଇ ଏହି ଜଳପ୍ରପାତଟି ଅପୂର୍ବଶୋଭା ଧାରଣ କରେ । ୩୯୬ ମିଟର ଉଚ୍ଚରୁ ଖସି ଆସୁଥିବା ପାଣିର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଜୋରଣ୍ଡା ଜଳପ୍ରପାତର ଉଚ୍ଚତା ବରେହୀପାଣିଠାରୁ କମ୍ ହେଲେହେଁ ଏହାର ସୌନ୍ଦର୍ଯ୍ୟ ଅତୁଳନୀୟ ।

ଡୁଡୁମାଚଂପାର ଚଂପାବଣ ଓ କୃତ୍ରିମ ପାଇନ୍ ଜଙ୍ଗଲ ପର୍ଯ୍ୟଟକଙ୍କ ଚିତ୍ତ ବିନୋଦନ କରିଥାଏ ।

ସିମିଳିପାଳ ଜଙ୍ଗଲର ରୂପଲାବଣ୍ୟ ଓ ନାନାପ୍ରକାର ବନ୍ୟଜନ୍ତୁ ପର୍ଯ୍ୟଟକମାନଙ୍କୁ ଅପାର ଆନନ୍ଦ ଦେଇଥାଏ । ବନ୍ୟହସ୍ତୀ କିମ୍ବା ବ୍ୟାଘ୍ରର ଗର୍ଜନ, ମୟୂରର କୂଜନ, କୁଟୁରାର ଚିତ୍କାର ପର୍ଯ୍ୟଟକମାନଙ୍କ ହୃଦୟରେ ଶିହରଣ ସୃଷ୍ଟିକରେ ।

ନୈସର୍ଗିକ ସୌନ୍ଦର୍ଯ୍ୟଭରା ଚିଲିକା ହ୍ରଦ ବଙ୍ଗୋପସାଗର ସହିତ ସଂଯୁକ୍ତ । ଶୀତଋତୁର ଆଗମନରେ ଦେଶାନ୍ତର ଗମନଶୀଳ ବିଭିନ୍ନ ପକ୍ଷୀ ବହୁ ସଂଖ୍ୟାରେ ଏହି ମରାଳମାଳିନୀ ଚିଲିକା ଗର୍ଭକୁ ଆସିଥାନ୍ତି । ରାଜହଂସ ପାଇଁ ଚିଲିକା ପ୍ରସିଦ୍ଧ । ଏଥି ମଧ୍ୟରେ ବହୁତ ଗୁଡିଏ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ରହିଛି । ଧୀବରମାନେ ଚିଲିକାହ୍ରଦରୁ ବହୁତମାଛ ବିଶେଷତଃ ଚିଙ୍ଗୁଡି ଓ କଙ୍କଡା ଧରିଥାଆନ୍ତି । ଚିଲିକା ହ୍ରଦରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଏହାକୁ ଅଭୟାରଣ୍ୟ ଘୋଷଣା କରାଯିବାର ପ୍ରସ୍ତାବ ଅଛି । ଚିଲିକା ବକ୍ଷରେ ନୌକା ବିହାର ଅତ୍ୟନ୍ତ ଆନନ୍ଦଦାୟକ । ୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଚିଲିକା ଅବସ୍ଥିତ ହୋଇଥିବାରୁ ଏଠାକୁ ସହଜରେ ପର୍ଯ୍ୟଟକମାନେ ଆସିପାରନ୍ତି । ଚିଲିକାର ଅପୂର୍ବ ସୌନ୍ଦର୍ଯ୍ୟ ଓ ପକ୍ଷୀମାନଙ୍କ କାକଳି କବି, ଗାଳ୍ପିକ ଓ ଦାର୍ଶନିକମାନଙ୍କୁ ଆତ୍ମବିଭୋର କରେ । କବି ରାଧାନାଥ ଚିଲିକାର ରୂପଲାବଣ୍ୟରେ ବିମୁଗ୍ଧହୋଇ ଯଥାର୍ଥରେ ଲେଖିଛନ୍ତି—

"ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ସ୍ୱଚ୍ଛ ଚିତ୍ରପଟ" ।

ପୁରୀଠାରୁ ସମୁଦ୍ରବେଳାଭୂମିରେ ଯାତ୍ରାକଲେ ସାଗର ବିଚିମାଳାରେ ସୁଶୋଭିତ ଝାଉଁବଣ ପର୍ଯ୍ୟଟକମାନଙ୍କୁ ଆମୋଦିତ କରିଥାଏ । ଏହି ଝାଉଁବଣରେ ବହୁ କାଳି ହରିଣ ଦେଖାଯାଆନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସାଗର ବିଧୌତ ଉପକୂଳବର୍ତ୍ତୀ ବାଲୁଖଣ୍ଡ ଝାଉଁ ଜଙ୍ଗଲକୁ



ମାନଙ୍କ ଯିବା ଆସିବା ଓ ସେଠାରେ ରକ୍ଷଣାବେକ୍ଷଣର ସମସ୍ତ ସୁବିଧା କରାଗଲେ ବହୁଯାତ୍ରୀ ସେଠାକୁ ଯାଇ ନିଜକୁ କୃତାର୍ଥ ମନେ କରନ୍ତେ ।

କେନ୍ଦୁଝରଠାରୁ ପାଲଲହଡ଼ା ପର୍ଯ୍ୟନ୍ତ ଘନଜଙ୍ଗଲ ଦେଇ ଯାଇଥିବା ଜାତୀୟ ରାଜପଥରେ ମନପସିରି ପର୍ବତ ବିଶେଷ ଆନନ୍ଦ ଦେଇଥାଏ । ଦେଓଗଡ଼ର ପ୍ରଧାନପାଟ ଜଳପ୍ରପାତ ମଧ୍ୟ ଅତ୍ୟନ୍ତ ଉପଭୋଗ୍ୟ । ଘନ ଜଙ୍ଗଲ ମଧ୍ୟରେ ଆଦିବାସୀମାନଙ୍କ ସରଳ ଜୀବନଯାପନ ଦର୍ଶକମାନଙ୍କୁ ଅଭିଭୂତ କରେ ।

ଦେଓଗଡ଼ଠାରୁ ସମ୍ବଲପୁର ଯିବା ରାସ୍ତାରେ ୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଉଷାକୋଠୀ (ପ୍ରସ୍ତାବିତ) ଅଭୟାରଣ୍ୟ ପଡ଼େ । ଏହି ଅଭୟାରଣ୍ୟରେ ହାତୀ, ବାଘ, ଚିତାବାଘ, ବନ୍ୟବାରହା, ଭାଲୁ, ହରିଣ, ସମ୍ବର, କଲାଚିତାବାଘ ଇତ୍ୟାଦି ବନ୍ୟଜନ୍ତୁ ଦେଖିବାକୁ ମିଳନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସବୁଜ ବନାନୀ ମଧ୍ୟରେ ବିଭିନ୍ନ ବନ୍ୟଜନ୍ତୁଙ୍କୁ ଦେଖି ପର୍ଯ୍ୟଟକମାନେ ଏଠାରେ ଅପାର ଆନନ୍ଦ ପାଆନ୍ତି ।

ଭୁବନେଶ୍ୱରଠାରୁ ବ୍ରହ୍ମପୁର ଯିବା ରାସ୍ତାରେ ୭୫ କିଲୋମିଟର ଦୂରରେ ନାରାୟଣୀ ଗୋଟିଏ ବଡ଼ ସୌନ୍ଦର୍ଯ୍ୟପୂର୍ଣ୍ଣ ପବିତ୍ର ସ୍ଥାନ । ବଣଭୋଜି ପାଇଁ ସ୍ଥାନଟି ଅତ୍ୟନ୍ତ ମନୋରମ । ଚିଲିକା ନିକଟରେ ଭାଲେରୀ ପର୍ବତର ମନୋମୁଗ୍ଧକର ପରିବେଶ ମଧ୍ୟରେ ନାରାୟଣୀ ଦର୍ଶକମାନଙ୍କର ଚିର ଆକର୍ଷଣୀୟ । ପ୍ରାକୃତିକ ଝରଣା ପାର୍ଶ୍ୱରେ ନାରାୟଣୀ (ଦୁର୍ଗା) ଦେବୀଙ୍କ ମନ୍ଦିର ପର୍ଯ୍ୟଟକମାନଙ୍କ ପାଇଁ ଦର୍ଶନୀୟ । ଛତ୍ରପୁରଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ତାରାତାରିଣୀଙ୍କ ମନ୍ଦିରକୁ ଅସଂଖ୍ୟ ଦର୍ଶକ ବର୍ଷସାରା ଦର୍ଶନ ପାଇଁ ଆସିଥାନ୍ତି । ପାହାଡ଼ର ଶୀର୍ଷଦେଶସ୍ଥ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଦର୍ଶନ କରି ପର୍ଯ୍ୟଟକମାନେ ଆନନ୍ଦ ଉଲ୍ଲସିତ ହୋଇଥାନ୍ତି ।

ପାରଳାଖେମୁଣ୍ଡିଠାରୁ ୪୦ କିଲୋମିଟର ଦୂରରେ ୫୦୦୦ ଫୁଟ ଉଚ୍ଚ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ମହେନ୍ଦ୍ରଗିରି ପର୍ବତ ଅବସ୍ଥିତ । ରାମଚନ୍ଦ୍ର ଓ ପାଣ୍ଡବଙ୍କୁ ନେଇ ପୌରାଣିକ ଗଳ୍ପ ସହିତ ସଂଶ୍ଳିଷ୍ଟ ଏହି ପର୍ବତଟି ସବୁଜ ବନାନୀରେ ପରିପୂର୍ଣ୍ଣ ହୋଇ ପର୍ଯ୍ୟଟକମାନଙ୍କୁ ଭାବପ୍ରବଣ କରିଥାଏ ।

ନନ୍ଦନକାନନ ଜୀବ ଉଦ୍ୟାନ ଭୁବନେଶ୍ୱରଠାରୁ ୧୨ କିଲୋମିଟର ଦୂରରେ ବାରଙ୍ଗ ରେଳଷ୍ଟେସନ ନିକଟରେ ଅବସ୍ଥିତ । ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ମଧ୍ୟ ଜଙ୍ଗଲରେ ଗୋଟିଏ ମନୋରମ ହ୍ରଦ ଅବସ୍ଥିତ । ନନ୍ଦନକାନନ ଗତ ୧୯୬୦ ମସିହା ଡିସେମ୍ବର ୨୯ ତାରିଖରେ ଉନ୍ମୋଚନ କରାଯାଇ ଥିଲା । ଗତ ୧୯୭୯ ମସିହାରେ ନନ୍ଦନକାନନକୁ ଗୋଟିଏ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପଶୁ ପକ୍ଷୀ ଓ ସରୀସୃପମାନଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଶ ମଧ୍ୟରେ ରଖାଯାଇଛି । ଏହି ପ୍ରାଣୀ ଉଦ୍ୟାନରେ ୨୬୦ଟି ସ୍ତନ୍ୟପାୟୀ ପ୍ରାଣୀ, ୫୦୨ଟି ପକ୍ଷୀ ଓ ୧୧୬ଟି ସରୀସୃପ ଅଛନ୍ତି (୧-୪-୮୧ ତାରିଖରେ ଗଣନା) । ବନ୍ୟଜନ୍ତୁ ମଧ୍ୟରେ ସିଂହ, ବାଘ, ଧଳା-ବାଘ, ହାତୀ, ଭାଲୁ, ହରିଣ, ସମ୍ବର, କୁମ୍ଭୀର ଓ ଅଜଗର ସାପ ମୁଖ୍ୟ ।

ସ୍ୱାଭାବିକ ରଙ୍ଗର ବାଘ ଓ ବାସୁଣୀଙ୍କଠାରୁ ତିନୋଟି ଧଳାବାଘ ଛୁଆ ଦେବବ୍ରତ, ଅଞ୍ଜଳୀ ଓ ନନ୍ଦା ଗତ ୮-୧-୮୦ ତାରିଖରେ ଜନ୍ମଲାଭ କରି ନନ୍ଦନକାନନର ଖ୍ୟାତି ଦ୍ୱିଗୁଣିତ କରିପାରିଛନ୍ତି ।

ପୃଥିବୀ ଇତିହାସରେ ପ୍ରଥମ ଓ ଏହି ପ୍ରାଣୀ ଉଦ୍ୟାନର ପ୍ରଥମଥର ପାଇଁ ୧୯୮୦-୮୧ ମସିହାରେ



ଗୋଟିଏ ଅଭୟାରଣ୍ୟ ଘୋଷଣା କରାଯିବାର ପ୍ରସ୍ତାବ ଅଛି । ସାଗର କୂଳର ଝାଉଁ ଜଙ୍ଗଲ ମଧ୍ୟରେ ଦଣ୍ଡାୟମାନ ଇତିହାସ ପ୍ରସିଦ୍ଧ କୋଣାର୍କ ମନ୍ଦିର ଦର୍ଶକମାନଙ୍କୁ ସ୍ତମ୍ଭୀଭୂତ କରେ । ସେହି ମନ୍ଦିର ଗାତ୍ରରେ ଛୁଣିମୂନରେ ଖୋଦିତ ପୁରାତନ କାଳର କଳା ଓ ନୈପୁଣ୍ୟର ଚିତ୍ର ଦର୍ଶକମାନଙ୍କୁ ଅଶେଷ ଆନନ୍ଦ ଦିଏ ।

କପିଳାସ ପର୍ବତମାଳା ପ୍ରାୟ କଟକ ଓ ଢେଙ୍କାନାଳ ଜିଲ୍ଲାର ସୀମାରେ ଅବସ୍ଥିତ । ଏହି ପର୍ବତମାଳାରେ ବହୁତଗୁଡିଏ ଶୃଙ୍ଗ ରହିଛି । ସେଥିମଧ୍ୟରେ କପିଳାସ ଉଚ୍ଚତମ ଯାହାର ଉଚ୍ଚତା ୬୮୨ ମିଟର । ଏହି ଶୃଙ୍ଗ ତଳକୁ ୪୫୪.୫ ମିଟର ଉଚ୍ଚରେ ଚନ୍ଦ୍ରଶେଖରଙ୍କ ମନ୍ଦିର ଅବସ୍ଥିତ । ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କପିଳାସ ଜଙ୍ଗଲକୁ ଅଭୟାରଣ୍ୟ ଘୋଷଣା କରାଯିବାର ପ୍ରସ୍ତାବ ଅଛି । ଘନ ଜଙ୍ଗଲରେ ଆଚ୍ଛାଦିତ ଉତ୍ତୁଙ୍ଗ ପର୍ବତ ଉପରେ ଅଧିଷ୍ଠିତ ଚନ୍ଦ୍ରଶେଖରଙ୍କ ମନ୍ଦିର ଓ ବିଭିନ୍ନ ବନ୍ୟଜନ୍ତୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାନ୍ତି । ଏହାଛଡା କପିଳାସଠାରେ ଏକ ମୃଗ ବିହାର ସ୍ଥାପନ କରାଯାଇଛି । ଏହା ମଧ୍ୟ ଦର୍ଶକମାନଙ୍କୁ ଆନନ୍ଦ ଦେଇଥାଏ ।

ଢେଙ୍କାନାଳଠାରୁ ୧୧ କି: ମି: ଦୂରରେ ସପ୍ତଶଯ୍ୟା ଗୋଟିଏ ଅତି ରମଣୀୟ ସ୍ଥାନ । ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନଟି ବଣଭୋଜି ଓ ଚିତ୍ତବିନୋଦନ ପାଇଁ ଉତ୍କୃଷ୍ଟ । ଏଠାରେ ଥିବା ସପ୍ତର୍ଷି ମନ୍ଦିର ଓ ରଘୁନାଥଙ୍କ ମନ୍ଦିର ଜନସାଧାରଣଙ୍କୁ ଆକୃଷ୍ଟ କରିଥାଏ । ସପ୍ତଶଯ୍ୟା ଜଙ୍ଗଲର ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏହାକୁ ଗୋଟିଏ ଅଭୟାରଣ୍ୟ ଘୋଷଣା କରାଯିବାର ପ୍ରସ୍ତାବ ରହିଛି ।

ଘନଜଙ୍ଗଲରେ ଆବୃତ ଗନ୍ଧମାର୍ଦନ ପର୍ବତର ଦକ୍ଷିଣ ପାର୍ଶ୍ୱରେ ହରିଶଙ୍କର ଓ ଉତ୍ତର ପାର୍ଶ୍ୱରେ ନୃସିଂହନାଥ ମନ୍ଦିର ଅବସ୍ଥିତ । ହରିଶଙ୍କର ସ୍ଥାନଟି ଅସାଧାରଣ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଘନଜଙ୍ଗଲ ଓ ଜଳପ୍ରପାତ ଏ ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ହରିଶଙ୍କରଠାରେ ମଧ୍ୟ ଗୋଟିଏ ମୃଗ ବିହାର ସ୍ଥାପନ କରାଯାଇଛି ।

କୋରାପୁଟ ଜିଲ୍ଲାର ବନଗିରି ମଧ୍ୟରେ ବହୁ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ଓ ଜଳପ୍ରପାତ ରହିଛି । ବାଗ୍ରା ଜଳପ୍ରପାତ କୋରାପୁଟଠାରୁ ୧୬ କିଲୋମିଟର ଦୂରରେ କୋଲାବ ନଦୀରେ ଅବସ୍ଥିତ । ସେଠାରେ ୩ଟି ଛୋଟ ପ୍ରପାତ ଗୋଟିକ ପରେ ଗୋଟିଏ ୯ ମିଟର ଉଚ୍ଚରୁ ପଡିଥାନ୍ତି । ଜଙ୍ଗଲରେ ପରିପୂର୍ଣ୍ଣ ଏହି ସ୍ଥାନଟି ବଣଭୋଜି ଓ ଚିତ୍ତ ବିନୋଦନ ପାଇଁ ଅତ୍ୟନ୍ତ ମନୋରମ ।

ଜୟପୁରଠାରୁ ୬୫କିଲୋମିଟର ଦୂରରେ ଡୁଡୁମା ଜଳପ୍ରପାତ ଅବସ୍ଥିତ । ଚତୁର୍ଦ୍ଦିଗରେ ଜଙ୍ଗଲ ପରିପୂର୍ଣ୍ଣ ଏହି ସ୍ଥାନରେ ପର୍ବତଉପରୁ ଖସିଆସୁଥିବା ପାଣି ସୂର୍ଯ୍ୟଙ୍କ ରଶ୍ମିରେ ଅପୂର୍ବ କମନୀୟ ଶୋଭା ଧାରଣ କରେ । ପର୍ଯ୍ୟଟକ ସେ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଉଠେ । ଜୀବନର ଦୁଃଖ, ଯନ୍ତ୍ରଣା ଓ କ୍ଲାନ୍ତି ସବୁକିଛି ସେ ଭୁଲିଯାଏ । ଏହି ପ୍ରପାତର ଅନତିଦୂରରେ ମାଛକୁଣ୍ଡ ନଦୀ ଜଳରୁ ଜଳ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି । ତେଣୁ ଏ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ଦର୍ଶନୀୟ ।

ଚତୁଃପାର୍ଶ୍ୱର ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ଗୁପ୍ତେଶ୍ୱର ଗୋଟିଏ ଅତ୍ୟନ୍ତ ପବିତ୍ର ଓ ମନୋରମ ସ୍ଥାନ । ଏଠାରେ ଗୋଟିଏ ପର୍ବତ କୋଟର ମଧ୍ୟରେ ୨ ମିଟର ଉଚ୍ଚର ଶିବଲିଙ୍ଗ ପ୍ରତ୍ୟହ ପୂଜା ପାଉଛନ୍ତି । ପାର୍ଶ୍ୱଦେଶରେ କୋଲାବ (ଶାବେରୀ) ନଦୀ ବହି ଯାଉଛି । ରାମଗିରି ଠାରୁ ଜଙ୍ଗଲ କଚ୍ଚାରାସ୍ତାରେ ୧୫ କିଲୋମିଟର ଅତିକ୍ରମକଲେ ଗୁପ୍ତେଶ୍ୱର ପଡେ । ଏଠାରେ ପ୍ରତିବର୍ଷ ଶିବରାତ୍ରୀରୁ ଏକ ବିରାଟ ମେଳା ଅନୁଷ୍ଠିତ ହୁଏ । ଏପରି କମନୀୟ ଶାନ୍ତିଦାୟକ ଦେବପୀଠକୁ ପର୍ଯ୍ୟଟକ-

ଗଡ଼ିଆଳ କୁମ୍ଭୀର ଦେଇଥିବା ୨୫ଟି ଅଣ୍ଡାରୁ ୨୪ଟି ଛୁଆଜାତ ହୋଇ ଜନଚେତନାକୁ ଜାଗ୍ରତ କରିପାରିଛି ।

ନନ୍ଦନକାନନରେ ଶିଶୁମାନଙ୍କ ମନୋରଞ୍ଜନପାଇଁ ଗୋଟିଏ ଛୋଟ ଟ୍ରେନର ବ୍ୟବସ୍ଥା ଅଛି ।

ନନ୍ଦନକାନନକୁ ଅଧିକ ଉନ୍ନତ କରିବା ପାଇଁ ଗୋଟିଏ ମୁକ୍ତ ବିଚରଣ ସିଂହ ପ୍ରାଙ୍ଗଣ (ଲାୟନ ସଫାରୀ) ସ୍ଥାପନ କରାଯାଉଛି ।

ନନ୍ଦନକାନନରେ ଅନ୍ୟ କେତେକ ବନ୍ୟଜନ୍ତୁ ମଧ୍ୟ ଯଥା: ବାଘ, ଚିତାବାଘ, କଳା ଚିତାବାଘ, ଗୋଲ୍ଡେନ୍ କ୍ୟାଟ୍, ଭାରତୀୟ ବଣୁକାଷ୍ଠା, ବାଲିହରିଣ, ଚୌଶିଙ୍ଗା ଭାରତୀୟ ଅଜଗର ସାପମାନଙ୍କର ବଂଶବିସ୍ତାର ନନ୍ଦନକାନନର ବିଶେଷ ମହତ୍ତ୍ୱପୂର୍ଣ୍ଣ ଘଟଣା ।

ପର୍ଯ୍ୟଟକମାନଙ୍କ ଦିନବେଳେ ରହିବାର ସୁବିଧା ପାଇଁ ନନ୍ଦନକାନନରେ ପର୍ଯ୍ୟଟକ କୁଟୀର ଓ ବନ ବିଶ୍ରାମାଗାର ରହିଛି ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପର୍ଯ୍ୟଟକମାନଙ୍କୁ ଆନନ୍ଦ ଦେଇ ସାରା ଭାରତରେ ସୁଖ୍ୟାତି ଲାଭ କରିଛି ।


ପର୍ଯ୍ୟଟକମାନେ ମନର କ୍ଳାନ୍ତି ଦୂର କରିବା ପାଇଁ ଓ ଆନନ୍ଦ ପାଇବା ପାଇଁ ଯେଉଁ ଆକାଂକ୍ଷା ନେଇ ଆସିଥାନ୍ତି, ବନ୍ୟଜନ୍ତୁ, ନଦୀ, ଝରଣା, ଜଳପ୍ରପାତ, ପ୍ରାଣୀ ଉଦ୍ୟାନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଗୁଡ଼ିକ ସେମାନଙ୍କର ସେ ଆକାଂକ୍ଷାର ପରିତୃପ୍ତି ଆଣିଥାନ୍ତି । ତେଣୁ ପର୍ଯ୍ୟଟକମାନଙ୍କ ସଫଳ ପର୍ଯ୍ୟଟନ ପାଇଁ ବନ ଓ ବନ୍ୟଜନ୍ତୁଙ୍କ ଭୂମିକା ନିଶ୍ଚୟ ଶୀର୍ଷସ୍ଥାନ ଅଧିକାର କରିବ ।

---

ସହକାରୀ ବନ ସଂରକ୍ଷକ
ପରିସଂଖ୍ୟାନ ଅଫିସର
ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ,
କଟକ ।



ଟିକରପଡ଼ା



# ସ୍ୱର୍ଣ୍ଣ ବେଳାଭୂମି କଣ୍ଟାପଙ୍କ

ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର

ଏମିତି ତ କେତେ ବେଳାଭୂମି—ଗୋଆର ବାଗା, ବମ୍ବେର ମେରାଇନ୍ ଡ୍ରାଇଭ୍, ପଶ୍ଚିମବଙ୍ଗର ଦୀଘା ଆଉ ଓଡ଼ିଶାର ଗୋପାଳପୁର, ପୁରୀ, କୋଣାର୍କ, ଚାନ୍ଦିପୁର । କିନ୍ତୁ ବାଲେଶ୍ୱରର ଏଇ ସୁନାବାଲିର ବେଳାଭୂମି କଣ୍ଟାପଙ୍କ କାହିଁକି କେଜାଣି ମନ ଟାଣିନିଏ । ଝାଉଁର ସଂଗୀତ, ଅଗଭୀର ସମୁଦ୍ରର ଢେଉ, ଏହି ରମ୍ୟ ଉପକୂଳର ସିକତାରେ ଭରିଦିଏ ଅନୁପମ ଆନନ୍ଦର ନୂପୁର ଧ୍ୱନି । ଭୂମାର ଚିନ୍ମୟ ଚେତନା ଅଜ୍ଞାତରେ ଭରିଯାଏ ମନ ପ୍ରାଣରେ । ଦିନେ ପୁରୀଧାମକୁ ଯାତ୍ରା କରିବା ସମୟରେ ଶ୍ରୀ ଚୈତନ୍ୟ ଏହି ବେଳାଭୂମିରେ ରାତ୍ରି ଯାପନ କରିଥିଲେ ।

ପୁଣ୍ୟ ସ୍ମୃତି ବିଜଡ଼ିତ ଏହି ବେଳାଭୂମି ଏ ଯାଏଁ ଜନ ନେତ୍ରକୁ ଆସିନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ସୁନାବାଲିରେ ଜୀବନକୁ ସୁନ୍ଦର ଓ ଉପଭୋଗ୍ୟ କରିବା ପାଇଁ କେତେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ସୁନା ରଙ୍ଗ ଯେ ଭରି ରହିଛି ତା'ର କଳନା ନାହିଁ । ସାର୍ଥକ ଶିଳ୍ପୀ ଏହି ସିକତାରୁ ସାଉଁଟି ପାରିବ ଜୀବନକୁ ଶ୍ରୀମଣ୍ଡିତ କରିବାର ସ୍ମରଣୀୟ ସ୍ୱର୍ଣ୍ଣ ରେଣୁ ।

ମୌନତାର ଭାଷାରେ ଚିନ୍ମୟ ହୃଦୟର ଆବେଦନ ଜଣାଇବା ପାଇଁ ଏହି ସ୍ୱର୍ଣ୍ଣ ବେଳାଭୂମି ଅପେକ୍ଷା କରୁଛି ସତ୍ୟ—ଶିବ—ସୁନ୍ଦରର ଉପାସକମାନଙ୍କୁ । ସେମାନେ ଅସନ୍ତୁ; ନୂତନ ଯୁଗର ସଙ୍କେତ ଭରି ଦିଅନ୍ତୁ ଆମ ଆଖିରେ । ଦିଗ୍‌ଦର୍ଶନ ଦିଅନ୍ତୁ ଯୁଗଯାତ୍ରୀକୁ ସ୍ୱର୍ଣ୍ଣରେଣୁରେ ରଞ୍ଜିତ କରିବା ପାଇଁ ହୃଦୟର ପଦ୍ମପାଖୁଡ଼ାକୁ ।

# ମଗରନାକୀ ଉଷ୍ଣପ୍ରସ୍ରବଣ

ଶ୍ରୀ ଗୁଣନିଧି ତ୍ରିପାଠୀ

ପାହାଡ଼ ପର୍ବତ, ବନ ଗିରି, ନଦୀ ନାଳ ଓ ଝରଣା ମଣ୍ଡିତ ଉତ୍କଳଭୂମି ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ । ଅଦ୍ୟାବଧି ଘନ ଅରଣ୍ୟରେ ଏବଂ ପର୍ବତ କନ୍ଦରରେ କେତେ ଯେ ଅନାବିଷ୍କୃତ ରତ୍ନ ସଂପଦ, କେତେ ସତ୍ୟ, ଜୀବନ୍ତ ଐତିହାସିକ ଘଟଣାବଳୀ ଲୋକ ଲୋଚନକୁ ଆସିବା-ପାଇଁ ଅପେକ୍ଷାକରି ରହିଛନ୍ତି, ତାହାର ଇୟତ୍ତା ନାହିଁ ।

ଗଞ୍ଜାମ ଜିଲ୍ଲାର ତପ୍ତପାଣି, ପୁରୀ ଜିଲ୍ଲାର ଅତ୍ରି ପରି ଢେଙ୍କାନାଳ ଜିଲ୍ଲାର ମଗରନାକୀ ଏପର୍ଯ୍ୟନ୍ତ ଲୋକଲୋଚନ ଅଗୋଚରରେ ରହିଯାଇଛି । ଏହା ପାଲ-ଲହଡ଼ାଠାରୁ ୩୨ ମାଇଲ ଏବଂ କାମାକ୍ଷାନଗରଠାରୁ ୩୭ ମାଇଲ ଦୂରରେ ଅବସ୍ଥିତ । ଅଳ୍ପ କେତେଦୂର ଗଲେ ତାଳଚେର ସବ୍‌ଡ଼ିଭିଜନ ଆରମ୍ଭ ଏବଂ ପାହାଡ଼ଟି ଅତିକ୍ରମକରି ଦକ୍ଷିଣକୁ ଗଲେ କେଉଁଝର ଜିଲ୍ଲାର ସୀମା ଆରମ୍ଭ ହେବ । ଅର୍ଥାତ୍ ଦେଖିବାକୁ ଗଲେ, ଏହା ଏକ ଛକ ଜାଗାରେ ଅବସ୍ଥିତ । କିନ୍ତୁ ଦୁଃଖର ବିଷୟ ସବୁଦିନିଆ ଗମନାଗମନର ସୁବିଧା ନଥିବାରୁ ତାହା କବି, ଲେଖକ, ଭାବୁକ, ପର୍ଯ୍ୟଟକ ଓ ବୈଜ୍ଞାନିକମାନଙ୍କୁ ଆକୃଷ୍ଟ କରିବାକୁ ଅକ୍ଷମ ହୋଇଛି ।

ଯେଉଁ ପାହାଡ଼ର ପ୍ରସ୍ତର ଗାତ୍ରରୁ ଏହି ଉଷ୍ଣ ପ୍ରସ୍ରବଣ ନିର୍ଗତ ହେଉଅଛି, ତାହା ମାଲ୍ୟଗିରି ପର୍ବତଶ୍ରେଣୀ ସହିତ ସଂଯୁକ୍ତ ହୋଇ ରହିଛି । କେହି କେହି ଏହାକୁ ଏହାକୁ ନିଶାଣିଆ ପାହାଡ଼ କହନ୍ତି କିନ୍ତୁ ପ୍ରକୃତରେ ଏହାର ନାମ କୋଇଢେରା । ଏହି କୋଇଢେରା ପାହାଡ଼ଟି ଘନ ଅରଣ୍ୟରେ ପରିପୂର୍ଣ୍ଣ । ଦିନବେଳେ ଅନେକ ସ୍ଥାନରେ ସୂର୍ଯ୍ୟକିରଣ ମଧ୍ୟ ପଡ଼ିପାରେନାହିଁ । ଏହି ପାହାଡ଼ର ଖଣ୍ଡିଏ ବହିର୍ଗତ ଶିଳା ମଧ୍ୟରୁ ଉଦ୍‌ଗତ ଜଳରାଶି ସର୍ବଦା ବାହାରେ କ୍ରମେ କ୍ରମେ ତାଳୁ ଅଞ୍ଚଳକୁ ବହି ଗଳିଯାଉଛି । ଏହାର ଉତ୍ପତ୍ତି ସ୍ଥଳ ମଗରନାକ ସଦୃଶ ହୋଇଥିବାରୁ ଏହି ପ୍ରସ୍ରବଣକୁ ମଗରନାକୀ ଉଷ୍ଣପ୍ରସ୍ରବଣ କହନ୍ତି । ନିର୍ଗତ ଜଳ ଗରମଥାଏ ଏବଂ ସେଥିରୁ ଗରମ ବାଷ୍ପ ମଧ୍ୟ ଉଠିଥାଏ । ଜଳର ସ୍ୱାଦ ମଧ୍ୟ କୌଣସି ଧାତୁଦ୍ରବ୍ୟ ମିଶ୍ରିତ ଥିଲାପରି ମନେହୁଏ ।

ଏହି ପ୍ରସ୍ରବଣର ନାମାନୁସାରେ ନିକଟରେ ଅବସ୍ଥିତ ଗ୍ରାମର ନାମ ମଗର ମୁହାଣ ହୋଇଥିବା ଅନୁମିତ ହୁଏ । ଏପରି ଏକ ସୁରମ୍ୟ ସ୍ଥାନରେ କେଉଁ ସାଧକ କିମ୍ବା ଭାବୁକମାନଙ୍କର ଅବସ୍ଥିତି ସଂପର୍କରେ ସୂଚନା ମିଳେନାହିଁ । ଏପରିକି ନିକଟରେ କୌଣସି ଉନ୍ନତ ଜନବସତିର ବୃତ୍ତାନ୍ତ ନାହିଁ, କିନ୍ତୁ ଏହାର ଆଖପାଖ ଗ୍ରାମମାନଙ୍କରେ ଯାହା କିଛି ଅଛି ସମ୍ପ୍ରତି ତାହା ଏକ ଉନ୍ନତ ଅତୀତର ସୂଚନା ଦିଏ ।

ନିକଟରେ ଥିବା କଂସର ଗ୍ରାମ ନିକଟରେ ମାଟିଭିତରୁ ଭଂଗାଇଟା ଖଣ୍ଡ ମିଳିବାର ଦେଖାଯାଏ ଏବଂ କେତେକ ଚିତ୍ରିତ ପଥରମଧ୍ୟ ମିଳିଥିବାର ଲକ୍ଷ୍ୟ କରାଯାଏ । ଏସବୁକୁ ଗ୍ରାମବାସୀମାନେ ସେମାନଙ୍କ ଗ୍ରାମଦେବତୀଙ୍କ ନିକଟରେ ରଖି ପୂଜା କରୁଛନ୍ତି । ଏଥିରୁ ଅନୁମିତ ହୁଏ ଅତୀତରେ ଏଠାରେ ଏକ ଉନ୍ନତ ଜନବସତି ଥିବା ସମ୍ଭବପର । ଏଠାରେ ପାନୀୟ ଜଳର ଅଭାବ ଜଳସେଚନର ଅସୁବିଧା ଓ ହିଂସ୍ରଜନ୍ତୁମାନଙ୍କ ଆକ୍ରମଣଯୋଗୁ ସେହି ଉନ୍ନତ ଜାତି ହୁଏତ କେଉଁ ନଦୀକୂଳ ସମତଳ ଅଞ୍ଚଳକୁ କାଳକ୍ରମେ ସ୍ଥାନାନ୍ତରିତ ହୋଇଯାଇଥିବେ ।

ଏହା ବ୍ୟତୀତ ଏଠାରେ ଅତୀତରେ ଲୌହପ୍ରସ୍ତର କୌଣସି ଦେଶୀୟ କୌଶଳରେ ତରଳା ହେଉଥିବାର ସୂଚନାମଧ୍ୟ ମିଳେ । ବର୍ତ୍ତମାନ ସେହି ଅପରିଷ୍କୃତ ତରଳା ଲୁହାର ମଳି ଅଂଶସବୁ ଜଙ୍ଗଲ ଭିତରେ କେଉଁଠି ଜମା ହେବାର ଦେଖାଯାଏ । କିମ୍ବଦନ୍ତୀ କହେ କେଉଁ ସୁଦୂର ଅତୀତରେ ଉତ୍କଳର କମାରମାନେ ଲୁହା ତରଳାଇ ସଫାକରି ପାରୁଥିଲେ । ସେସବୁ ଲୁହାପଥର ନିକଟବର୍ତ୍ତୀ କେଉଁଝର ପାହାଡ଼ରୁ ଆସୁଥିବ । ଆଜି ସେସବୁର ନିଦର୍ଶନ ଦେଖିଲେ ମନରେ ସ୍ୱତଃ କୌତୁହଳ ସୃଷ୍ଟି ହୋଇଥାଏ ।

ନିକଟ ଅତୀତରେ ଏହି ମଗରନାକୀ ଉଷ୍ଣପ୍ରସ୍ରବଣ ନିକଟରେ ମକରଯାତ୍ରା ଉତ୍ସବ ପାଳନ କରାଯାଉଥିଲା । ବହୁ ଜନସମାଗମ ଓ ଆନନ୍ଦ କୋଳାହଳ ସେହି ଘନ ଅରଣ୍ୟ ଓ ପାହାଡ଼ରେ ପ୍ରତିଧ୍ୱନିତ ହୋଉଥିବ । କିନ୍ତୁ ବାରମ୍ବାର ମରୁଡ଼ି ଜନିତ ଫସଲହାନି ଯୋଗୁ ଲୋକମାନଙ୍କର ଆର୍ଥିକ ଅବସ୍ଥା ଖରାପ ହୋଇଯିବା ଫଳରେ ମକରଯାତ୍ରା ଅଳ୍ପ କେତେବର୍ଷହେଲା ବନ୍ଦହୋଇ ଯାଇଛି ।

ଏହି ଉଷ୍ଣପ୍ରସ୍ରବଣର ପାର୍ଶ୍ୱବର୍ତ୍ତୀ ଜଙ୍ଗଲମାନଙ୍କରେ ହରିଣ, କୁଟୁରା, ଭାଲୁ, ଏପରିକି ବାଘ ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ । ଆଖପାଖ ବାଶୁଆମାନଙ୍କ ଶିକାର ଯୋଗୁ ସେମାନଙ୍କର ସଂଖ୍ୟା କମିବାରେ ଲାଗିଲାଣି କିନ୍ତୁ ଏହା ଅତି ଦୁଃଖ ଓ ପରିତାପର ବିଷୟ ଯେ ଏପରି ଏକ ସୁରମ୍ୟ ସ୍ଥାନ ପ୍ରତି କାହାର ଦୃଷ୍ଟି ପଡ଼ିନାହିଁ । ବର୍ତ୍ତମାନ ଏହା ନିକଟରେ ରେଭିନିଉ ଡିପାର୍ଟମେଣ୍ଟ ତରଫରୁ ଗୋଟିଏ କ୍ଷୁଦ୍ର ବିଶ୍ରାମାଗାର ତିଆରି କରାଯାଇଛି ।

ଯଦି ଏହି ଉଷ୍ଣ ପ୍ରସ୍ରବଣର ଉନ୍ନତି ଓ ରକ୍ଷଣାବେକ୍ଷଣ ସଙ୍ଗେ ସଙ୍ଗେ ନିକଟରେ ଏକ ବନ୍ୟଜନ୍ତୁ ଅଭୟାରଣ୍ୟ ଗଢ଼ିଉଠେ ଏବଂ ସବୁଦିନିଆ ରାସ୍ତାଦ୍ୱାରା ସଂଯୋଗ କରାଯାଏ, ତେବେ ତାହା ଦିନେ ଦେଶବିଦେଶରୁ ବହୁ ଦର୍ଶକମାନଙ୍କପାଇଁ ଅଦ୍ୱିତୀୟ ରମଣୀୟ ସ୍ଥାନରେ ପରିଣତହେବ । ପ୍ରତ୍ନତତ୍ତ୍ୱ ବିଭାଗ ଏହାର ଆଖପାଖ ଅଞ୍ଚଳ ଖନନକଲେ ହୁଏତ ଓଡ଼ିଶାର ଇତିହାସର ଏକ ଅନୁଦ୍‌ଘାଟିତ ଅଧ୍ୟାୟ ଉନ୍ମୋଚିତ ହୋଇ ପାରନ୍ତା ।


କୋୟା ନୃତ୍ୟ

# ପର୍ଯ୍ୟଟନ ପରିକ୍ରମା

ଅଧ୍ୟାପକ ରାଜକିଶୋର ରାୟ

ଉତ୍କଳ ସବୁବେଳେ ରହି ଆସିଛି ମଧୁର ଆଉ ସ୍ନିଗ୍ଧ । ତାର ପ୍ରକୃତି ଉଚ୍ଛଳା, କେତେବେଳେ ଅବଗୁଣ୍ଠନବତୀ, କେତେବେଳେ ଆଭରଣହୀନା, ଅଥଚ ଏଇ ଅନାଭରିତ ରୂପଶ୍ରୀତଳେ ସେଥାଏ ମଦ୍ର ମାଧୁରିମାର ସୁକୁମାରୀ, ଐଶ୍ୱର୍ଯ୍ୟର ଉଭୟ ଆତ୍ମା ଓ ଶରୀରର ସେଯେ ଗନ୍ଧାଘ୍ରାଣ ତାହା ଜଣାଇଦିଏ ପଥିକକୁ । ପଥର ସ୍ୱାଦ ଯେ ପାଇଛି, ବୁଲିବାରେ ଯେ ମୋହମୁଗ୍ଧ, ବିଜନତାରେ ଅବା କୋଳାହଳଭରା ଜନସମୁଦ୍ରରେ, ସେ ପାଇପାଏ ଅତୀନ୍ଦ୍ରିୟ ଭାବାବେଶ........................

ଆସନ୍ତୁ ତାହାହେଲେ ଶୁଣିବା ଧ୍ୟାନ ଦେଇ ସୂର୍ଯ୍ୟସ୍ତୁତି ଯାହା ଉଚ୍ଚକଣ୍ଠରେ ସଂଚରିଯାଏ ଶ୍ରୀକ୍ଷେତ୍ର ମହୋଦଧିର ବେଳା ଭୂମିରେ.........................

"ଜବାକୁସୁମ ସଂକାଶଂ କାଶ୍ୟପେୟଂ ମହଦ୍ୟୁତିମ୍
ଧ୍ୱାନ୍ତାରି–ସର୍ବପାପଘ୍ନଂ ପ୍ରଣତୋଽସ୍ମି ଦିବାକରଂ"

ଜଗତନାଥ ଜଗନ୍ନାଥଙ୍କର ପବିତ୍ର ପୁରୁଷୋତ୍ତମ କ୍ଷେତ୍ର । ଏହାର ପୁରାଣ ପ୍ରସିଦ୍ଧ ଐତିହାସିକ ତଥା ଭୌଗୋଳିକ ସ୍ଥିତି ଅତ୍ୟନ୍ତ ରମଣୀୟ । ଏ ଜିଲ୍ଲାର ମନ୍ଦିରମାଳା ସେତେବେଳର ଏ ଭୂଭାଗ ପ୍ରାକ୍-ଆର୍ଯ୍ୟ, ପ୍ରାକ୍-ଦ୍ରାବିଡ଼ ଯେଉଁମାନେ ଆଷ୍ଟ୍ରିକ୍ ଭାଷାର ପରିବାର ଅନ୍ତର୍ଭୁକ୍ତ, ସେମାନେ ଥିଲେ ଏହାର ଅଧିବାସୀ । ପୃଥିବୀର ସର୍ବଶ୍ରେଷ୍ଠ ସୌରକର ଉଦ୍ଭାସିତ ବେଳାଭୂମି ପୁରୀର ଏକ ଐଶ୍ୱର୍ଯ୍ୟ ।

ବହୁ ବିଶେଷତ୍ୱ ଭିତରେ ଶ୍ରୀମନ୍ଦିରର ଶ୍ରେଷ୍ଠ ବୈଶିଷ୍ଟ୍ୟ ହେଉଛି ପୃଥିବୀର ପ୍ରଧାନ ଭୋଜନ ପରିବେଷଣକାରୀ ସଂସ୍ଥା–ମହାପ୍ରସାଦ । ମଠ, ମନ୍ଦିର, ତୀର୍ଥ, ସରୋବର-ସମୃଦ୍ଧ ଏଇ ସହରରେ ରହିଛି ଗୁଣ୍ଡିଚାବାଡ଼ି, ଲୋକନାଥ ମନ୍ଦିର, ସୁବର୍ଣ୍ଣ ଗୌରାଙ୍ଗ, ଦରିଆ ମହାବୀର ଟୋଟା ଗୋପୀନାଥ, ପଟିଆରାଣୀ, ନରେନ୍ଦ୍ର ପୁଷ୍କରିଣୀ, ମାର୍କଣ୍ଡେୟ, ଶ୍ୱେତଗଙ୍ଗା ଭଳି ଦର୍ଶନୀୟ ସ୍ଥାନ ।

ପର୍ଯ୍ୟଟନ ଏକ ସଂସ୍କୃତି । ପ୍ରକୃତିର ବହିରାବରଣରେ ଯେଉଁ ନଦ, ନଦୀ, ଘାଟ, ସମୁଦ୍ର, ମନ୍ଦିର ଥାଏ, ତାହା ପ୍ରକୃତରେ ବହିର୍ଲକ୍ଷଣ ନୁହେଁ । ଅନ୍ତତଃ ଏକ ବିକାଶ ଓ ସାଂସ୍କୃତିକ ଜାତୀୟ ଚେତନାର ଯୁଗାବଧି ସ୍ୱରୂପ ଏଥିରେ ଚିହ୍ନିତ ଥାଏ । ପର୍ଯ୍ୟଟନ ସଂସ୍କୃତି

କଳିଙ୍ଗ ସ୍ଥାପତ୍ୟର ମନୋହର ରୂପଶ୍ରୀ ଧାରଣ କରେ । ବୈଚିତ୍ର୍ୟରେ ସମନ୍ୱୟତା ଘେନି ସେହି ପାଷାଣ ଗାତ୍ରର ଉତ୍କୀର୍ଣ୍ଣ ରୂପ ସଜ୍ଜାରେ ଏହା ହୋଇଯାଇଛି ଜୀବନ୍ତ କଳାକୀର୍ତ୍ତି । ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତରେ ଅବା ଚନ୍ଦ୍ରାଲୋକିତ ରଜନୀରେ ଏହାର ବେଳାଭୂମି ଅକୁଣ୍ଠ ଆଶୀର୍ବାଦ ପାଏ ପରମପିତାଙ୍କଠାରୁ । ଏ ଜିଲ୍ଲାରେ ଜାଗ୍ରତ ଥାଏ ଅରଣ୍ୟ ବଳୟ, ପରିପୂର୍ଣ୍ଣ ଶାଦ୍ୱଳ ଭୂଭାଗ, ଗନ୍ଧକ ବାସ ସେବିତ ଉଷ୍ଣ ପ୍ରସ୍ରବଣମାଳାର ଅନିନ୍ଦ୍ୟ ସୁନ୍ଦର ରୂପଶ୍ରୀ । ଏହାର ପକ୍ଷୀ ବିହାର ହ୍ରଦ ଓ ନଦୀ ମାତୃକା ଶଯ୍ୟାର ଲୋଭନୀୟ ସ୍ୱଚ୍ଛଚିତ୍ର ଆକର୍ଷଣ କରେ ପ୍ରକୃତି-ବିଳାସୀ ପର୍ଯ୍ୟଟକଙ୍କୁ ଯିଏ ବୁଲେ, ଗାଏ ଗୀତ, ଅନିରତେ ଏ ଶୋଭା ସନ୍ଦର୍ଶନରେ ।

ପୁରୀ ସହର, ବେଳାଭୂମି, ତୀର୍ଥମାଳାର ବେହଟଙ୍କରେ ପଡ଼ିଛି ଶତାବ୍ଦୀର ସନ୍ନ୍ୟାସୀ ସନ୍ଥଙ୍କର କେତେ ପଦରଜ.... ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭକରି ସ୍ୱାମୀ ବିବେକାନନ୍ଦ ପର୍ଯ୍ୟନ୍ତ ବହୁ ସିଦ୍ଧ ସାଧକଙ୍କର ସାଧନାର ପୁଣ୍ୟଭୂମି ଏହି ପୁରୀ ପୁରୁଷୋତ୍ତମ ଆଦି କାଳରେ ଥିଲା ଆଦିମ ଶବର-ମାନଙ୍କର ବାସସ୍ଥଳୀ । ନିରନ୍ଧ୍ର ଗମ୍ଭୀର ଅରଣ୍ୟ ଆଚ୍ଛାଦିତ

ଭୂମାସ୍ପର୍ଶୀ ଏକ ଆବେଦନ, ଯାହା ରସ, ଧ୍ୱନି, ଚିତ୍ର, ଛନ୍ଦ ଓ ପରିବହନ ସୂତ୍ରରେ ମାନବର ଆତ୍ମାକୁ ରସୋ-ଦ୍ରେକ ସହରେ ପ୍ରତିଧ୍ୱନିତ କରେ ।

ନୀରବତାର ଗଭୀର ଧ୍ୟାନ ସ୍ତୁପ କୋଣାର୍କ ସୌରୋପାସନାର କ୍ଷେତ୍ର ଆଜି ବହୁ ପରିଦର୍ଶକଙ୍କର କୋଳାହଳରେ ମୁଖରିତ ହେଲେ ବି ଦର୍ଶକର ମନପ୍ରାଣ ସ୍ତବ୍ଧ ରହିଯାଏ ପାଷାଣ ଗାତ୍ରରେ ଉତ୍କୀର୍ଣ୍ଣ ମାନବ କଳ୍ପନାର ସୂକ୍ଷ୍ମ ବିନ୍ୟାସକୁ ଉପଲବ୍ଧି କରିବାରେ । ମନେହୁଏ ଯେପରି ଅରୂପ ଏଠାରେ ରୂପ ପାଇଛି ସୂତ୍ର ବିନ୍ଦୁ ବିନ୍ଦୁ ସୂଚୀ କର୍ମରେ ; ଅସୀମତା ପନ ଚିନ୍ହ ହୋଇଛି ସୀମାର ବନ୍ଧନ ଦାଉରେ, ଆଉ ମାନବୀୟ ଶେଷ ଆକାଂକ୍ଷା ଯେପରି ରୂପ ଦର୍ଶନକୁ ଏଇ ବିଚିତ୍ର କଳା ପାଟବତାରେ ପ୍ରାପ୍ତ ହୋଇଛି । ତାଣ୍ଡବୃତ୍ତ ଓ ଝାଉଁବନର ମନ୍ଦ୍ର ମଧୁର ସମୀର ପ୍ରବାହ ଏ ସ୍ଥଳୀକୁ ରୂପାୟିତ କରିଛି ପରମ ମନ୍ତ୍ର-ଗୁଂଜନରେ । ସାତଗୋଟି ବୃହଦାକାର ଅଶ୍ୱ, ସଂହତ ଲଗାମ–ବାଧାରେ ସତର୍କ ଉତ୍କର୍ଣ୍ଣ ବାରଗୋଟି ଯୁଗ୍ମ ଚକ୍ରକୁ ଶୂନ୍ୟରେ ଉତ୍ତୋଳିତକରି ଛୁଟି ଯିବେ କେଉଁ ଊର୍ଦ୍ଧ୍ୱକୁ କିଏ କହିବ ?



ଏ ଜାତିର ଜୀବନ-ଧ୍ୟାନ, ପ୍ରେମାନୁରାଗ, ଉପାସନା ପଦ୍ଧତି, ଯୁଦ୍ଧଯାତ୍ରା ଓ ସୃଜନଶକ୍ତିର ସମସ୍ତ ଅପାର୍ଥିବ ଭାବକୁ ଧରି ରଖିଛି କୋଣାର୍କ, ସେଥିପାଇଁ ଏ ଆଜି ବିଶ୍ୱ-ବିଶ୍ରୁତ ଏବଂ ଏହାରି ମାଧ୍ୟମରେ ପର୍ଯ୍ୟଟକ ସଂସ୍କୃତିର ଜୟ ଜୟକାର : ସାର୍ଥକ ଆବେଦନ ।

ଓଡ଼ିଶାର ଆଧୁନିକ ରାଜଧାନୀ, ମନ୍ଦିର ମାଳିନୀ, ଭାରତବର୍ଷର ଶ୍ରେଷ୍ଠ ସ୍ଥାପତ୍ୟ ନିବାସ, ଯାହାର ବକ୍ଷରେ ପାଞ୍ଚଶତ ପର୍ଯ୍ୟନ୍ତ ମନ୍ଦିର ଏବେ ବି କ୍ଷତ ଅକ୍ଷତ ଭାବରେ ଊର୍ଦ୍ଧ୍ୱ ଦୃଷ୍ଟି ରଖି ଆରାଧନା ରତ ତାହାହିଁ ଭୁବନେଶ୍ୱର । ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ଭରତେଶ୍ୱର (ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀ) ପର୍ଶୁରାମେଶ୍ୱର ଓ ସ୍ୱର୍ଣ୍ଣଜଳେଶ୍ୱର (ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀ), ବୈତାଳ (ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀ), ମୁକ୍ତେଶ୍ୱର (ଖ୍ରୀଷ୍ଟାବ୍ଦ ଦଶମ ଶତାବ୍ଦୀ), ବ୍ରହ୍ମେଶ୍ୱର (ଖ୍ରୀଷ୍ଟାବ୍ଦ ଏକାଦଶ ଶତାବ୍ଦୀ), ରାଜରାଣୀ (ଖ୍ରୀଷ୍ଟାବ୍ଦ ଏକାଦଶ ଶତାବ୍ଦୀ), ଲିଙ୍ଗରାଜ (ଖ୍ରୀଷ୍ଟାବ୍ଦ ଏକାଦଶ ଶତାବ୍ଦୀ) ଏବଂ ଅନନ୍ତ ବାସୁଦେବ (ଖ୍ରୀଷ୍ଟାବ୍ଦ ୧୩ଶ ଶତାବ୍ଦୀ) ପ୍ରଭୃତି କେତେକ ଦର୍ଶନୀୟ ମନ୍ଦିରର ସାତ୍ତ୍ୱିକ ସଚେତନତା ମଣିଷକୁ ଘେନିଯାଏ ଉଚ୍ଚ ଧର୍ମବୋଧ ଆଡ଼କୁ

ଏ ଜିଲ୍ଲାର ପର୍ଯ୍ୟଟନ-ସମୃଦ୍ଧିରେ ରହିଛି କବି କଳ୍ପନା ବିଳାସୀ ଚିଲିକା, ପକ୍ଷୀକଣ୍ଠ ନିଃସୃତ କାକଳି ସହିତ ଧୀବରଙ୍କର ନାବବାହୀ-ସଙ୍ଗୀତର ମଧୁର ସମନ୍ୱୟ ଦର୍ଶନୀୟ ସ୍ଥାନ-ଢାଲିଘାଇ, ବ୍ରହ୍ମଗିରି, ସତ୍ୟବାଦୀ, ବିଶ୍ୱନାଥ ପର୍ବତ, କୂର୍ମା, ରାମଚଣ୍ଡି, ଅମରେଶ୍ୱର, ଲକ୍ଷ୍ମୀନାରାୟଣ ଓ ବରାହୀ, କାକଟପୁର ମଙ୍ଗଳା, ଅତ୍ରରଙ୍ଗ, ବଲୁଣାଇ ଶୈଳ, ଅତ୍ରୀ ଉଷ୍ଣ ପ୍ରସ୍ରବଣ, କଣ୍ଟିଲୋ ନୀଳମାଧବ, ବଡ଼ମୂଳ, ଓଡ଼ଗାଁ, ଜୀବଜନ୍ତୁ ବିହାର ନନ୍ଦନକାନନ, ଜୈନ ଗୁମ୍ଫା ଖଚିତ ଖଣ୍ଡଗିରି ଉଦୟଗିରି, ବୌଦ୍ଧସ୍ତୂପ ଧଉଳି, ଯୋଗିନୀ ମନ୍ଦିର ହୀରାପୁର, ବୋଖାରୀ ସାହେବ ସମାଧି କାଇପଦର, ଉଗ୍ରତାରା ମନ୍ଦିର ଭୁଷଣ୍ଡପୁର ଓ ମାଆ ଭଗବତୀ ମନ୍ଦିର, ବାଣପୁର ଇତ୍ୟାଦି ।

## କଟକ

ପ୍ରାଚୀନ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର....ଏଇ କଟକ ଏବଂ ଏ ଜିଲ୍ଲା । ବହୁବିଧ ପୁରାତନ ମୂଲ୍ୟବୋଧ ଆହୃତ ସାମଗ୍ରୀରେ ଏହାର ରୂପଶ୍ରୀ ପରିବର୍ଦ୍ଧିତ । ହସ୍ତତନ୍ତ ଓ ତାରକସି କାମର ସୂକ୍ଷ୍ମ ବଳନ ଓ ପରିପାଟୀ ଏହାର ଚରମୋତ୍କର୍ଷ ଐଶ୍ୱର୍ଯ୍ୟ । ପୁଣି ଆଧୁନିକ ବନ୍ଦର ପାରାଦ୍ୱୀପ ଚତୁର୍ଦ୍ଦିଗରେ ଗଢ଼ି ଉଠୁଥିବା ଶିଳ୍ପ ପ୍ରକଳ୍ପର ସମାରୋହରେ ଏହାର ଶୈଳ୍ପିକ ଓ ସାଂସ୍କୃତିକ ପ୍ରକାଶ ଅତି ବିଚିତ୍ର । ଏମାନେ ହେଲେ ଚୌଦ୍ୱାର, ବ୍ୟାସନଗର, ଧାନମଣ୍ଡଳ, ମାଣିଆବନ୍ଦୀ, ଘଣ୍ଟିମୁଣ୍ଡା ଏବଂ ଲଳିତଗିରି । ଆଖି ଲାଖି ରହେ ଏହାର ଦିଗନ୍ତ ବିସ୍ତୃତ ଶସ୍ୟ କେଦାର ଶ୍ରେଣୀ ମଧ୍ୟରେ ଚିହ୍ନିତ ଲୋକାଳୟ ପାଖରେ............

ବହୁ ପ୍ରାଚୀନ ତଥା ବହୁ ମୂଲ୍ୟବୋଧର ସ୍ମୃତିନିହିତ ସହର, କଟକ ପୂର୍ବତନ ଓଡ଼ିଶାର ରାଜଧାନୀ । ଏହାର ଅନ୍ୟନାମ ଥିଲା, 'ଅଭିନବ ବାରାଣାସୀ କଟକ' । ଉତ୍ତରରେ ମହାନଦୀ, ଦକ୍ଷିଣରେ କାଠଯୋଡ଼ିର ଅବବାହିକା ଉପରେ ଏ ସହର ଏବେ ବି ସ୍ୱକୀୟ ଶୋଭାରେ ଦେଦୀପ୍ୟମାନ । ଶିଂଘ, ପିତ୍ତଳ, ତାରକସୀ କାମର ସାମଗ୍ରୀ ଭାରତ ବିଖ୍ୟାତ । ଏକାଦଶ ଶତାବ୍ଦୀର ନିର୍ମିତ ନଦୀବନ୍ଧ ଏବେ ବି ଶକ୍ତ ଓ ସୁରକ୍ଷିତ । କି ନିର୍ମାଣ କୌଶଳରେ ଏହାର ପତନ ଓ ପୂର୍ତ୍ତି ଅବଧାରିତ ହୋଇଥିଲା, ତାହା ଏବେ ବି ଅଜ୍ଞାତ ।



ବାରବାଟୀ ଦୁର୍ଗ ଏହାର ପ୍ରାକାର ଏବଂ ଏହାର ଦ୍ୱାରପଥ ଏବେ ବି ଦର୍ଶକଙ୍କୁ ଆତ୍ମବିସ୍ମୃତ କରେ । ଗଙ୍ଗ ବଂଶର ଏ କୀର୍ତ୍ତି କ୍ରମେ କାଳର କରାଳ ସ୍ରୋତରେ କ୍ଷୟପ୍ରାପ୍ତ ହେଉଥିଲେ ବି ଅପର ପାର୍ଶ୍ୱରେ ଗଢି ଉଠିଛି ଭାରତ ବର୍ଷର ଶ୍ରେଷ୍ଠ ଷ୍ଟେଡିଏମ୍ । ୨୫ ଏକର ଜମି ଉପରେ ୩୦ ହଜାର ଦର୍ଶକଙ୍କୁ ସ୍ଥାନ ଦେଇ ଏ ଯେଉଁ ବିଭିନ୍ନ ସୌଧର ସମାହାର ୧୯୫୪ରୁ ଆରମ୍ଭ ହୋଇଥିଲା, ତାହା ଏବେ ପରିପୂର୍ଣ୍ଣ ଦୂର୍ବାଦଳ ଶଯ୍ୟାର ନୀଳିମ ଆସ୍ତରଣ ଭିତରେ ଶୁଭଶଂଖ ଓ ବିବାହ–ବେଦୀର ଉପକରଣ ଦେଇ ଏକକ ଜୀବନରୁ ଯୁଗ୍ମ ଜୀବନକୁ ନେଇଯିବା ପାଇଁ ସୁଯୋଗ ଓ ସାହାଯ୍ୟ ଦେଉଛି । ଏହାର ସୃଷ୍ଟିକର୍ତ୍ତା ୰ଗୌରଚନ୍ଦ୍ର ମହାନ୍ତି ଏକ ଅବିସ୍ମରଣୀୟ ନାମ ।

ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ଉପାସନା କ୍ଷେତ୍ର "କଦମ୍–ରସୁଲ", ଏହାର ନହବତ୍‌ଖାନା, ନିର୍ମିତ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀରେ । ପୟଗମ୍ବର ମହମ୍ମଦ୍‌ଙ୍କର ପଦ–ଚିହ୍ନ ଉତ୍କୀର୍ଣ୍ଣ ରହିଛି ଏକ ବର୍ତ୍ତୁଳ ପ୍ରସ୍ତର ଖଣ୍ଡ ଉପରେ । ସମସ୍ତଙ୍କର ପ୍ରଣମ୍ୟ ଏହି ଆରାଧନା କ୍ଷେତ୍ର ।

ବିରଜାକ୍ଷେତ୍ର ଯାଜପୁର । ତାନ୍ତ୍ରିକ ଆରାଧନାର ପୀଠସ୍ଥଳ ଭକ୍ତ ଓ ଦର୍ଶକମାନଙ୍କୁ ବର୍ଷା ବର୍ଷ ଆକର୍ଷଣ କରେ । ବୈତରଣୀ ତଟରେ ପ୍ରତିଷ୍ଠିତ ଭୌମଙ୍କର ନୃପତିମାନଙ୍କର ଧର୍ମୀୟ ଦାନ ଏହି ଯାଜନଗର ହୁଏନ୍‌ସାଂଙ୍କର ବିବରଣୀରେ ସ୍ଥାନ ପାଇଛି ଏବଂ ଏହା ସପ୍ତମ ଶତାବ୍ଦୀରେ ବାଣିଜ୍ୟ ବ୍ୟବସାୟର କେନ୍ଦ୍ର ସ୍ଥଳୀ ଭାବରେ ବର୍ଣ୍ଣିତ ହୋଇଛି ।

ରତ୍ନଗିରି, ଲଳିତଗିରି ଓ ଉଦୟଗିରି–ଶୈଳତ୍ରୟୀ, ଏବେ ବି ଅମ୍ଲାନ ; ବୌଦ୍ଧ ସ୍ତୂପ ଓ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ସମୀକରଣରେ ଏ ସ୍ଥାନ ଉତ୍କଳର ଏକ ପୂଜାପୀଠ । ପର୍ଯ୍ୟଟନ ସଂସ୍କୃତି ଏ ସ୍ଥାନମାନଙ୍କରେ ଧର୍ମୀୟ ତଥା ସାଂସ୍କୃତିକବୋଧକୁ ଏକାତ୍ମ କରିଦେଇଛି । ସବୁଠାରୁ ରତ୍ନଗିରି ନାମାନୁଯାୟୀ ଶ୍ରେଷ୍ଠ ରତ୍ନ ଖଣ୍ଡ । ବହୁ ବୌଦ୍ଧ ସ୍ଥାପତ୍ୟ କ୍ରମେ ସ୍ତେକସ୍ଲେଦନକୁ ଆସୁଛି । କି ଧରଣୀ ତଳ ବା ଉପରି ଭାଗ ସର୍ବତ୍ର ଉତ୍କଳୀୟ ଧର୍ମ, ସଂସ୍କୃତି, ଜୀବନଧାରାର ବିଚିତ୍ର ବିଭିନ୍ନ ସମ୍ଭାରରେ ଏ ରାଜ୍ୟର ଐତିହ୍ୟ ଚିତ୍ରାୟିତ । ଗୁପ୍ତୋତ୍ତର କାଳୀନ ବୁଦ୍ଧ ପ୍ରତିମାର ସ୍ଥାପତ୍ୟ ମନ ପ୍ରାଣ ଚକ୍ଷୁ ଆକର୍ଷକ ।

ହଂସରାଜୀଙ୍କ ପହଁରା ସରଣ୍ଡା ପର୍ବତ ଘେରା ଅଂଶୁପା ହ୍ରଦର ବିଚିତ୍ର ଶୋଭାର ଆକର ପର୍ଯ୍ୟଟକଙ୍କର ମନକୁ ଟାଣିନିଏ । ଶୀତ ଋତୁରେ ଏହାର ଉର୍ମିମାଳା ଉପରେ କୂଜନରତ ବିଭିନ୍ନ ଦିଗ ଓ ଦେଶରୁ ଉଡ଼ି ଆସି ବିହାର କରୁଥିବା ନେତ୍ରାତିଥି ଏହି ପକ୍ଷୀ ଅତିଥିଗୁଡ଼ିକୁ ଦେଖିବାରେ ଚକ୍ଷୁ ଆଳସ୍ୟ ବୋଧ କରେ ନାହିଁ । ସାୟାହ୍ନରେ ସରଣ୍ଡା ଶୈଳର କମ ସଙ୍କୁଚିତ ଛାୟାପଡେ ଅଂଶୁପାର ବାରିଧାରା ଉପରେ । ନାବବାହୀ ପରିଦର୍ଶକ ବୁଲି ବୁଲି ଏ ଶୋଭା ନିରୀକ୍ଷଣ କରେ ଓ ଆତ୍ମହରା ହୁଏ ।

ତୁଳସୀ କ୍ଷେତ୍ର । ବଳଦେବଙ୍କ କେନ୍ଦ୍ରାପଡାରେ ଶ୍ରୀକ୍ଷେତ୍ର ପରଂପରା ଅନୁଯାୟୀ ରଥଯାତ୍ରା ହୁଏ । ଗୋବରୀ ନଦୀର ତଟ ଉପରେ ନୃସିଂହ ଟିକିରୀ ମଠ ଆନନ୍ଦ ଓ ଶାନ୍ତି ପ୍ରଦାନ କରିଥାଏ ।

ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଭକ୍ତ ସାରଳାଙ୍କର ଉପାସ୍ୟା ସାରଳାଦେବୀ ଝଙ୍କଡ଼ ବାସିନୀ । ପର୍ଣ୍ଣରାମ ତତ୍ତ୍ୱର ବିକାଶ ଏଠାରେ ସାଧିତ ହୋଇଥିଲା । ବହୁ ଯାତ୍ରୀଙ୍କ ସମାଗମରେ ଏ ସ୍ଥାନ ସଦା କଳ–କୂଜିତ । ମହାଭାରତ, ସାରଳା ଦେବୀ ଓ ଭକ୍ତ ସାରଳା ଦାସ..... ଅଭିନ୍ନ, ତହିଁରେ ଅଭିନ୍ନ ରହିଛି ଉତ୍କଳୀୟ ପ୍ରାଣମୟତା ।



ଢେଙ୍କାନାଳ

ଶାଳ ଅରଣ୍ୟ–ସେବିତ, ବନ୍ୟଜନ୍ତୁ ପରିପୂର୍ଣ୍ଣ ଢେଙ୍କାନାଳ, ହସ୍ତୀ, ବ୍ୟାଘ୍ର, କୁମ୍ଭୀରଙ୍କର ବାସଭୂମି, ନଦୀ, ଝରଣା, ସର୍ବତ୍ର ଏକ ବିସ୍ତୃତ ଆରଣ୍ୟକ ସୁଷମା । ଭୀମକାନ୍ତ ଏହାର ବନଭାଗ । ଟିକରପଡ଼ା, ଏକ ରମଣୀୟ ପର୍ଯ୍ୟଟନ ଦୃଶ୍ୟ । ମହାନଦୀ ଏଠାରେ ୨୦ କିଲୋମିଟର ବିସ୍ତୃତିରେ ମନୋହର ନଦୀ ଗଣ୍ଡ ଉତ୍ସାରିତ କରିଛି । ଏହା ସାତକୋଶିଆ, କୁମ୍ଭୀରମାନଙ୍କର ଜନ୍ମ, ଲାଳନପାଳନ ତଥା ବଂଶ ବୃଦ୍ଧିର ସ୍ଥାନ । ଘଡ଼ିଆଳ କୁମ୍ଭୀର କ୍ରମେ ନିଶ୍ଚିହ୍ନ ହୋଇ ଯାଉଥିବାର ଦୃଷ୍ଟିରୁ ଏଠାରେ ସେମାନଙ୍କର ଜନ୍ମ ଓ ସଂରକ୍ଷଣ ପାଇଁ ଆଧୁନିକ ବୈଜ୍ଞାନିକ କୌଶଳରେ କାର୍ଯ୍ୟ କରାଯାଉଛି । ମଳୟଗିରି ରାଜ୍ୟର ଏକ ଉଚ୍ଚତମ ଶୈଳଶୀର୍ଷ । ଏହାର ବାସନ୍ତୀକ ସୁବାସ ଆଘ୍ରାଣ କରିବା ପାଇଁ ପ୍ରତିବର୍ଷ ଶତ ଶତ ପର୍ଯ୍ୟଟକ ଆସନ୍ତି । ଆଦିବାସୀଙ୍କ ପ୍ରମୋଦ ସ୍ଥାନ ଏ ପର୍ବତରେ ଉଲ୍ଲେଖ ରହିଛି ପ୍ଲିନିଙ୍କର ପ୍ରାକୃତିକ ଇତିହାସ ଗ୍ରନ୍ଥରେ ଯଥା.. "ମେଲିୟସ୍".ଗ୍ରୀକ୍ ଶବ୍ଦ ।



କପିଳାସ, ଯୋରନ୍ଦା, ସାରଙ୍ଗ, ଭୀମଖଣ୍ଡ,· ଏଜିଲ୍ଲାର ଅଭିନବ ପର୍ଯ୍ୟଟନ କେନ୍ଦ୍ର । ମହିମା ଧର୍ମର ପ୍ରାଣ କେନ୍ଦ୍ର ଓ ଉପାସନା କ୍ଷେତ୍ର, ମହିମା ଗାଦୀ । ଏକ ନିର୍ଦ୍ଦିଷ୍ଟ ଧର୍ମମତର ଏହି ସନ୍ନ୍ୟାସୀମାନଙ୍କୁ ଦେଖିଲେ ସ୍ୱତଃ ପ୍ରାଣ ପୁଲକିତ ହୁଏ ।

ଶବର ରାଜା 'ଢେଙ୍କା' ନାମାନୁସାରେ ଢେଙ୍କାନାଳ ଶବ୍ଦ ସୃଷ୍ଟ ହୋଇଛି ବୋଲି ବିଶ୍ୱାସ କରାଯାଏ । ୧୯୪୮ ପର୍ଯ୍ୟନ୍ତ ଏହା ଗଡ଼ଜାତ ଥିଲା । ବଳଭଦ୍ର, ଶମ୍ଭୁଗୋପାଳ ରଘୁନାଥ, କୁଞ୍ଜକାନ୍ତ ମନ୍ଦିର ପ୍ରସିଦ୍ଧ ଧର୍ମପୀଠ ।

ତାଳଚେର ଅଧୁନା ଭାରତବର୍ଷ ତଥା ବାହାରେ ପ୍ରଖ୍ୟାତି ଲାଭ କରିଛି । "ରାଣୀ ପାର୍କ" ଏକ ଛବିଳ ବୃକ୍ଷଲତା ଓ ଜୀବଜନ୍ତୁଙ୍କର ସ୍ଥାନ : ତାଳଚେରର ରାସାୟନିକ ସାର କାରଖାନା ଯାହା କୋଇଲା–ଭିତ୍ତିକ, ବିଶ୍ୱ ବିଦିତ । ଏହିପରି ପ୍ରାଚୀନ ଓ ନୂତନ ଜୀବନଧାରାରେ ସମ୍ମିଳିତ ଅର୍ଥନୈତିକ ଓ ସାଂସ୍କୃତିକ ଉଦୟନ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଅତି ସ୍ପଷ୍ଟ ।



## ବାଲେଶ୍ୱର

ଓଡ଼ିଶାର ଧନଧାନ୍ୟ କ୍ଷେତ୍ର ଶିରୋମଣି ବାଲେଶ୍ୱର ବହୁ ରାଜନୈତିକ, ସାଂସ୍କୃତିକ ଓ ଧର୍ମୀୟ ଆନ୍ଦୋଳନ ଓ ସଂଘର୍ଷର ଭୂମି । ଶ୍ୟାମ ଶସ୍ୟ କେଦାର ନଦୀ ମାତୃକା, ନୀଳ ଶୈଳ ରାଜି, ବିସ୍ତୃତ ପ୍ରାନ୍ତର, ସୁନ୍ଦର ବେଳାଭୂମିର ଗୋଟିଏ ସାର୍ଥକ ଜିଲ୍ଲା ଏଇ ବାଲେଶ୍ୱର । ପୁଣ୍ୟପୀଠ ରେମୁଣା, ଚନ୍ଦନେଶ୍ୱର, ପଞ୍ଚଲିଙ୍ଗେଶ୍ୱର, ଯୁଗେ ଯୁଗେ ଭକ୍ତମାନଙ୍କୁ ଆକର୍ଷଣ କରି ଆସିଛି ।

ଚାନ୍ଦୀପୁର ସ୍ୱାସ୍ଥ୍ୟନିବାସ ଅତୁଳନୀୟ । ଲହରୀ ଆସେ, ଘୁଞ୍ଚିଯାଏ, ରଖିଯାଏ ଶୀତଳ ଆର୍ଦ୍ରତା । ମାଇଲ ମାଇଲ ଧରି ତରଙ୍ଗର ଏଇ ଲୁଚକାଳି ଖେଳ ଏକ 'ରହସ୍ୟ' ଘେରା ମନୋରମ ଅନୁଭୂତି ଦିଏ ପର୍ଯ୍ୟଟକମାନଙ୍କୁ । ଝାଉଁବନ ଓ ଶୁଭ୍ର ଶୁକ୍ତିର ଅସଂଖ୍ୟ ତାରକା ଗଠନ କରେ ମନୋହର ଚିତ୍ରପଟ । ଏଠି ଜୀବନ ଚଞ୍ଚଳ ହୋଇଉଠେ ସମୁଦ୍ର ଲହରୀର ତାଳ ମାନ ଲୟରେ । ବିଳୟ ବୋଲି ଏଠି କିଛି ନାହିଁ, ସବୁ ପରିପୂର୍ଣ୍ଣ ।

କ୍ଷୀରଚୋରା ଗୋପୀନାଥ-ବନ୍ଦନା ବୈଷ୍ଣବ କଣ୍ଠରୁ ନିଃସୃତ ହୁଏ । ଶ୍ରୀ ଚୈତନ୍ୟଙ୍କର ଗୁରୁ ମାଧବେନ୍ଦ୍ର ପୁରୀ ଓ ନିଜେ ଶ୍ରୀ ଚୈତନ୍ୟ ଦେବ ଏଠାକୁ ଆସି ପୂଜା ଅର୍ଚ୍ଚନା କରିଥିଲେ । ଏହା ବୈଷ୍ଣବ ଜନତୀର୍ଥ । କେବଳ ଦୁଗ୍ଧ ମଧୁପର୍କ ଏହାର ପ୍ରସାଦ ।

ଚନ୍ଦନେଶ୍ୱର ବେଳାଭୂମି ଓ ମନ୍ଦିର ବାଲେଶ୍ୱର ଜିଲ୍ଲାର ଏକ ଆକର୍ଷକ ପର୍ଯ୍ୟଟନ ପୀଠ । ଏପ୍ରିଲ୍ ମାସରେ ଅନୁଷ୍ଠିତ "ନୀଳ ପର୍ବ" ରେ ବହୁ ଲୋକ ଏଠାରେ ସମବେତ ହୁଅନ୍ତି । ପଶ୍ଚିମବଙ୍ଗର "ଦୀଘା" ନିକଟରେ ରହିଛି ।

ପଞ୍ଚଲିଙ୍ଗ ଉପରେ ପ୍ରବାହିତ ଜଳ ମୁକ୍ତଧାରା ଏବଂ ଚତୁର୍ଦ୍ଦିଗର ଶ୍ୟାମ ସବୁଜିମାର ବିଭୂତି ରାଜା ବାଣାସୁରର କୀର୍ତ୍ତି । ଏହା ପଞ୍ଚଲିଙ୍ଗେଶ୍ୱର । ସର୍ବତ୍ର ଧର୍ମ, ଜୀବନ, ସଂସ୍କୃତି ଓ ପର୍ଯ୍ୟଟନର ସମନ୍ୱୟ ଉତ୍କଳଭୂମିର ବୈଶିଷ୍ଟ୍ୟ ।

## କେଉଁଝର

ଖଣିଜ ସଂପଦରେ ପରିପୂର୍ଣ୍ଣ କେଉଁଝର କେଉଁ ସଂପଦରେ ଯେ ଦରିଦ୍ର, ଏହା କହି ହେବ ନାହିଁ । ଦେବ ମନ୍ଦିର ଜଳ ପ୍ରପାତ, ପ୍ରାକୃତିକ ସୁଦୃଶ୍ୟାବଳୀ, ମନ୍ଦିର ଗାତ୍ରରେ ସ୍ଥାପତ୍ୟର ବୈଚିତ୍ର୍ୟ, ବିସ୍ତୃତ ବନ ପଥର ଉଭୟ ପାର୍ଶ୍ୱରେ ପକ୍ଷୀ କୂଜନ, ଆଦିବାସୀ ଜୀବନର ବିଚିତ୍ର ଗାଥା ଓ କଥା, ପୂଜା ପାର୍ବଣ, ସଙ୍ଗୀତ, ବାଦ୍ୟର ତାଳେ ତାଳେ ନୃତ୍ୟରତା ଆଦିବାସୀ ରମଣୀର ପରମ ଉଲ୍ଲାସ-ସବୁ ଯେମିତି ରହସ୍ୟାୟିତ ଓ ଛନ୍ଦ ମଧୁର ।

ସୀତା ତଟିନୀ ଉପରେ ଉଭା ସୀତାବିଞ୍ଜି ଏକ ପୀଠ, ଯେଉଁଠି ସ୍ଥାପତ୍ୟ ଭାସ୍କର୍ଯ୍ୟର ମେଖଳା ଉନ୍ମୁକ୍ତ ହୋଇଛି । ଏହାର ରାବଣ ଛାୟା ଏକ ଅର୍ଦ୍ଧ ଉନ୍ମୀଳିତ ଛତ୍ର ସ୍ୱରୂପ । ଏହାର ଅନୁଲେଖନରେ ରହିଛି ଏକ ରାଜକୀୟ ଖୋଇଯାତ୍ରା କେଉଁଝରଗଡ଼ଠାରୁ କଟାରବେଢ଼ା ପର୍ଯ୍ୟନ୍ତ ।

ଖଣ୍ଡାଧାର ପ୍ରକୃତରେ ଖଣ୍ଡାର ଧାର ଭଳି ତୀକ୍ଷ୍ଣ ତୀର୍ଯ୍ୟକରେ ଝରି ଆସିଛି ଶୈଳଶିଖରରୁ, ୫୦୦ଫୁଟ ଉଚ୍ଚରୁ । ଏହି ପ୍ରସ୍ରବଣ ଖସିଛି ଚତୁର୍ଦ୍ଦିଗରେ ଧୂମାୟିତ ରବିକର ଖଚିତ ଅଜସ୍ର ଜଳବିନ୍ଦୁ ସୃଷ୍ଟି କରି ଶ୍ୟାମ ବନାନୀର ବକ୍ଷ ଦେଇ । ଭାବେ ସେ ଜୀବନମୁକ୍ତ ଆତ୍ମହରା ହୋଇଯାଏ ପର୍ଯ୍ୟଟକ । ଭାବେ ସେ ଜୀବନମୁକ୍ତ ହୋଇଗଲା ।

ବୈତରଣୀ ତୀର ଉପରେ ବ୍ରହ୍ମେଶ୍ୱର ମନ୍ଦିର । ସେଠାରୁ ନଦୀଟି ଗୁପ୍ତ ହୋଇଯାଇଛି ଓ କିଛି ଦୂରରେ ଗାଭୀର ନାସିକା ଭଳି ଏକ ପ୍ରସ୍ତର ବିବର ଭିତରୁ ପୁନଃ ପ୍ରକାଶିତ ହୋଇ ସ୍ଥାନଟି ନାମକରଣ କରିଛି 'ଗୋନାସିକା' । ଏହାର ବିଚିତ୍ର ପ୍ରାକୃତିକ ଶୋଭା ଅତି ହୃଦୟସ୍ପର୍ଶୀ ।

ତାରିଣୀ ଦେବୀଙ୍କର ଘଟଗାଁ ପ୍ରସିଦ୍ଧ ଶକ୍ତିପୀଠ । ପ୍ରତ୍ୟେକ ଯାତ୍ରୀ ନତ ମସ୍ତକ ହୁଏ, ନିର୍ବିଘ୍ନ ଶୁଭ ଯାତ୍ରା ପାଇଁ, ନାରିକେଳ ଭୋଗ ଦିଏ । ବିଶ୍ୱାସର ପରମ ଆକୃତି ଏଠାରେ ପ୍ରତିଫଳିତ ।

ପାଣ୍ଡୁପୁତର ଅବଲୋକିତେଶ୍ୱର ମୂର୍ତ୍ତି କୋଣଚୈତ୍ୟର 'ବୌଦ୍ଧ' ପୀଠରେ ବିଦ୍ୟମାନ ରହିଛି । କେଉଁଝର ଗଡ଼ରେ ବହୁ ବିଷ୍ଣୁ ମନ୍ଦିର ଅଛି । ଯଥା:-ସିଦ୍ଧ ଜଗନ୍ନାଥ, ସିଦ୍ଧ କାଳୀ ଏବଂ ପଞ୍ଚବଟୀ । ପ୍ରତ୍ୟେକଟି ଅନିନ୍ଦ୍ୟ ପ୍ରାକୃତିକ ପରିବେଶ ଭିତରେ ପରିଶୋଭିତ ।

## ସମ୍ବଲପୁର

ଓଡ଼ିଶା ପଶ୍ଚିମାଞ୍ଚଳର, ପ୍ରସିଦ୍ଧ ଜିଲ୍ଲା ସମ୍ବଲପୁର । ଅରଣ୍ୟ, ବିଚିତ୍ର ବନ୍ୟଜନ୍ତୁ, ଶୈଳରାଜି, ଜଳପ୍ରପାତ, ବନଜୀବୀମାନଙ୍କର ଜୀବନ ଓ ସଂସ୍କୃତି, ସେମାନଙ୍କର ସଙ୍ଗୀତ ଓ ନୃତ୍ୟ ଏତେ ଆକର୍ଷଣୀୟ ଯେ, ଉପଭୋଗ ନ କଲେ, ଏହାର ବିସ୍ତାର ଓ ଗଭୀରତା ଉପଲବ୍ଧ ହେବ ନାହିଁ ।

"ସମଲେଇ" ଠାକୁରାଣୀ ପ୍ରତ୍ୟକ୍ଷା ଦେବୀଙ୍କ ନାମାନୁସାରେ ସମ୍ବଲପୁର ନାମର ଉତ୍ପତ୍ତି । ମହାନଦୀର ତୀର ଉପରେ ପ୍ରତିଷ୍ଠିତ ଏ ମନ୍ଦିର, ରହିଛି ପୁଣି ବୁଢ଼ାରଜା ଦେଉଳ, ସେହି ନାମର ପର୍ବତ ଶିଖର ଉପରେ । ବଡ଼ ଜଗନ୍ନାଥ ମନ୍ଦିର, ବ୍ରହ୍ମପୁରୀ ଦେଉଳ, ଅନନ୍ତ ଶଯ୍ୟା ମନ୍ଦିର ଓ ପଟନେଶ୍ୱରୀ ପୀଠ ।

ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ବିଶ୍ୱ ବିଶ୍ରୁତ । ଏହାର ନିର୍ମାଣ କୌଶଳ ଅନୁପମ ।

ହୀରାକୁଦ ବନ୍ଧ ପୃଥିବୀର ଦୀର୍ଘତମ ସେତୁ, ଓଡ଼ିଶାର ବିଭବ । ଦିଗ୍‌ବଳୟରୁ ଦିଗ୍‌ବଳୟ ପର୍ଯ୍ୟନ୍ତ ଏହି କୃତ୍ରିମ ହ୍ରଦ ଏସିଆର ସର୍ବ ବୃହତ୍ । ଏକୋଇଶ କିଲୋମିଟର ପଥ ପର୍ଯ୍ୟଟକ ଅତିକ୍ରମଣ କରୁବେଳେ ସେ ବିସ୍ମୟାଭିଭୂତ ହୋଇଯାଏ, ଦେଖେ ପ୍ରକୃତି ଓ ମାନବ ସେଠାରେ କିପରି ଯୁଗପତ୍ ନିର୍ମାଣ କଳାର ଯୁଗଳବନ୍ଦୀ ରଚନା କରିଛନ୍ତି । ଗାନ୍ଧୀ ମିନାର, ଅଶୋକ ନିବାସ, ନେହୁରୁ ମିନାର, ଦର୍ଶନୀୟ ସ୍ଥାନ ।

ଆନ୍ତର୍ଜାତିକ ପର୍ଯ୍ୟଟନ ମାନଚିତ୍ରରେ 'ଉଷାକୋଠୀ' ଏକ ରମଣୀୟ ବନ୍ୟଜନ୍ତୁ ସଂରକ୍ଷଣ ଜଙ୍ଗଲ ଭାବରେ ସ୍ଥାନ ପାଇଛି । ଉଚ୍ଚ ପରିଦର୍ଶନ କେନ୍ଦ୍ରରୁ ପର୍ଯ୍ୟଟକମାନେ ରାତ୍ରିର ଅନ୍ଧକାର ବା ରଜତ ଜ୍ୟୋତ୍ସ୍ନା ଧାରା ଭିତରେ ଆଲୋକ ସଂପାତ ସୂତ୍ରରେ ଦେଖି ପାରିବେ ବନ୍ୟ ପଶୁମାନଙ୍କର ସ୍ୱଚ୍ଛନ୍ଦ ନିର୍ଭୟ ଯାତାୟାତର ଦୃଶ୍ୟ । ଯେକେହି ବନ ପଥରେ ଯାତ୍ରା କରି ମଧ୍ୟ ଏ ଚିତ୍ର ଉପଭୋଗ କରି ପାରିବେ ।

ନୃସିଂହନାଥ ମନ୍ଦିର ଗନ୍ଧମାର୍ଦନ ପର୍ବତର ତଳେ ଶୋଭା ପାଉଛି । ଅନ୍ୟ ଦିଗରେ ହରିଶଙ୍କର ମନ୍ଦିର ମଝିରେ ଛୋଟ ବଡ଼ ଜଳ ପ୍ରପାତର ଲୁଚକାଳି ଖେଳ । ସତେ କ'ଣ ବୀର ଭକ୍ତ ହନୁମାନ ଏହି ଗନ୍ଧମାର୍ଦନ ପର୍ବତକୁ କାନ୍ଧରେ ଟେକି ନେଇଥିଲେ, ନିର୍ଦ୍ଦିଷ୍ଟ ବିଶଲ୍ୟକରଣୀ ଲତାକୁ ଖୋଜି ନ ପାଇ ।

"ଜୟ ହନୁମାନ ଜ୍ଞାନଗୁଣ ସାଗର"

## ଗଞ୍ଜାମ

ତପ୍ତପାଣି–ନାରାୟଣୀ–ଗୋପାଳପୁର – ଚିଲିକା–ନିର୍ମଳ ଝର–ତାରାତାରିଣୀ–ମହେନ୍ଦ୍ର ଗିରି–ଜଉଗଡ଼ର ବିସ୍ମୃତି ଓ ସୌନ୍ଦର୍ଯ୍ୟ ଘେନି ଗଞ୍ଜାମ ଧନ୍ୟ । ନିର୍ମଳଝର ବିଷ୍ଣୁସେବିତ ଜଳଧାରା । ଋଷିକୁଲ୍ୟାଘେରା ତାରା-ତାରିଣୀ ପର୍ବତରେ ଏ ଦେବୀ ପ୍ରତ୍ୟକ୍ଷ୍ୟା । ହଜାର ସୋପାନ ଆରୋହଣ କଲେ ମୋକ୍ଷ ପ୍ରାର୍ଥୀ ଭକ୍ତ ଦର୍ଶନ ପାଏ ।

ପାଞ୍ଚ ହଜାର ଫୁଟ ଉଚ୍ଚ ପାରଳାଖେମୁଣ୍ଡିର ଏହି ପର୍ବତ ମହେନ୍ଦ୍ରଗିରି ପ୍ରାଚୀନ ପୁରାଣ ଓ କାବ୍ୟରେ ପ୍ରଶଂସିତ ହୋଇଛି । କାଳିଦାସଙ୍କର କାବ୍ୟ କୃତିରେ ଏହା ଅମରତ୍ୱ ଲାଭ କରିଛି, ସେହିପରି ରାଧାନାଥ ରାୟଙ୍କର ସାହିତ୍ୟରେ । ମହେନ୍ଦ୍ର ତନୟା ଜଳଧାରା ଏହାର ଉତ୍ସଙ୍ଗରୁ ପ୍ରବାହିତ । ଏହା ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ।


ଅଶୋକ ଅନୁଶାସନ ଖୋଦିତ ଜଉଗଡ଼ ପ୍ରତ୍ନତାତ୍ତ୍ୱିକ ବିଭବରେ ପରିପୂର୍ଣ୍ଣ । ଗୋପାଳପୁରର ବେଳାଭୂମି, ଏହାର ପାର୍ଶ୍ୱବର୍ତ୍ତୀ ତାଳ, ନାରିକେଳ ବନର ସାନ୍ଦ୍ରଛାୟା, ପବନର ପରିମଳତା, ଝାଉଁ ବନର ସିରି ସିରି ଶବ୍ଦ, ଆତ୍ମାକୁ ବିଶ୍ୱାତ୍ମାର ପରିପୂରକ କରି ନିଏ, କେବଳ ସେ ଚିତ୍ତ ଓ ପାରମାର୍ଥିକ ଭାବନା ଥିଲେ ହିଁ ହେଲା ।

ଗନ୍ଧକ ଉଷ୍ଣ ପ୍ରସ୍ରବଣ ତପ୍ତପାଣି ମନୋହର ସଲିଳଗର୍ଭା । ଏହାର ତପ୍ତ ପାଣି ଡାକ ବଙ୍ଗଳାରେ ମିଳିଥାଏ । ପର୍ଯ୍ୟଟନ ଶିବିର ଏହା ଏକ ଚମତ୍କାର ଆୟୋଜନ..........

## ମୟୂରଭଞ୍ଜ

ଜାତୀୟ ପାର୍କ ଶିମିଳିପାଳ–ଭାରତ ବର୍ଷର ନଅଟି ବ୍ୟାଘ୍ର ସଂରକ୍ଷଣ ଯୋଜନା ଭିତରେ ଅନ୍ୟତମ ଶିମିଳିପାଳ ବନାନୀ, ପଶୁ ଜୀବନ, ଶାଳବନ, ଆଦିବାସୀ ଜୀବନ ଯାତ୍ରାର ରୂପରେଖ ନେଇ ଅଦ୍ୱିତୀୟ ଅରଣ୍ୟ ଐଶ୍ୱର୍ଯ୍ୟ । ଖଇରୀ ବ୍ୟାଘ୍ରୀର ସ୍ମୃତି ବହନକରି ଏ ଶ୍ୟାମ ଅରଣ୍ୟାନୀ ଆନ୍ତର୍ଜାତିକ ପ୍ରଶସ୍ତି ଲାଭ କରିଛି । ହାୟ, ଖଇରୀ, କ୍ଷୟିତା ହୋଇଛି ମୃତ୍ୟୁର ଶୀତଳ ସ୍ପର୍ଶରେ; ତଥାପି ଜୀବନ୍ତ ରହିଛି ଚଳଚ୍ଚିତ୍ରରେ ଓ ତାହାର ପାଳକ ପାଳିକାମାନଙ୍କର ଜୀବନ ଚର୍ଯ୍ୟାରେ , ଯେଉଁଠି ଶ୍ୱାପଦ ଓ ମାନବର ସହାବସ୍ଥାନ ଘଟିଥିଲା, ଆଜି ସେ ସହୃଦୟ ପାଳକ ବି ଅସ୍ତମିତ !!

ଶିଶୁପାଳଗଡ଼ ନୁହେଁ ଖିଚିଙ୍ଗ୍, ହରିପୁର, ଅନ୍ୟ ଦୁଇଟି ଆକର୍ଷଣୀୟ ପର୍ଯ୍ୟଟନ ପୀଠ । ଭଞ୍ଜ ନରପତିମାନଙ୍କର ପ୍ରାଚୀନ ରାଜଧାନୀ ଖିଚିଙ୍ଗର କୀଚକେଶ୍ୱରୀ ଏବେ ବି ଜାଗ୍ରତା ଦେବୀ । ଖିଚିଙ୍ଗର ଯାଦୁଘର ଅବଶ୍ୟ ଦର୍ଶନୀୟ । ପ୍ରାକ୍ତନ ବିଭବର ସଂଗୃହୀତ ଏ ଜାତିର



କୀର୍ତ୍ତି ଓ କର୍ମର ଆଲେଖ୍ୟ ସେଠାରେ ଶୋଭା ବର୍ଦ୍ଧନ କରୁଛି ।

ରାଜ ଦରବାର ଓ ସୌଧ ଆଜି ନାହିଁ । ମୟୂରଭଞ୍ଜର ଇତିହାସ କାଳଜୟୀ ଇତିହାସ । ରସିକ ରାୟ, ରାଧାମୋହନ, ଜଗନ୍ନାଥ ମନ୍ଦିର ବିବର୍ତ୍ତିତ କାଳର ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

## ବଲାଙ୍ଗୀର

ଶ୍ୟାମ ବନରାଜିରେ ପରିପୂର୍ଣ୍ଣ ବିଚିତ୍ର ପଶୁ ଜୀବନ ଲୀଳାରେ ବିଧୃତ, ବହୁ ଆଦିମ ବଂଶର ଉଦ୍‌ଭବ କ୍ଷେତ୍ର, ଏହି ବଲାଙ୍ଗୀର ଜିଲ୍ଲା ରାମାୟଣ ଯୁଗରୁ ଦକ୍ଷିଣ କୋଶଳ ଭାବରେ ପରିଚିତ । ଲକ୍ଷ୍ମୀଙ୍କର ସହଜାୟନ ତନ୍ତ୍ର ତଥା ସପ୍ତ ତନ୍ତ୍ରଙ୍କର ଯୌନ ସାଧନାର ଆଲେଖ୍ୟ ଏଠାରେ ଚିତ୍ରିତ ।

ସୁବର୍ଣ୍ଣପୁର ବା ସୋନପୁର ପଶ୍ଚିମାଞ୍ଚଳର ମନ୍ଦିର ମାଳିନୀ ଜିଲ୍ଲା । ସୁବର୍ଣ୍ଣମେରୁ ଲିଙ୍ଗ ଅଧିବାସୀଙ୍କର ଅତି ପୂଜ୍ୟ ଠାକୁର । ଏହାଙ୍କର ଆବିର୍ଭାବ ବେଳେ ଆକାଶରୁ ସୁବର୍ଣ୍ଣଖଣ୍ଡ ଅର୍ଦ୍ଧ ଦିବସ ପର୍ଯ୍ୟନ୍ତ ବର୍ଷା ହୋଇଥିଲା । ଜନଶ୍ରୁତି ଏହିପରି ରହିଛି ।

ହରିଶଙ୍କର ଅପୂର୍ବ ରମଣୀୟ ପୀଠ । ଉଭୟ ହରି ଓ ଶଙ୍କରଙ୍କର ମିଳନ ସ୍ଥାନ । ଚିରନ୍ତନ ନିର୍ଝରିଣୀର ତୁଳୁ ତୁଳୁ ସ୍ରୋତରେ ଏ ବିଜନ ବନ ଓ ପାର୍ଶ୍ୱବର୍ତ୍ତୀ ଭୂଭାଗ ସଦା ଧ୍ୱନିତ । ପକ୍ଷୀ କୂଜନ, ଶ୍ୱାପଦ ହେଷଣ, ବନବାସୀ ଗିରିଜନଙ୍କର ସଙ୍ଗୀତରେ ଏ ସ୍ଥାନ ଶବ୍ଦାୟିତ ହେଲେ ବି ଏଥିରେ ସାମୟିକ ସ୍ତବ୍ଧତା ଯାତ୍ରୀକୁ ପ୍ରଶାନ୍ତି ଦେଇଥାଏ ।

ସୋମତୀର୍ଥ "ରାଣୀପୁର-ଝରିଆଲ୍" ଚଉଷଠି ଯୋଗିନୀଙ୍କର ନିବାସ ସ୍ଥଳ । ଇନ୍ଦ୍ରଳ-ମନ୍ଦିର "ଇନ୍ଦ୍ରଲଠ" ଅନ୍ୟ ଏକ ଆକର୍ଷଣ । ବୈଷ୍ଣବ ଓ ତନ୍ତ୍ରର ଯୋଗ ସାଧନା ଏଠାରେ ସମନ୍ୱୟ ରକ୍ଷି ଗତି କରିଛି । ଏହାର ଧର୍ମୀୟ ବିଶେଷତ୍ୱ ଅନସ୍ୱୀକାର୍ଯ୍ୟ ।

## କୋରାପୁଟ

କୋରାପୁଟ ଜିଲ୍ଲା ଓଡ଼ିଶାର ସର୍ବ ବୃହତ୍ ଜିଲ୍ଲା ଓ ଭାରତବର୍ଷର ଅନ୍ୟତମ ବୃହତ୍ ଜିଲ୍ଲା । ପ୍ରକୃତି ଏଠାରେ ବଦାନ୍ୟତାର ଚରମ ସୀମାରେ ଉପସ୍ଥିତ । ପ୍ରାନ୍ତର, ଅରଣ୍ୟ, ପ୍ରପାତ, ଆଦିବାସୀ ଅଧ୍ୟୁଷିତ ଗ୍ରାମ, କଅଣ ନାହିଁ ଏଠାରେ ? ଅରଣ୍ୟ ସଂପଦ, ଖଣିଜ ଐଶ୍ୱର୍ଯ୍ୟ, ସବୁ ଭରପୂର । ପ୍ରକୃତି ସହିତ ସମ୍ମିଳିତ ହୋଇ ପ୍ରଶାନ୍ତି ଆଣିବାକୁ ଏ ଜିଲ୍ଲାର ଛାୟାସ୍ନିଗ୍ଧ ପରିବେଶ ସତତ ବିରାଜମାନ ।

ଘାଟ ରାସ୍ତାର ସେ ଚମକପ୍ରଦ ଆରୋହଣ । ଗୁପ୍ତେଶ୍ୱର, ନନ୍ଦପୁର, ମଚ୍ଛକୁଣ୍ଡ (ଡୁଡୁମା), ବାଲିମେଳା, ଗୁପ୍ତାବେଡ଼ା, କେତୋଟି ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ।

ଶିବ ମନ୍ଦିରର ଗୁପ୍ତେଶ୍ୱର ଲିଙ୍ଗ । ମଧ୍ୟ ପ୍ରଦେଶରେ ଏହାକୁ କୁହାଯାଏ 'ଗୁପ୍ତ କେଦାର' । ରାମଚନ୍ଦ୍ର ସ୍ମୃତି ଜଡ଼ିତ 'ରାମଗିରି' ପର୍ବତ । ଏପର୍ବତ ଆଦିବାସୀ ବଣ୍ଡାମାନଙ୍କର ଗୃହସ୍ଥଳୀ ।

ନନ୍ଦପୁର ଜୟପୁର ରାଜ୍ୟର ପ୍ରାଚୀନ ନାମ ଥିଲା । ବତ୍ରିଶ ସିଂହାସନ ଏକ ଆକର୍ଷଣୀୟ ପୀଠ । ରାଜା ବିକ୍ରମାଦିତ୍ୟଙ୍କର ଇତିହାସ ସ୍ମରଣକୁ ଆସେ ।

'ସୁରଏ'-ଏଠାରେ ଜୈନ ମନ୍ଦିର ଅଛି । ଗୋଟିଏ ପ୍ରକୋଷ୍ଠରେ ଜୈନ ତୀର୍ଥଙ୍କର ଋଷଭନାଥଙ୍କର ପ୍ରତିମୂର୍ତ୍ତି ରହିଛି । ଅନ୍ୟ ଏକ କକ୍ଷରେ 'ତାରା'ଙ୍କର ପ୍ରତିମା ରହିଛି ।

## ଫୁଲବାଣୀ

ଏ ଜିଲ୍ଲାରେ ଯେ ପ୍ରକାର ଶୈଳ-ସଂଭାର ଦେଖାଯାଏ, ଅନ୍ୟତ୍ର ନାହିଁ । ଗିରିଜନଙ୍କର ଜୀବନର ବିଚିତ୍ର ରୂପରେଖ ଏ ଜିଲ୍ଲାରେ ପ୍ରକଟ । ପ୍ରକୃତି ଏଠାରେ



ସାଧ୍ୱୀ ଅକ୍ଷତା ସହରର ଉନ୍ନତ ଜନ-ଗୋଷ୍ଠୀମାନଙ୍କଠାରୁ ରକ୍ଷା ପାଇବା ପାଇଁ ସମ୍ମୋହିତ ପ୍ରଶାନ୍ତି ଆଶାୟୀ ପର୍ଯ୍ୟଟକର ଏହେଉଛି ଅମରାବତୀ । ଘାଟ ରାସ୍ତା ଉପରେ ଯାନ ଚଳାଇ ଆଣିବାର ଏକ ରୋମାଞ୍ଚକର ଅନୁଭୂତି ସମସ୍ତଙ୍କର ପ୍ରାୟ ହୋଇଥାଏ ।

ସବୁଠାରୁ ଆକର୍ଷଣୀୟ ଆଦିବାସୀଙ୍କର ଜୀବନ, ଯାହା ଏଠାରେ ବିଚିତ୍ର ପଥ ଦେଇ ମଞ୍ଜୁଳ ହୋଇଥାଏ ।

ବରଳା ଦେବୀଙ୍କର 'ବଳାଶକ୍ତି-ପୀ' ପୀଠ । ଫୁଲବାଣୀଠାରୁ ଏହା ୧୫ କିଲୋମିଟର ଦୂର । ଆଦିମମାନେ ବିଶ୍ୱାସ କରନ୍ତି ଏ ହେଉଛନ୍ତି ବିଶ୍ୱର ସୃଷ୍ଟିକର୍ତ୍ତା ।

ବେଲଘର ହାତୀମାନଙ୍କର ସ୍ଥଳୀ । 'ଟକାପଦ' ବିରୂପାକ୍ଷ ମନ୍ଦିର ପାଇଁ ପ୍ରସିଦ୍ଧ । ଏଠାରେ ବୃକ୍ଷମାନେ ଦକ୍ଷିଣପନ୍ଥୀ, ଅର୍ଥାତ୍ ସବୁବେଳେ ଦକ୍ଷିଣ ଦିଗକୁ ଢଳି ରହିଥାନ୍ତି । ଏ ବିଶେଷତ୍ୱ ଶିକ୍ଷଣୀୟ । ଏହାର କାରଣ ଜାଣିବାକୁ ଉଦ୍ଭିଦ ବିଜ୍ଞାନୀମାନେ ପ୍ରୟାସ କରିବା ଉଚିତ୍ ।

ଦାରିଙ୍ଗବାଡ଼ି 'ଓଡ଼ିଶାର କାଶ୍ମୀର' । ଉପହାସରେ ନୁହେଁ ପ୍ରକୃତରେ.... ଅନୁଭବି ଜାଣେ । ପ୍ରକୃତିର ଲୀଳା ଖେଳା ସବୁ ଋତୁରେ ଆକର୍ଷଣୀୟ ଏଠାରେ ।

ପତ୍ରୁଡ଼ି 'ବଡ଼ ସୁଲୁଙ୍କୀ' ନଦୀର ଉତ୍ପତ୍ତିସ୍ଥଳ । ଏଠାରେ ଜଳ ପ୍ରପାତ ରହିଛି । ଚତୁର୍ଦ୍ଦିଗରେ ଘନ ଅରଣ୍ୟ ଓ ଶୈଳ ପ୍ରାଚୀର । ପକ୍ଷୀର କୁହୁ ତାନରେ ଛାୟା ସ୍ନିଗ୍ଧ ଭୂମି ନିକ୍ୱଣିତ ହୁଏ ।

ପୁରୁଣା କଟକ ଦେବୀ 'ଭୈରବୀ'ଙ୍କ ପାଇଁ ପ୍ରସିଦ୍ଧ ।

ପଦ୍ମତଳାରେ ଗୋଟିଏ ସରୋବର ଅଛି । ସଂଧ୍ୟା ଆଗମନରେ ବନ୍ୟ ଜନ୍ତୁମାନେ ଏଠାକୁ ଆସି ତୃଷା ନିବାରଣ କରନ୍ତି ।

## ଉପସଂହାର

ଏଗାର ଗୋଟି ଜିଲ୍ଲାର ପର୍ଯ୍ୟଟନ କେନ୍ଦ୍ରର ନାମୋଲ୍ଲେଖ କରିବା ଯେତେ ଅଭିପ୍ରାୟ ନାହିଁ ଏ ପ୍ରବନ୍ଧରେ, ଉତ୍କଳୀୟ ପର୍ଯ୍ୟଟନ ସଂସ୍କୃତିର ମୁଖାବରଣ ଉନ୍ମୋଚନ କରିବା ତତୋଽଧିକ ପ୍ରୟାସ ସିଦ୍ଧ କାର୍ଯ୍ୟ ।

ଭୂଦେବୀ ଉତ୍କଳକୁ ଦୀନ ଦରିଦ୍ର କରି ନାହାନ୍ତି । ଶ୍ରମଶକ୍ତି, ଧର୍ମଧ୍ୟାନ, ଭୂତଳ ଐଶ୍ୱର୍ଯ୍ୟ, ସମୁଦ୍ର, ଜଳଧାରାର ବିନିଯୋଗରେ ଏ ଜାତି ଓ ରାଜ୍ୟର ଯେ ଅଭୂତପୂର୍ବ ବିକାଶ ହୋଇପାରେ, ତାହା ଅନସ୍ୱୀକାର୍ଯ୍ୟ, ମାତ୍ର ଅନ୍ୟ ଏକ ଦିଗନ୍ତ ରହିଛି, ତାହା ହେଉଛି ପର୍ଯ୍ୟଟନର ଦିଗନ୍ତ ।

ନିଜେ ଦେଖି ଅନ୍ୟକୁ ଦେଖାଇବା, ଦେଖାଇବାରେ ଆକର୍ଷକ ଅନୁଶୀଳନ ଓ ସନ୍ଧାନ ଦେବା ଏବଂ ଜାତୀୟ ଭାବରେ ଅନ୍ୟକୁ ରସାନ୍ୱିତ କରିବା—ଏ ହେଉଛି ପର୍ଯ୍ୟଟନ-ସଂସ୍କୃତି, ଏହି ନୂତନ ନାମ କରଣରେ ଏହା ଗୌରବାନ୍ୱିତ ହେଉ; ସମୃଦ୍ଧ ହେଉ । ଉତ୍କଳ କଳାକ୍ଷେତ୍ର ପର୍ଯ୍ୟଟନ ଏକ ସଂସ୍କୃତି ନୁହେଁ, ଏକ ଆତ୍ମା ।

---

ବଳଭଣ୍ଡି ସାହି,
ପୁରୀ

# ପର୍ଯ୍ୟଟନର ଭୂସ୍ୱର୍ଗ ଓଡ଼ିଶା


ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା

ବର୍ତ୍ତମାନ ଯୁଗରେ ପର୍ଯ୍ୟଟନ ହେଉଛି "ମୂଳଧନ-ବିହୀନ-ଶିଳ୍ପ" । ଶିଳ୍ପ କ୍ଷେତ୍ରରେ ପ୍ରବେଶ କଲେ ପ୍ରଚୁର ଧନ ଆବଶ୍ୟକ । ପର୍ଯ୍ୟଟନ ସଂସ୍ଥାମାନେ ନିଜ ଦେଶର ଲୋକଙ୍କୁ ଅନ୍ୟ ଦେଶମାନଙ୍କୁ ପଠାଇବା ସଙ୍ଗେ ସଙ୍ଗେ ଲକ୍ଷ ଲକ୍ଷ ଟଙ୍କାର ବାଣିଜ୍ୟ ବ୍ୟବସାୟ ପାଇଁ ବାଟ ଖୋଲି ଦିଅନ୍ତି । କିନ୍ତୁ ଏଥିପାଇଁ ସେମାନଙ୍କୁ ମୂଳରୁ ବିଶେଷ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ଏହି ଅର୍ଥରେ ହିଁ କୁହାଯାଇଛି—"Tourism is an industry without capital".

ପର୍ଯ୍ୟଟନ ବ୍ୟବସାୟ ବନାଗ୍ନି ପରି ଆଜି ସବୁ ଦେଶରେ ବ୍ୟାପି ଯାଇଛି । ଶିଳ୍ପ ପ୍ରଧାନ ଦେଶର ଲୋକମାନେ କଠୋର ପରିଶ୍ରମ କରନ୍ତି, ବିପୁଳ ଧନ ଅର୍ଜ୍ଜନ କରନ୍ତି ଏବଂ ନିଜର ଦେହକୁ ଓ ମନକୁ ସତେଜ ରଖିବା ପାଇଁ ଅବସର ବିନୋଦନ କରିବାକୁ ଚାହାନ୍ତି । ଆମ ଦେଶର ଲୋକେ ବର୍ଷକୁ ଅନ୍ତତଃ ଥରେ ରଥଯାତ୍ରା ସମୟରେ ପୁରୀ ଯିବା ପାଇଁ ଯେପରି ପଇସା ସଞ୍ଚୟ କରି ରଖନ୍ତି, ଠିକ୍ ସେହିପରି, ଶିଳ୍ପପ୍ରଧାନ ଦେଶର ଲୋକମାନେ ବିଦେଶ ଭ୍ରମଣରେ ଯିବା ପାଇଁ ଟଙ୍କା ପଇସାର ବ୍ୟବସ୍ଥା ଯତ୍ନର ସହିତ କରିଥାନ୍ତି । ଏଭଳି ଭାବରେ ପର୍ଯ୍ୟଟନ ଶିଳ୍ପର ପ୍ରସାର ଦ୍ୱାରା ସମୃଦ୍ଧିଶାଳୀ ଦେଶର ଲୋକେ ଯେଉଁଳି ନିଜର କମ କ୍ଷମତା ବଢ଼ାଇ ଥାନ୍ତି, ଦେଶ ବିଦେଶରେ ଭ୍ରମଣବେଳେ ନିଜର ଜ୍ଞାନ ଏବଂ ଅନୁଭୂତି ମଧ୍ୟ ପୁଷ୍ଟକ-କରି ପାରିଥାନ୍ତି ।

ଓଡ଼ିଶାରେ ପର୍ଯ୍ୟଟନର ସମ୍ଭାବନା ଅତ୍ୟଧିକ । ପୃଥିବୀର ବହୁ ବିଶିଷ୍ଟ ପର୍ଯ୍ୟଟନ ସଂସ୍ଥାର ପ୍ରତିନିଧିମାନେ କହିଛନ୍ତି, "ଓଡ଼ିଶାର ପର୍ଯ୍ୟଟନ ଆକର୍ଷଣ ଯେପରି ବହୁମୁଖୀ, ସେପରି ବିଚିତ୍ର ।" କେବଳ ଓଡ଼ିଶାର ବର୍ଣ୍ଣ ତ୍ରିଭୁଜ ନୁହେଁ । ପୁରୀ ଜିଲ୍ଲା ଛଡ଼ା ଅନ୍ୟ ବାରଗୋଟି ଜିଲ୍ଲାରେ ମଧ୍ୟ ଗୌରବନୀୟ ଦର୍ଶନୀୟ ସ୍ଥାନମାନ ରହିଅଛି । ଭାରତର ପର୍ଯ୍ୟଟନ କ୍ଷେତ୍ରରେ ଭୁବନେଶ୍ୱର, ପୁରୀ ଏବଂ କୋଣାର୍କ, ଏହି ତିନୋଟି ସ୍ଥାନ "ସୁବର୍ଣ୍ଣ-ତ୍ରିଭୁଜ" ନାମରେ ପରିଚିତ । ତ୍ରିଭୁଜର ତିନୋଟି କୋଣ ପରି ବା ଗୋଟିଏ ତ୍ରିଭୁଜର ତିନୋଟି ବିନ୍ଦୁ ପରି, ଏହି ତିନୋଟି ସ୍ଥାନ ରହିଅଛି । ମନ୍ଦିରମାଳିନୀ ନଗରୀ ରୂପେ ଭୁବନେଶ୍ୱର ବିଶ୍ୱର ପର୍ଯ୍ୟଟନ କ୍ଷେତ୍ରରେ ସୁପରିଚିତ । ଜାପାନରୁ ପ୍ରକାଶିତ ଏକ ପର୍ଯ୍ୟଟନ ପୁସ୍ତକର ପ୍ରଚ୍ଛଦପଟରେ ଭୁବନେଶ୍ୱରର ଲିଙ୍ଗରାଜମନ୍ଦିରର ମନୋରମ ଆଲେଖ ଚିତ୍ର ଦିଆଯାଇଛି । ବହୁ ବିଶିଷ୍ଟ ମନ୍ଦିର ପ୍ରେମୀ ପର୍ଯ୍ୟଟକଙ୍କ ମତରେ ବିବିଧ କାରୁକାର୍ଯ୍ୟ ମଣ୍ଡିତ ଲିଙ୍ଗରାଜ ମନ୍ଦିର ଏକାବେଳକେ ଅତୁଳନୀୟ । ଏକାଦଶ ଶତାବ୍ଦୀରେ ନିର୍ମିତ ଲିଙ୍ଗରାଜ ମନ୍ଦିର ବ୍ୟତୀତ ପରଶୁରାମେଶ୍ୱର ମନ୍ଦିର, ମୁକ୍ତେଶ୍ୱର-ମନ୍ଦିର, କେଦାର ମନ୍ଦିର, ରାଜାରାଣୀ ମନ୍ଦିର ଏବଂ ବ୍ରହ୍ମେଶ୍ୱର ମନ୍ଦିର ପ୍ରଭୃତି ବହୁଶତ ମନ୍ଦିର ଏବେ ମଧ୍ୟ ଦର୍ଶକମାନଙ୍କୁ ବିସ୍ମିତ କରିଥାଏ । "ରାଜାରାଣିଆ" ନାମକ ନାଲିହଳଦିଆ ପଥରରେ ନିର୍ମିତ "ଇନ୍ଦ୍ରେଶ୍ୱର ମନ୍ଦିର" ପଥରର ନାମଅନୁସାରେ ଆଜି "ରାଜାରାଣୀ" ମନ୍ଦିର ନାମରେ ପରିଚିତ । ଏ ମନ୍ଦିର ଗଠନ ପରିପାଟୀରେ ସମଗ୍ର ଭାରତରେ ନିଜର ଅସାମାନ୍ୟ ବୈଶିଷ୍ଟ୍ୟ ଉଦ୍‌ଘୋଷିତ କରୁଛି । ଏହାର ମୂର୍ତ୍ତିମାନଙ୍କର ରୂପମାଧୁର୍ଯ୍ୟ ବ୍ୟତୀତ, ଆଉ ଗୋଟିଏ ବୈଶିଷ୍ଟ୍ୟ ଦର୍ଶକମାନଙ୍କୁ ବିମୁଗ୍ଧ କରିଥାଏ । ଦର୍ଶକ ଯେତେବେଳେ ମନ୍ଦିରଠାରୁ ପ୍ରାୟ ୧୦ ହାତ ଦୂରରେ ରହି, ତାହାର ଚତୁର୍ଦ୍ଦିଗ ପ୍ରଦକ୍ଷିଣ କରେ, ତାହାର ଦୃଷ୍ଟିସୀମା ଭିତରେ, ମନ୍ଦିର ଦେହରେ ଏକ ଡଜନ ପର୍ଯ୍ୟନ୍ତ ସେହି ମନ୍ଦିରର ବିବିଧ କ୍ଷୁଦ୍ର ଆକାର ବିଶିଷ୍ଟ ମନ୍ଦିରର ଆକୃତିମାନ ଦେଖିବାକୁ ପାଏ । ପୂର୍ବ ପଟଟି ମୁଖଶାଳା ଦ୍ୱାରା ଆଚ୍ଛାଦିତ ହୋଇ ଯାଇଛି । ତଥାପି ମୁଖ୍ୟ ମନ୍ଦିରର ପୂର୍ବ ଦକ୍ଷିଣ କୋଣରୁ ଦର୍ଶକ ଯେତେବେଳେ ତାର ପ୍ରଦକ୍ଷିଣ ଆରମ୍ଭ କରେ ଏବଂ ପଶ୍ଚିମ ବାଟ ଦେଇ ଉତ୍ତର ପୂର୍ବ କୋଣ ପର୍ଯ୍ୟନ୍ତ ଆସେ, ସେ ଯେଉଁଠାରେ ଠିଆ ହେଲେ ମଧ୍ୟ, ପ୍ରତ୍ୟେକ ବିନ୍ଦୁରୁ ମନ୍ଦିର ଉପରକୁ ଚକ୍ଷୁ ସ୍ଥାପନା କରି ଅନୁଭବ କରେ ଯେ, ଅନ୍ତତଃ ଏକ ଡଜନ ପର୍ଯ୍ୟନ୍ତ ଛୋଟ ଛୋଟ ମନ୍ଦିର, ମୁଖ୍ୟ ମନ୍ଦିର ଦେହରେ ଛାଇ ହୋଇ ଯାଇଛି ।

ମହାଦେବ ଶିବଙ୍କର ଉପାସନା ଦକ୍ଷିଣ ଭାରତରେ ଅତ୍ୟଧିକ । ମହାଦେବଙ୍କର ଏକ ସହସ୍ର ନାମ ମଧ୍ୟରୁ ଅଷ୍ଟୋତ୍ତର-ଶତନାମ (ଏକଶହ ଆଠଗୋଟି ନାମ) ଭକ୍ତମାନଙ୍କର ପରମ ପ୍ରିୟ । ଅନେକ ଭକ୍ତ ସ୍ନାନ କରିବା ପରେ ସେହି ଶହେ ଆଠଗୋଟି ନାମ ଉଚ୍ଚାରଣ କରି ଶହେ ଆଠଗୋଟି ପଦ୍ମଫୁଲ କିମ୍ବା ବେଲପତ୍ର କିମ୍ବା ଚମ୍ପା ଫୁଲ ଶିବଙ୍କୁ ଅର୍ପଣ କରି ଥାନ୍ତି । ମୁଁ ଯେତେଦୂର ଜାଣେ ଶିବଭକ୍ତିର ସର୍ବପ୍ରଧାନ ପୀଠ ବାରାଣସୀରେ ମଧ୍ୟ ଏଭଳି ଭକ୍ତମାନଙ୍କର ବାସନା ପୂର୍ଣ୍ଣ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ, ଯଦିଓ ବାରାଣସୀ-କାଶୀରେ



ଭିନ୍ନ ଭିନ୍ନ ସଂସ୍ଥାର ସହସ୍ରାଧିକ ମନ୍ଦିର ଅଛି । ସମଗ୍ର ଭାରତରେ କେବଳ ଓଡ଼ିଆ ଜାତି ଏକମାତ୍ର ଜାତି, ଯେ ଗୋଟିଏ ପୋଖରୀର ଘରିପଟେ ଶହେ ଆଠ ଗୋଟି ଶିବ ମନ୍ଦିର ଶହେ ଆଠଗୋଟି ନାମଧାରୀ ଶିବଲିଙ୍ଗ ପାଇଁ ନିର୍ମାଣ କରିଥିଲା । ସୁବିଖ୍ୟାତ ଲିଙ୍ଗରାଜ ମନ୍ଦିରର ପୂର୍ବପଟ ପାଚେରୀର ମାତ୍ର କୋଡ଼ିଏ ପଚିଶ ହାତ ଦୂରରେ ଥିବା "ଦେବୀପାଦ ହରା" ନାମକ ପୋଖରୀର ଘରିପଟରେ ଶହେ ଆଠଗୋଟି ଶିବ ମନ୍ଦିର ନିର୍ମିତ ହୋଇଥିଲା, ଯାହା ଫଳରେ ସେହି ପୋଖରୀରେ ସ୍ନାନ-କରିସାରିବା ପରେ, ଜଣେ ଶିବଭକ୍ତ, ଅଳ୍ପ ସମୟ ମଧ୍ୟରେ ପୋଖରୀ ଘରିପଟର ଶହେ ଆଠ ମନ୍ଦିରକୁ ଯାଇ, ଶିବଙ୍କର ଗୋଟିଏ ଗୋଟିଏ ନାମରେ, ଶହେ ଆଠୋଟି ଫୁଲ ବା ପତ୍ର ଚଢ଼ାଇ ପାରୁଥିଲା । ସେ ମଧ୍ୟରୁ ପ୍ରାୟ ୪୦ ଗୋଟି ମନ୍ଦିରର ପଥର ଅପହୃତ ହୋଇ ଗଲାଣି । ତଥାପି ଏବେ ଯେଉଁ ପ୍ରାୟ ସତୁରୀ ଗୋଟି ମନ୍ଦିର ଅଛି, ସେଗୁଡ଼ିକର ସ୍ଥିତି ଦେଖିଲେ ଶହେ ଆଠ ଗୋଟି ମନ୍ଦିରର ଚିତ୍ର ମାନସ ପଟରେ ଉଦ୍‌ଭାସିତ ହୋଇଉଠେ । ଏଭଳି ଭାବରେ କେବଳ ଭୁବନେଶ୍ୱରର ପ୍ରାୟ ପନ୍ଦରଗୋଟି ମନ୍ଦିର ପର୍ଯ୍ୟଟକମାନଙ୍କୁ ବିସ୍ମୟବିହ୍ୱଳ କରିଦେଇ ଥାଏ ।

ପୁରୀ ଏବଂ କୋଣାର୍କ କଥା ଏଠାରେ କହିବା ଅନାବଶ୍ୟକ । କାରଣ, ଲୋକେ ଅଧିକେ ଏ ଦୁଇ ସ୍ଥାନ ସଂପର୍କରେ ଲୋକେ ଜାଣନ୍ତି । ତେବେ ପ୍ରାୟ ଛଅ ବର୍ଷ ତଳେ ପର୍ଯ୍ୟଟନ ବିଭାଗପକ୍ଷରୁ ପରିଦର୍ଶିତ ପୁରୀର ପ୍ରାୟ ସାତ ମାଇଲ ଉତ୍ତରରେ ଥିବା 'ଫୁଲପାଟଣା' ନାମକ ସ୍ଥାନର ଯେଉଁ ବେଳାଭୂମି ତାର ପଟାନ୍ତର ନାହିଁ । ପଶ୍ଚିମ ଭାରତର କୋବଲମ୍ ବେଳାଭୂମି, ମାଡ୍ରାସର ଏଲିସ୍ ବେଳାଭୂମି ଯେଉଁମାନେ ଦେଖି ଆସନ୍ତି, ସେମାନେ ମଧ୍ୟ କହନ୍ତି, ପୁରୀର ସମୁଦ୍ର ତୀର ଭୂମି ଭାରତରେ ଅଦ୍ୱିତୀୟ । ପଣ୍ଡିତ ଜବାହରଲାଲ ନେହେରୁ ପୁରୀର ବେଳାଭୂମି ସଂପର୍କରେ ଥରେ ଏଭଳି ପ୍ରଶଂସାମୂଳକ ମନ୍ତବ୍ୟ ଦେଇ-ଥିବାର ମନେ ଅଛି । କିନ୍ତୁ, ଫୁଲପାଟଣା ନିକଟରେ ବେଳାଭୂମି ଏକାବେଳକେ ଅବର୍ଣ୍ଣନୀୟ । ସମୁଦ୍ରର ପାଣିଠାରୁ ତୀରର ଝାଉଁ ଜଙ୍ଗଲ ମଧ୍ୟରେ ଯେଉଁ ବାଲୁକା-ମୟ ପ୍ରଦେଶ ଅଛି, ସେଠାରେ ପୁର ପୁର ହୋଇ ଧଳା ବାଲି ସବୁ ଏଭଳି ସଜ୍ଜିତ ହୋଇଛି ଯେ, ପୃଥିବୀର ବେଳାଭୂମି ପ୍ରିୟ ଯେ କୌଣସି ପର୍ଯ୍ୟଟକ ତାକୁ ଦେଖିଲେ ଆତ୍ମହରା ହୋଇଯିବା ସ୍ୱାଭାବିକ । ପ୍ରାୟ ଛଅ ବର୍ଷ ପୂର୍ବେ ଆମେରିକାର ଜଣେ ବେଳାଭୂମି ବିଶାରଦ ଓ ପର୍ଯ୍ୟଟନ ଅଧିକାରୀ ପୁରୀ ଆସିଥିଲେ । ପର୍ଯ୍ୟଟନ ବିଭାଗର ସେକ୍ରେଟାରୀ ଶ୍ରୀଯୁକ୍ତ ଏ. ଏନ୍. ତିଓ୍ୱାରୀ ଓ ଏହି ଲେଖକ ସହିତ ସେହି ମହାଶୟ ଯେତେବେଳେ ଫୁଲପାଟଣା ବେଳାଭୂମିରେ ଉପସ୍ଥିତ ହେଲେ ତାଙ୍କର ମନରେ ପ୍ରବଳ ଆନନ୍ଦ ଜାତ ହେଲା । ସେ ପିଲାଙ୍କ ପରି ବାଲିରେ ଗଡ଼ିବାକୁ ଲାଗିଲେ । ଆମେ ଆନନ୍ଦରେ ଏ ଦୃଶ୍ୟ ଦେଖୁଥାଉ । ତାଙ୍କର ନାମ ମୋରୋଜୁର୍ସିସ୍ । ଆନନ୍ଦ ଗଦ୍ ଗଦ୍ ହୋଇ ସେ କହିଲେ 'ସମଗ୍ର ପୃଥିବୀ ଭ୍ରମଣ କରି ସୁନ୍ଦର ସୁନ୍ଦର ବେଳାଭୂମିମାନ ମୁଁ ଦେଖିଥାଏ ।

ତେବେ ଏଭଳି ସୁନ୍ଦର ବେଳାଭୂମି ମୁଁ କେଉଁଠାରେ ଦେଖି ନାହିଁ । ମୁଁ ଯେତେବେଳେ ଯାଇ ମୋ ବନ୍ଧୁମାନଙ୍କ ଆଗରେ ବେଳା ଭୂମିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବି, ସେମାନେ ହୁଏତ କହିବେ, ସତରେ ଏଭଳି ସ୍ଥାନଟାଏ ଅଛି ନା ତୁମେ ସ୍ୱପ୍ନ ଦେଖିକରି କହୁଛ ।”



ଓଡ଼ିଶାରେ ପର୍ଯ୍ୟଟନର ସମୟ ହେଉଛି ଅକଟୋବର ମାସଠାରୁ ମାର୍ଚ୍ଚ ମାସଶେଷ ପର୍ଯ୍ୟନ୍ତ ମୋଟାମୋଟି ଛଅ ମାସ । କୋଣାର୍କ ଏବଂ ପୁରୀ ଉଭୟସ୍ଥାନ ଭାରତର ପୂର୍ବ ସୀମାରେ ଅବସ୍ଥିତ । ଥରେ ଭାରତ ସରକାରଙ୍କ ଯୋଜନା କମିଶନରଙ୍କ ସଭ୍ୟମାନଙ୍କୁ ନେଇ କୋଣାର୍କ ଯାଇଥିଲି । ସନ୍ଧ୍ୟା ସମୟ । ସୂର୍ଯ୍ୟ

ଠିକ୍ ଅସ୍ତ ହେଉଛନ୍ତି । ସେମାନଙ୍କୁ କହିଲି, ଏହି ବାଲି ଉପରେ ଠିଆହୋଇ ଆପଣମାନେ ଲକ୍ଷ୍ୟ କରନ୍ତୁ, ଅସ୍ତଗାମୀ ସୂର୍ଯ୍ୟମଣ୍ଡଳ କିପରି ଧୀରେ ଧୀରେ ସମୁଦ୍ର ଜଳରେ ବୁଡ଼ିଗଲା ପରି ଦେଖା ଯାଉଛି । ଆପଣମାନେ ଆଶ୍ଚର୍ଯ୍ୟ ହେବେ, ନଭେମ୍ବରଠାରୁ ଫେବୃଆରୀ ମାସ ଭିତରେ ବହୁଦିନ ଧରି ଏହି ଗୋଟିଏ ଜାଗାରେ ଠିଆହୋଇ ସମୁଦ୍ରର ନୀଳ ଜଳ ଉପରେ ସୂର୍ଯ୍ୟୋଦୟ ଏବଂ ସେହି ନୀଳଜଳ ଉପରେ ସୂର୍ଯ୍ୟାସ୍ତ ମଧ୍ୟ ଆପଣ ଦେଖି ପାରିବେ । ମନେପଡୁଛି, ଶ୍ରୀଯୁକ୍ତ ପାଣ୍ଡେ ନାମକ ସଦସ୍ୟ ବିସ୍ମୟରେ କହି ପକାଇଲେ “ଆମେ କ’ଣ ବର୍ତ୍ତମାନ ଭାରତର ଠିକ୍ ପୂର୍ବରେ ସମୁଦ୍ରବାଡ଼ରେ ଠିଆ ହୋଇ ନାହୁଁକି ? ଏହାର ଅର୍ଥ, ଯଦି ଠିଆ ହୋଇଛୁ, ତାହା ହେଲେ ସୂର୍ଯ୍ୟୋଦୟ ସିନା ନୀଳ ଜଳ ରାଶି ଉପରେ ଦେଖାଯାଉ, ଆଉ ଏ ଗୋଟିକ ସ୍ଥାନରୁ ସୂର୍ଯ୍ୟାସ୍ତ କିପରି ଦେଖାଯାଉଛି । ସମୁଦ୍ରର ପାଣି ଉପରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖି ହୁଏ । ଆପଣ ସମୁଦ୍ର କୂଳର ଯେ କୌଣସି ଗୋଟିଏ ସ୍ଥାନରେ ଠିଆ ହୋଇ ଏ ଦୃଶ୍ୟ ଦେଖିବାକୁ ପାଇବେ ।

ଏହି ସୁବର୍ଣ୍ଣ ତ୍ରିଭୁଜକୁ ଛାଡ଼ିଦେଲେ ମଧ୍ୟ ରାଶି ରାଶି ଦର୍ଶନୀୟ ସ୍ଥାନ ଓଡ଼ିଶାରେ ରହିଛି । ସେଥିରୁ ଗୋଟିଏ ହେଉଛି ବାଲେଶ୍ୱର ନିକଟବର୍ତ୍ତୀ ଚାନ୍ଦିପୁରଠାରେ ସମୁଦ୍ରର ଦୃଶ୍ୟ । ସହସ୍ରାଧିକ ପର୍ଯ୍ୟଟକ ଏବଂ ସମୁଦ୍ର ବିଶାରଦଙ୍କଠାରୁ ଶୁଣିଛି, ଭଗବାନ୍ ଓଡ଼ିଶାକୁ ଚାନ୍ଦିପୁରଠାରେ ଯେଉଁ ବେଳାଭୂମି ଦେଇଛନ୍ତି, ସମଗ୍ର ବିଶ୍ୱରେ ଏଭଳି ଆଉ ମାତ୍ର ତିନି ଚାରିଗୋଟି ସ୍ଥାନ ଅଛି । ଯେଉଁ ମହାମହିମ ବ୍ରିଟିଶ୍ ସରକାରଙ୍କର ରାଜ୍ୟରେ ସୂର୍ଯ୍ୟାସ୍ତ ହେଉ ନ ଥିଲା ଏବଂ ହଜାର ହଜାର ମାଇଲର ବେଳାଭୂମି ଯାହାଙ୍କ ଅଧୀନରେ ଥିଲା, ସେହି ଗୋରା ସରକାର ଗୋଳା-ବାରୁଦ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଏହି ଚାନ୍ଦିପୁରକୁ ବାଛି ନେଇ ଥିଲେ । ଚାନ୍ଦିପୁର ଦେଖିଥିବା ସେହି ସ୍ଥାନର ଅଧିବାସୀ ଏବଂ ଦୂର ସ୍ଥାନର ଅଧିବାସୀମାନଙ୍କୁ ପଚାରି ବୁଝିଛି, ସେହି ବେଳାଭୂମିର ବିଶେଷତ୍ୱ ସଂପର୍କରେ ସେମାନେ ସାମାନ୍ୟତମ ଧାରଣା ମଧ୍ୟ ପାଇପାରି ନାହାନ୍ତି, ଯଦିଓ ଅର୍ଥଶ୍ରାଦ୍ଧ କରି ସେ ସ୍ଥାନ ବୁଲି ଆସିଛନ୍ତି । ସେ ସ୍ଥାନର ଅକଳ୍ପନୀୟ ଏବଂ ଚିତ୍ତବିମୋହନ ବିଶେଷତ୍ୱ ବୁଝାଇବା ପାଇଁ ଏଭଳି କୁହାଯାଇପାରେ—

“ହେ ପର୍ଯ୍ୟଟକ ! ଆପଣ ବାଲେଶ୍ୱରରୁ ଚାନ୍ଦିପୁର ସନ୍ଧ୍ୟାବେଳେ ଯାଆନ୍ତୁ, ସମୁଦ୍ର ତୀରକୁ ଲାଗିରହିଥିବା ପାନ୍ଥ-ନିବାସରେ ରହନ୍ତୁ, ରାତିରେ ସମୁଦ୍ର ଗର୍ଜନ ଉପଭୋଗ କରନ୍ତୁ, ସୂର୍ଯ୍ୟୋଦୟ ବେଳକୁ ପାଣି ପାଖକୁ ଯାଆନ୍ତୁ ଏବଂ ତରଙ୍ଗମାଳା ଦେଖନ୍ତୁ, ସୂର୍ଯ୍ୟ ଉଦୟ ହେବା ପରେ ପରେ ପାନ୍ଥନିବାସକୁ ଫେରି ଆସନ୍ତୁ ଏବଂ ନିତ୍ୟକର୍ମ, ସ୍ନାନ, ଫଳାହାର, ପତ୍ରିକା ପଠନରେ ୩–୪ ଘଣ୍ଟା କଟାଇ ଦିଅନ୍ତୁ, ତା ପରେ ପ୍ରାୟ ଦଶଟା ବେଳକୁ ସମୁଦ୍ର ଦେଖିବାକୁ ଯାଆନ୍ତୁ । ଘଣ୍ଟିଏ ଘଣ୍ଟା ଆଗରୁ ଯେଉଁଠାରେ ଠିଆ ହୋଇ ସମୁଦ୍ର ଦେଖିଥିଲେ ଏବଂ ସମୁଦ୍ର ଲହରୀ ଆସି ଆପଣଙ୍କ ପାଦକୁ ସ୍ପର୍ଶ କରୁଥିଲା, ସେଠାରେ ଠିଆ ହୁଅନ୍ତୁ । ଆପଣ ଆଶ୍ଚର୍ଯ୍ୟ ହେବେ, ସେଠାରେ ଆଉ ସମୁଦ୍ର ନାହିଁ କି ପାଣି ନାହିଁ କି ଗର୍ଜନ ନାହିଁ । ଆପଣ ଭାବିବେ, ସୂର୍ଯ୍ୟୋଦୟ ବେଳେ ଆପଣ ହୁଏତ ସେ ସ୍ଥାନକୁ ନ ଆସି ଅନ୍ୟ ଏକ ସ୍ଥାନକୁ ଯାଇଥିଲେ । କିନ୍ତୁ ତା ନୁହେଁ । ପ୍ରାୟ ଘଣ୍ଟିଏ ପୂର୍ବେ ଆପଣ ଯେଉଁ ସ୍ଥାନରେ ଠିଆ ହୋଇଥିଲେ, ଏବେ ମଧ୍ୟ ସେହି ସ୍ଥାନରେ ଠିଆ ହୋଇଛନ୍ତି । ତଫାତ୍ ହେଉଛି, ସୂର୍ଯ୍ୟୋଦୟ ବେଳେ ସମୁଦ୍ରଟା ସେଠାରେ ଥିଲା । ଏବେ ଦିନ ଦଶଟା ବେଳକୁ ସମୁଦ୍ର ପ୍ରାୟ ତିନି କିଲୋମିଟର ପଛେଇ ଗଲାଣି । ସକାଳେ ଯେଉଁଠାରେ ଆଠ ଦଶଫୁଟ ପାଣି ଥିଲା ଏବଂ ଭୟଙ୍କର ତରଙ୍ଗ ମାଳା ଉଠୁଥିଲା, ଏବେ ସେଠାରେ ଆଉ ପାଦେ ପାଣି ମଧ୍ୟ ନାହିଁ । ଆପଣ ଖୋଲା ପାଦରେ ସମୁଦ୍ରର ଆଡ଼କୁ ସିଧା ତିନି କିଲୋମିଟର ପର୍ଯ୍ୟନ୍ତ ଯାଇପାରିବେ । ତଳର ବାଲିଶେଯ ଅତ୍ୟନ୍ତ ଟାଣ । ସେଥିରେ ବାଲି ମୋଟେ ନାହିଁ । ବାଲି ଭିତରେ ପାଦ ପଶିଯିବାର ଭୟ ନାହିଁ । ତେଣୁ ଆପଣ ନିର୍ଭୟରେ ପାଣି ଛୁଇଁବା ପର୍ଯ୍ୟନ୍ତ ବୁଲି ଯାଆନ୍ତୁ । କିନ୍ତୁ ସାବଧାନ୍ ! ଦିନ ତିନିଟା ହୋଇଗଲେ ସମୁଦ୍ରର ତରଙ୍ଗମାଳା ପୁଣି ଥରେ ତୀରଭୂମି ଆଡ଼କୁ ମାଡ଼ି ଆସିବ । ସନ୍ଧ୍ୟା ପାଞ୍ଚଟା ବେଳକୁ ଦେଖିବେ, ସୂର୍ଯ୍ୟୋଦୟ ବେଳେ ପାନ୍ଥନିବାସ ସମ୍ମୁଖରେ ଯେଉଁଠାରେ ଠିଆ ହୋଇ ଆପଣ ସମୁଦ୍ର ଦେଖିଥିଲେ, ସେ ପର୍ଯ୍ୟନ୍ତ ତରଙ୍ଗମାଳା ମାଡ଼ି ଆସିଛି । ତେଣୁ ବିଚିତ୍ର ଏ ସମୁଦ୍ରର ଗତିବିଧି । ଭାରତର ଯେ କୌଣସି ସମୁଦ୍ର ତୀରରେ ଠିଆହୋଇ ଆପଣ ସମୁଦ୍ରକୁ ଚାହାନ୍ତୁ, ଆପଣ ଏହ ସମୟରେ ଗୋଟିକ ପଛକୁ ଆଉ ଗୋଟିଏ, ତା



ପଛକୁ ଆଉ ଗୋଟିଏ, ଏଭଳି ପ୍ରାୟ ଚାରି ପାଞ୍ଚୋଟିରୁ ଆରମ୍ଭ କରି ଦଶ ପନ୍ଦରଟି ପର୍ଯ୍ୟନ୍ତ ଢେଉ ପଛକୁ ପଛ ଦେଖି ପାରିବେ । କିନ୍ତୁ ଚାନ୍ଦିପୁରଠାରେ ଦିନ ସାଢ଼େ ତିନିରୁ ସାଢ଼େ ପାଞ୍ଚ ମଧ୍ୟରେ ଆପଣ ଏକ ସମୟରେ ପଛକୁ ପଛ ତିରିଶରୁ ଚାଳିଶି ପର୍ଯ୍ୟନ୍ତ ଢେଉ ଦେଖି ପାରିବେ । ଯୁଗଯୁଗ ଧରି ସମୁଦ୍ର-ଦେବତା ତାଙ୍କର ଏହି ବିଚିତ୍ର ଲୀଳା ବିଳାସ ଦେଖାଉଛନ୍ତି । କିନ୍ତୁ ସାଧାରଣ ଦର୍ଶକ ଏକଥା ଲକ୍ଷ୍ୟ କରିପାରୁ ନାହିଁ । ସମଗ୍ର ବିଶ୍ୱମାନବ ପକ୍ଷରେ ଚାନ୍ଦିପୁରର ଏହି ପ୍ରକୃତି-ବିଳାସ ଏକ ଲୋଭନୀୟ ଆକର୍ଷଣ ।

ଆସାମ ସଙ୍ଗେ, କାଶ୍ମୀର ସଙ୍ଗେ କିମ୍ବା ହିମାଚଳ ପ୍ରଦେଶ ସଙ୍ଗେ ଟକ୍କର ଦେବାପାଇଁ ଓଡ଼ିଶାର କେତେକ ସ୍ଥାନ ଏକାନ୍ତ ଉପଯୁକ୍ତ । ମହାନଦୀର ସାତକୋଶିଆ ଗଣ୍ଡ, ମନ୍ଦାକିନୀ ଚିଲିକା, ମହେନ୍ଦ୍ରଗିରିର ଶିଖର ପ୍ରଦେଶ, ଖଣ୍ଡାଧାର ଏବଂ ହରିଶଙ୍କରର ଜଳପ୍ରପାତ, ମେଘାସନ ଏବଂ ମାଲ୍ୟଗିରିର ଅପେକ୍ଷ ସାମାନ୍ୟ ପରିବେଶ ପ୍ରଭୃତି ପର୍ବତପ୍ରେମୀମାନଙ୍କର ପରମ ଆକର୍ଷଣ । ଓଡ଼ିଶାର ଐତିହାସିକ ପୀଠ କଟକର କାଠଯୋଡ଼ି ପଥର ବନ୍ଧ ଏବେ ମଧ୍ୟ ଇଞ୍ଜିନିୟରମାନଙ୍କ ବିସ୍ମୟ କାରକ । ଏଭଳି ଶତାଧିକ ଦର୍ଶନୀୟ ସ୍ଥାନ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସୁଯୋଗ-ସୁବିଧାର ଅପେକ୍ଷାରେ ରହିଛନ୍ତି । ଆଧୁନିକ ସଭ୍ୟତାର ଅନୁରାଗୀମାନେ ହୀରାକୁଦ ବନ୍ଧ, ରାଉରକେଲା ଲୁହା କାରଖାନା, ସୁନାବେଡ଼ା ମିଗ୍ କାରଖାନା, ପାରାଦ୍ୱୀପ ବନ୍ଦର ପ୍ରଭୃତି ଦେଖିପାରନ୍ତି । ଏତଦ୍ଭିନ୍ନ ମଧ୍ୟ, କୋଡ଼ିଏ ପଚିଶ ଗୋଟି ସ୍ଥାନ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରେ । ଓଡ଼ିଶାର ସିମିଳିପାଳ, ଉଷାକୋଠି, ନନ୍ଦନକାନନ ପ୍ରଭୃତି ମଧ୍ୟ ଅଳ୍ପ ଆକର୍ଷଣୀୟ ନୁହନ୍ତି । ଯେଉଁମାନେ ଘାଟୀପ୍ରିୟ, ସେମାନେ କୟପୁରଘାଟୀ, କଳିଙ୍ଗଘାଟୀ, ରାଣୀପଥରଘାଟୀ, ମିରିଗଖୋଜଘାଟୀ, ବାମନଘାଟୀ ପ୍ରଭୃତିରୁ ଅସୀମ ଆନନ୍ଦ ଲାଭ କରିବେ ।

ଏହା ବ୍ୟତୀତ, ଅନାବିଷ୍କୃତ ହୋଇ ଅନେକ ଦର୍ଶନୀୟ ସ୍ଥାନ ରହିଅଛି । କୋରାପୁଟ, କଳାହାଣ୍ଡି, ଫୁଲବାଣୀ, ସୁନ୍ଦରଗଡ଼ ପ୍ରଭୃତି ଜିଲ୍ଲାରେ ବହୁ ପ୍ରାଚୀନ କୀର୍ତ୍ତି ଏବଂ ପ୍ରାକୃତିକ ଦୃଶ୍ୟ ଏବେ ମଧ୍ୟ ଅନାବିଷ୍କୃତ । ପୁଷ୍ପଗିରି ବିହାରର ଧ୍ୱଂସାବଶେଷ, ରତ୍ନଗିରି ଏବଂ ଉଦୟଗିରିଠାରେ ଦେଖିବା ପାଇଁ ଦକ୍ଷିଣ-ପୂର୍ବ ଏସିଆର ବହୁ ପର୍ଯ୍ୟଟକ ଆଗ୍ରହାନ୍ୱିତ । କିନ୍ତୁ ବାରମାସିଆ ପକ୍କା ରାସ୍ତାର ଅଭାବରୁ ସେସବୁ ସୁପରିଚିତ ସ୍ଥାନ ମଧ୍ୟ ଅପରିଚିତ ସ୍ଥାନପରି ପଡ଼ି ରହିଅଛି । ସରକାର ଏ ଦିଗରେ ଚେଷ୍ଟା କରୁଅଛନ୍ତି ଏବଂ ହୁଏତ ପାଞ୍ଚସାତ ବର୍ଷ ଭିତରେ ରତ୍ନଗିରି ବୌଦ୍ଧଜଗତର ଏକ ବିଶିଷ୍ଟ ଆକର୍ଷଣ ହୋଇଉଠିବ ।

ନିକଟରେ, ଭଞ୍ଜଭୂମି କୁଲଡ଼ାର ମାତ୍ର କୋଡ଼ିଏ ମାଇଲ ଦୂରବର୍ତ୍ତୀ 'ଘାଟିଶୁଳା' ନାମକ ଖଣ୍ଡିଏ ପଥରର ଗୋଟିଏ ସୁରମ୍ୟ ପାହାଡ଼ ଲୋକଲୋଚନକୁ ଆସିଅଛି । ଜିପ୍‌ରେ ଗଲେ ମଧ୍ୟ ପ୍ରାୟ ମାଇଲିଏ ବାଟ ଚାଲିବାକୁ ପଡ଼େ । ଜଣେ ଯୋଗୀ ପଦ୍ମାସନରେ, ଧ୍ୟାନରେ ବସିବା ପରି ପାହାଡ଼ଟି ଦୂରରୁ ଦେଖାଯାଉଛି । ଏହାର ଉଚ୍ଚତା ଅଢ଼େଇଶହ ଫୁଟରୁ ଅଧିକ ହେବ ଏବଂ ଏହାର ବ୍ୟାସ ଭୂତଳରେ ମଧ୍ୟ ଅଢ଼େଇଶହ ଫୁଟ ହେବ । ଗୋଟିଏ ତ୍ରିଭୁଜ ଆକାରରେ ଭୂମି ଉପରକୁ ପଥରଟି ଉପରକୁ ଉଠି, ପ୍ରାୟ ଅଢ଼େଇଶହ ଫୁଟ ଉଚ୍ଚରେ, ଧ୍ୟାନମଗ୍ନ ମନୁଷ୍ୟର ମୁଣ୍ଡପରି ପ୍ରତିଭାତ ହେଉଅଛି । ଖଣ୍ଡିଏ ପଥରର ଏ ଯେଉଁ ବିସ୍ମୟକର ପାହାଡ଼, ଏହାର ପାଦଦେଶରେ, ଗୋଟିଏ ଗୁମ୍ଫା ପଥର ଦେହରେ କଟାଯାଇଛି । ଏହି ଗୁମ୍ଫାର କ୍ଷେତ୍ରଫଳ ହେବ ଦୁଇହଜାର ବର୍ଗଫୁଟରୁ ଅଧିକ । କିମ୍ବଦନ୍ତୀ କହେ, ଉପେନ୍ଦ୍ରଭଞ୍ଜ କିଛିକାଳ ସେଠାରେ ରହିଥିଲେ ଏବଂ ସେହି ଗୁମ୍ଫା ଭିତରେ ଭଞ୍ଜ-ପ୍ରତିଷ୍ଠିତ ଦେବୀମୂର୍ତ୍ତି ଏବେ ମଧ୍ୟ ପୂଜା ପାଉଛନ୍ତି । ଏକଖଣ୍ଡିଆ ପଥରର ପାହାଡ଼ଟି ସମଗ୍ର ବିଶ୍ୱର ଏକ ବିଚିତ୍ର ଆକର୍ଷଣ ହୋଇପାରେ କିନ୍ତୁ ଆଜିପର୍ଯ୍ୟନ୍ତ ଏହା ଅନାବିଷ୍କୃତ ।

ଓଡ଼ିଶା ଗୋଟିଏ କ୍ଷୁଦ୍ର ରାଜ୍ୟ କିନ୍ତୁ ଏହାର ପର୍ଯ୍ୟଟନ ସଂଭାବନା ଏକାବେଳକେ ଅସାଧାରଣ । ଯଥାର୍ଥରେ, ଓଡ଼ିଶା ହେଉଛି ପର୍ଯ୍ୟଟକମାନଙ୍କର ଭୂସ୍ୱର୍ଗ ।

---

ପୂର୍ବତନ ଉପନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ, ଓଡ଼ିଶା,
ମାଉସୀମା ଲେନ୍,
ଭୁବନେଶ୍ୱର—୨

# ଶାକ୍ତପୀଠ ଭଟ୍ଟାରିକା

ଶ୍ରୀ ବନବିହାରୀ ମହାନ୍ତି

କଟକ ଜିଲ୍ଲା ଅନ୍ତର୍ଗତ ବଡ଼ମ୍ବା ଥାନାର ଶଶାଂଗ ଗ୍ରାମ ନିକଟରେ ଓ ମହାନଦୀର ଉତ୍ତର ପାର୍ଶ୍ୱସ୍ଥ ରତ୍ନଗିରି ପାହାଡ଼ର ପଶ୍ଚିମ ଦିଗରେ ଶ୍ରୀ ଶ୍ରୀ ଶ୍ରୀ ମହାମାୟା ତ୍ରିପୁରା ସୁନ୍ଦରୀ ଭଟ୍ଟାରିକା ଦେବୀଙ୍କର ମନ୍ଦିର ଅବସ୍ଥିତ । ନଦୀର ଅପର ପାର୍ଶ୍ୱରେ ହନୁମନ୍ତ ପ୍ରସାଦ ପାହାଡ଼ମାଳା ଦଣ୍ଡାୟମାନ । ପଶ୍ଚିମକୁ କଣ୍ଟିଲୋର ନୀଳମାଧବ । ମନ୍ଦିର ଭଟ୍ଟାରିକାଙ୍କ ମନ୍ଦିରର ପଥର ପାହାଚମାନ କ୍ରମେ ନଦୀ ମଧ୍ୟକୁ ପ୍ରବେଶ କରିଛି । ଖରାଦିନେ ମନ୍ଦିର ନିକଟସ୍ଥ ନଦୀ ଶଯ୍ୟାରେ ବଡ଼ ବଡ଼ ପଥର ଖଣ୍ଡମାନ ଦେଖାଯାଏ । ଏ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଦେବୀଙ୍କ ମହିମାର ଆକର୍ଷଣରେ ବହୁ ଯାତ୍ରୀ ଏଠାକୁ ଆସିଥାଅନ୍ତି । ମହାଷ୍ଟମୀ ଦିନ ଏବଂ ଖରା ଦିନେ ବହୁ ଲୋକ ଏଠାକୁ ଆସନ୍ତି । ଏହି ମନ୍ଦିର ସଂପର୍କରେ ସେବାୟତମାନଙ୍କୁ ପ୍ରଶ୍ନ କଲେ ସେମାନେ କେତେକ ଅସ୍ପଷ୍ଟ ତଥା ଅବୋଧ୍ୟ ପୌରାଣିକ କିମ୍ବଦନ୍ତୀ ଛଡ଼ା କିଛି କହି ପାରନ୍ତି ନାହିଁ । ତେବେ ମନ୍ଦିର ବେଢ଼ା ମଧ୍ୟରେ ବିକ୍ରୀ ହେଉଥିବା (ସଂଭବତଃ ଦିମର ସଂପର୍କରେ ଏକମାତ୍ର ପୁସ୍ତକ) ଶ୍ରୀ ଆଦିକନ୍ଦ ପତିଙ୍କ ଲିଖିତ "ଭଟ୍ଟାରିକା" ପୁସ୍ତକରୁ ଯାହା କିଛି ଜାଣିବାକୁ ମିଳେ ।

ଏହି ବିଖ୍ୟାତ ପୀଠକୁ ଯିବା ନିମନ୍ତେ ମହାନଦୀର ଉତ୍ତର ପଟେ ସଡ଼କଟିଏ ଅଛି । ଜାତୀୟ ରାଜପଥ ସହ ସଂଯୁକ୍ତ କଟକ–ସମ୍ବଲପୁର ରାସ୍ତାର ଖୁଣ୍ଟୁଣୀଠାରୁ ନରସିଂହପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ଗଲେ ବଡ଼ମ୍ବାର ପଶ୍ଚିମରେ ଏ ମନ୍ଦିର ପଡ଼ିବ । କଟକର ବାଦାମବାଡ଼ି ବସ୍ ଷ୍ଟାଣ୍ଡରୁ ପ୍ରତିଦିନ ସକାଳ ସାଢ଼େ ୬ଟାରେ ଗୋଟିଏ ଏସ୍: ଟି: ଏସ୍: ବସ୍ ଭଟ୍ଟାରିକା ଅଭିମୁଖେ ଯାତ୍ରା କରେ । ଏହା ଦିନ ଦୁଇଟାରେ ଫେରି ଆସେ ।

ମହାପୁରୁଷ ଭଗବାନ ପର୍ଶୁରାମ ଏହି ପ୍ରାଚୀନ ଶାକ୍ତପୀଠର ପ୍ରତିଷ୍ଠାତା । ଶରମୁନରେ ଖଣ୍ଡିଏ ପଥର ଦେହରେ ଦେବୀଙ୍କର ରୂପ ଅଙ୍କନ ପୂର୍ବକ ଭକ୍ତ ବା କ୍ଷତ୍ରିୟ ସଂହାର ପାଇଁ ତାଙ୍କ ଠାରୁ ଶକ୍ତି ଲାଭ କରିଥିବାରୁ ତାଙ୍କୁ ସେ "ଭଟ୍ଟାରିକା" ନାମ ଦେଇଥିଲେ । ପରବର୍ତ୍ତୀ କାଳରେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଏବଂ ଶ୍ରୀକୃଷ୍ଣ, ସତ୍ୟଭାମା ଓ ଅର୍ଜୁନ ଏହି ପବିତ୍ର ପୀଠକୁ ଆସିଥିଲେ ବୋଲି ଲୋକ ମୁଖରୁ ଶୁଣାଯାଏ । ଶ୍ରୀ ରାମଚନ୍ଦ୍ର ସୀତା ଓ ଲକ୍ଷ୍ମଣଙ୍କ ପଦ ଚିହ୍ନ ନଦୀର ଅପର ପାର୍ଶ୍ୱସ୍ଥ ସ୍ୱାଭଙ୍କୀ ସ୍ୱରୂପ ମାନବ ଗାଡ଼ିଆ ପାହାଡ଼ରେ ପୂଜିତ ହେଉଛି । ଏହିପରି ବହୁ କିମ୍ବଦନ୍ତୀ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳେ ।

ପୁରାଣଗୁଡ଼ିକ ରଚିତ ହେବାର ବହୁ ପୂର୍ବରୁ ଭଟ୍ଟାରିକା ମନ୍ଦିରର ଅବସ୍ଥିତି ଥିଲା ବୋଲି କୁହାଯାଏ । ଭଟ୍ଟାରିକା ତନ୍ତ୍ରୋକ୍ତ ଶ୍ରୀ ତ୍ରିପୁରା ସୁନ୍ଦରୀ ଦେବୀ । ପର୍ଶୁରାମ ସଂହିତା ଅନୁସାରେ ଦେବୀ ପୂଜା ପାଉଛନ୍ତି ।

ଭଟ୍ଟାରିକା ମନ୍ଦିର ଭିତରେ ପ୍ରାଚୀନ ମୂର୍ତ୍ତିମାନଙ୍କର ଗଠନ ପରିପାଟୀ ଅତୀବ ଚମତ୍କାର । ଚତୁର୍ଥ ଶତାବ୍ଦୀ ପୂର୍ବରୁ ଦେବୀଙ୍କ ମୂର୍ତ୍ତି ନିର୍ମିତ ହୋଇଥିଲା ବୋଲି କୁହାଯାଏ । ଭଟ୍ଟାରିକା ପ୍ରଥମେ ଯେଉଁ ମନ୍ଦିରରେ ପୂଜା ପାଉଥିଲେ, ତାହା ନଦୀ ଗର୍ଭରେ ବିଲୀନ ହୋଇ ଯାଇଥିବା ଲୋକେ କୁହନ୍ତି । ବର୍ତ୍ତମାନ ଯେଉଁ ମନ୍ଦିର ଦେଖିବାକୁ ମିଳୁଛି ତାହା ପରବର୍ତ୍ତୀ କାଳରେ ନିର୍ମିତ ହୋଇଛି । ନଦୀର ପ୍ରକୋପରୁ ଏହାକୁ ରକ୍ଷା କରିବାକୁ ସମନ୍ତରେ ପଥର ବନ୍ଧେଇ କରାଯାଇଛି ।

ଭଟ୍ଟାରିକା ମନ୍ଦିରଟି ବିମାନ, ମୁଖଶାଳା ଓ ମୋହନ ଏହିପରି ତିନି ଭାଗରେ ବିଭକ୍ତ । ମନ୍ଦିରର ସ୍ଥିତି ପାଖରେ ସୂର୍ଯ୍ୟ, ଦୁର୍ଗା, ଗଣେଶ ଓ କୁବେର ପ୍ରଭୃତି ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ପଥର ତିଆରି ଭଟ୍ଟାରିକା ମୂର୍ତ୍ତି ମସୃଣ ନୁହେଁ । ଏହି ମୂର୍ତ୍ତିର ବାମ ହସ୍ତରେ ପ୍ରଜ୍ଞାର ପ୍ରତୀକ ପଦ୍ମ ଶୋଭା ପାଉଅଛି । ଏହି ମୂର୍ତ୍ତି ପ୍ରାକ୍–ଗୁପ୍ତ କାଳର ବୋଲି କୁହାଯାଏ । ମନ୍ଦିରର ଦକ୍ଷିଣ ପଟେ ଗୋଟିଏ ଗଣେଶ ମୂର୍ତ୍ତି ଏବଂ ମନ୍ଦିର ଭିତରେ ଅନ୍ୟ ଦୁଇଟି ଗଣେଶ ମୂର୍ତ୍ତି ଦେଖିବାକୁ ମିଳେ । ମୁଖ୍ୟ ମନ୍ଦିରର ପ୍ରବେଶ ପଥର ଦକ୍ଷିଣକୁ ଗୋଟିଏ ଖୋପରେ ସୂର୍ଯ୍ୟ ମୂର୍ତ୍ତିଟିଏ ରହିଛି । ମୁଖ୍ୟ ମନ୍ଦିରର ପ୍ରାଙ୍ଗଣରେ ରାମେଶ୍ୱର, କପିଳେଶ୍ୱର, ଧବଳେଶ୍ୱର, ସୋମେଶ୍ୱର ଏବଂ ଅଳ୍ପ ଦୂରରେ ବୃଦ୍ଧେଶ୍ୱର ଶିବ ମନ୍ଦିରମାନ ରହିଛି । ପ୍ରଥମ ତିନୋଟି ଶିବ ଲିଂଗ ଖୋଲ କୁଣ୍ଡ ମଧ୍ୟରେ ରହିଛି । ମନ୍ଦିରର ପୂର୍ବ ଦିଗରେ ଶୁଭ୍ର ଚାକିଣା ପ୍ରସ୍ତର ନିର୍ମିତ କାର୍ତ୍ତିକ ମୂର୍ତ୍ତି ପାର୍ଶ୍ୱ ଦେବତା ରୂପେ ଦେଖିବାକୁ ମିଳେ ।

ଦେବୀଙ୍କର ପାଦୁକ କୁଣ୍ଡ ଉପରେ ସ୍ଥାପିତ ଦୁର୍ଗା ମୂର୍ତ୍ତିର ନିମ୍ନ ଭାଗରେ ମୃତ୍ତ ମହିଷ ପାତ୍ରରେ ଚଣ୍ଡୀ ମୂର୍ତ୍ତିଟିଏ ତୁନ ପଇସରା ଦ୍ୱାରା ଯୋଡ଼ି ଦିଆଯାଇଛି । ପାଖରେ ଥିବା ଏକ ଶୃଗାଳର ମୁଣ୍ଡ ଉପରେ ଚଣ୍ଡୀ ମୂର୍ତ୍ତିର ହାତ ଦୁଇଟି ରହିଛି । ସେବାୟତମାନେ

ଏହାକୁ 'ରକ୍ତଖାଇ ବାସେଳୀ' ବୋଲି କୁହନ୍ତି । ତା ନିକଟରେ ସମସ୍ତ ବଳି ଦିଆଯାଏ ।

ଉତ୍ତର ଦିଗରେ ଥିବା ପାର୍ଶ୍ୱ ଦେବତାଙ୍କ ପୂର୍ବକୁ ଖଣ୍ଡେ ପଥର ଦେହରେ ଥିବା ଦେବୀ ମୂର୍ତ୍ତିଗୁଡ଼ିକୁ 'ସପ୍ତମାତୃକା' ବୋଲି ପୂଜକ ମାନେ ଚିହ୍ନାଇ ଦିଅନ୍ତି । ବଳି ଖମ୍ବଠାରୁ ସାମାନ୍ୟ ଦୂରରେ ଉପରକୁ ଗୋଲିଆ ଏବଂ ଦୁଇ ପଟରେ ଦୁଇଟି ହାତ ଚିହ୍ନ ଥିବା ଏକ ପଥର ପୋତା ଯାଇଥିବାର ଦେଖିବାକୁ ମିଳେ । ବୁଦ୍ଧ ମୂର୍ତ୍ତିପରି ଜଣା ପଡୁଥିବା ଏହି ପଥରଟିର ଦୁଇପଟରେ ଦୁଇଜଣ ବୌଦ୍ଧ ସନ୍ୟାସୀଙ୍କର ମୂର୍ତ୍ତି ଦେଖିବାକୁ ମିଳେ । ନଦୀ କୂଳରୁ ପ୍ରାୟ ଆଠ ଇଞ୍ଚ ଉଚ୍ଚତାର ମିଳିଥିବା ଗୋଟିଏ ସୁନ୍ଦର ମୂର୍ତ୍ତିକୁ ମନ୍ଦିର ବାହାରେ ଥିବା ଗଣେଶ ମୂର୍ତ୍ତି ନିକଟରେ ରଖାଯାଇଛି । ମନ୍ଦିର ଭିତରେ ବୁଢ଼ା ବୁଢ଼ୀ ନାମରେ ଦୁଇଟି ମୂର୍ତ୍ତି ଦେଖିବାକୁ ମିଳେ । ମନ୍ଦିର ତିଆରି କରିଥିବା ବଢ଼େଇ ଓ ତାଙ୍କ ସ୍ତ୍ରୀଙ୍କର ଏହି ମୂର୍ତ୍ତି-ଦ୍ୱୟ ସେମାନଙ୍କ ଇଚ୍ଛା ପୂରଣ ନିମନ୍ତେ ରଖା ଯାଇ ଥିବାର କୁହାଯାଏ ।

ଦେବୀଙ୍କ ପୂଜା ନିମନ୍ତେ ଆଗ କାଳରେ ପ୍ରଚଳିତ ଥିବା ବିଭିନ୍ନ ନିଯୋଗ ବ୍ୟବସ୍ଥା ମଧ୍ୟରୁ ଅଧିକାଂଶ ଲୋପ ପାଇ ଗଲାଣି । ଦେବୀ ପୂଜା କ୍ଷେତ୍ରରେ ମାଳି ମାନଙ୍କ ପ୍ରାଧାନ୍ୟ ସ୍ୱୀକୃତ । କେବଳ ସ୍ୱତନ୍ତ୍ର ପୂଜା ସମୟରେ ବ୍ରାହ୍ମଣ ଦରକାର ହୁଏ ।

ଭୋଗପାଳି ସେବାସୀ, ଦୈନିକ ପୂଜା ପାଳି ସେବାସୀ, ପର୍ବ ପୂଜକ, କାଳେସୀ, କେଉଟ, ଭଣ୍ଡାରୀ, ଢୋଲିଆ ପ୍ରଭୃତି ନିଯୋଗମାନେ ଏବେ ମନ୍ଦିରରେ ପ୍ରଚଳିତ ଅଛି ।

ଭୋଗପାଳି ସେବାସୀ ମାନେ ସମସ୍ତ ପ୍ରକାର ଭୋଗ ରୋଷଶାଳାରେ ପ୍ରସ୍ତୁତ କରିଥାଆନ୍ତି । ସେମାନେ ନିଜେ ପୂଜା କରି ପାରିବେ ନାହିଁ । ପର୍ବ ପୂଜକମାନେ କେବଳ ପର୍ବପର୍ବାଣୀ ସମୟରେ ପୂଜା ଚରିଶ୍ୱଳନା କରନ୍ତି । କାଳେସୀ ନିମନ୍ତେ ଦେବୀଙ୍କର ସ୍ୱତନ୍ତ୍ର ଜାଗେରୀ ଅଛି । ନିମନ୍ତ୍ରଣ କ୍ରମେ ଆଶ୍ୱିନ ଅମାବାସ୍ୟାଠାରୁ ସେ ମନ୍ଦିରରେ ହବିଷ କରି ରୁହନ୍ତି । ଦେବୀଙ୍କର କେତେକ ତାନ୍ତ୍ରିକ ଗୁପ୍ତ କ୍ରିୟା ସେ ସମାପନ କରି ଥାଆନ୍ତି । ଏହା ଏକ ପୁରୁଷାନୁକ୍ରମିକ ପ୍ରଥା ।

ମାଛ ଯୋଗାଇବା କେଉଟମାନଙ୍କ କାର୍ଯ୍ୟ । ମାଛ ନମିଳିବା ସମ୍ଭାବନା ଥିଲେ କେଉଟକୁ ମାଛ ଜୀଆଁଇଁ ରଖିବାକୁ ପଡେ । ଜାଲ ମାଛ ବ୍ୟତୀତ ଅନ୍ୟ କୌଣସି ମାଛ ଦେବୀଙ୍କ ଭୋଗରେ ଲାଗେ ନାହିଁ । ପର୍ବବେଳେ ଭଣ୍ଡାରୀ କାଳେସୀଙ୍କୁ କ୍ଷୌର କରେ ।

ପ୍ରଭାତ ମାର୍ଜଣା, ବଲ୍ଲଭ ଭୋଗ, ଖେଚୁଡ଼ି, ଧୂପ, ଦ୍ୱିପ୍ରହର ଧୂପ, ଚନ୍ଦନ ବେଶ, ସନ୍ଧ୍ୟା ଆଳତି, ରାତ୍ର ଧୂପ, ବଡ଼ ସିଂହାର ପ୍ରଭୃତି ପୂଜା ବ୍ୟବସ୍ଥା ମନ୍ଦିରରେ ପ୍ରଚଳିତ ଅଛି । ବଡ଼ାମ୍ବା ରାଜା ଭଟ୍ଟାରିକାଙ୍କୁ ଇଷ୍ଟ ଦେବୀ ରୂପେ ମାନନ୍ତି । ଏକ ସମୟରେ ଦେବୀଙ୍କ ପାଇଁ ସ୍ତରିଶହ ଖ୍ୱଳିଶ ଏକର ଜମି ରାଜା ପ୍ରଦାନ କରିଥିଲେ ।

ଆଶ୍ୱିନ ମାସର ମହାଷ୍ଟମୀ, ଦେବୀଙ୍କର ପ୍ରଧାନ ପର୍ବ । ମହାଷ୍ଟମୀ ଓ ମହା ନବମୀ ଦୁଇଦିନ ଧରି ଏଠାରେ ବିରାଟ ମେଳା ହୁଏ । ସାଇକେଲ, ମଟରଗାଡ଼ି, ଶଗଡ଼ ଓ ଡ଼ଙ୍ଗା ଯୋଗେ ବହୁ ଦୂରରୁ ଯାତ୍ରୀମାନେ ଏଠାରେ ଆସି ପହଞ୍ଚନ୍ତି । ଏହି ଉତ୍ସବର ଦୁଇ ତିନି ଦିନ ପୂର୍ବରୁ ବହୁ ଦୋକାନ ମନ୍ଦିର ନିକଟରେ ବସାଯାଏ । ମହାଷ୍ଟମୀଟି ଦେବୀଙ୍କ ଜନ୍ମ ଦିବସ ରୂପେ ପାଳିତ ହୋଇଥାଏ ।

ମହାଷ୍ଟମୀ ବ୍ରତ ଉପଲକ୍ଷେ ବହୁଲୋକ ଏଠାକୁ ଆସି ଦେବୀ ଦର୍ଶନ କରନ୍ତି । ଆଖ ପାଖ ଗ୍ରାମରୁ



ସଂକୀର୍ତ୍ତନ ଦଳ ଆସି ଏଠାରେ ସଂକୀର୍ତ୍ତନ କରିଥାଆନ୍ତି । କାଳେସୀ ଓ ମହିଷି ବଳି ଦେଖିବା ପାଇଁ ରାତି ଅଧ ପର୍ଯ୍ୟନ୍ତ ଲୋକ ଉଜାଗର ରହନ୍ତି । ମହାନବମୀ ଦିନ ଏଠାରେ ବହୁ ଛେଳି ବଳି ପଡ଼ିଥାଏ ।

ମହାଷ୍ଟମୀ ପୂଜା ଦିନ ଠାକୁରାଣୀଙ୍କ ପାଖରେ ଅତୀତରେ ନର ବଳି ଦିଆ ଯାଉଥିଲା ବୋଲି ଲୋକ ମୁହଁରେ କଥିତ ଅଛି । ବାର ବର୍ଷ ଭିତରେ ବୟସ ହୋଇଥିବା ଯେ କୌଣସି ବ୍ରାହ୍ମଣ ବା ବଣିଆ ପିଲାକୁ ଦେବୀଙ୍କ ବାହାନ କୁମ୍ଭୀର ନଦୀ ଜଳରୁ ନେଇ ଅସି ମନ୍ଦିରର ପଛ ପଟେ ଥିବା ଅନୁଚ ପାହାଡ଼ ଉପରିସ୍ଥ୧୬ ଗମ୍ଭୀରାରେ ଛାଡ଼ି ଦିଏ । ମହାଷ୍ଟମୀ ଦିନ କାଳେସୀ ଏକ ଅତି ଗୁପ୍ତ ପଥରେ ଯାଇ ତାକୁ ବଳି ଦେଇ ତାର ମାଂସକୁ ଷୋଳ ଭଉଣୀଙ୍କ ପାଇଁ ଷୋଳ ଭାଗ କରେ । ଏହା ହେଉଛି ଲୋକ ମୁଖର କଥା । ତେବେ ଆଜିକାଲି ମହାଳୟା ଦିନ ରାତିରେ କୁମ୍ଭୀର ପୂଜା ପୂର୍ବକ ତା ଉଦ୍ଦେଶ୍ୟରେ କ୍ଷୀରଚୁଡ଼ି ପ୍ରଦାନ କରାଯାଏ ।

ଆଦିଗୁରୁ ଶଙ୍କରାଚାର୍ଯ୍ୟ ଉତ୍କଳ ପରିଭ୍ରମଣରେ ଆସିଥିବା ସମୟରେ ମହାମାୟା ଭଟ୍ଟାରିକାଙ୍କୁ ଦର୍ଶନ କରିଥିଲେ ବୋଲି କୁହାଯାଏ । ଏହା ହେଉଛି ଓଡ଼ିଆ ମହାଭାରତକାର ଶୂଦ୍ରମୁନି ଶାରଳା ଦାସଙ୍କ ପୂର୍ବ ସମୟର ଘଟଣା ।

ଏହି ପ୍ରାଚୀନ ଶାକ୍ତପୀଠର ପରିଚାଳନା ଭାର ଏବେ ରାଜ୍ୟ ଦେବୋତ୍ତର ବିଭାଗର ହାତରେ । ଦେବୀଙ୍କର କେତେକ ସୁନାର ବେଶ ଏବଂ ସୁନା ଅଳଙ୍କାର ବଡ଼ମ୍ବା ଟ୍ରେଜେରୀରେ ସରକାରଙ୍କ ତରଫରୁ ରଖାଯାଇଛି । ଦେବୀଙ୍କର ପ୍ରସ୍ତର ନିର୍ମିତ ମୂର୍ତ୍ତି ମନ୍ଦିରରେ ପୂଜାପାଉଛି । କିନ୍ତୁ ସ୍ୱର୍ଣ୍ଣ ନିର୍ମିତ ମୂର୍ତ୍ତି ବଡ଼ମ୍ବା ରାଜବାଟୀରେ ରହିଛି ।

ଏହି ମହାନ ପ୍ରାଚୀନ ତଥା ଐତିହାସିକ ଶାକ୍ତପୀଠର ପ୍ରାକୃତିକ ପରିବେଶ ଉତ୍କୃଷ୍ଟରେ ଯଥେଷ୍ଟ ହୃଦୟଗ୍ରାହୀ । ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ତଥା ଜ୍ୟୋତ୍ସ୍ନାବିଧୌତ ରଜନୀରେ ମହାନଦୀର ଜଳରାଶିର ମାଦକତାକୁ ସହଜରେ ଭୁଲି ହୁଏ ନାହିଁ । ଏହିଭଳି ସ୍ଥାନକୁ ଏକ ଆଦର୍ଶ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ନିମନ୍ତେ ରାଜ୍ୟ ସରକାର


ଯୋଜନା କଲେ ସଂପୃକ୍ତ ଅଞ୍ଚଳର ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ସରକାର ମଧ୍ୟ ଲାଭବାନ୍ ହେବେ । ନଚେତ୍ "କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ, ମହାନଦୀ ନାମ ରହିଲା ଗୁପତେ" ଭଳି ଏହି ଐତିହାସିକ ପୀଠ ଲୋକଲୋଚନର ଅଗୋଚରରେ ରହିଯିବ ।

---

ସାମାଦିକ,
ଝାଂଜିରୀମଙ୍ଗଳା
କଟକ–୭୫୩୦୦୯




ଭୁବନେଶ୍ୱର ପାନ୍ଥନିବାସ ସମ୍ପ୍ରସାରଣ ପାଇଁ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ ।



କବିବର ରାଧାନାଥ ଅପୂର୍ବ ଶୋଭାମୟୀ ଚିଲିକାକୁ ନେଇ ଯେଉଁ ସୁନ୍ଦର ଖଣ୍ଡକାବ୍ୟ ରଚନା କରିଅଛନ୍ତି ଓଡ଼ିଆ ସାହିତ୍ୟରେ ତାହା ଏକ ଅକ୍ଷୟ ସମ୍ପଦ ହୋଇ ରହିଛି । ଏହି କାବ୍ୟର ଆରମ୍ଭରେ ସେ ଚିଲିକାକୁ 'ଉତ୍କଳ-କମଳା-ବିଳାସ-ଦୀର୍ଘିକା, ମରାଳମାଳିନୀ ନୀଳାମ୍ବୁ ଚିଲିକା' ରୂପେ ବର୍ଣ୍ଣନା କରି ଅଛନ୍ତି । ଚିଲିକା ହ୍ରଦର ବିଶାଳତା ଓ ତାର ଅପରୂପ ପ୍ରାକୃତିକ ଶୋଭାସମ୍ଭାର ଯୋଗୁଁ କେବଳ ଆଣୁଥିବା ଜଳସ୍ରୋତର ବର୍ଷ ବର୍ଷ ଧରି ପ୍ରକ୍ରିୟା ଦ୍ୱାରା ଏହି ବାଲିବନ୍ଧ ସୃଷ୍ଟି ହୋଇଛି । ଏହି ବାଲିବନ୍ଧରେ ଥିବା ଏକ ଅଳ୍ପ ଓସାର ନାଳୀ ଦ୍ୱାରା ଚିଲିକା ସମୁଦ୍ର ସହିତ ସଂଯୁକ୍ତ । ହ୍ରଦମଧ୍ୟକୁ ସମୁଦ୍ରଜଳ ପ୍ରବେଶ କରିବା ଓ ବର୍ଷା ଋତୁରେ ଚିଲିକାରେ ପଡ଼ିଥିବା ନଈନାଳ ସମୂହର ଜଳରାଶି ସମୁଦ୍ର ଭିତରକୁ ପ୍ରବେଶ କରିବାର ଏହା ଏକମାତ୍ର ପଥ । ହ୍ରଦ ମଧ୍ୟକୁ ସମୁଦ୍ର ଜଳ ପ୍ରବେଶ କରୁଥିବାରୁ

# ନୀଳାମ୍ବୁ ଚିଲିକା

**ଶ୍ରୀ ଦୁର୍ଗା ଚରଣ କୁଅଁର**

'ଉତ୍କଳ-କମଳା' କାହିଁକି, 'ଭାରତ-ଲକ୍ଷ୍ମୀ'ଙ୍କର ବିଳାସ ଦୀର୍ଘିକା ରୂପେ ତାକୁ ଗ୍ରହଣ କରାଯାଇ ପାରେ । ଓଡ଼ିଶାରେ ଅବଶ୍ୟ ସର ଓ ଅଂଶୁପା—ଅନ୍ୟ ଦୁଇଟି ହ୍ରଦ ଅଛି, କିନ୍ତୁ ଚିଲିକା ତା'ର ଅବସ୍ଥିତି, ଆକାର ଓ ଅନନ୍ୟ ନିସର୍ଗ ଶୋଭା ଯୋଗୁଁ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀକରେ ।

ଚିଲିକା ହ୍ରଦ ଭାରତର ପୂର୍ବ ଉପକୂଳରେ ୧୯° ୨୮'ରୁ ୧୯° ୫୬' ଉତ୍ତର ଅକ୍ଷାଂଶ ଓ ୮୫°, ୬'ରୁ ୮୫°, ୮୬' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ପୁରୀ ଜିଲ୍ଲାର ଦକ୍ଷିଣ ପୂର୍ବ କୋଣରୁ ଦକ୍ଷିଣରେ ଗଞ୍ଜାମ ଜିଲ୍ଲାର କିଛି ଅଂଶକୁ ନେଇ ଏହି ହ୍ରଦର ବିସ୍ତୃତି । ଉତ୍ତର ଦକ୍ଷିଣ ଭାବରେ ଏହାର ବ୍ୟାପ୍ତି ୭୦ କି. ମି.ରୁ କିଛି ଅଧିକ ଓ ହାରାହାରି ଦୈର୍ଘ୍ୟ ୩୨ କି: ମି: । ଦକ୍ଷିଣ ଦିଗକୁ ଏହା କ୍ରମଶଃ ଅଣଓସାରିଆ । ଓଡ଼ିଶାର ପୂର୍ବ ଉପକୂଳ ଧୌତ କରୁଥିବା ବଙ୍ଗୋପସାଗରର ଏହା ଏକ ଅଂଶବିଶେଷ (Gulf) । ଭୂଭାଗ ଭିତରକୁ ପଶି ଯାଇଥିବା ସମୁଦ୍ରର ଏହି ଅଂଶ ଏକ ଦୀର୍ଘ ପ୍ରାକୃତିକ ବାଲିବନ୍ଧ ଦ୍ୱାରା ସମୁଦ୍ରଠାରୁ ବିଚ୍ଛିନ୍ନ । ସମୁଦ୍ର ସ୍ରୋତ ବହିଆଣୁଥିବା ବାଲୁକାରାଶି ଓ ଚିଲିକାରେ ପଡ଼ିଥିବା ଦୟା, ଭାର୍ଗବୀ ପ୍ରଭୃତି ନଦୀମାନଙ୍କର ପଟୁମାଟି ବହି ଚିଲିକାର ଜଳ ଲବଣାକ୍ତ । ବର୍ଷା କାଳରେ ନଦୀମାନଙ୍କର ମଧୁର ଜଳ ଚିଲିକା ଭିତରକୁ ବହୁଳଭାବେ ପ୍ରବେଶ କରୁଥିବାରୁ ହ୍ରଦର ଉତ୍ତରାଂଶର ଜଳ ଅଗଷ୍ଟ ମାସଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ମଧୁର ରହେ । ବିଭିନ୍ନ ଋତୁ ଓ ଜୁଆର ଭଟ୍ଟା କ୍ରମରେ ଚିଲିକା ହ୍ରଦର ଆୟତନରେ ହ୍ରାସବୃଦ୍ଧି ଘଟିଥାଏ । ବର୍ଷା କାଳରେ ଏହାର ଆୟତନ ପ୍ରାୟ ୧୧୬୫ ବର୍ଗ କି: ମି: ଥିବା ସ୍ଥଳେ ଶୀତ ଓ ଖରା ଋତୁରେ ଏହା ୭୭୭ ବର୍ଗ କି. ମି. କୁ ହ୍ରାସ ପାଇଥାଏ ।

ସମୁଦ୍ର ସହିତ ଚିଲିକାକୁ ସଂଯୁକ୍ତ କରୁଥିବା ଅଣ-ଓସାରିଆ ମୁହାଣ ସାମୁଦ୍ରିକ ସ୍ରୋତରେ ମାଡ଼ି ଆସୁଥିବା ବାଲି ଓ ବାଲିଗଡରେ ସଂପୂର୍ଣ୍ଣ ଭାବେ ପୋତି ହୋଇଯାଇ ଥିବାର ଦୃଷ୍ଟାନ୍ତ ବି ରହିଛି । "... the opening in the bar, which was a mile wide in 1780 and had to be crossed in large boats, was described forty years later as choked up. Shortly before 1825 an artificial mouth had to be cut; and although this also rapidly began to silt up, it remained, as late as 1837, more than three times its present breadth". (Imperial Gazetteer of India, Vol. X, 1908) ଚିଲିକାରେ ପଡ଼ିଥିବା ନଦୀଗୁଡ଼ିକରେ

ଜନ୍ମାଳଜଳ ନିଷ୍କାସନ ଓ ଚିଲିକାର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏହି ମୁହାଣର ଯଥେଷ୍ଟ ଗୁରୁତ୍ୱ ରହିଛି । ପୂର୍ବେ ପ୍ରାୟ ୧୧ କି: ମି: ଦୀର୍ଘ ଏକ କୁଆରିଆ କେନାଲ ଦ୍ୱାରା ଚିଲିକା ହ୍ରଦ ଋଷିକୁଲ୍ୟା ନଦୀସହ ସଂଯୁକ୍ତ ଥିଲା । ସମୁଦ୍ରଜଳ ଓ ସାମୁଦ୍ରିକ ମାଛ ଏହି ଜଳପଥ ବାଟେ ଚିଲିକା ଭିତରକୁ ପ୍ରବେଶ କରୁଥିଲେ । ବର୍ଷସାରା ସୁନାବ୍ୟା ଏହି କେନାଲ ବାଟେ ଧାନ ଗୁଡ଼ଳ ଓ ଲୁଣ ବ୍ୟବସାୟ ମଧ୍ୟ ଚାଲିଥିଲା । ହୁମାଠାରେ ଲୁଣ ଉତ୍ପାଦନ ନିମିତ୍ତ ସମୁଦ୍ରର ଲୁଣାଜଳ ଯୋଗାଣର ସୁବିଧା ପାଇଁ ଏହି କେନାଲକୁ ବନ୍ଦକରି ଦିଆଯାଇଛି । ଚିଲିକାର ମୁହାଣହିଁ ଏବେ ଚିଲିକା ସହିତ ସମୁଦ୍ରର ଏକମାତ୍ର ସଂଯୋଗ ପଥ । ଏହାକୁ କାଟି ଅଧିକ ଚଉଡା କରିବା କଷ୍ଟସାଧ୍ୟ ନୁହେଁ ; କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ଏହା କ୍ରମଶଃ ପୋତି ହୋଇ ଯିବାର ଆଶଙ୍କା ସର୍ବଦା ରହିଛି ।

ଚିଲିକାର ପୂର୍ବରେ ବଙ୍ଗୋପସାଗର ଓ ଦକ୍ଷିଣ ପଶ୍ଚିମରେ ବିସ୍ତୃତ ପୂର୍ବଘାଟ ପର୍ବତମାଳାର ସୋଲେରୀ ଭାଲେରୀ ପ୍ରଭୃତି ସୁରମ୍ୟ ଶୈଳଶ୍ରେଣୀ । ହ୍ରଦର ଦକ୍ଷିଣ ଭାଗରେ ପର୍ବତଶ୍ରେଣୀ ସ୍ଥାନେ ସ୍ଥାନେ ହ୍ରଦର କୂଳଯାଏ ଲମ୍ବି ଆସିଛି ଏବଂ କେତେକ ପାହାଡ଼ନାସି ହ୍ରଦ ମଧ୍ୟକୁ ପ୍ରବେଶ କରିଛି । ହ୍ରଦ ମଧ୍ୟରେ ବହୁ ଛୋଟ ବଡ଼ ଦ୍ୱୀପପୁଞ୍ଜ । ସୁଦୃଶ୍ୟ ନଳବନ, କାଳିଜାଇ ଦ୍ୱୀପ, ଚଢ଼େଇହଗା ଏବଂ ହ୍ରଦର ପୂର୍ବକୁ ପାରିକୁଦ ମାଲୁଦ ଦ୍ୱୀପପୁଞ୍ଜ । ଚିଲିକାର ଉତ୍ତରଭାଗ ଅପେକ୍ଷାକୃତ ଅଗଭୀର । ନଈସବୁ ବହି ଆଣୁଥିବା ପଟୁମାଟି ଦ୍ୱାରା ଏହି ଭାଗରେ ସୃଷ୍ଟି ହୋଇଥିବା ଛୋଟ ଛୋଟ ଅନୁଚ୍ଚ ଦ୍ୱୀପଗୁଡ଼ିକ ପାଣିରେ ଭାସୁଥିବା ଭଳି ପ୍ରତୀୟମାନ ହୁଏ । ଦକ୍ଷିଣରେ ରମ୍ଭାର ଅଦୂରରେ 'ବ୍ରେକ୍‌ଫାଷ୍ଟ ଆଇଲଣ୍ଡ' । ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍‌ସି ଅଧୀନରେ ଥିଲା-ବେଳେ ଗଞ୍ଜା ସହର ଥିଲା ଜିଲାର ହେଡ୍‌କ୍ୱାର୍ଟରସ୍ । ଏହି ଗଞ୍ଜାରୁ ଜିଲାର ନାମ ଗଞ୍ଜାମ ହୋଇଛି । ଗଞ୍ଜାର ଅସ୍ୱାସ୍ଥ୍ୟକର ପରିବେଶ ହେତୁ ପରେ ଛତ୍ରପୁରକୁ ଜିଲାର ସଦରମହକୁମା ସ୍ଥାନାନ୍ତରିତ ହେଲା । ଗଞ୍ଜାରେ ରହୁଥିବା ଇଷ୍ଟଇଣ୍ଡିଆ କମ୍ପାନୀ ଶାସନର ଇଂରେଜ ଅଫିସରମାନଙ୍କର ରମ୍ଭାହିଁ ଥିଲା ଗ୍ରୀଷ୍ମନିବାସ । 'ବ୍ରେକଫାଷ୍ଟ ଆଇଲଣ୍ଡ' ସହିତ ୧୭୯୨ ସାଲରେ ଗଞ୍ଜାମ ଜିଲାର କଲେକ୍ଟର ଥିବା ସ୍ନୋଡ୍‌ଗ୍ରାସ୍‌ଙ୍କ ନାମ ବିଶେଷ ଭାବେ ଜଡ଼ିତ । ସ୍ନୋଡ୍‌ଗ୍ରାସ୍ ବ୍ରେକ୍‌ଫାଷ୍ଟ ଆଇଲଣ୍ଡରେ ଗୋଟିଏ ଛୋଟ କୋଠି ନିର୍ମାଣ କରି ସେଠାରେ ସମୟ ସମୟେ ରହୁଥିଲେ । ସେ ସମୟରେ ଗଞ୍ଜାମ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଥିଲା । ସ୍ନୋଡ୍‌ଗ୍ରାସ୍ ମହାଶୟ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ଆତ୍ମସାତ କରି ସେ ସଂପର୍କୀୟ ସମସ୍ତ କାଗଜପତ୍ର ସେ ବ୍ରେକ୍‌ଫାଷ୍ଟ ଦ୍ୱୀପକୁ ଯାଉଥିବା ସମୟରେ ଝଡ଼ଯୋଗୁଁ ନୌକା ବୁଡ଼ିଯାଇ ନଷ୍ଟ ହୋଇଗଲା ବୋଲି ମିଛ କୈଫିୟତ ଦେଇଥିଲେ । ଏଥିପାଇଁ ପରେ ତାଙ୍କୁ ଚାକିରୀଟି ହରାଇବାକୁ ପଡ଼ିଥିଲା ।

ଚିଲିକାର ପଶ୍ଚିମ ପଟେ ୫ ନମ୍ବର ଜାତୀୟ ରାଜପଥ ଓ ମାଡ୍ରାସ ହାଓଡା ରେଳପଥ ଯାଇଛି । ବାଲୁଗାଁ ଚିଲିକା, ଖଲ୍ଲିକୋଟ ଓ ରମ୍ଭା ରେଳଷ୍ଟେସନମାନ ଚିଲିକା କୂଳରେ ଅବସ୍ଥିତ । ଦୂରନ୍ତ ଚିଲିକାର ଦିଗନ୍ତ ବିସ୍ତୃତ ନୀଳଜଳରାଶି, ସୂର୍ଯ୍ୟସ୍ନାତ ରମଣୀୟ ଦ୍ୱୀପପୁଞ୍ଜ ଓ ପାଲଟଣା ଭାସମାନ ନୌକାର ରେଖା ପ୍ରକୃତିର ଏକ ଅପୂର୍ବ ଆଲେଖ୍ୟ ଭଳି ମନେହୁଏ । ହ୍ରଦର ନୀଳ ତରଙ୍ଗରେ ଦୋଳାୟମାନ ମରାଳପନ୍ତି ଏବଂ ଉଡ଼ିବୁଲୁଥିବା ନାନାଜାତି ପକ୍ଷୀଙ୍କର ବିଚିତ୍ର ବର୍ଣ୍ଣଛଟା ଓ ସ୍ୱର ଅର୍କେଷ୍ଟ୍ରା ଚିଲିକାର ପ୍ରାକୃତିକ ପରିବେଶକୁ ଅଧିକ ଆକର୍ଷଣୀୟ କରେ । ଶୀତଋତୁରେ ସୁଦୂର ସାଇବେରିଆ ଓ କାସ୍ପିୟାନ ହ୍ରଦ ଅଞ୍ଚଳରୁ ନାନାଜାତିର ପକ୍ଷୀ ଉଡ଼ିଆସି ଚିଲିକାର ଅପେକ୍ଷାକୃତ ଉଷ୍ଣ କୋଳରେ ଆଶ୍ରୟ ନିଅନ୍ତି । ଚିଲିକାରେ ନୌବିହାର ଏକ ଅବିସ୍ମରଣୀୟ ସ୍ମୃତି । ଜ୍ୟୋତ୍ସ୍ନା ରଜନୀରେ ଏହି ନୌବିହାର ଅଧିକ ଉପଭୋଗ୍ୟ ହୋଇଥାଏ । ପର୍ଯ୍ୟଟକମାନଙ୍କର ସୁବିଧା ପାଇଁ ବାଲୁଗାଁ, ବରକୁଳ ଓ ରମ୍ଭା ଠାରେ ପାନ୍ଥନିବାସ, ଡ଼ାକବଙ୍ଗଳା ଓ ହୋଟେଲମାନ ଅଛି । ଏହି ସ୍ଥାନମାନଙ୍କରୁ ଚିଲିକାର ନିସର୍ଗଶୋଭା ସୁନ୍ଦର ଭାବେ ଉପଭୋଗ କରିହୁଏ । ନୌବିହାର ପାଇଁ ଏହି ସ୍ଥାନମାନଙ୍କରେ ନୌକା ଓ ମଟରଲଞ୍ଚର ବ୍ୟବସ୍ଥା ଅଛି ।

ପ୍ରକୃତି ଚିଲିକାକୁ ଅତୁଳ ରୂପବିଭବରେ ମଣ୍ଡିତ କରିଅଛି । ପ୍ରତିବର୍ଷ ଭାରତ ଓ ଭାରତ ବାହାରୁ ବହୁ ପର୍ଯ୍ୟଟକ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସିଥାନ୍ତି । ଚିଲିକାକୁ ଭାରତର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ର ରୂପେ ପ୍ରତିଷ୍ଠିତ କରିବା ପାଇଁ ସରକାରଙ୍କର ପରିକଳ୍ପନା ରହିଛି । ଏଥିପାଇଁ ଚିଲିକା କୂଳେ କୂଳେ ପର୍ଯ୍ୟଟକମାନଙ୍କର ସୁବିଧା ପାଇଁ ଅଧିକ ପାନ୍ଥନିବାସ, ମୋଟେଲ ପ୍ରଭୃତି ନିର୍ମାଣ ଅବଶ୍ୟମ୍ଭାବୀ । ରାଜ୍ୟସରକାର ଚିଲିକାରେ ପକ୍ଷୀଶିକାର ବନ୍ଦକରି ଏହାକୁ ପକ୍ଷୀମାନଙ୍କର ଏକ ଅଭୟ ଆଶ୍ରୟସ୍ଥଳୀ (Bird Sanctuary) ରୂପେ ଘୋଷଣା କରିଅଛନ୍ତି । ବାଲୁଗାଁ ଠାରୁ ଅଳ୍ପଦୂର ଚିଲିକା ରେଳଷ୍ଟେସନ ନିକଟରେ ଭାରତସରକାରଙ୍କ ଦ୍ୱାରା ଏକ ନୌବାହକ ତାଲିମ କେନ୍ଦ୍ର (Naval Cadets' Training Centre) ପ୍ରତିଷ୍ଠା କରାଯାଇଛି । ଚିଲିକାର ବହୁମୁଖୀ ଉପଯୋଗ ଓ ସାମୂହିକ ଉନ୍ନୟନର ଏହା ଏକ ଅଂଶବିଶେଷ ।

ମତ୍ସ୍ୟ ଉତ୍ପାଦନ ପାଇଁ ଚିଲିକାର ପ୍ରସିଦ୍ଧି ଅଛି । ଭେକଟି, ଖଙ୍ଗା, ଚିଙ୍ଗୁଡ଼ି ପ୍ରଭୃତି ସୁସ୍ୱାଦୁ ମାଛ ଓ କଙ୍କଡ଼ା ଚିଲିକାର ମୁଖ୍ୟ ପଣ୍ୟ ସଂପଦ । ଏସବୁ ମାଛ ବହୁ ପରିମାଣରେ ଓଡ଼ିଶା ବାହାରକୁ ରପ୍ତାନି ହୁଏ । ଚିଲିକା ଉପକୂଳରେ ବାସ କରି ରହିଥିବା ବହୁ ମତ୍ସ୍ୟଜୀବି ପରିବାର ଚିଲିକାରୁ ମାଛ ଧରି ନିଜର ଜୀବିକା ନିର୍ବାହ କରନ୍ତି । ଏମାନଙ୍କର ଆର୍ଥିକ, ଶିକ୍ଷାଗତ ତଥା ସାଂସ୍କୃତିକ ବିକାଶ ପ୍ରତି ଧ୍ୟାନ ଦିଆଯାଇଛି । ଏବେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଚିଲିକାର ଧୀବରମାନଙ୍କ ମଧ୍ୟରେ ବାର୍ଷିକ ନୌଚାଳନା ପ୍ରତିଯୋଗିତା ( Regatta ) ଓ ପୁରସ୍କାରର ବ୍ୟବସ୍ଥା କରାଯାଇଛି । କେରଳରେ ଧୀବରମାନଙ୍କର ନୌଚାଳନା ପ୍ରତିଯୋଗିତା ଏକ ଅତି ଆକର୍ଷଣୀୟ ଉତ୍ସବ । ଚିଲିକାର ଧୀବରମାନଙ୍କ ମଧ୍ୟରେ ଏହି ବାର୍ଷିକ ନୌଚାଳନା ପ୍ରତିଯୋଗିତା ନୂତନ ଆନନ୍ଦ ଓ ଉନ୍ମାଦନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରିବ ।



ଭବିଷ୍ୟତରେ ଚିଲିକା ଏକ ବନ୍ଦର ଭାବେ ଗଢି ଉଠିବାର ଉଜ୍ଜ୍ୱଳ ସମ୍ଭାବନା ବି ରହିଛି । ଚିଲିକାର ମୁହାଣକୁ ଖୋଲି ହ୍ରଦ ଭିତରକୁ ଜାହାଜ ଆସିବାର ବ୍ୟବସ୍ଥା କରାଯାଇ ପାରିଲେ ଚିଲିକାର ପଶ୍ଚିମ ଉପକୂଳରେ ଏକ ବନ୍ଦର ପ୍ରତିଷ୍ଠିତ ହୋଇ ପାରିବ । ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଖ୍ୟାତ ଇଞ୍ଜିନିୟର ଡଃ ଅଯୋଧ୍ୟାନାଥ ଖୋସଲା ତାଙ୍କର 'A Decade of Destiny' ପୁସ୍ତକରେ ଚିଲିକାରେ ଏକ ବନ୍ଦର ପ୍ରତିଷ୍ଠାର ସ୍ୱପ୍ନ ଦେଖିଅଛନ୍ତି । ତାଙ୍କର ସେ ସ୍ୱପ୍ନ ସଫଳ ହେଉ ।

ଷ୍ଟେଟ ଏଡ଼ିଟର, ଗେଜେଟିୟରସ, ଓଡ଼ିଶା
ଭୁବନେଶ୍ୱର



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଚିଲିକା ହ୍ରଦରେ ନଭେମ୍ବର ୭ ତାରିଖରେ ଅନୁଷ୍ଠିତ ବୋଟ୍ ପ୍ରତିଯୋଗିତା ଉଦ୍ଘାଟନ ।





ସବୁ କାଳରେ, ସବୁ ଯୁଗରେ, ସବୁ ମଣିଷ ସୌନ୍ଦର୍ଯ୍ୟର ଉପାସକ । ସୌନ୍ଦର୍ଯ୍ୟବୋଧ ହିଁ ମଣିଷକୁ ଶାନ୍ତ, ସୁନ୍ଦର କରି ଗଢି ତୋଳେ । କିଛି ସମୟ ପାଇଁ ସୌନ୍ଦର୍ଯ୍ୟମୟ ପରିବେଶ ମଧ୍ୟରେ ମଣିଷର ମନ ଦ୍ରବୀଭୂତ ହୁଏ । ମନ ଭିତରର ଉଦ୍ଭଟ କାମନା ଅପସାରିତ ହୁଏ । ଶାନ୍ତ, ସରଳ ହୃଦୟରେ ସେଇ ସୌନ୍ଦର୍ଯ୍ୟକୁ ସେ ଉପଭୋଗ କରେ । ଏହି ସୌନ୍ଦର୍ଯ୍ୟକୁ ମଣିଷ ମୁଖ୍ୟତଃ ଉପଭୋଗ କରେ ପୁଷ୍ପ ଆଉ ପ୍ରକୃତି ଦଉ ଶୋଭା ଭଣ୍ଡାର ଭିତରେ । ସେଇ ସୌନ୍ଦର୍ଯ୍ୟ ଖୋଜରେ ମଣିଷ ଛୁଟିଥିଲେ ଦିଗ-ଦିଗନ୍ତ । ଆଜି ମଣିଷ ପଇସା ପଛରେ ଛୁଟି ନିଜକୁ ମେସିନ୍‌ରେ ପରିଣତ କରି ଦେଉଛି । ସେଇ ମେସିନ୍ ଦେହରେ ସାମୟିକ ଭାବେ ମଣିଷର ସୁକୁମାର ପ୍ରବୃତ୍ତିଗୁଡ଼ିକ ଜାଗରିତ ହୁଏ ସେତିକିବେଳେ ଯେତେବେଳେ ସେ ନିଜକୁ ପ୍ରକୃତି କୋଳରେ ସମର୍ପି ଦିଏ ଆଉ ସେଇ ଶୋଭାକୁ ମନଭରି ଆକଣ୍ଠ ପାନ କରେ । ଏହି ପ୍ରକୃତି ଦତ୍ତ ଶୋଭା ପସରାକୁ ଏବେ ମଣିଷ ନିଜର ମାନସିକ ତୃପ୍ତି ପାଇଁ ନିଜ ମନକୁ ଏକାକୀତ୍ୱ ଘୁଞ୍ଚାଇବା ପାଇଁ ଗଢିଛି ନୂତନ ରୂପରେ । ଆଜିର ମଣିଷ ମନରେ ଏକାକୀତ୍ୱର ବେଦନା ସବୁଠାରୁ ଅଧିକ !

# ନନ୍ଦନ କାନନ


ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ



ଏହିଭଳି ଏକାକୀତ୍ୱକୁ ମନ ଭିତରୁ କାଢି ଫିଙ୍ଗିଦେଇ ମନକୁ ସରସ ସୁନ୍ଦର କରି ଗଢି ତୋଳିବାରେ ସେହିଁ ଲେଉଟି ପରିବେଶର ସୃଷ୍ଟି ହୋଇଛି ନନ୍ଦନକାନନ ହେଉଛି ମଧ୍ୟରେ ଅନ୍ୟତମ ମୁଖ୍ୟ ଆକର୍ଷଣ କେନ୍ଦ୍ର ରୂପେ ନିଜକୁ ପ୍ରତିଷ୍ଠିତ କରି ପାରିଛି ।

ଆପଣମାନଙ୍କୁ ଏଥର ମୁଁ ନନ୍ଦନକାନନକୁ ନେଇ ଯାଉଛି । ସୌନ୍ଦର୍ଯ୍ୟର ଅପରୂପ ଶୋଭାରେ ସଜ୍ଜିତ ଏହି ଜଙ୍ଗଲ ଭୂମି ଆପଣମାନଙ୍କ ମନକୁ ନିଜ ଭିତରକୁ ନେଇ ଯିବ । ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କର ନନ୍ଦନ-କାନନ ରହିଛି ବୋଲି ପୁରାଣରୁ ଭଣା ଅଧିକେ ସମସ୍ତେ ଜାଣନ୍ତି । ମର୍ତ୍ତ୍ୟରେ ଏହି ନନ୍ଦନ କାନନ ଦେବଭୂମିର ସେଇ ବହୁ ଚର୍ଚ୍ଚିତ ନନ୍ଦନ ବନ ଅପେକ୍ଷା କୌଣସି ଗୁଣରେ କମ୍ ନୁହେଁ । ପ୍ରତିଦିନ ଏହି ନନ୍ଦନ କାନନ ଭିତରେ ସେଇ ଛୋଟ ଛୋଟ ଫୁଲଭଳି କୋମଳ ଶିଶୁମାନଙ୍କୁ ଦେଖିଲେ ମନେ ହୁଏ ସ୍ୱର୍ଗର ସେହି ନନ୍ଦନ ବନର ପାରିଜାତ ଫୁଲ ଏହା ତୁଳନାରେ କଣ ଅଧିକ ମନୋରମ ? ଏଇ କୋମଳମତି ସୁନ୍ଦର ହୃଦୟର ପବିତ୍ରତା ସେହି ପାରିଜାତ ଅପେକ୍ଷା କେଉଁ ଗୁଣରେ କମ୍ ?






ଈଶ୍ୱର ତାଙ୍କ ସୃଷ୍ଟିରେ ଓଡ଼ିଶାକୁ ଅକୃପଣ ହସ୍ତରେ ବହୁ ସଂପଦ ଦେଇଛନ୍ତି । ଏହି ସଂପଦଗୁଡ଼ିକ ମଧ୍ୟରୁ ପ୍ରାକୃତିକ ଶୋଭା ସଂପଦ ଅନ୍ୟତମ । କିନ୍ତୁ ଆଜି ପର୍ଯ୍ୟନ୍ତ ଏଇ ଅପୂର୍ବ ସୁଷମା ଭରା ସଂପଦ ଅବହେଳିତ ହୋଇ ପଡ଼ି ରହିଗଲା । ଏବେ ସେଇ ସଂପଦ ଗନ୍ତାଘରର ଦ୍ୱାର ଉନ୍ମୁକ୍ତ ହୋଇଛି । ଆଜି ଓଡ଼ିଶା ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର ପାଇଁ ନିଜକୁ ପ୍ରସ୍ତୁତ କରୁଛି । ଅଚିରେ ଏହି ଦେବଭୂମି ନିଜର ପୂର୍ବ ବିଭବମୟ ରୂପର ପୁନରାବୃତ୍ତିରେ ପରିବର୍ତ୍ତିତ ହେବାକୁ ଯାଉଛି । ଏହି ରୂପର ପରିକଳ୍ପନାକୁ ଆଖିରେ ରଖି ଏ ମାଟିରେ ପ୍ରବେଶ କରୁଛନ୍ତି ବହୁ ବିଶ୍ୱକର୍ମା । ଆଉ ଏଇ ବିଶ୍ୱକର୍ମା ବୃନ୍ଦଙ୍କ ନିହାଣ ମୁନରେ ଧୀରେ ଧୀରେ ଗଢ଼ି ଉଠିବ ଆଧୁନିକ ଯୁଗର ନୂତନ କୋଣାର୍କ । ଆଜିର ମଣିଷ ଅପେକ୍ଷା କରି ରହିଛି ଏହି ନୂତନ କୋଣାର୍କର ପ୍ରଥମ ସୂର୍ଯ୍ୟୋଦୟକୁ । ଆଜିର ମଣିଷ ଯେପରି ତାର ପୂର୍ବ ସୂରୀଙ୍କୁ ସମ୍ମାନର ସ୍ମରଣ କରୁଛି ତାର ଉତ୍ତର ସୂରୀ ତାକୁ ମଧ୍ୟ ଠିକ୍ ସେହି ଦୃଷ୍ଟିରେ ସ୍ମରଣ କରି ମଥାନତ କରିବ ।


ଆସନ୍ତୁ ଆମେ ଏଥର ଯିବା ନନ୍ଦନକାନନର ପଥକୁ । ଜାତୀୟ ରାଜପଥର ଦକ୍ଷିଣ ପାର୍ଶ୍ୱରେ (କଟକ ଆଡୁ ଆସିଲେ) ବାଣୀ ବିହାର ଆଉ ଆଞ୍ଚଳିକ ଗବେଷଣାଗାର ମଝିରେ ଲମ୍ବି ଯାଇଥିବା ସେଇ କୃଷ୍ଣକାୟ ଅଙ୍କାବଙ୍କା ରାସ୍ତାରେ ହିଁ ଆମର ଯାତ୍ରାରମ୍ଭ ଏଇ ରାସ୍ତା ହିଁ ସଂଯୋଗ କରିଛି ନନ୍ଦନ କାନନକୁ ରାଜଧାନୀ ଭୁବନେଶ୍ୱର ସହ । ରାସ୍ତାର ଦୂରତ୍ୱ ମଧ୍ୟ ସୀମିତ । ଉଭୟ ପାର୍ଶ୍ୱରେ ଧୀରେ ଧୀରେ ଗଢ଼ି ଉଠିଛି ବହୁ ମନୋରମ ହର୍ମମାଳା । କିଛି ଅଞ୍ଚଳ ଟାଙ୍ଗର । ଆଉ ତା'ପରେ ପରେ ଆରମ୍ଭ ହୋଇଛି ଚନ୍ଦକା ଶିଳ୍ପପୁଞ୍ଜ । ଦୁଇବର୍ଷ ତଳେ ଏ ରାସ୍ତାର ରୂପ ଥିଲା ଆଶ୍ରମ ଜୀବନ ଭଳି ଏକାକୀତ୍ୱ । ଆଜି କିନ୍ତୁ ରାସ୍ତା କୋଳାହଳମୟ । କର୍ମମୁଖର ଏଇ ଶିଳ୍ପପୁଞ୍ଜ ମଧ୍ୟରେ ବିଶ୍ୱକର୍ମାଙ୍କର ନିହାଣ ଅନବରତ କାମ କରୁଛି । ଆଉ ଟିକେ ଆଗକୁ ଗଲେ ଆଖି ଆଗକୁ ଆସିବ ନବ ନିର୍ମିତ ସେତୁ । ଏଠି ଟୋଲ ଦେବାକୁ ପଡ଼ିବ । ଆଉ ତା ପରେ........ ତା ପରେ ଶସ୍ୟଶ୍ୟାମଳା କୃଷି କ୍ଷେତ୍ର । ଏଇ ରାସ୍ତା ହିଁ ନୂତନ ଓଡ଼ିଶାର ପ୍ରକୃତ ପ୍ରତିଛବି । 'ଶିଳ୍ପ'—'କୃଷି' ଆଉ 'ଯୋଗାଯୋଗ' ଯାହା ଏକ ଉନ୍ନତ ରାଜ୍ୟ ଗଠନରେ ମୁଖ୍ୟ ଭିତ୍ତିଭୂମି ରୂପେ କାର୍ଯ୍ୟ କରିଥାଏ, ରାଜଧାନୀ ନନ୍ଦନକାନନ ରାସ୍ତା ତାର ଏକ ସଫଳ କ୍ଷୁଦ୍ର ପ୍ରତିଛବି ବହନ କରିଛି ।

ରାସ୍ତାଯାଇ ପହଞ୍ଚିଛି ନନ୍ଦନକାନନର ଗେଟ୍ ନିକଟରେ । ଗେଟ୍ ପୂର୍ବରୁ ଟିକେଟ୍ ଘର । ମୁଣ୍ଡ ପିଛା ୭୫ ପଇସା ଟିକେଟ୍ । ଗାଡ଼ି ଥିଲେ ସିଧା ଭିତରକୁ ନେଇ ପାର୍କିଂ କରିବାକୁ ପଡ଼ିବ । ଗେଟ୍ ଭିତରେ ପଶୁ ପଶୁ ସେଇ ବନଭୂମିର ଶୋଭା ଆପଣଙ୍କ ପ୍ରଶାନ୍ତ ମନକୁ ସ୍ନିଗ୍ଧ ଶୀତଳତାରେ ଭରିଦେବ । ଦକ୍ଷିଣ ଦିଗରେ ବିରାଟ ହ୍ରଦ । ହ୍ରଦର ଚତୁଃପାର୍ଶ୍ୱରେ ବିରାଟ ବିରାଟ ମହୀରୁହ । ଫାଟକର ଦକ୍ଷିଣ ପାଖେ ହ୍ରଦ କୂଳରେ ଡ଼ାକ ବଙ୍ଗଳା । ଡ଼ାକ ବଙ୍ଗଳାର ପଛପଟେ କିଛି ଅଂଶ ହ୍ରଦ ଭିତରକୁ ବିସ୍ତାର ଲଭ କରିଛି । ଶୀତ ଋତୁରେ ଦିନବେଳା ଆଉ ଖରାଦିନେ ସକାଳ ଓ ସଂଧ୍ୟାରେ ଏଠି ବସିଲେ ହ୍ରଦର ଅପରୂପ ସୌନ୍ଦର୍ଯ୍ୟ ଆଉ ବିଭିନ୍ନ ଜାତିର ପକ୍ଷୀଙ୍କ ସମାବେଶ ଏବଂ କାକଳି ଧ୍ୱନି ଆପଣଙ୍କୁ ଭାବୁକ କରି ତୋଳିବ ।

ଫାଟକ ସିଧାରେ କିଛିଦୂର ଗଲେ ବାମପଟ ରାସ୍ତା ଲମ୍ବିଯାଇଛି ହିଂସ୍ର ପଶୁସମୂହ ଦିଗରେ । ଶିଶୁ ଉଦ୍ୟାନରେ କିଛି ସମୟ ବସନ୍ତୁ ଆଉ ଦେଖନ୍ତୁ ମର୍ତ୍ତ୍ୟର ବହୁ ପାରିଜାତ ଫୁଲର ସମାରୋହ । ଛୋଟ ଛୋଟ ଶିଶୁମାନଙ୍କର ସେଇ ଆନନ୍ଦ ଧ୍ୱନି, ସେଇ ଚିର ପ୍ରସନ୍ନତାକାରୀ କୋଳାହଳ, ଆଉ ସେଇ ଛୋଟ ଛୋଟ ପାଦଗୁଡ଼ିକର ଚଳଚଞ୍ଚଳ ଗତି ।

ହିଂସ୍ରଜନ୍ତୁ ଭିତରେ ନନ୍ଦନକାନନର ଅନ୍ୟତମ ସଂପଦ ହେଲା ଶ୍ୱେତ ବ୍ୟାଘ୍ର । ତିନୋଟି ଶ୍ୱେତ ବ୍ୟାଘ୍ର ଏହି କାନନର ଶ୍ରୀକୁ ଅଧିକ ବୃଦ୍ଧିମନ୍ତ କରିଛି । ଦ୍ୱିତୀୟ ଆକର୍ଷଣ ବିଷୟ ହେଲା କୁମ୍ଭୀର । ସ୍ୱର୍ଣ୍ଣରେଣୁ ବାଲୁକାରାଶି ମଧ୍ୟରେ ଏହି କୁମ୍ଭୀରମାନଙ୍କର ସୂର୍ଯ୍ୟସ୍ନାନ ବାସ୍ତବରେ ଆପଣଙ୍କୁ ଟାଣିନେବ ସେଇ ନଦୀ ସଭ୍ୟତା ମଧ୍ୟକୁ ।





ନନ୍ଦନକାନନ ଭିତରେ ଆପଣ କେବଳ ବୁଲୁଥିବେ । ତଥାପି ସେ ସୌନ୍ଦର୍ଯ୍ୟର ଶେଷ ନାହିଁ । ମୟୂରର ନୃତ୍ୟ ଆପଣଙ୍କୁ ବିଭୋର କରିବ । ପୁଚ୍ଛ ବିସ୍ତାର କରି ଏକ ସମୟରେ ବହୁ ମୟୂରଙ୍କ ନୃତ୍ୟ ଆପଣଙ୍କୁ ଟାଣିନେବ କଳ୍ପନା ରାଜ୍ୟକୁ ।

ସିଂହ, ମହାବଳ ବ୍ୟାଘ୍ର, ଭଲ୍ଲୁକ, ଗଣ୍ଡା ଚିତା, ଘଡ଼ିଆ ଆଉ ହିଂସ୍ର ସରିସୃପର ଏକ ବିରାଟ ସମାରୋହ ।

କେବଳ ଜିରାଫକୁ ଛାଡ଼ିଦେଲେ ଆଉ ପ୍ରାୟ ସମସ୍ତ ଜନ୍ତୁ ସରିସୃପ ଓ ପକ୍ଷୀ ନନ୍ଦନକାନନରେ ଅଛନ୍ତି । ତେବେ ନନ୍ଦନକାନନରେ ମୋ ମତରେ ସବୁଠାରୁ ଆକର୍ଷଣୀୟ ବିଷୟ ହେଲା ଏହାର ପରିବେଶ । ଏହି ପରିବେଶ ହିଁ ମନ ପ୍ରାଣକୁ ଗଭୀର ତୃପ୍ତିରେ ଭରିଦିଏ । ଆମ ଦୁଇ ପଡ଼ୋଶୀ ରାଜ୍ୟର ରାଜଧାନୀ କଲିକତା ଆଉ ହାଇଦ୍ରାବାଦରେ ମଧ୍ୟ ଚିଡ଼ିଆଖାନା ରହିଛି । ମାତ୍ର ନନ୍ଦନକାନନର ଛବିଳ ପରିବେଶ ସେଠି ବିରଳ । ଯେକୌଣସି ପ୍ରକୃତି-ରସିକ ପାଇଁ ନନ୍ଦନକାନନ ହୋଇଛି ସ୍ୱର୍ଗ । ନନ୍ଦନକାନନ ପରିବେଶକୁ ଅଧିକ ଭୂଷିମନ୍ତ କରିଛି ହ୍ରଦ । ଏହି ହ୍ରଦରେ ଏକ ପକ୍ଷୀଶାଳା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ଏବେ ବି ବହୁ ପକ୍ଷୀ ଏହି ହ୍ରଦର ବାସିନ୍ଦା ।

ଓଡ଼ିଶାର ନିଦ୍ରା ଏବେ ଭଙ୍ଗ ହୋଇଛି । ଓଡ଼ିଶା ଆଜି ଆଉ ପଛକୁ ଘୁଞ୍ଚୁନି । ଆଉ ଏହି ଜାଗ୍ରତ ଓଡ଼ିଶା ଏବେ ଆକର୍ଷଣ କରୁଛି ଦେଶବିଦେଶର ବହୁ ପର୍ଯ୍ୟଟକଙ୍କୁ । ଅଚିରେ ଓଡ଼ିଶାର ପ୍ରାକୃତିକ ସଂପଦ ସମଗ୍ର ବିଶ୍ୱରେ ନିଜର ନ୍ୟାଯ୍ୟ ସ୍ଥାନ ଦଖଲ କରିବ । ଏହି ପ୍ରଚେଷ୍ଟାରେ ନନ୍ଦନକାନନ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ଏକଥା କହିବା ବାହୁଲ୍ୟ ମାତ୍ର ।


# ପର୍ଯ୍ୟଟନ ବିକାଶରେ ପରିବହନ

ଶ୍ରୀ ବଳରାମ ରାଉତ

କୌଣସି ଦେଶର ଅର୍ଥନୈତିକ ବିକାଶ ସେ ଦେଶର ପରିବହନ ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ନିର୍ଭର କରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁ ଦେଶର ପରିବହନ ବ୍ୟବସ୍ଥା ଯେତେ ଉନ୍ନତ ସେ ଦେଶ ସେତେ ପ୍ରଗତିଶୀଳ । କୌଣସି ଏକ ଗ୍ରାମ, ଜନପଦ ବା ସହରର ଅର୍ଥନୈତିକ ବିକାଶ କରିବାକୁ ହେଲେ ପ୍ରଥମେ ସେ ସ୍ଥାନକୁ କେମିତି ସହଜରେ ଯାତାୟତ କରିହେବ ତାର ବ୍ୟବସ୍ଥା ହେବା ବିଧେୟ ।

ଏଇ ପରିପ୍ରେକ୍ଷୀରେ କୌଣସି ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି କଥା ଚିନ୍ତା କଲାବେଳେ ସେ ରାଜ୍ୟର ପରିବହନ ବ୍ୟବସ୍ଥାର ଉନ୍ନତିକୁ ଅଗ୍ରାଧିକାର ଦିଆଯିବା ଉଚିତ । ରାଜ୍ୟର ଦର୍ଶନୀୟ ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କଲେ ମଧ୍ୟ ଯଦି ସେଠାରେ ପହଞ୍ଚିବାକୁ ସ୍ଥଳ ପଥ, ଜଳପଥ କିମ୍ବା ଆକାଶ ପଥର ସୁବ୍ୟବସ୍ଥା ନାହିଁ, ତାହାହେଲେ ବଣ ମଲ୍ଲୀ ଲୋକଲୋଚନ ଅନ୍ତରାଳରେ ରହିଗଲା ପରି ଏ ଆକର୍ଷଣୀୟ ସ୍ଥାନଗୁଡ଼ିକ ଦର୍ଶକମାନଙ୍କ ଚକ୍ଷୁ ଅନ୍ତରାଳରେ ରହିଯିବ । ଆମ ରାଜ୍ୟକୁ ଭାରତ ବାହାରୁ ଭ୍ରମଣକାରୀମାନେ ଆସିବା ଫଳରେ ବୈଦେଶିକ ମୁଦ୍ରା (Foreign Exchange) ଆୟ ହୋଇଥାଏ । ଏହା ବ୍ୟତୀତ ଭ୍ରମଣକାରୀମାନେ ବାରମ୍ବାର ଆସିବା ଫଳରେ ଆମ ରାଜ୍ୟର ହୋଟେଲ ଶିଳ୍ପର ଉନ୍ନତି ହୁଏ । ଉଡ଼ା ଜାହାଜ, ବସ ଓ ଟ୍ରେନର ଆୟ ବଢ଼େ, ଖାଉଟି ଦ୍ରବ୍ୟ (Consumers' goods)ର ଚାହିଦା ଓ ବିକ୍ରି ବଢ଼େ, ଉତ୍ପାଦନ ବୃଦ୍ଧି ହୁଏ ଯଦ୍ଦ୍ୱାରା ଆମର ଅର୍ଥନୀତିରେ ପ୍ରଭୂତ ଉନ୍ନତି ସାଧିତ ହୋଇଥାଏ । ମାତ୍ର ରାଜ୍ୟରେ ଉନ୍ନତ ସ୍ଥଳପଥ, ଜଳପଥ କିମ୍ବା ଆକାଶ ପଥରେ ଆରାମଦାୟକ ପରିବହନର ବ୍ୟବସ୍ଥା ନ ଥିଲେ ଭ୍ରମଣକାରୀମାନେ ଦର୍ଶନୀୟ ସ୍ଥାନଗୁଡ଼ିକୁ ଯିବାକୁ ପସନ୍ଦ କରିବେ ନାହିଁ । ବିଶେଷତଃ ବିଦେଶରୁ ଆସୁଥିବା ଭ୍ରମଣକାରୀମାନେ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ହେତୁ ଅର୍ଥ ବ୍ୟୟ କରିବାରେ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ, ମାତ୍ର ତା' ବଦଳରେ ସେମାନେ ଭ୍ରମଣ ସମୟରେ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟ, ଆରାମ ଓ ଆମୋଦ ପ୍ରମୋଦକୁ ଅଗ୍ରାଧିକାର ଦିଅନ୍ତି । ତେଣୁ ସ୍ଥଳପଥ, ଜଳପଥ କିମ୍ବା ଆକାଶ ପଥ ଥିଲେ ସେମାନେ ଆକର୍ଷିତ ହେବେ ନାହିଁ । ସେମାନଙ୍କ ପାଇଁ ଟ୍ରେନ, ବସ, କାର, ମଟର ଲଞ୍ଚ କିମ୍ବା ବିମାନରେ ଆରାମଦାୟକ ଯାତ୍ରାର ବ୍ୟବସ୍ଥା କରିବା ବିଧେୟ । ଦର୍ଶନୀୟ ସ୍ଥାନ ତ ସାରା ଦେଶରେ ରହିଛି । ଅନ୍ୟ ରାଜ୍ୟରେ ଆରାମଦାୟକ ଯାତ୍ରାର ବ୍ୟବସ୍ଥା ଥିଲେ ସେମାନେ ଓଡ଼ିଶାକୁ ଆସିବେ କାହିଁକି ? ସେଥିପାଇଁ ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ସାଧନ କରିବାକୁ ଚିନ୍ତା କରିବା ସଂଗେ ସଂଗେ ରାଜ୍ୟର ପରିବହନ ବ୍ୟବସ୍ଥାର ଉନ୍ନତି କରିବା ପାଇଁ ଧ୍ୟାନ ଦିଆଯାଉଛି ।

ସତ୍ୟ, ତ୍ରେତୟା କିମ୍ବା ଦ୍ୱାପର ଯୁଗ ଭଳି ଏବେ ଆମ ପାଖରେ ମନ ପବନ ଯାନ ନାହିଁ ଯାହାକୁ ଆରୋହଣ କରି ନିମିଷକେ ବିଶ୍ୱ ବ୍ରହ୍ମାଣ୍ଡ ବୁଲି ଆସିହେବ । ଦେବତାମାନଙ୍କ ପରି ଆମର କରିତ୍ କର୍ମା ବାହାନ ଗରୁଡ଼, ବୃଷଭ, ହଂସ, ମୟୂର, ପେଚା କି ମୂଷା ନାହାନ୍ତି ଯାହାକୁ ଆମ ପର୍ଯ୍ୟଟନ ବିଭାଗ ଖୋଇ ପେଇ ପଶୁପାଳନ ବିଭାଗର ତତ୍ତ୍ୱାବଧାନରେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଇ କାର୍ଯ୍ୟଦକ୍ଷ କରି ସର୍ବଦା ଜାଗ୍ରତ କରି ରଖିଥିବେ, କେହି ଟୁରିଷ୍ଟ ଆସିଲେ ତାଙ୍କୁ ବାହନର ପିଠିରେ ବସେଇ ମନ୍ଦିର କାରୁକାର୍ଯ୍ୟ ଦେଖିବାର ଇଚ୍ଛା ଥିଲେ ପୁରୀ, କୋଣାର୍କ, ଭୁବନେଶ୍ୱର, ଲିଙ୍ଗରାଜ କି ଚାଉରାଣୀ ମନ୍ଦିର ନ ହେଲେ ହରିଶଙ୍କର, ନୃସିଂହ ନାଥ କି ସମଲେଇ ମନ୍ଦିର ଆଡ଼ଡ଼ି ଧାମ କି ଯାଜପୁରର ବିରଜା ମନ୍ଦିର ଦେଖାଇ ଆଣିବେ । ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାର ଥିଲେ ଚିଲିକାର କାଳିଜାଈ କେନ୍ଦୁଝରର ଖଣ୍ଡାଧାର, ଦେଓଗଡ଼ର ପ୍ରଧାନପାଟ ଗଞ୍ଜାମର ତପ୍ତପାଣି କି ବାଲେଶ୍ୱରର ଗୁପ୍ତେଶ୍ୱର କି ପଞ୍ଚ ଲିଙ୍ଗେଶ୍ୱର ନେଇଯିବେ । ବନ୍ୟ ଜନ୍ତୁ ଦେଖିବାର ଶ୍ରଦ୍ଧା ଥିଲେ ଶିମିଳି ପାହାଡ଼, ନନ୍ଦନ କାନନ କି ବଡ଼ରମା ସାଙ୍କଚୁଆରି ବୁଲେଇ ଆଣିବେ । ପୁରାଣ ବର୍ଣ୍ଣିତ ଏଇ ବାହାନମାନଙ୍କର ଯେଉଁ ଗତି ଏ ସବୁ ସ୍ଥାନ ବୁଲି ଆସିବାକୁ ବେଶି ସମୟ ଲାଗନ୍ତା ନାହିଁ । ଆମ ଅତିଥି ବ୍ରେକ୍‌ଫାଷ୍ଟ ପରେ ବାହାରିଲେ ଲଞ୍ଚ ପୂର୍ବରୁ ବି ଭୁବନେଶ୍ୱର ଅତିଥି ଭବନକୁ ଫେରି ଆସନ୍ତେ । ନ ହେଲେ ସଂଧ୍ୟା ପୂର୍ବରୁ ତ ନିଶ୍ଚୟ ଫେରନ୍ତେ କେବଳ ଲଞ୍ଚଟା ସମ୍ବଲପୁରର ଟୁରିଷ୍ଟ ଗେଷ୍ଟ ହାଉସ୍ କିମ୍ବା ବୁର୍ଲାର ଅଶୋକ ନିବାସରେ ଖାଇ ନିଅନ୍ତେ । ଭଲ ରାସ୍ତାର ଦରକାର ପଡ଼ନ୍ତା ନାହିଁ, ଦ୍ରୁତଗାମୀ ଟ୍ରେନ ଖୋଜିବାକୁ ହୁଅନ୍ତା ନାହିଁ; ଜଳପଥର ଆବଶ୍ୟକତା ନ ଥାଆନ୍ତା । ଶୂନ୍ୟକୁ ଉଠିଲେ ତ ଆକାଶ ମାର୍ଗରେ ଚାଲିଲେ । କିନ୍ତୁ ଆମ ପର୍ଯ୍ୟଟନ ବିଭାଗ ଅଧୀନରେ ସେମିତି କରିତ କର୍ମା ବାହାନ ନାହାନ୍ତି । ସେଥିପାଇଁ ସେମାନେ କାର ରଖିଛନ୍ତି, ଟ୍ରେକର ରଖିଛନ୍ତି, ଡିଲକ୍ସ




ବସ୍ ରଖିଛନ୍ତି । ଟ୍ରେନରେ କିମ୍ବା ଉଡ଼ାଜାହାଜରେ ଭ୍ରମଣକାରୀମାନେ କେମିତି ସୁବିଧାରେ ଯାତାୟତ କରି ପାରିବେ ତା ପାଇଁ କର୍ମକର୍ତ୍ତାମାନଙ୍କ ସହିତ ଯୋଗାଯୋଗ କରି ସୁବ୍ୟବସ୍ଥା କରନ୍ତି । ଆମ ରାଜ୍ୟରେ ଆକାଶ ପଥ ଜଳପଥ ଆଉ ସ୍ଥଳପଥରେ ଏଇସବୁ ଦର୍ଶନୀୟ ସ୍ଥାନଗୁଡ଼ିକୁ ଯାତାୟତ କରିବା ପାଇଁ କି କି ବ୍ୟବସ୍ଥା ରହିଛି ଏବଂ କଣ ହେବାକୁ ଯାଉଛି ତାର ଏକ ସଂକ୍ଷିପ୍ତ ବିବରଣୀ ଦିଆ ଯାଉଛି ।

## ଆକାଶପଥ

ଆଗରୁ ରାଜଧାନୀ ଭୁବନେଶ୍ୱରକୁ ଦିଲ୍ଲୀରୁ ସିଧା ସଳଖ ଯାତାୟାତର ସୁବିଧା ନ ଥିଲା । ସିଧାସଳଖ ଫ୍ଲାଇଟ୍ ନ ଥିବାରୁ ଦିଲ୍ଲୀରୁ ପ୍ରଥମେ କଲିକତା ଆସି ଆଉ ଏକ ବିମାନଧରି ଭୁବନେଶ୍ୱରକୁ ଆସିବାକୁ ପଡୁଥିଲା । ମାତ୍ର ଏବେ ସେ ଅସୁବିଧା ନାହିଁ । ଏବେ ସପ୍ତାହରେ ଚାରିଦିନ ବୋଇଂ ବିମାନ ଭୁବନେଶ୍ୱରକୁ ଦିଲ୍ଲୀ ବନାରସ ବାଟେ ଯାତାୟତ କରୁଛି । ସପ୍ତାହର ବାକୀ ତିନିଦିନ ମଧ୍ୟ ଏମିତି ବିମାନ ଚଳାଚଳ ହେବାକୁ ପ୍ରସ୍ତାବ ଅଛି । ଏହାଛଡ଼ା ଭୁବନେଶ୍ୱରରୁ କଲିକତା, ନାଗପୁର ଏବଂ ହାଇଦ୍ରାବାଦକୁ ପ୍ରତିଦିନ ବୋଇଂ ବିମାନ ଯାତାୟତ କରେ । ଏସବୁ ସ୍ଥାନମାନଙ୍କରେ ପହଞ୍ଚି ଲପରେ ଯେ କୌଣସି ଯାତ୍ରୀ ଭାରତରେ ବିମାନ ଚଳାଚଳ ହେଉଥିବା ଯେ କୌଣସି ସହରକୁ କିଂବା ଭାରତବାହାରେ ଯେ କୌଣସି ରାଜ୍ୟକୁ ଯାଇପାରିବ ।

ରାଜ୍ୟ ଭିତରେ ମଧ୍ୟ କେତେଗୁଡ଼ିଏ ବିମାନ ଅବତରଣ କେନ୍ଦ୍ର ଏବଂ ହେଲିକପ୍ଟର ଅବତରଣ କେନ୍ଦ୍ର ରହିଛି, ମାତ୍ର ଏଗୁଡ଼ିକ ସରକାରୀ ସଂସ୍ଥା ଏବଂ ପ୍ରତିରକ୍ଷା ବିଭାଗ ଦ୍ୱାରା ବ୍ୟବହୃତ ହୁଏ । ମୋଟ ଉପରେ ବିମାନ ଚଳାଚଳ ପାଇଁ ଆଗରୁ ଯେଉଁ ଅସୁବିଧା ଥିଲା ଏବେ ଆଉ ତା ନାହିଁ । ଭ୍ରମଣକାରୀମାନେ ଇଚ୍ଛାକଲେ ଖୁବ୍ କମ୍ ସମୟରେ ଅନ୍ୟସ୍ଥାନରୁ ଆସି ଆମ ରାଜଧାନୀରେ ପହଞ୍ଚି ପାରିବେ ।

## ଜଳପଥ

ପରିବହନ କ୍ଷେତ୍ରରେ ଜଳପଥର ଉପାଦେୟତାକୁ ଉପେକ୍ଷା କରାଯାଇ ପାରିବ ନାହିଁ । ଉପକୂଳବର୍ତ୍ତୀ ସମୁଦ୍ରରେ କି ନଦୀ ଗର୍ଭରେ ନୌକା କିଂବା ଲଞ୍ଚରେ ଭ୍ରମଣ କରିବାପାଇଁ ପର୍ଯ୍ୟଟନକାରୀମାନେ ଉତ୍କଣ୍ଠା ପ୍ରକାଶ କରନ୍ତି । ମହାନଦୀରେ ଜ୍ୟୋତ୍ସ୍ନାଧୌତ ରଜନୀରେ ନୌକା ବିହାର ଯେମିତି ମନୋମୁଗ୍ଧକର ଆଉ ଚିତ୍ତାକର୍ଷକ ସାତକୋଶିଆ ଗଣ୍ଡରିଟରେ ନୌକା ବା ମଟର ଲଞ୍ଚ ସେମିତି ରୋମାଞ୍ଚକର । ଚିଲିକାର ଜଳପଥରେ ପାରିକୁଦ ମାଲୁଦ ଓ ବାଲିହାର ଭ୍ରମଣ, ବୈତରଣୀରେ ଯାତ୍ରାକରି ଆରଡ଼ି କିଂବା ଧାମରା ପରିଦର୍ଶନ ନଚେତ୍ ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ଏମିତି ଅନେକ ଚିତ୍ତାକର୍ଷକ ଦର୍ଶନୀୟ ସ୍ଥାନ ଜଳପଥରେ ଦେଖାଯାଇପାରିବ । ଏସବୁ ସ୍ଥାନ ଭ୍ରମଣ ପାଇଁ ଘରୋଇ ମଟର ଲଞ୍ଚ, ନୌକା ସୁଲଭ ମୂଲ୍ୟରେ ମିଳେ । ଏହାଛଡ଼ା ସରକାରଙ୍କର ବାଣିଜ୍ୟ ବିଭାଗ ଏବଂ ପର୍ଯ୍ୟଟନ ବିଭାଗ ମଧ୍ୟ ମଟରଲଞ୍ଚର ବ୍ୟବସ୍ଥା କରିଥାଆନ୍ତି ।

## ସ୍ଥଳପଥ-(କ) ସଡ଼କ

ରାସ୍ତାଘାଟ ନିର୍ମାଣରେ ଆମ ରାଜ୍ୟ ଅନେକ ଅଗ୍ରଗତି କରିଛି ଯଦିଓ ସଡ଼କ ପରିବହନ ବ୍ୟବସ୍ଥା ଏଯାଏ ସ୍ୱୟଂସଂପୂର୍ଣ୍ଣ ହୋଇପାରିନାହିଁ । ରାଜ୍ୟ ନିର୍ମାଣ ବିଭାଗର ଏକ ରିପୋର୍ଟରୁ ଜଣାପଡ଼େ ଆମ ରାଜ୍ୟରେ ନିମ୍ନଲିଖିତ ରାସ୍ତାମାନ ରହିଛି ।

| | |
|---|---|
| ଜାତୀୟ ରାଜପଥ | ୧୬୪୧·୮୫ କି.ମି: |
| ପ୍ରାଦେଶିକ ରାଜପଥ | ୨୮୨୧·୩୩ କି.ମି: |
| ପ୍ରଧାନ ଜିଲ୍ଲା ରାସ୍ତା | ୪୯୬୪·୬୨ କି.ମି: |
| ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୨୨୬୯·୭୪ କି.ମି: |
| ପଲ୍ଲୀ ରାସ୍ତା | ୭୧୧୬·୫୦ କି.ମି: |

| | |
|---|---|
| ଶ୍ରେଣୀବିଭାଗ ଥିବା ଗ୍ରାମ୍ୟରାସ୍ତା | ୫୮୦୨·୭୬ କି:ମି: |
| ଅତିଦରକାରୀ ରାସ୍ତା | ୪୬୮୦·୮୫ କି:ମି: |
| ଦ୍ରୁତଗାମୀ ରାଜପଥ | ୧୬୪୮·୦୦ କି:ମି: |
| ମୋଟ | ୩୧,୩୭୫·୭୫ କି:ମି: |

ତେଣୁ ସାରା ରାଜ୍ୟରେ କେବଳ ନିର୍ମାଣ ବିଭାଗର ଏକତିରିଶହଜାରରୁ ଅଧିକ କିଲୋମିଟର ରାସ୍ତା ଅଛି । ଏତଦ୍‌ବ୍ୟତୀତ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ, ଜଙ୍ଗଲ ବିଭାଗ କରପୋରେସନ ଏବଂ ଘରୋଇ ସଂସ୍ଥାର ରାସ୍ତା ମଧ୍ୟ ଅଛି । କିନ୍ତୁ ସବୁ ରାସ୍ତାରେ ଯାନବାହାନ ଉତ୍ତମରୂପେ ଚଳିବା ଉପଯୋଗୀ ବୋଲି କହିହେବନାହିଁ । କେତେକ ସ୍ଥଳରେ ଏସବୁ ରାସ୍ତାର ଉନ୍ନତି କରାଯାଉଛି । ଭବିଷ୍ୟତରେ ମଧ ଉନ୍ନତି କରିବାର କାର୍ଯ୍ୟକ୍ରମ ରହିଛି ।

ଉପରୋକ୍ତ ରାସ୍ତାଗୁଡ଼ିକରେ ବସ ଚଳାଚଳ ହୁଏ । ଟ୍ରେକର, ଟାକ୍‌ସି, ମିନିବସ୍, ଶ୍ଳେ ଯେଉଁ ଗୁଡ଼ିକ ଆମ ରାଜ୍ୟକୁ ଆସୁଥିବା ଟୁରିଷ୍ଟମାନେ ବ୍ୟବହାର କରନ୍ତି । ଆମର ଭିନ୍ନ ଭିନ୍ନ ଦୁଇଟି ସଂସ୍ଥାର ବସଗୁଡ଼ିକ ସାରା ରାଜ୍ୟରେ ଚଳାଚଳକରେ । ସେ ଦୁଇଟି ହେଉଛି ଓ.ଏସ୍. ଆର. ଟି. ସି. ଏବଂ ଓ. ଆର. ଟି. । ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନରେ ଅନେକ ଘରୋଇ ବସ୍ ତ ଅଛି । ଏକ ରିପୋର୍ଟରୁ ଜଣାଯାଏ ୧୯୮୧-୮୨ ଆର୍ଥିକ ବର୍ଷରେ ଓ. ଏସ୍. ଆର. ଟି. ସି. ୫୯,୫୦୬ କି. ମି. ପରିମିତ ରାସ୍ତାରେ ଏବଂ ଓ. ଆର. ଟି. ୨୫,୮୭୩ କି. ମି. ପରିମିତ ରାସ୍ତାରେ ବସ ଚଳାଚଳ କରିଥିଲେ । ସେହିପରି ଘରୋଇ ବସ୍‌ଗୁଡ଼ିକ ୧୯୭୯-୮୦ ଆର୍ଥିକ ବର୍ଷରେ ୨,୬୭୫ କି. ମି. ପରିମିତ ରାସ୍ତାରେ ବସ୍ ଚଳାଇଥିଲେ । ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଗୋଟିଏ ଗୋଟିଏ ରାସ୍ତାରେ ବିଭିନ୍ନ ସଂସ୍ଥାର ବସ ସେମାନଙ୍କର ରୁଟ୍ ଅନୁସାରେ ଯାଉଥିବାରୁ ଏସବୁ କିଲୋମିଟରରୁ ଦୂରତ୍ୱ ରାଜ୍ୟର ମୋଟ ରାସ୍ତାଠାରୁ ଅଧିକ ଜଣାପଡୁଛି । ତେଣୁ ୧୯୮୦-୮୧ ଆର୍ଥିକ ବର୍ଷରେ ଓ. ଏସ୍. ଆର. ଟି. ସି. ୪୩୪ ରୁଟ୍‌ରେ ଏବଂ ଓ. ଆର. ଟି. ୧୮୭ ରୁଟ୍‌ରେ ଏବଂ ୧୯୭୯-୮୦ରେ ଘରୋଇବସ ୩୦୩ଟି ରୁଟ୍‌ରେ ବସ ଚଳାଇଥିଲେ । ଅବଶ୍ୟ ଦକ୍ଷତା ସହକାରେ ବସ ଚଳାଇବାପାଇଁ ଏଇ ସଂସ୍ଥାଗୁଡ଼ିକର ବିଭିନ୍ନ ଅଭାବ ଅସୁବିଧା ରହିଛି । କେଉଁ ରୁଟ୍‌ରେ ରାସ୍ତାର ଉନ୍ନତି ଦରକାର ତ କେଉଁଠି ବସଗୁଡ଼ିକର ମରାମତି କିମ୍ବା ନୂଆ ବସ୍‌ର ଲୋଡ଼ା ରହିଛି । ଆଉ କେଉଁଠି ବସ୍‌ର ସଂଖ୍ୟା କିମ୍ବା ଟ୍ରିପର ସଂଖ୍ୟା ବଢ଼ିବା ଦରକାର । ଏ ସବୁ ନ ହେଲେ ଜନସାଧାରଣ ଯାତାୟତ କରିବାରେ ଅସୁବିଧା ଭୋଗ କରିବା ସଙ୍ଗେ ସଙ୍ଗେ ଟୁରିଷ୍ଟମାନେ ସେମାନଙ୍କର ଗନ୍ତବ୍ୟ ସ୍ଥାନରେ ଠିକ୍ ସମୟରେ ଏବଂ ସୁବିଧାରେ ପହଞ୍ଚି ପାରିବେ ନାହିଁ । ତେବେ ବର୍ତ୍ତମାନ ଯେଉଁ ବସରୁଟ୍ ରହିଛି ସେଗୁଡ଼ିକ ପ୍ରାୟ ଅଧିକାଂଶ ପ୍ରଧାନ ଦର୍ଶନୀୟ ସ୍ଥାନ ସହିତ ଯୋଗାଯୋଗ ସ୍ଥାପନ କରିପାରିଛି ଯଦିଓ ଏ ବ୍ୟବସ୍ଥାର ଅଧିକ ଉନ୍ନତି ସର୍ବଦା କାମ୍ୟ ।

ଆମ ରାଜ୍ୟର ଟୁରିଷ୍ଟ କରପୋରେସନ ଭ୍ରମଣକାରୀଙ୍କ ରହିବା ପାଇଁ ଗେଷ୍ଟ ହାଉସ ତିଆରି କରିବା ସଙ୍ଗେ ସଙ୍ଗେ ଭ୍ରମଣର ସୁବିଧା ପାଇଁ ବସ, କାରର ବ୍ୟବସ୍ଥା କରୁଛନ୍ତି । ରେଳ କର୍ମକର୍ତ୍ତାଙ୍କ ସହିତ ଯୋଗସୂତ୍ର ସ୍ଥାପନ କରି ସ୍ପେଶାଲ ଟ୍ରେନ ଚଳାଇବାରେ କିମ୍ବା ଟ୍ରେନରେ ଅଧିକ ସ୍ଥାନ ସଂରକ୍ଷଣ କରିବାରେ ଯତ୍ନ ନେଉଛନ୍ତି । ଆଗରୁ ଏ ସବୁର ବ୍ୟବସ୍ଥା ଯାହା ଥିଲା କର୍ପୋରେସନ ଗଠିତ ହେବା ପରେ ତାର ଉନ୍ନତି ଘଟିଛି । ଅବଶ୍ୟ ଆହୁରି ଅନେକ କାମ ବାକୀ ରହିଛି । ଟୁରିଷ୍ଟମାନଙ୍କ ପାଇଁ ଉଦ୍ଦିଷ୍ଟ ବସଗୁଡ଼ିକ ଅଧିକ ଆରାମଦାୟକ ହେବା ସଙ୍ଗେ ସଙ୍ଗେ ଦ୍ରୁତଗାମୀ ହେବା ଉଚିତ । ଟୁରିଷ୍ଟମାନଙ୍କ ସୁବିଧା ପାଇଁ କ୍ରମେ ଘରୋଇ ପରିବହନ ସଂସ୍ଥା ଗଠିତ ହେଉଛି ଏବଂ ସେମାନଙ୍କଠାରୁ କଣ୍ଟ୍ରାକ୍ଟ କ୍ୟାରେଜ୍ ମିଳୁଛି । ଅଦୂର ଭବିଷ୍ୟତରେ ଆମରାଜ୍ୟ ଭାରତର ଅନ୍ୟାନ୍ୟ ଉନ୍ନତ ରାଜ୍ୟ ପରି ସଡ଼କ ପରିବହନ କ୍ଷେତ୍ରରେ ଦକ୍ଷତା ହାସଲ କରିପାରିବ ବୋଲି ଆଶା କରାଯାଏ ।

### ରେଳପଥ

ସ୍ୱାଧୀନତା ପରେ ସାରା ଦେଶରେ ଯେଉଁ ଅନୁପାତରେ ରେଳପଥର ଉନ୍ନତି ଘଟିଛି ଆମ ରାଜ୍ୟ ଓଡ଼ିଶାରେ ରେଳପଥର ଉନ୍ନତି ସେ ଅନୁପାତରେ ହୋଇ ପାରି ନାହିଁ । ଓଡ଼ିଶାର ଆୟତନ ସାରା ଭାରତର ଆୟତନର ଶତକଡ଼ା ସାଢ଼େ ଚାରିଭାଗ ମାତ୍ର । ଦେଶରେ ୬୦,୭୭୦ କି: ମି: ବିଶିଷ୍ଟ ରେଳପଥ ଥିଲାବେଳେ ଓଡ଼ିଶାରେ ମାତ୍ର ୧୮୧୯ କିଲୋମିଟର ରେଳପଥ ଅଛି, ଯାହାକି ଦେଶର ସମୁଦାୟ ରେଳପଥର ମାତ୍ର ଶତକଡ଼ା ତିନିଭାଗ । ଏହା ବ୍ୟତୀତ ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଆମ ରାଜ୍ୟ ରେଳପଥ କ୍ଷେତ୍ରରେ ପଛରେ ପଡ଼ିଛି । ଭାରତରେ ଏକଲକ୍ଷ ଲୋକଙ୍କ ପାଇଁ ୧୧.୩୯ କିଲୋମିଟର ରେଳପଥ ଥିବା ସ୍ଥଳେ ଓଡ଼ିଶାରେ ଏକଲକ୍ଷ ଲୋକଙ୍କ ପାଇଁ ମାତ୍ର ୮.୬୦ କିଲୋମିଟର ରେଳପଥ ଅଛି । ଏ ଅସମତା ପାଇଁ ଅନେକ କାରଣ ରହିଛି, ଯାହା ଏ ପ୍ରବନ୍ଧର ଆଲୋଚ୍ୟ ବିଷୟ ନୁହେଁ । ବର୍ତ୍ତମାନ ଯେତିକି ରେଳପଥ ଅଛି ଏବଂ ଯେତେଗୁଡ଼ିଏ ଟ୍ରେନ ଚଳାଚଳ ହେଉଛି ତାହା ଆମ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି ପାଇଁ କେତେଦୂର ସାହାଯ୍ୟ କରୁଛି ତାହାର କିଛିତ ଆଲୋଚନା କରାଯାଉ । ବର୍ତ୍ତମାନ ଯେତେ ରେଳପଥ ଓଡ଼ିଶାରେ ଅଛି ତାହା ଓଡ଼ିଶାର ଅଧିକାଂଶ ପ୍ରଧାନ ସହର ସହିତ ସଂଯୋଗ ସ୍ଥାପନ କରିଛି । କୌଣସି ଟୁରିଷ୍ଟ ରେଳପଥରେ ଭ୍ରମଣ କରି ଓଡ଼ିଶାର ପ୍ରଧାନ ସହର ତଥା ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାକୁ

ରହିଲେ ତାର କୌଣସି ଅସୁବିଧା ହେବ ନାହିଁ । ପୂର୍ବାଞ୍ଚଳରେ କରମଣ୍ଡଳ ଏକ୍ସପ୍ରେସ୍, କୋଣାର୍କ ଏକ୍ସପ୍ରେସ, ମାଡ୍ରାସ ହାଓଡ଼ା ମେଲ, ନୀଳାଚଳ ଏକ୍ସପ୍ରେସ, ଜଗନ୍ନାଥ ଏକ୍ସପ୍ରେସ, ପୁରୀ ଏକ୍ସପ୍ରେସ, କଳିଙ୍ଗ ଏକ୍ସ୍ପ୍ରେସ, ଉତ୍କଳ ଏକ୍ସପ୍ରେସ, ପୁରୀ ହାଓଡ଼ା ଏକ୍ସପ୍ରେସ, ହାଇଦ୍ରାବାଦ ଏକ୍ସପ୍ରେସ ଏମିତି କେତେଗୁଡ଼ିଏ ଦ୍ରୁତଗାମୀ ଟ୍ରେନଅଛି । ଏହା ବ୍ୟତୀତ ଅନେକ ପାସେଞ୍ଜର ଟ୍ରେନ ବି ଅଛି । ସେମିତି ଉତ୍ତର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ପାଇଁ ଇସ୍ପାତ ଏକ୍ସପ୍ରେସ, ରାଉରକେଲା ଏକ୍ସପ୍ରେସ, କଲିକତା ବମ୍ବେ ମେଲ୍, କଲିକତା ଏକ୍ସପ୍ରେସ, ଗୀତାଞ୍ଜଳୀ ଏକ୍ସପ୍ରେସ, ଅହମଦାବାଦ ଏକ୍ସପ୍ରେସ, ମାଡ୍ରାସ ଟାଟାନଗର ବୋକାରୋ ଏକ୍ସପ୍ରେସ ଭଳି ଦ୍ରୁତଗାମୀ ଟ୍ରେନ ରହିଛି । ଏତଦ୍‌ବ୍ୟତୀତ କେତେଗୁଡ଼ିଏ ପାସେଞ୍ଜର ଟ୍ରେନ ଅଛି । ମାତ୍ର ଏ ସବୁ ଟ୍ରେନର ବ୍ୟବସ୍ଥା ଫଳରେ ଆମର ଚାହିଦା ସଂପୂର୍ଣ୍ଣ ପୂରଣ ହୋଇଛି ବୋଲି କହିହେବ ନାହିଁ ତା' ଛଡ଼ା ଟ୍ରେନର ସମୟ ନିର୍ଘଣ୍ଟ, ପାସେଞ୍ଜର୍‌ମାନଙ୍କର ସୁଖ ସୁବିଧା, ଭ୍ରମଣର ଆରାମ ଦାୟକ ବ୍ୟବସ୍ଥା, ଏ ସବୁ ଦିଗରେ ଯଥେଷ୍ଟ ଉନ୍ନତି ସାଧନ କରିବାର ଅଛି । ନଚେତ ଭ୍ରମଣକାରୀମାନେ ରେଳପଥରେ ଭ୍ରମଣ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ । ରେଳପଥ ଏବଂ ଟ୍ରେନ ଚଳାଚଳରେ ଅଧିକ ସୁବିଧା କରିବା ପାଇଁ ସରକାରଙ୍କର କେତେଗୁଡ଼ିଏ ପ୍ରସ୍ତାବ ରେଲୱେ ବୋର୍ଡ ତଥା ଭାରତ ସରକାରଙ୍କର ବିଚାରାଧୀନ ଅଛି, ସେଗୁଡ଼ିକ ସଂକ୍ଷେପରେ ଏହିପରି :—

୧. ଟିଟିଲାଗଡ଼ ଓ ଝାରସୁଗୁଡ଼ା ଭିତରେ ଦ୍ୱିତୀୟ ପାସେଞ୍ଜର ଟ୍ରେନ ଚଳାଚଳ ।

୨. ହାଓଡ଼ା-ରାଉରକେଲା ଏକ୍ସପ୍ରେସକୁ ଟିଟିଲାଗଡ଼ ଯାଏ ଚଳାଇବାର ବ୍ୟବସ୍ଥା ।

୩. ଭୁବନେଶ୍ୱର ଓ ହାଓଡ଼ା ମଧ୍ୟରେ ସୁପରଫାଷ୍ଟ ଟ୍ରେନ୍ ଚଳାଚଳ ।

୪. ତାଳଚେର ଓ ଭୁବନେଶ୍ୱର ଭିତରେ ଫାଷ୍ଟଟ୍ରେନ ।

୫. ଭଦ୍ରକ ଓ କଟକ/ଖୋର୍ଦ୍ଧା ଭିତରେ ଆଉ ଗୋଟିଏ ପ୍ୟାସେଞ୍ଜର ଟ୍ରେନ ।

୬. ସମ୍ବଲପୁର/ଝାରସୁଗୁଡ଼ାଠାରୁ ତାଳଚେର ଓ ପାରାଦୀପକୁ ଗୋଟିଏ ଦ୍ରୁତଗାମୀ ଟ୍ରେନ ।

ଆଶା କରାଯାଉଛି ଉକ୍ତ ପ୍ରସ୍ତାବଗୁଡ଼ିକ କ୍ରମେ ଅନୁମୋଦନ ଲାଭ କରିବ ଯଦ୍ୱାରା ଆମ ରାଜ୍ୟର ଜନସାଧାରଣ ଉପକୃତ ହେବା ସଙ୍ଗେ ସଙ୍ଗେ ଭ୍ରମଣକାରୀଙ୍କୁ ଓଡ଼ିଶାର ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବା ପାଇଁ ଅଧିକ ସୁବିଧା ମିଳିବ । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ରେଳପଥର ସଂପ୍ରସାରଣ ଏବଂ ପୂର୍ବାଞ୍ଚଳ ସହିତ ସଂଯୋଗ ସ୍ଥାପନ ପାଇଁ ନୂତନ ରେଳପଥ ନିର୍ମାଣ ଆମର ତିନୋଟି ପ୍ରସ୍ତାବ ଥିଲା । ସେଗୁଡ଼ିକ ହେଲା:—

୧. ଲକ୍ଷ୍ମୀପୁରା-ବାଂଶପାଣି ରେଳଲାଇନ

୨. ରାୟଗଡ଼ା-କୋରାପୁଟ ରେଳଲାଇନ

୩. ତାଳଚେର-ସମ୍ବଲପୁର ରେଳଲାଇନ

ଲକ୍ଷ୍ମୀପୁରା ଓ ବାଂଶପାଣି ରେଳପଥ କାର୍ଯ୍ୟ ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ମୀପୁରାଠାରୁ ବଇତାରୀ ସଂପୂର୍ଣ୍ଣ ହୋଇ ସାରିଛି ଏବଂ ଏହି ଲାଇନର ଦ୍ୱିତୀୟ ପର୍ଯ୍ୟାୟ (ବଇତାରୀଠାରୁ କେନ୍ଦୁଝର) କାର୍ଯ୍ୟ ପାଇଁ ଲ୍ୟାଣ୍ଡ ଆକ୍ୟୁଜେସନ୍ କରାଯାଉଛି । ସେହିପରି କୋରାପୁଟ ରାୟଗଡ଼ା ରେଳ ଲାଇନ ପାଇଁ ଲ୍ୟାଣ୍ଡ ଆକ୍ୟୁଜେସନ କାର୍ଯ୍ୟ ଚାଲିଛି । ତାଳଚେର—ସମ୍ବଲପୁର ରେଳପଥ ନିର୍ମାଣ ନୀତିଗତ ଭାବେ ଭାରତ ସରକାର ଗ୍ରହଣ କରିଛନ୍ତି । ମାତ୍ର ପ୍ରାରମ୍ଭିକ କାର୍ଯ୍ୟ ପାଇଁ ଅନୁମୋଦନ ମିଳିବାକୁ ପତ୍ରାଳାପ କରାଯାଉଛି । ଏ ତିନୋଟି ରେଳପଥ ସଂପୂର୍ଣ୍ଣ ହେଲେ ଆମ ରାଜ୍ୟର ରେଳ ପରିବହନ ବ୍ୟବସ୍ଥା ଅଧିକ ଉନ୍ନତ ହେବ ଏବଂ ଯେଉଁ ପର୍ଯ୍ୟଟକମାନେ ରାଜ୍ୟର ରାଜଧାନୀଠାରୁ ଏସବୁ ଅଞ୍ଚଳକୁ ବସ୍‌ରେ ଦୀର୍ଘପଥ ଅତିକ୍ରମ କରି ଯାଉଥିଲେ ସେମାନେ ରେଳପଥରେ ଆରାମରେ ଯାତାୟତ କରି ପାରିବେ । ଟ୍ରେନଗୁଡ଼ିକର ଠିକ୍ ସମୟରେ ଚଳାଚଳ, ଟ୍ରେନ ଗତିର ଉନ୍ନତି, ପାସେଞ୍ଜରମାନଙ୍କର ସୁଖ ସୁବିଧା, ଷ୍ଟେସନର ଉନ୍ନତି କେତେକ ସ୍ଥଳରେ ସମୟ ନିର୍ଘଣ୍ଟର ପରିବର୍ତ୍ତନ, ଏମିତି ଅନେକ ସମସ୍ୟା ରହିଛି । ଏ ସବୁ ଚାହିଦା ପୂରଣ ନ ହେଲେ ରେଳପଥରେ ପରିଭ୍ରମଣ ଆରାମଦାୟକ ହେବନାହିଁ । ସେଥିପାଇଁ ସରକାରଙ୍କ ତରଫରୁ ରେଲୱେ ବୋର୍ଡ ଓ ଭାରତସରକାରଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଉଛି ଏବଂ ଆଶା କରାଯାଏ କ୍ରମେ ଏସବୁ ସମସ୍ୟାର ସମାଧାନ ହେବ । ରେଳଯାତ୍ରା ସହଜ ସୁଗମ ହେଲେ ଟୁରିଷ୍ଟମାନେ ଆମ ରାଜ୍ୟର ଦର୍ଶନୀୟ ସ୍ଥାନଗୁଡ଼ିକ ପ୍ରତି ଅଧିକ ଆକୃଷ୍ଟ ହେବେ ଏଥିରେ ସନ୍ଦେହ ନାହିଁ ।

ରାଜ୍ୟର ପରିବହନ ବ୍ୟବସ୍ଥାର ଉନ୍ନତି ସାଧନ କରିବା ଗୋଟିଏ ଦିନର କାମ ନୁହେଁ କିମ୍ବା କେବଳ ସରକାର ଏବଂ ମୁଷ୍ଟିମେୟ କେତେଜଣଙ୍କର ଦାୟିତ୍ୱ ନୁହେଁ । ଏଥିପାଇଁ ଆମ ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ରହିଛି । ଅଧୁନା ସାରା ଦେଶରେ ପର୍ଯ୍ୟଟନ ଶିଳ୍ପର ଉନ୍ନତି ପାଇଁ ଉଦ୍ୟମ ଚାଲିଛି ଏବଂ ପ୍ରତ୍ୟେକ ରାଜ୍ୟ ନିଜ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବା ପାଇଁ ଯତ୍ନବାନ ହେଉଛନ୍ତି । ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଏବେ ଉଦ୍ୟମ ଅବ୍ୟାହତ ରହିଛି । ଏଇ ପରିପ୍ରେକ୍ଷୀରେ ଆମ ରାଜ୍ୟର ସ୍ଥଳପଥ, ଜଳପଥ ଓ ଆକାଶ ପଥରେ ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ ଏବଂ ସେଥିପାଇଁ ସରକାରୀ ସଂସ୍ଥା, ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏବଂ ସର୍ବସାଧାରଣଙ୍କର ଆନ୍ତରିକ ସହଯୋଗ ଓ ସଦିଚ୍ଛା ଏକାନ୍ତ କାମ୍ୟ ।


ଡେପୁଟି କମିଶନର,
ରେଲୱେ କୋଅର୍ଡିନେସନ୍ ତଥା
ଡେପୁଟି ସେକ୍ରେଟାରୀ, ଟ୍ରାନ୍ସପୋର୍ଟ
ଡିପାର୍ଟମେଣ୍ଟ, ଭୁବନେଶ୍ୱର ।

# କଟକ ଜିଲ୍ଲାର ମୁସଲିମ୍ କୀର୍ତ୍ତିରାଜି

ଅଧ୍ୟାପକ ଅଲ୍ତାଫ୍ ହୁସେନ୍

ଭାରତର ମଧ୍ୟଯୁଗୀୟ ସୁଲତାନମାନେ ଥିଲେ ବିଶିଷ୍ଟ ନିର୍ମାତା, ଯେଉଁମାନେକି ବହୁ ମନୋରମ କୀର୍ତ୍ତିରାଜି ରଖିଯାଇଛନ୍ତି । ଏମାନଙ୍କର ଉତ୍ତରାଧିକାରୀ ମୋଗଲମାନେ ମଧ୍ୟ ଅତିକାୟ ତଥା ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ କୀର୍ତ୍ତିରାଜି ନିର୍ମାଣ କରିଯାଇଛନ୍ତି ।

୧୫୬୮ ଖ୍ରୀଷ୍ଟାବ୍ଦରୁ ୧୭୫୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶା ମୁସ୍‌ଲିମ୍ ଶାସନାଧୀନ ଥିବା କାଳରେ କଟକ ରାଜଧାନୀ ଥିଲା ଏବଂ ଏଠାରେ ବହୁ ସୁନ୍ଦର ସୁନ୍ଦର ଅଟ୍ଟାଳିକା ଏହାର ଶୋଭା ବର୍ଦ୍ଧନ କରୁଥିଲା । ଦେଓ୍ୱାନ ବଜାରରେ ଥିବା ସବୁଠାରୁ ପୁରାତନ ମସ୍‌ଜିଦ୍‌ଟି ୧୬୬୬ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ୍‌ଙ୍କ, ବିଶ୍ୱସ୍ତ ବନ୍ଧୁ ତଥା ପ୍ରଶାସକ ଦେଓ୍ୱାନ୍ ମୁରସିଦ୍ କୁଲି ଜାଫର୍ ଖାଁଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଆକାରରେ କ୍ଷୁଦ୍ର ହେଲେହେଁ ଏହି ମସ୍‌ଜିଦ୍‌ଟିର ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି । କାଳର କରାଳ କବଳରୁ ଯେଉଁ କେତୋଟି ଅଟ୍ଟାଳିକା କଟକଠାରେ ଅଦ୍ୟାବଧି ତିଷ୍ଠି ରହିଛି ତନ୍ମଧ୍ୟରୁ ଏହା ଅନ୍ୟତମ । ଯେଉଁ ମସଜିଦ୍ ଗୁଡ଼ିକ ଆଜି ଦେଖିବାକୁ ମିଳୁଛି, କୌଣସି ଏକ ନିର୍ଦ୍ଦିଷ୍ଟ କାଳରେ ଏଗୁଡ଼ିକ ନିର୍ମିତ ହୋଇନଥିଲା । ଶିଳା





ଲିପିରୁ ଯାହା ଜଣାଯାଏ, ପରବର୍ତ୍ତୀ କାଳରେ ସାଇବାନ୍ ଓ ପେଶଘାଗୁଡ଼ିକ ନିର୍ମିତ ହୋଇଥିଲା ।

ଅବିଭକ୍ତ ହଲ୍‌ଟି ବିଭିନ୍ନ ସୁନ୍ଦର ସୁନ୍ଦର ଖିଲଣ ଦ୍ୱାରା ପରିଶୋଭିତ । ଅର୍ଦ୍ଧଗୋଲକାର ଗମ୍ବୁଜ ଓ କେତେକ କ୍ଷୁଦ୍ର ଚୂଡ଼ା ଏହାର ସୌନ୍ଦର୍ଯ୍ୟ ବର୍ଦ୍ଧନ କରେ । ସର୍ବୋପରି, ମସ୍‌ଜିଦ୍ ନିକଟରେ ଥିବା ଏକ ବିରାଟ ପୁଷ୍କରିଣୀ ଏହାର ଧାର୍ମିକ ପବିତ୍ରତା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ସମନ୍ୱୟ ଘଟାଉଛି ।

ଓଡ଼ିଶାରେ ରହିଥିବା ମୁସ୍‌ଲିମ୍ କୀର୍ତ୍ତିରାଜି ମଧ୍ୟରେ ବାଲୁବଜାରଠାରେ ଥିବା ଜାମି ମସ୍‌ଜିଦ୍ ଏକ ମହାନ କୀର୍ତ୍ତି । ଏହାର ଆକାର, ସୌନ୍ଦର୍ଯ୍ୟ ତଥା ଆଡ଼ମ୍ବର ଯୋଗୁଁ ଏହି ମସ୍‌ଜିଦ୍‌ଟି ଅନ୍ୟ ସମସ୍ତ ମସ୍‌ଜିଦ୍‌କୁ ଟପିଯାଇଛି । ଆଉରଙ୍ଗଜେବ ଆଲମ୍‌ଗିରଙ୍କ ନିର୍ଦ୍ଦେଶକ୍ରମେ ବାଲୁବଜାର ଜାମି ମସ୍‌ଜିଦ୍‌ଟି ୧୬୮୯ ଖ୍ରୀଷ୍ଟାବ୍ଦରେ ନବାବ ନାଜିମ୍ ଇକ୍‌ରାମ୍ ଖାଁଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି ମସ୍‌ଜିଦ୍‌ଟି ଇସ୍‌ଲାମିୟ ପ୍ରାର୍ଥନା ଗୃହର ସମସ୍ତ ମୌଳିକ ନୀତି ବହନ କରେ । ଭାରତରେ ଥିବା ମୁସଲମାନ ଭକ୍ତମାନେ ପ୍ରାର୍ଥନା ସମୟରେ ମକ୍କା ଆଡ଼କୁ ଚାହିଁ ପ୍ରାର୍ଥନା କରିବା ନିମନ୍ତେ ଉକ୍ତ ମସ୍‌ଜିଦ୍ ପୂର୍ବ ଦିଗରୁ ପଶ୍ଚିମ ଦିଗଯାଏ ବିସ୍ତାରିତ ହୋଇଛି । ଶୁଦ୍ଧି ସ୍ନାନ "ଓ୍ୱାଜୁ" ନିମନ୍ତେ ମସ୍‌ଜିଦ୍ ପ୍ରାଙ୍ଗଣରେ ଗୋଟିଏ ଜଳାଶୟ "ହୌଜ୍" ରହିଛି । ମୁଖ୍ୟ ହଲ୍ ମଧ୍ୟରେ ଗୋଟିଏ ମଣ୍ଡପ "ମିମ୍ବାର" ରହିଛି ଓ ଏଥିରେ ତିନିଗୋଟି ପାହାଚ ଅଛି । ଏହିଠାରେ ଇମାମ୍ ତାଙ୍କ ଧର୍ମ ଉପଦେଶ "ଖୁତ୍‌ବା" ପ୍ରଦାନ କରନ୍ତି । "କିବ୍‌ଲା" ଦର୍ଶାଉଥିବା ବିଭିନ୍ନ ପ୍ରସ୍ତର ଖଣ୍ଡ "ମିହରାବ" ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ପ୍ରାର୍ଥନା ସମୟରେ ଯେପରି ସମସ୍ତେ ଏକତ୍ରିତ ହୋଇପାରିବେ, ସେଥିପାଇଁ ପ୍ରଶସ୍ତ ହଲ୍‌ଟି ଅବିଭକ୍ତ ରଖାଯାଇଛି । ମସ୍‌ଜିଦ୍‌ର ଚତୁଃପାର୍ଶ୍ୱରେ ପ୍ରାଚୀର ରହିଛି । ନଚେତ୍ କୌଣସି ବାଟେ ପ୍ରାର୍ଥନାରତ ଭକ୍ତମାନଙ୍କର ଦୃଷ୍ଟି ଆଲ୍ଲାଙ୍କଠାରୁ ଅନ୍ୟ ଆଡ଼କୁ ହୁଏତ ଚାଲିଯାଇପାରେ । ତିନୋଟି ରାଜକୀୟ ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶଙ୍କୁକୃତି ଶିଖା, ଗମ୍ବୁଜ କିମ୍ବା ଗୋଲକୃତି ଖିଲଣ ଏବଂ ଅନ୍ୟ କେତେକ କ୍ଷୁଦ୍ର ଗମ୍ବୁଜର ସମାହାର ଯୋଗୁଁ ଏହା ମୁକ୍ତା ସଦୃଶ ଶୋଭା ବହନ କରୁଛି । ସର୍ବୋପରି, ମସ୍‌ଜିଦ୍‌ର ଉଭୟ ପାର୍ଶ୍ୱରେ ଦୁଇଗୋଟି ଉଚ୍ଚ ତଥା କମନୀୟ କିଲ୍ଲା ରହିଛି । କିଲ୍ଲା ଭିତରୁ କଟକ ନଗରୀର ଶୋଭା ଉପଭୋଗ କରିହେବ ।





ଉଚ୍ଚ ପଥର ପାଚେରୀ ପରିବେଷ୍ଟିତ କଟକର କଦମ--ଇ-ରସୁଲ ସ୍ଥାନୀୟ ମୁସଲମାନମାନଙ୍କର ମୁଖ୍ୟ କବରଖାନା । ଏହିଠାରେ ଓଡ଼ିଶାର ଉପ-ନାଜିମ ନବାବ ମହମ୍ମଦ ତାକି ଖାଁଙ୍କର ସମାଧି ରହିଛି ଯିଏକି ୧୭୩୫ ଖ୍ରୀଷ୍ଟାବ୍ଦରେ ପରଲୋକଗମନ କରିଥିଲେ । ଅନ୍ୟାନ୍ୟ ବିଶିଷ୍ଟ ସମାଧିଗୁଡ଼ିକ ମଧ୍ୟରେ ଫତେ ଖାଁ ଓ ଆଜମ ଖାଁଙ୍କର ସମାଧି ରହିଛି ଯେଉଁମାନେ ଯଥାକ୍ରମେ ୧୭୭୦ ଓ ୧୭୭୬ ଖ୍ରୀଷ୍ଟାବ୍ଦରେ ଇହଲୀଳା ସମ୍ବରଣ କରିଥିଲେ । ମରହଟ୍ଟା ରାଜତ୍ୱ କାଳରେ ଏ ଦୁଇଜଣଯାକ ସେନାପତି ଥିଲେ । ଆଜମ ଖାଁଙ୍କ ନାମାନୁସାରେ କେନ୍ଦ୍ରୀୟ ଜେଲ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଆଜାମ ଖାଁ ବଜାର ରୂପେ ପରିଚିତ । କଦମ-ଇ-ରସୁଲଠାରେ କେତେକ ମୁସଲମାନ ସାଧୁଙ୍କର ସମାଧି ମଧ୍ୟ ଦେଖିବାକୁ ମିଳେ । ୧୭୮୧ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିବା ସାଧୁ ଶହୀଦ ପାନ୍ନି ମଧ୍ୟ ଏଠାରେ ସମାଧିସ୍ଥ ହୋଇଥିଲେ ।

କଦମ୍-ଇ-ରସୁଲ ହତା ମଧ୍ୟରେ ୧୭୮୧ ଖ୍ରୀଷ୍ଟାବ୍ଦରେ ନିର୍ମିତ ଏକ ମସ୍‌ଜିଦ୍ ରହିଛି । ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହା ୧୭୧୬ ଖ୍ରୀଷ୍ଟାବ୍ଦରେ ନିର୍ମିତ ମହମ୍ମଦିଆ ବଜାରର ଉଜାଲ୍ଲ ଖାଁ ମସ୍‌ଜିଦ୍ ଏବଂ ବାରବାଟୀ ଦୁର୍ଗ ମଧ୍ୟରେ ଥିବା ଶାହି ମସ୍‌ଜିଦ୍ ସଦୃଶ । ଏହି ତିନୋଟିଯାକ ମସ୍‌ଜିଦ୍ ଷଡ଼ଭୁଜାକାର କ୍ଷେତ୍ର ଉପରେ ସ୍ଥାପିତ କମନୀୟ ଗମ୍ବୁଜ ଦ୍ୱାରା ପରିଶୋଭିତ । ଏଥିରେ ବ୍ୟବହୃତ ହୋଇଥିବା ପଥର ଓ ଟାଇଲ୍ ପ୍ରଭୃତି ମଧ୍ୟ ଏକା ଧରଣର । ଶାହି ମସ୍‌ଜିଦ୍‌ଟି ସମୟର ଆବର୍ତ୍ତନ ମଧ୍ୟରେ ଧ୍ୱସ୍ତବିଧ୍ୱସ୍ତ । ଦୁର୍ଭାଗ୍ୟର କଥା, ଏହାକୁ ସୁରକ୍ଷିତ କରାଯାଇ ପାରିନାହିଁ । ବହୁଦିନ ଧରି ଏହା ଅବ୍ୟବହୃତ ଅବସ୍ଥାରେ ରହିଥିଲା । ପ୍ରାର୍ଥନା ନିମନ୍ତେ ଗତ କେତେବର୍ଷ ହେଲା ଏହାକୁ ପୁନଶ୍ଚ ବ୍ୟବହାର କରାଯାଉଛି । ବ୍ରିଟିଶ୍ ରାଜତ୍ୱ କାଳରେ ଏହାକୁ ବାରୁଦ ଭଣ୍ଡାର ରୂପେ ବ୍ୟବହାର କରାଯାଉଥିବାର ଅନୁମାନ କରାଯାଏ । ପାର୍ଶ୍ୱରେ ଥିବା ମକ୍କା ଦିଗଦର୍ଶୀ ଦୁଇଗୋଟି ମଣ୍ଡପକୁ ଇଟା ଦ୍ୱାରା ରୁଦ୍ଧ କରାଯାଇଥିବାରୁ ଏହା ଜଣା ପଡ଼େ । ସେ ଯାହାହେଉ, ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହି ତିନିଗୋଟି ମସ୍‌ଜିଦ୍ ଦିଓ୍ୱାନ୍ ବଜାର ମସ୍‌ଜିଦ୍ ଓ ଜାମି ମସ୍‌ଜିଦ୍‌ଠାରୁ ନିମ୍ନ ଧରଣର ।

ଏହି ତିନିଗୋଟି ମସ୍‌ଜିଦ୍‌ର ନିର୍ମାଣ କୌଶଳ ତଥା ନିର୍ମାଣ ସାମଗ୍ରୀରେ ରହିଥିବା ସାମଞ୍ଜସ୍ୟ ଓ ସମସାମୟିକ ନିର୍ମାଣ କାଳ ପ୍ରଭୃତି ଅନୁଧ୍ୟାନ କଲେ ଯାହା ଜଣାପଡ଼େ, ଏଗୁଡ଼ିକ ଓଡ଼ିଶାର ତତ୍କାଳୀନ ଉପ-ନାଜିମ ନବାବ ସୁଜାଉଦ୍ଦିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା । ସେ ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ ଏବଂ ନ୍ୟାୟର ପୂଜାରୀ ଥିଲେ । ତାଙ୍କଠାରେ ବହୁ ସଦ୍‌ଗୁଣ ପରିପୂର୍ଣ୍ଣ ହୋଇ ରହିଥିଲା । ଯାହା ଫଳରେ ସେ ସମସ୍ତଙ୍କର ଭକ୍ତିଭାଜନ ହୋଇପାରିଥିଲେ ।

କଟକଠାରେ ଥିବା ମୁସଲମାନମାନଙ୍କ ମୁଖ୍ୟ କବରଖାନା କଦମ-ଇ-ରସୁଲ ଉଚ୍ଚ ପଥର ପାଚେରୀ ଦ୍ୱାରା ଚତୁଃପାର୍ଶ୍ୱ ଆବଦ୍ଧ । ଏହି ହତାର ଚାରୋଟି କୋଣରେ ଖୋଦିତ ପଥରର ଚାରିଗୋଟି କ୍ଷୁଦ୍ର ତଥା ମଜବୁତ କିଲ୍ଲା ରହିଛି । ନହବତଖାନା ସମେତ କଦମ-ଇ-ରସୁଲ ୫୭ ଏକର ଜମି ଦଖଲ କରିଛି ।

ନହବତଖାନା (ସଙ୍ଗୀତ ଗ୍ୟାଲେରୀ) ମଧ୍ୟ ଦେଇ କଦମ-ଇ-ରସୁଲ ମଧ୍ୟକୁ ଯିବାପାଇଁ ପ୍ରବେଶ ଦ୍ୱାର ଯାହାକି ନବାବ ତାକି ଖାଁଙ୍କ ପୁତ୍ର ମସାଲେଉଦ୍ଦିନ୍‌ଙ୍କ ଦ୍ୱାରା ବିଜୟରେ ଅର୍ଥାତ୍ ୧୭୫୭ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ।

ଯାତ୍ରୀମାନଙ୍କ ରହଣି ପାଇଁ ନବାବ ସୁଜାଉଦ୍ଦିନ୍‌ଙ୍କ ଦ୍ୱାରା ନିର୍ମିତ ସରାଇ ସାଧାସିଧାଭାବେ ନିର୍ମିତ ହୋଇଛି ଓ ଏଥିରେ ଛଅଗୋଟି ପ୍ରକୋଷ୍ଠ ରହିଛି । ଏହାର କେନ୍ଦ୍ରସ୍ଥଳୀରେ ଗୋଟିଏ ବିରାଟ ଗେଟ୍ ରହିଛି । ଚାରିଗୋଟି ପ୍ରଶସ୍ତ ଗମ୍ବୁଜ ଦ୍ୱାରା ଏହା ପରିଶୋଭିତ ।

କବରଖାନାର ସବୁ ପଟରୁ କେନ୍ଦ୍ରରେ ରହିଥିବା ମୁଖ୍ୟ ଅଷ୍ଟଭୁଜାକାର କୋଠାକୁ ପକ୍କା ରାସ୍ତା ପଡ଼ିଛି । ଏହି କୋଠାରେ ଗୋଟିଏ ଚାମତ୍କାରପୂର୍ଣ୍ଣ ଗମ୍ବୁଜ ରହିଛି ଯାହାକି ହୁଏତ ଓଡ଼ିଶାରେ ସବୁଠାରୁ ବଡ଼ ଗମ୍ବୁଜ । ଧର୍ମଗୁରୁମାନଙ୍କ ପବିତ୍ର ଦେହାବଶେଷକୁ ସାଇତି ରଖିବା ପାଇଁ

ସୁଜାଉଦ୍ଦିନ୍ ଖାଁଙ୍କ ଦ୍ୱାରା ୧୭୧୫ ଖ୍ରୀଷ୍ଟାବ୍ଦରେ ଏହା ନିର୍ମିତ ହୋଇଥିଲା । ଅଷ୍ଟଭୁଜାକାର କୋଠାର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମପଟକୁ ଗୋଟିଏ ଲେଖାଏଁ ଦ୍ୱାର ରହିଛି । ଏହାର ଚଟାଣ ମଧ୍ୟ ଆଠ ଭାଗରେ ବିଭକ୍ତ ଏବଂ ଗୁରି-କଣିଆ କଳା–ଧଳା ମାର୍ବଲ ପଥର ଖଣ୍ଡ ଦ୍ୱାରା ଆଚ୍ଛାଦିତ । ଗୋଟିଏ ବର୍ତ୍ତୁଳାକାର ପ୍ରସ୍ତରରେ ଖୋଦିତ ଧର୍ମଗୁରୁଙ୍କ ପଦ ଚିହ୍ନ ସ୍ମୃତିସ୍ତମ୍ଭର କେନ୍ଦ୍ରରେ ସ୍ଥାପିତ ହୋଇଛି । ସବୁଠାରୁ ସୁନ୍ଦର କାରୁକାର୍ଯ୍ୟ ହୋଇଛି ବଡ଼ ଗମ୍ବୁଜର ଭିତର ପଟେ । ଖୁବ ସୂକ୍ଷ୍ମ ରଙ୍ଗୀନ ପୁଷ୍ପ ଚିତ୍ର ଏଠାରେ ଅଙ୍କିତ ହୋଇଛି । ଇସ୍‌ଲାମୀୟ ଚିତ୍ରକଳାରେ ବସ୍ତ୍ର ଏମ୍ବ୍ରୋଡ଼ାଇରୀକୁ କିପରି ପ୍ରସ୍ତର–ଏମ୍ବ୍ରୋଡ଼ାଇରୀ ରୂପେ ରୂପାୟିତ କରାଯାଇ ପାରିଛି, ଏହା ଏଠାରେ ପ୍ରତିପାଦିତ ହୋଇଛି । ଗମ୍ବୁଜର ବାହାରପଟ ଏକ ସ୍ୱର୍ଣ୍ଣାଭ ଚୂଡ଼ା ଦ୍ୱାରା ସଜ୍ଜିତ ହୋଇଛି ।



ହିନ୍ଦୁ ଓ ମୁସଲମାନ ଉଭୟଙ୍କ ପାଇଁ ଆଜି କଦମ-ଇ-ରସୁଲ ଏକ ପବିତ୍ର ଉପାସନା ପୀଠ । ଏହା ସେମାନଙ୍କର ଏକତାର ପ୍ରତୀକ । ହିନ୍ଦୁ ଓ ମୁସଲମାନମାନେ ଏହି ପବିତ୍ର ପୀଠ ମଧ୍ୟକୁ ଯାଇ ନିଜ ନିଜର ଅଭିଳାଷ ପୂରଣ ନିମନ୍ତେ ଧର୍ମଗୁରୁମାନଙ୍କର ଆଶୀର୍ବାଦ ଭିକ୍ଷା କରିବା ବହୁ ସମୟରେ ଦେଖିବାକୁ ମିଳିଥାଏ ।

ଲଲବାଗ ଓଡ଼ିଶାର ମୁସଲମାନ ରାଜ୍ୟପାଳମାନଙ୍କ ନିବାସ ଥିଲା ବୋଲି ମନେହୁଏ । ୧୬୩୩ ଖ୍ରୀଷ୍ଟାବ୍ଦରେ ବ୍ରୁଟନ୍ ନାମକ ଜଣେ ଇଂରାଜୀ ବଣିକ କଟକ ଆସିଥିଲେ ଏବଂ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥିବାର ସେ ଦେଖିଥିଲେ । ଯାହା ମନେହୁଏ ଉକ୍ତ ନବାବ ହେଉଛନ୍ତି ବାକିର୍ ଖାଁ, ଯାହାଙ୍କ ନାମାନୁସାରେ ଲଲବାଗ ନିକଟବର୍ତ୍ତୀ ଏକ ଅଞ୍ଚଳର ନାମ ବାକରାବାଦ କିମ୍ବା କାଖରାବାଦ ରୂପେ ନାମିତ ହୋଇଛି । ୧୭୪୨ ଖ୍ରୀଷ୍ଟାବ୍ଦରେ ପ୍ରଥମ ଥର ପାଇଁ ରିୟାଜୁସ୍ ସାଲଟିନ୍‌ରେ ଲଲବାଗ ସଂପର୍କରେ ଉଲ୍ଲେଖ କରାଯାଇଛି, ଯେତେବେଳେ ଆଲିବର୍ଦ୍ଦି ଖାଁ ବନ୍ଦୀ ହୋଇଥିବା ତାଙ୍କ ପୁତୁରା ସାଉଲତ୍ ଜଙ୍ଗ୍‌କୁ ମୁକ୍ତ କରିବା ପାଇଁ ଆସିଥିଲେ ।

ଲଲବାଗ ମଧ୍ୟରେ ସାଧୁ ଶାହା ମନ୍‌ସୁରଙ୍କ ସମାଧି ରହିଛି । କଟକରେ ଥିବା ଅନ୍ୟାନ୍ୟ ମୁସଲମାନ ସାଧୁଙ୍କ ସମାଧି ମଧ୍ୟରେ ଓଡ଼ିଆ ବଜାରର ପଞ୍ଜୁ ସାହା, ବାରବାଟୀ ଦୁର୍ଗର ବୁଖାରୀ ଶାହା, ମୁଖ୍ୟ ଡାକଘର ହତାରେ ଥିବା ମଲଙ୍ଗ ଶାହା ଓ କ୍ୟାଣ୍ଟନ୍‌ମେଣ୍ଟ୍ ରାସ୍ତାରେ ଥିବା ମସ୍ତାନ୍ ଶାହାଙ୍କ ସମାଧି ଉଲ୍ଲେଖଯୋଗ୍ୟ । ମୁସଲମାନ ସଂପ୍ରଦାୟଙ୍କ ମଧ୍ୟରେ ଏହି ସାଧୁମାନଙ୍କ ପ୍ରତି ବିଶେଷ ସମ୍ମାନ ରହିଛି । ଏହି ସାଧୁମାନେ ନିଜ ନିଜର ଧାର୍ମିକ ମନୋଭାବ ତଥା ଆଦର୍ଶ ଜୀବନ ଯୋଗୁଁ ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଥିଲେ ।

କଟକ ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସହର ହେଉଛି ଯାଜପୁର, ଯେଉଁଠାରେ ଶାହି ମସ୍‌ଜିଦ୍ ରହିଛି । ଏହା ଏକଦା ଯାଜପୁର ମୋଗଲ ସୁବାଦାର ତଥା ଅନ୍ୟାନ୍ୟ ରାଜକୀୟ ପାରିଷଦବର୍ଗଙ୍କ ସରକାରୀ ବାସଭବନ ଥିଲା । ଶାହି ମସ୍‌ଜିଦ୍‌ରେ ଥିବା ଏକ ଶିଳାଲେଖରେ ଏହାର ନିର୍ମାଣ ସମୟ ଓ ଶୈଳୀ ସଂପର୍କରେ ଉଲ୍ଲେଖ ରହିଛି । ଆଉରଙ୍ଗଜେବଙ୍କ ଶାସନକାଳରେ (୧୬୮୬ ରୁ ୮୭ ଖ୍ରୀଷ୍ଟାବ୍ଦ) ଏହା ଆବୁ ନସାର ଖାଁଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମସଜିଦ୍ ମଧ୍ୟରେ ପବିତ୍ର କୋରାନର ଗୋଟିଏ ପଂକ୍ତି ଖୋଦିତ ହୋଇଛି । ଯାଜପୁରର ଅନ୍ୟ ଏକ ସ୍ମୃତିସ୍ତମ୍ଭ ହେଉଛି ଶାହାଦାନିଆ ବୁଖାରୀଙ୍କ ସମାଧି, ଯିଏକି ୧୧୭୦ ଆମ୍‌ଲି ବର୍ଷ (୧୭୬୪ ଖ୍ରୀଷ୍ଟାବ୍ଦ)ରେ ତାଙ୍କ ସହଯୋଗୀ ଦିଲେର ଖାଁଙ୍କ ସହ ନିହତ ହୋଇଥିଲେ । ଓ୍ୱାଲି ବେଗ ଖାଁ ନାମକ ଜଣେ ବଣିକଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା ।

ପ୍ରଫେସର,
ଇତିହାସ ବିଭାଗ,
ରେଭେନ୍‌ସା ମହାବିଦ୍ୟାଳୟ,
କଟକ

# ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ନୂତନ ଅଧ୍ୟାୟ

ଶ୍ରୀ ଅଉଧ ନାରାୟଣ ତିୱାରୀ

ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ଏକ ଚମତ୍କାର ଗନ୍ତାଘର । ଏଇ ଉକ୍ତିଟି ଅତି ଯଥାର୍ଥ । ପୂର୍ବ ଉପକୂଳରେ ଅବସ୍ଥିତ ଏଇ ରାଜ୍ୟରେ ପର୍ଯ୍ୟଟକମାନଙ୍କ ଅବସର ବିନୋଦନ ନିମନ୍ତେ ରହିଛି ରମଣୀୟ ବେଳାଭୂମି, ହ୍ରଦ ଓ ବନ୍ୟପ୍ରାଣୀ ପରିପୂର୍ଣ୍ଣ ଜଙ୍ଗଲ ସଂପଦ । ଯେଉଁମାନେ ଏହାର ଇତିହାସ ଜାଣିବାକୁ ଆଗ୍ରହୀ ସେମାନଙ୍କ ପାଇଁ ରହିଛି ଅପୂର୍ବ ମନ୍ଦିର ମାଳା । ଆଦିବାସୀ ଜୀବନର ବିଧି ବିଧାନ ଓ ପରଂପରା ସଂପର୍କରେ ଅନୁଧ୍ୟାନକାରୀଙ୍କ ପାଇଁ ମଧ୍ୟ ଓଡ଼ିଶାରେ ସର୍ବାଧିକ ସୁଯୋଗ ରହିଛି ।



ପ୍ରକୃତି ତଥା ଏହାର ଅଧିବାସୀଗଣଙ୍କ ଅବଦାନ ଓଡ଼ିଶାକୁ ଏପରି ଗଢ଼ିଛି, ଯେଉଁଥିପାଇଁ ଓଡ଼ିଶା ଆଭ୍ୟନ୍ତରୀଣ ତଥା ବିଦେଶୀ ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ଉପସ୍ଥିତ ଦର୍ଶନୀୟ ସ୍ଥାନ ହେବାର ଅଧିକାର ହାସଲ କରି ପାରିଛି । ଓଡ଼ିଶାର ଶ୍ରେଷ୍ଠ କାରିଗର, ଚିତ୍ରକାର ଓ ଲେଖକମାନଙ୍କ ହାତର ଅଲିଭା ଚତୁରୀ ଓ ଶୈଳୀ ଏ ମାଟିର କାରୁକାର୍ଯ୍ୟ ଭରା ଅସଂଖ୍ୟ ମନ୍ଦିର ଗାତ୍ରରେ, ପଟ୍ଟଚିତ୍ରରେ, ସୂକ୍ଷ୍ମ ହାତକାମ-ଗୁଡ଼ିକରେ ତଥା ଯୁଗ ଯୁଗ ଧରି ଜ୍ଞାନ ଭଣ୍ଡାରକୁ ସାଇତ ରଖିଥିବା ତାଳପତ୍ର ପୋଥିଗୁଡ଼ିକରେ ପରିସ୍ଫୁଟ । ପୁରାତନ

ଭୁବନେଶ୍ୱର, କୋଣାର୍କ ଓ ପୁରୀକୁ ନେଇ ଗଠିତ 'ସ୍ୱର୍ଣ୍ଣିମ ତ୍ରିଭୁଜ' ଇତି ମଧ୍ୟରେ ଆନ୍ତର୍ଜାତିକ କ୍ଷେତ୍ରରେ ଦର୍ଶନୀୟ ସ୍ଥଳ ଭାବରେ ଗୃହୀତ ହେଲାଣି । ଅସଂଖ୍ୟ ମନ୍ଦିର ଭରା ଭୁବନେଶ୍ୱର ଯଥାର୍ଥରେ 'ମନ୍ଦିର ନଗରୀ' ନାମରେ ଅଭିହିତ । ପର୍ଶୁରାମେଶ୍ୱର, ମୁକ୍ତେଶ୍ୱର, ଲିଙ୍ଗରାଜ, ବ୍ରହ୍ମେଶ୍ୱର ଓ ରାଜରାଣୀ ମନ୍ଦିର ପ୍ରଭୃତିର ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କଳା ଶହ ଶହ ବର୍ଷଧରି ଓଡ଼ିଶାରେ କଳାର କ୍ରମବିକାଶର ସୂଚନା ଦେଇଥାଏ । ରାଜରାଣୀ ମନ୍ଦିରଟି ଯଥାର୍ଥରେ ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପର ଅମୂଲ୍ୟ ରତ୍ନ ଭାବରେ

ଓଡ଼ିଶାର ଏହି ସୁଜନୀ କୀର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯଥାର୍ଥରେ 'କଲ୍‌ଚରାଲ୍ ଟୁରିଜିମ୍' ବା 'ସାଂସ୍କୃତିକ ପର୍ଯ୍ୟଟନ' ଆଖ୍ୟା ଦେଇଛନ୍ତି । ବର୍ତ୍ତମାନର ପର୍ଯ୍ୟଟକମାନେ ଏଇସବୁକୁ ହିଁ ଆଜି ବିଶେଷ ଖୋଜୁଛନ୍ତି । ତେଣୁ ଓଡ଼ିଶାର ପର୍ଯ୍ୟଟନ ସମ୍ବଳକୁ ଚାରିଭାଗରେ ବର୍ଗୀକୃତ କରାଯାଇପାରେ, ଯଥା—ସାଂସ୍କୃତିକ ସମ୍ବଳ, ବନ୍ୟପ୍ରାଣୀ ସମ୍ବଳ, ବେଳାଭୂମି ଓ ହ୍ରଦ ପ୍ରଭୃତି ଏବଂ ପାର୍ବତ୍ୟ ସମ୍ବଳ । ଏଇସବୁ ସମ୍ବଳ ବିପୁଳ ଭାବରେ ରାଜ୍ୟରେ ରହିଛି ।



ବର୍ଣ୍ଣିତ ହୋଇଛି । ମୁକ୍ତେଶ୍ୱର ହିଁ ଏକମାତ୍ର ପୁରାତନ ମନ୍ଦିର ଯେଉଁଠି ପଥରରେ ନିର୍ମିତ ଏକ କାରୁକାର୍ଯ୍ୟ ଭରା ତୋରଣ ଦେଖିବାକୁ ମିଳେ ।

ରାଜଧାନୀ ଭୁବନେଶ୍ୱରର ଅନତିଦୂରରେ ଖ୍ରୀ. ପୂ. ୨ୟ ଶତାବ୍ଦୀର ଖଣ୍ଡଗିରି ଓ ଉଦୟଗିରି ଜୈନ ଗୁମ୍ଫା ସମୂହ ଅବସ୍ଥିତ । ଏକଦା ଉତ୍ତରରେ ଗଙ୍ଗାନଦୀଠାରୁ ଧରି ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିବା ବୀର ରାଜା ଖାରବେଳଙ୍କ ଶିଳାଲେଖ ଏହି ଗୁମ୍ଫା ଗାତ୍ରରେ ଦେଖିବାକୁ ମିଳେ ।

ଭୁବନେଶ୍ୱରଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ପ୍ରାକୃତିକ ଚିଡ଼ିଆଖାନା 'ନନ୍ଦନ କାନନ' ଅବସ୍ଥିତ । ଏଠାରେ ଜନ୍ମ ନେଇଛନ୍ତି କେତୋଟି ଧଳା ବାଘ ଯେଉଁମାନେ କି ରେୱାର ଧଳାବାଘ 'ମୋହନ'ର ବଂଶଧରମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ୍ । ଭୁବନେଶ୍ୱରଠାରୁ ପ୍ରାୟ ଆଠ କିଲୋମିଟର ଦୂରରେ ଅବସ୍ଥିତ ଧଉଳିଗିରିଠାରେ ସମ୍ରାଟ ଅଶୋକଙ୍କର ଏକ ଶିଳାଲିପି ରହିଛି । ଏହା ତାଙ୍କର ତେରଗୋଟି ଶିଳାଲିପି ମଧ୍ୟରୁ ଗୋଟିଏ । ଏହି ପାହାଡ଼ ଶିଖରରେ ବର୍ତ୍ତମାନ ଗୋଟିଏ ଶାନ୍ତିସ୍ତୂପ ନିର୍ମାଣ କରାଯାଇଛି । ଏହାଛଡ଼ା



ଏଠାରେ ଐତିହାସିକ କଳିଙ୍ଗ ଯୁଦ୍ଧ ହୋଇଥିଲା ଏବଂ ଯୁଦ୍ଧ ପରେପରେ ଅଶୋକଙ୍କର ହୃଦୟ ପରିବର୍ତ୍ତନ ହୋଇଥିଲା । ଏସବୁ କାରଣରୁ ଧଉଳିଗିରି ସୁବିଖ୍ୟାତ । ଏହିଠାରେହିଁ ଭାରତ ଇତିହାସର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା । 'ସ୍ୱର୍ଣ୍ଣିମ ତ୍ରିଭୁଜ'ର ଗୋଟିଏ ଅଞ୍ଚଳକୁ ସମୃଦ୍ଧକରିବା ଦିଗରେ ଏ ସବୁର ଅବଦାନ ଅତୁଳନୀୟ ।

ଭୁବନେଶ୍ୱରଠାରୁ ୬୦ କିଲୋମିଟର ଦୂରରେ ଅବସ୍ଥିତ କୋଣାର୍କର ସୂର୍ଯ୍ୟ ମନ୍ଦିର ମଣିଷ-ମନର କଳାକଳ୍ପନାର ଚରମ ଅଭିବ୍ୟକ୍ତି । ଓଡ଼ିଶାର କଳାକ୍ଷେତ୍ରରେ ଏହା ଏକ ଶ୍ରେଷ୍ଠ ସଂପଦ ।

ପର୍ଯ୍ୟଟନ ତଥା ତୀର୍ଥ ଜଗତରେ ପୁରୀ ସୁବିଦିତ । ଏହା ଦେଶର ସବୁ ଅଞ୍ଚଳର ଲୋକଙ୍କୁ ଏକାଠି କରି ପାରୁଥିବା ପ୍ରଭୁ ଜଗନ୍ନାଥଙ୍କ ବାସଭୂମି । ବର୍ତ୍ତମାନ ସମୁଦ୍ର ଉପକଣ୍ଠ ଓ ଶସ୍ୟଶ୍ୟାମଳା ଗ୍ରାମାଞ୍ଚଳଦେଇ ଗୋଟିଏ ବେଳାଭୂମି ରାସ୍ତା ପୁରୀକୁ କୋଣାର୍କ ସହିତ ସଂଯୋଗ କରୁଛି । ଏହି ସଡ଼କ ହେବା ଫଳରେ କୋଣାର୍କରୁ ପୁରୀର ଦୂରତା ୮୫ କିଲୋମିଟରରୁ ୩୫ କିଲୋମିଟରକୁ ହ୍ରାସ ପାଇଛି । ଏହି ବେଳାଭୂମି-ପଥ ଅଞ୍ଚଳର ବିକାଶ ନିମନ୍ତେ ଗୋଟିଏ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି । ତନ୍ମଧ୍ୟରେ କୃଷ୍ଣସାର ରହିବା ପାଇଁ ଅଭୟାରଣ୍ୟ, ପର୍ଯ୍ୟଟକମାନଙ୍କ ପାଇଁ ଆବାସ ଏବଂ କୋଣାର୍କ ମନ୍ଦିରର ଏକ ପ୍ରତିକୃତି ନିର୍ମାଣ ଅନ୍ତର୍ଭୁକ୍ତ ।

ବେଳାଭୂମି ସଡ଼କର ଉଭୟ ପାର୍ଶ୍ୱରେ ଯେଉଁ ସୁବିସ୍ତୃତ ବାଲୁକା ପ୍ରାନ୍ତର ରହିଛି ତାହା ଉଲ୍ଲେଖଯୋଗ୍ୟ । ପୁରୀଠାରୁ ୯ କିଲୋମିଟର ଦୂରରେ ଗୋଟିଏ ବେଳାଭୂମି ଆବାସ ନିର୍ମିତ ହେବାର ସମ୍ଭାବନା ରହିଛି । ଏହି ଆବାସଟି ନିର୍ମିତ ହେବା ଫଳରେ ପର୍ଯ୍ୟଟକମାନଙ୍କର ଏକ ଆବଶ୍ୟକୀୟ ଅଭିଳାଷ ପୂରଣ ହୋଇପାରିବ ।

'ସ୍ୱର୍ଣ୍ଣିମ ତ୍ରିଭୁଜ' ଅଞ୍ଚଳ ସମେତ ବିଭିନ୍ନ ବିକାଶ କେନ୍ଦ୍ର (ଗ୍ରୋଥ୍‌ସେଣ୍ଟର)ର ଭିତ୍ତିଭୂମିକ ବିକାଶ ପାଇଁ ସରକାର ଫଳପ୍ରଦ ପଦକ୍ଷେପ ନେଇଛନ୍ତି । ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ବର୍ତ୍ତମାନ ସପ୍ତାହରେ ଚାରିଥର ସିଧାସଳଖ ବୋଇଂ ବିମାନ ଚଳାଚଳ କରୁଛି । ଏହାଛଡ଼ା, ପ୍ରତିଦିନ ଭୁବନେଶ୍ୱରକୁ ଦେଇ କଲିକତା, ନାଗପୁର୍ ଓ ହାଇଦ୍ରାବାଦକୁ ବୋଇଂ ସର୍ଭିସ୍ ଚାଲୁଛି । ଏହା ଫଳରେ ପର୍ଯ୍ୟଟକମାନେ ଦିଲ୍ଲୀରୁ ବମ୍ବେ, କଲିକତା, ମାଡ୍ରାସ ଓ ବାଙ୍ଗାଲୋର ବିମାନ ପଥରେ ଯିବା ପାଇଁ ବେଶ୍ ସୁବିଧା ହୋଇଛି । ଅଳ୍ପ କେତେଦିନ ହେଲା 'ସ୍ୱର୍ଣ୍ଣିମ ତ୍ରିଭୁଜ' ଅଞ୍ଚଳରେ ହୋଟେଲ ଶିଳ୍ପ ପ୍ରତିଷ୍ଠା ଦିଗରେ ତତ୍ପରତା ଦେଖାଦେଇଛି । ଆଗାମୀ ଦୁଇବର୍ଷ ମଧ୍ୟରେ ଅଧିକ ପାଞ୍ଚଶହ ସୌଖୀନ ହୋଟେଲ ପ୍ରକୋଷ୍ଠ ତିଆରି ହୋଇଯିବ ବୋଲି ଆଶା କରାଯାଏ । ଏହା ଦ୍ୱାରା ପର୍ଯ୍ୟଟକମାନଙ୍କର ଆଉଏକ ଅତ୍ୟାବଶ୍ୟକ ଚାହିଦା ପୂରଣ ହୋଇ ପାରିବ ।

ସମଗ୍ର ଦେଶରେ ଓଡ଼ିଶା ହିଁ ପ୍ରଥମ ରାଜ୍ୟ ଯେଉଁଠି କି ହୋଟେଲ୍ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଏକ ଶିଳ୍ପ ଭାବରେ ଗ୍ରହଣ କରାଯାଇଛି ଏବଂ ଏଥି ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ଘୋଷିତ ଶିଳ୍ପନୀତି ଅନୁଯାୟୀ ବିଭିନ୍ନ କିସମର ପ୍ରୋତ୍ସାହନ ଦିଆଯାଉଛି । ସରକାରଙ୍କର ଏହି ସାହସିକ ପଦକ୍ଷେପ ସମଗ୍ର ଦେଶରେ ପ୍ରଶଂସିତ ହୋଇଛି ଏବଂ ରାଜ୍ୟର ପର୍ଯ୍ୟଟନ ବିକାଶରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ହୋଟେଲଗୁଡ଼ିକ ବହୁ ସଂଖ୍ୟାରେ ଗଢ଼ି ଉଠିବା ଦିଗରେ ଏହା ସହାୟକ ହୋଇଛି ।

ପୁରୀ, କୋଣାର୍କ ଓ ଭୁବନେଶ୍ୱର ପ୍ରଭୃତି ଅଞ୍ଚଳରେ ବର୍ତ୍ତମାନ ବାରଗୋଟି ପର୍ଯ୍ୟଟକ ନିବାସ ବା ପାନ୍ଥଶାଳା ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍‌ପୋରେସନ୍‌ଙ୍କ ଦ୍ୱାରା ପରିଚାଳିତ ହେଉଛି । ଏଗୁଡ଼ିକ ସାଧାରଣତଃ ମଧ୍ୟମ ଧରଣ ଆୟ କରୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ । ନିମ୍ନ ଆୟକାରୀ ପର୍ଯ୍ୟଟକମାନଙ୍କ ନିମନ୍ତେ ଭାରତୀୟ ଯାତ୍ରୀ ଆବାସ ବିକାଶ ସମିତିଙ୍କ ସହଯୋଗରେ ପୁରୀଠାରେ ଗୋଟିଏ ଶହେ ଶଯ୍ୟା ବିଶିଷ୍ଟ ଆଧୁନିକ ଧର୍ମଶାଳା ସ୍ଥାପନକରିବାର ପ୍ରସ୍ତାବ ରଖାଯାଇଛି । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ମୁଖ୍ୟ ଦର୍ଶନୀୟ ସ୍ଥାନଗୁଡ଼ିକ ବୁଲାଇ ଦେଖାଇବାର ବ୍ୟବସ୍ଥା କରାଯାଇଛି ।


ସୁଦୂର ଅତୀତରେ ଓଡ଼ିଶାକୁ ଉତ୍କଳ ବୋଲି କୁହାଯାଉଥିଲା । ଉତ୍କୃଷ୍ଟ କଳା ନୈପୁଣ୍ୟ ହେତୁ ଏଭଳି ନାମକରଣ ହୋଇଥିଲା । ଏଇ ଓଡ଼ିଶା ଭୂଇଁ ବହୁଧର୍ମ ଯଥା—ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମର ମିଳନ ପୀଠ ଥିଲା । ଖ୍ରୀ: ପୂ: ୨ୟ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧଧର୍ମ ଏଠାରେ ପ୍ରାଧାନ୍ୟ ବିସ୍ତାର କରିଥିଲା



ଏହି ସମୟରେ ହିଁ ରତ୍ନଗିରି, ଲଳିତଗିରି ଓ ଉଦୟଗିରିଠାରେ ସୁପ୍ରସିଦ୍ଧ ବୌଦ୍ଧବିହାରଗୁଡ଼ିକ ପ୍ରତିଷ୍ଠିତ ହୋଇଥିଲା । ରତ୍ନଗିରି ବିହାରର ଭଗ୍ନାବଶେଷ ବୌଦ୍ଧଯୁଗ କଳା ନୈପୁଣ୍ୟର ସୂଚନା ଦିଏ । ରତ୍ନଗିରିକୁ ସବୁଦିନିଆ ରାସ୍ତାଦ୍ୱାରା ସଂଯୋଗ କରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଭାରତର 'ହୋକେ କ୍ଲବ୍' ଧଉଳିଠାରେ ଏକ ହୋଟେଲ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହିଠାରେ ରହି ବୌଦ୍ଧଧର୍ମୀ ପର୍ଯ୍ୟଟକମାନେ ଧଉଳି ସ୍ତୂପ ତଥା ରତ୍ନଗିରି ବିହାର ପରିଦର୍ଶନ କରିପାରିବେ ।

ଏଗାରଶହ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାପୀ ଚିଲିକା ହ୍ରଦ ସଂପର୍କରେ ପଦେ ନ କହିଲେ ଓଡ଼ିଶାର ପର୍ଯ୍ୟଟନ ସମ୍ବନ୍ଧରେ ବର୍ଣ୍ଣନା ଅସଂପୂର୍ଣ୍ଣ ରହିଯିବ । ରାଜଧାନୀ ଭୁବନେଶ୍ୱରଠାରୁ ମାନ୍ଦ୍ରାଜ ଯାଉଥିବା ଜାତୀୟ ରାଜପଥ ପାର୍ଶ୍ୱରେ ୬୦ କିଲୋମିଟର ଦୂରରେ ଅବସ୍ଥିତ ଏହି ହ୍ରଦଟି ବିଭିନ୍ନ ପ୍ରକାର ବିହଙ୍ଗମାନଙ୍କ ବିହାରସ୍ଥଳୀ । ଏହାଛଡ଼ା, ତା' ଭିତରେ ମଧ୍ୟ ରହିଛି ସବୁଜ ଶ୍ୟାମଳ କେତେଗୁଡ଼ିଏ ଦ୍ୱୀପ, ପର୍ଯ୍ୟଟକମାନଙ୍କ ନିମନ୍ତେ ରମ୍ଭାସ୍ଥିତ ୧୬ ଶଯ୍ୟା ବିଶିଷ୍ଟ ପାନ୍ଥଶାଳା ବ୍ୟତୀତ ଆଉ ଗୋଟିଏ ୩୬ ଶଯ୍ୟା ବିଶିଷ୍ଟ ବଙ୍ଗଳା ବରକୁଲଠାରେ ନିର୍ମିତ ହୋଇଛି । ଅଳ୍ପଦିନ ଭିତରେ ଚିଲିକା ହ୍ରଦଠାରେ ଜଳକ୍ରୀଡ଼ା ଓ ସନ୍ତରଣ ଶିକ୍ଷାପାଇଁ ଏକ ସଂସ୍ଥା ପ୍ରତିଷ୍ଠା କରାଯିବ । ଏହି ସଂସ୍ଥା ନିଶ୍ଚିତ ଭାବରେ ଯୁବକମାନଙ୍କୁ ତଥା ଜଳକ୍ରୀଡ଼ାରେ ଆଗ୍ରହୀ ଲୋକମାନଙ୍କୁ ଆକୃଷ୍ଟ କରିବ ।

ଆବଶ୍ୟକ ଭିତ୍ତିଭୂମିକ ବିକାଶ ତଥା ଗମନାଗମନର ସୁବିଧା ବୃଦ୍ଧି ପାଇବା ହେତୁ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶା ତା'ର ଯଥୋଚିତ ସ୍ଥାନ ପାଇପାରିଛି । ଓଡ଼ିଶା ଭ୍ରମଣରେ ଆସୁଥିବା ଆଭ୍ୟନ୍ତରୀଣ ତଥା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ୧୯୮୦ ମସିହାରେ ଓଡ଼ିଶାକୁ ବିଦେଶାଗତ ପର୍ଯ୍ୟଟକଙ୍କ ସଂଖ୍ୟା ୨୩,୯୪୧ ଥିବା ସ୍ଥଳେ ୧୯୮୧ରେ ସେମାନଙ୍କ ସଂଖ୍ୟା ୨୬,୩୨୩ ହୋଇଛି । ଅର୍ଥାତ୍ ବର୍ଷକ ଭିତରେ ବିଦେଶାଗତ ପର୍ଯ୍ୟଟକଙ୍କ ସଂଖ୍ୟା ଶତକଡ଼ା ୧୦ ଭାଗ ବୃଦ୍ଧି ପାଇଛି । ସେହିଭଳି





ଆଭ୍ୟନ୍ତରୀଣ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୧୯୮୦ ମସିହାରେ ଓଡ଼ିଶାକୁ ଆସିଥିବା ଆଭ୍ୟନ୍ତରୀଣ ପର୍ଯ୍ୟଟକଙ୍କ ସଂଖ୍ୟା ୧,୯୦,୬୯୩ ଥିବା ସ୍ଥଳେ ୧୯୮୧ରେ ତାହା ୩,୫୧,୭୩୮କୁ ବୃଦ୍ଧି ପାଇଥିଲା । ଅର୍ଥାତ୍ ଏଭଳି ପର୍ଯ୍ୟଟକଙ୍କ ସଂଖ୍ୟା ଶତକଡ଼ା ୮୪ ବୃଦ୍ଧି ହୋଇଥିଲା ।

ଯଦିଓ ଓଡ଼ିଶା ଭ୍ରମଣରେ ଆସୁଥିବା ବିଦେଶୀ ଓ ଆଭ୍ୟନ୍ତରୀଣ ପର୍ଯ୍ୟଟକମାନଙ୍କ ସଂଖ୍ୟାର ଗ୍ରାଫ୍ ରେଖା ଉଚ୍ଚଗାମୀ ହୋଇ ପୁଣି ଈଷତ୍ ନିମ୍ନଗାମୀ ହେଉଛି, ତଥାପି ଆହୁରି ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ସମ୍ଭାବନା ଓଡ଼ିଶାରେ ଯେ ରହିଛି, ଏହା ନିଃସନ୍ଦେହ । ଭାରତକୁ ଆଠ ଲକ୍ଷ ବିଦେଶୀ ପର୍ଯ୍ୟଟକ ଆସୁଥିବା ବେଳେ, ଆଗାମୀ ଦୁଇ ତିନି ବର୍ଷ ଭିତରେ ପ୍ରାୟ ୩୫ ଲକ୍ଷ ବିଦେଶୀ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସିବାକୁ ଯେପରି ଆଗ୍ରହୀ ହେବେ, ସେ ଦିଗରେ ଉଦ୍ୟମ କରାଯାଉଛି । ଭାରତ ସରକାର ଏଥିପାଇଁ ସ୍ୱତନ୍ତ୍ର ଗମନାଗମନ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି । ହୋଟେଲ୍ ଶିଳ୍ପର ମଧ୍ୟ ବେଶ୍ ଅଭିବୃଦ୍ଧି ଘଟିଛି । ଏହି ୩୫ ଲକ୍ଷ ପର୍ଯ୍ୟଟକଙ୍କ ମଧ୍ୟରୁ ଗୋଟିଏ ମୋଟା ଭାଗ ଯେପରି ଓଡ଼ିଶା ଆସିବାକୁ ଆଗ୍ରହୀ ହେବେ, ସେଥିପାଇଁ ଭିତ୍ତିଭୂମିକ ବିକାଶ ଓ ଗମନାଗମନର ବିକାଶ ଦିଗରେ ସମନ୍ୱିତ ଉଦ୍ୟମ ଜାରି ରଖାଯିବା ଉଚିତ ।

ସେଥିପାଇଁ ଭୁବନେଶ୍ୱରକୁ ବିମାନ ଚଳାଚଳ ବ୍ୟବସ୍ଥାର ଉନ୍ନତି ଘଟାଇବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାରେ, ବିଶେଷତଃ ପଶ୍ଚିମ ଓଡ଼ିଶା ଅଞ୍ଚଳରେ ଅଧିକ ସଂଖ୍ୟକ ହୋଟେଲ୍ ନିର୍ମାଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ-ନୂତନ ଶିଳ୍ପ ନୀତି ଅନୁଯାୟୀ ରାଜ୍ୟ ସରକାର ଯେଉଁ ସହାୟତା ଦେଉଛନ୍ତି, ତା' ଫଳରେ ସାରା ରାଜ୍ୟରେ ହୋଟେଲ ନିର୍ମାଣ କ୍ଷେତ୍ରରେ ୨୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇଛି । ଭିତ୍ତି ଭୂମିକ ସୁବିଧା ବୃଦ୍ଧି ପାଇବା ହେତୁ ଉଚ୍ଚକୋଟୀର ତିନି ଗୋଟି ସର୍ବଭାରତୀୟ ସ୍ତରର ସମାରୋହ କଟକ ଓ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇପାରିଛି ।



ଅତୀବ ସୁଖର କଥା ଯେ କେତେବର୍ଷ ତଳେ ଓଡ଼ିଶାକୁ ଆସୁଥିବା ଆନ୍ତର୍ଜାତୀୟ ତଥା ଆଭ୍ୟନ୍ତରୀଣ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ଥିବା ସ୍ଥଳେ ବର୍ତ୍ତମାନ ତାହା ବିଶେଷ ଭାବରେ ବୃଦ୍ଧି ପାଇଛି । ଆନ୍ତର୍ଜାତିକ ଭ୍ରମଣ—ଲେଖକମାନେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଯଥାର୍ଥ । ସେମାନେ କହିଛନ୍ତି, ପର୍ଯ୍ୟଟନ ଦୃଷ୍ଟିକୋଣରୁ ଓଡ଼ିଶାରେ ଲୁକ୍କାୟିତ ଥିବା ସୌନ୍ଦର୍ଯ୍ୟର ଭଣ୍ଡାର ପ୍ରଥମ ଥର ଲଗ ଲୋକଲୋଚନକୁ ଆସି ପାରିଛି ଏବଂ ପ୍ରଥମ କରି ପୃଥିବୀରେ ଓଡ଼ିଶା ଏକ ଦର୍ଶନୀୟ ସ୍ଥାନ ଭାବରେ ସ୍ୱୀକୃତ ହୋଇ ପାରିଛି । ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବେଶ୍ ଅଭିବୃଦ୍ଧି ଘଟିଛି ଏବଂ ଏହାର ଅଧିକ ବିକାଶ ଘଟାଇବା ପାଇଁ ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ ।

---

ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ କମିଶନର ଓ ଶାସନ ସଚିବ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ



OGP—MP-VI (I. & P. R.) 61—15,000—21-1-1983







ପ୍ରାଚ୍ୟର ରୂପସୀ ଓଡ଼ିଶାରେ





Vol. XXXIX No. 5 UTKAL PRASANGA Regd. No. O-
Licence No. C. R. N. P. 5—Licensed to post without Pre-Payment




PRINTED AT ORISSA GOVERNMENT PRESS, CUTTACK-10

